RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-


ନିତିଦିନ NITIDIN

www.nitidin.com
twitter.com/nitidintoday
facebook.com/nitidintoday

TUESDAY
3 NOVEMBER 2026
ମଙ୍ଗଳବାର
୩ ନଭେମ୍ବର ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 153 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୧୫୩ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

ଆନ୍ଧ୍ର ଉପକୂଳରେ ‘ମୁରାସୁ’
ଆଜି ଓଡ଼ିଶାରେ ଢ଼ାଳିବ



ଉତ୍ତର, ଉତ୍ତର-ପଶ୍ଚିମ ଦିଗରେ ଗତି କରିବ

ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା
୬୦ କିମି ପବନ ଆଶଙ୍କା
୩ ଜିଲ୍ଲାରେ ସ୍କୁଲ୍ ଛୁଟି
ରଷିକୂଲ୍ୟାରେ ପୁଣି ଆସିପାରେ ବନ୍ୟା ସ୍ଥିତି



ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍:

୬ ଦିନ ତଳେ ଅତି ଭୀଷଣ ବାତ୍ୟା ‘ଅର୍ଣ୍ଣବ’ ମାଡ଼ରେ ଆକ୍ରାନ୍ତ ଆନ୍ଧ୍ର ପ୍ରଦେଶ, ଅଣ୍ଟା ସଳଖି ଛିଡ଼ା ହେବା ପୂର୍ବରୁ ପୁଣିଥରେ ସାମ୍ନା କରିଛି ଆଉ ଏକ ବାତ୍ୟାକୁ। ମାଡ଼ିଆସିଲା ‘ମୁରାସୁ’। ଆନ୍ଧ୍ରରେ ଭିଆଇଲା ତାଣ୍ଡବ। ସୋମବାର ରାତି ସୁଦ୍ଧା ବାତ୍ୟା ଆନ୍ଧ୍ରପ୍ରଦେଶର ନେଲୋରଠାରୁ ୮୦ କିମି ପୂର୍ବ-ଉତ୍ତରପୂର୍ବ, କାଭାଲିଠାରୁ ୮୦ କିମି ପୂର୍ବ-ଦକ୍ଷିଣପୂର୍ବ, ଓଙ୍ଗୋଲଠାରୁ ୧୧୦ କିମି ଦକ୍ଷିଣପୂର୍ବ, ତାମିଲନାଡୁର ଚେନ୍ନାଇଠାରୁ ୧୯୦ କିମି ଉତ୍ତର-ଉତ୍ତରପୂର୍ବ ଓ ମଛଲିପଟ୍ଟନମ୍ ଠାରୁ ୧୭୦ କିମି ଦକ୍ଷିଣ-ଦକ୍ଷିଣପଶ୍ଚିମ ଦୂରତାରେ ରହିଥିଲା। ମଙ୍ଗଳବାର ଭୋର୍ ଲ୍ୟାଣ୍ଡଫଲ କରିଥିଲା। ଭୀଷଣ ବାତ୍ୟା ରୂପରେ ମଙ୍ଗଳବାର ଭୋର୍ ଆନ୍ଧ୍ର ପ୍ରଦେଶର ନେଲୋର-ନରସାପୁର ମଧ୍ୟରେ ଅଙ୍ଗୋଲ ନିକଟରେ ଲ୍ୟାଣ୍ଡଫଲ୍ କରିଛି। ସ୍ଥଳ ଭାଗ ଛୁଇଁଲାବେଳେ ପବନ ପିଟୁଥିଲା ଘଣ୍ଟା ପ୍ରତି ୧୧୦-୧୧୦ କିଲୋମିଟର ବେଗରେ। ଝଟ୍କା ପବନ ୧୨୦ କିମି ଯାଏଁ ଯାଇଥିବା ଅନୁମାନ କରାଯାଉଛି। ଅତି ପ୍ରବଳ ବର୍ଷା ବି ଅଜାଡ଼ିଛି। ମୋଡ଼ି ମକଚି ଦେଇଛି ଉପକୂଳବର୍ତ୍ତୀ ଆନ୍ଧ୍ର ଅଞ୍ଚଳକୁ। ଧରାଶାୟୀ ହୋଇଛି ବିରାଟକାୟ ଗଛ। ବହୁ ସ୍ଥାନରେ ଗଛ ପଡ଼ି ଅବରୋଧ ହୋଇଛି ରାସ୍ତା। ଅନେକ ସ୍ଥାନରେ ଛପର, ହୋର୍ଡିଂ ଉଡ଼ି ପଡ଼ିଛି। କଚ୍ଚା ଘର ଭାଙ୍ଗିଛି। ବିଦ୍ୟୁତ୍, ଟେଲି ସେବା ବି ମାଟି କାମୁଡ଼ିଛି ବିଭିନ୍ନ ଅଞ୍ଚଳରେ। ବାତ୍ୟା ଆସିବା ପୂର୍ବରୁ ଆନ୍ଧ୍ର ପ୍ରଦେଶ ନେଲୋର୍ ନିକଟ ସମୁଦ୍ରରେ ଉଠିଥିଲା ବଡ଼ ବଡ଼ ଢେଉ। ଆଇଏମ୍ଡିର ପୂର୍ବାନୁମାନ କହୁଛି ଆନ୍ଧ୍ରରେ କୋପ ଦେଖାଇବା ପରେ ବାତ୍ୟା ‘ମୁରାସୁ’ ଉତ୍ତର, ଉତ୍ତର-ପଶ୍ଚିମ ଦିଗରେ ଗତି କରିବ ବୋଲି ଆକଳନ କରାଯାଇଛି। ବାତ୍ୟା ପ୍ରଭାବରେ ଆନ୍ଧ୍ରକୁ ଲାଗି ରହିଥିବା ଓଡ଼ିଶାର ଜିଲ୍ଲାଗୁଡ଼ିକରେ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବ। ଝଟ୍କା ପବନ ୭୦ କିଲୋମିଟର ପର୍ଯ୍ୟନ୍ତ ଛୁଇଁପାରେ। ବାତ୍ୟା ‘ମୁରାସୁ’ ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ଉପକୂଳ ଜିଲ୍ଲାଗୁଡ଼ିକରେ ପାଗ ମେଘୁଆ ରହିବା ସହିତ ବର୍ଷା ମଧ୍ୟ ଆରମ୍ଭ ହୋଇଯାଇଛି। ଆସନ୍ତାକାଲିଠାରୁ ଏହି ପରିମାଣ ବଢ଼ିବ। ମୁରାସୁ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ମଙ୍ଗଳବାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏସବୁ ଜିଲ୍ଲା ସମେତ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ପବନର ବେଗ ଝଟ୍କା ପବନ ୬୦ କିଲୋମିଟର ପର୍ଯ୍ୟନ୍ତ ବହିପାରେ। ସେହିପରି ଆସନ୍ତା ୪ ତାରିଖ ପାଇଁ ମଧ୍ୟ ୧୬ ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ।

ବାତ୍ୟା ‘ଅର୍ଣ୍ଣବ’ ପ୍ରଭାବରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ଘାଇଲା ଗଞ୍ଜାମବାସୀଙ୍କୁ ଘାରିଛି ‘ମୁରାସୁ’ ଡର। ନଈ କୂଳିଆ ଲୋକଙ୍କୁ ସତର୍କ କରିବା ପାଇଁ ଘନ ଘନ ଚାଲିଛି ମାଇକିଂ। ଘୋଡ଼ାହାଡ଼ ଜଳ ଭଣ୍ଡାର ଏବଂ ଘୋଡ଼ାହାଡ଼ ନଦୀ ତଟବର୍ତ୍ତୀ ଲୋକଙ୍କ ସୁରକ୍ଷା ଦୃଷ୍ଟିରେ ରଖି ଜଳ ଭଣ୍ଡାରର ଦୁଇଟି ଗେଟ୍ କୁ ଆଗୁଆ ଖୋଲି ଦିଆଯାଇଛି। ଜିଲ୍ଲାରପୁରୁଷୋତ୍ତମପୁର ଅଞ୍ଚଳରେ ରଷିକୂଲ୍ୟାର ଏକାଧିକ ସ୍ଥାନରେ ନଦୀ ବନ୍ଧ ଭାଙ୍ଗିଥିବାରୁ ଅଧିକ ବର୍ଷା ହେଲେ ପୁଣି ବନ୍ୟା ସ୍ଥିତି ଉପୁଜିବାର ଆଶଙ୍କା ରହିଛି। ଏଠାରେ ବି ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନତ କରାଯିବା ସହିତ ଗାଁ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି ଛତ୍ରପୁର ଉପଜିଲ୍ଲାପାଳ।

ଗଜପତି-ଗଞ୍ଜାମ ଜିଲ୍ଲା ସୀମାନ୍ତ ବେଲଗଡ଼ ଗାଁରେ ବାତ୍ୟା ‘ଅର୍ଣ୍ଣବ’ ପ୍ରଭାବରେ ଭୂସ୍ଖଳନ ହୋଇ ଗାଁ ଠାରୁ ମାତ୍ର କିଛି ଦୂରରେ ଥିବା ତପ୍ତପାଣି ଘାଟି ରାସ୍ତାରେ ବଡ଼ବଡ଼ ▶▶ ୫

ଆଲର୍ଟରେ ୬ ଜିଲ୍ଲା

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍:

‘ମୁରାସୁ’ ପ୍ରଭାବରେ ଦକ୍ଷିଣ ଓଡ଼ିଶାର ୬ଟି ଜିଲ୍ଲାରେ ହାଇଆଲର୍ଟ ଜାରି କରାଯାଇଛି। ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଗଞ୍ଜାମ,ଗଜପତି ଓ କନ୍ଧମାଳ ଜିଲ୍ଲାରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ପରିଚାଳନା କରୁଥିବାବେଳେ ଏହି ବାତ୍ୟା ‘ମୁରାସୁ’ ପାଇଁ ଭୟଭୀତ ନହୋଇ ପ୍ରଶାସନର ନିର୍ଦ୍ଦେଶାବଳୀ ମାନି ସଚେତନ ରହିବାକୁ ସରକାର ପରାମର୍ଶ ଦେଇଛନ୍ତି। ସରକାର ଜିରୋ କାଜୁଆଲିଟି ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବାତ୍ୟାର ସିଧାସଳଖ ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ ସମେତ କଳାହାଣ୍ଡି ଓ ଉପକୂଳବର୍ତ୍ତୀ ପୁରୀ ଜିଲ୍ଲାରେ ପ୍ରବଳ ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମ୍ଭାବ୍ୟ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ରାଜ୍ୟ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ▶▶ ୫


ଜିରୋ କାଜୁଆଲିଟି ଲକ୍ଷ୍ୟରେ ସତର୍କ ପ୍ରଶାସନ

ଓଡ୍ରାଫ୍ ଓ ଏନ୍ଡିଆର୍ଏଫ୍ ଟିମ୍ ମୁତୟନ

ଭିଜିଲାନ୍ସ ଜାଲରେ ଏଲ୍ଏଓ

ନେଉଥିଲେ ୩.୧୦ ଲକ୍ଷ ଲାଞ୍ଚ

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍:



ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ସମ୍ବଲପୁର-ତାଳଚେର ରେଲୱେ ଲାଇନ୍ ଦୋହରୀକରଣ ପ୍ରକଳ୍ପର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ (ଏଲଏଓ) ଅଜୟ କୁମାର ଗଡ଼ନାୟକ। ସେ ଜଣେ ଜମି ମାଲିକଙ୍କଠାରୁ ୩ ଲକ୍ଷ ୧୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଧରାପଡ଼ିଛନ୍ତି। ଏହି ରେଳ ପ୍ରକଳ୍ପ ପାଇଁ ସମ୍ପୃକ୍ତ ଜମି ମାଲିକଙ୍କ କିଛି ଜମି ଅଧିଗ୍ରହଣ କରାଯାଇଛି। କ୍ଷତିପୂରଣ ବାବଦକୁ ସେ ୮୪ ଲକ୍ଷ ୬୨ ହଜାର ୨୮୮ ଟଙ୍କା ପାଇବେ। କ୍ଷତିପୂରଣ ଟଙ୍କା ପ୍ରଦାନ କରିବା ସହିତ ଆଗାମୀ ଦିନରେ ତୃତୀୟ ରେଳ ଲାଇନ ହେଲେ କ୍ଷତିପୂରଣ ପ୍ରଦାନରେ ତାଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯିବାର ଲୋଭ ଦେଖାଇ ଶ୍ରୀ ଗଡ଼ନାୟକ ତାଙ୍କୁ ୫ ଲକ୍ଷ ୧୦ ହଜାର ଟଙ୍କା ଲାଞ୍ଚ ▶▶ ୫

୩ ଜିଲ୍ଲାରେ ଘରକୁ ଘର ସର୍ଭେ ଅବଧି ବୃଦ୍ଧି

ଗଞ୍ଜାମରେ ୨୧, ଗଜପତି ଓ କନ୍ଧମାଳରେ ୧୪ ଯାଏଁ ସର୍ଭେ ଚାଲିବ

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍:

ସାମ୍ପ୍ରତିକ ବାତ୍ୟା ‘ଅର୍ଣ୍ଣବ’ର ପ୍ରଭାବରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ସାଧାରଣ ଜନଜୀବନ ବ୍ୟାହତ ହେବା ସହ ପ୍ରବଳ ବର୍ଷା ଓ ପ୍ରତିକୂଳ ପାଣିପାଗ ପରିସ୍ଥିତି ଯୋଗୁଁ ଚାଲୁ ରହିଥିବା ଘରକୁ ଘର ସର୍ଭେ କାର୍ଯ୍ୟ ପ୍ରଭାବିତ ହୋଇଛି। ଏହାଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସର୍ଭେ ସମ୍ପୂର୍ଣ୍ଣ କରିବାରେ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ସମ୍ପର୍କରେ କମିଶନଙ୍କ ଦୃଷ୍ଟିକୁ ଆସିଛି। ଏହି ପରିସ୍ଥିତିକୁ ବିଚାରକୁ ନେବା ସହ ସମସ୍ତ ଯୋଗ୍ୟ ପରିବାରଙ୍କୁ ସର୍ଭେ ପରିସରଭୁକ୍ତ କରିବା ଏବଂ ସର୍ଭେ କାର୍ଯ୍ୟରେ ସଠିକତା ଓ ସମ୍ପୂର୍ଣ୍ଣତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଉକ୍ତ ତିନୋଟି ଜିଲ୍ଲାରେ ଘରକୁ ଘର ସର୍ଭେ କାର୍ଯ୍ୟ ସମାପ୍ତିର ସମୟସୀମା ବୃଦ୍ଧି କରାଯାଇଛି। ସଂଶୋଧିତ ସମୟସୀମା ଅନୁଯାୟୀ, ଗଞ୍ଜାମ ଜିଲ୍ଲାରେ ▶▶ ୫

ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ

ଭାରତ ନବୀକରଣଯୋଗ୍ୟ ଶକ୍ତି ସମ୍ମିଳନୀରେ ଯୋଗ ଦେବେ

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍:




ସୋମବାରଠାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଗସ୍ତ ସମୟରେ ସେ ଭାରତ ନବୀକରଣଯୋଗ୍ୟ ଶକ୍ତି ସମ୍ମିଳନୀରେ ଯୋଗ ଦେବେ। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ଉପସ୍ଥିତ ରହିବେ। ରାଜ୍ୟରେ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରର ବିକାଶ, ସୌର ଓ ପବନ ଶକ୍ତି ପ୍ରକଳ୍ପର ପ୍ରସାର ଏବଂ ନୂତନ ପୁଞ୍ଜିନିବେଶ ଆକୃଷ୍ଟ କରିବା ନେଇ ଏହି ସମ୍ମିଳନୀରେ ବିସ୍ତୃତ ଆଲୋଚନା ହେବ। ଶକ୍ତି ସମ୍ମିଳନୀ ବ୍ୟତୀତ ମୁଖ୍ୟମନ୍ତ୍ରୀ ନିଜ ଗସ୍ତ କାଳରେ କେନ୍ଦ୍ରୀୟ ନେତୃତ୍ୱ ଓ ବିଭିନ୍ନ କେନ୍ଦ୍ର ମନ୍ତ୍ରୀଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାରେ ସାମ୍ପ୍ରତିକ ବନ୍ୟା ପରିସ୍ଥିତି, ▶▶ ୫

ବିଜିନେସ୍ ଜେଟ୍ ଦୁର୍ଘଟଣାଗ୍ରସ୍ତ, ୯ ମୃତ

ଫ୍ଲୋରିଡା,୨।୧୧/ଏଜେନ୍ସି:

ଆମେରିକାର ଫ୍ଲୋରିଡାରେ ଏକ ବିଜିନେସ୍ ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟେକ୍ସାସରୁ ବାହାମାସ ଯାଉଥିବା ବେଳେ ଦକ୍ଷିଣ ଫ୍ଲୋରିଡାରେ ଜେଟ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ସମସ୍ତ ୯ ଜଣଙ୍କ ମୃତ୍ୟୁ ହୋଇଛି। ଜନବସତି ଓ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଠାରୁ ମାତ୍ର କିଛି ମିଟର ଦୂରରେ ବିମାନଟି କ୍ରାସ ହୋଇଥିଲା। ଏହି ଦୁର୍ଘଟଣା ବେଳର ଏକାଧିକ ଭିଡିଓ ସାମ୍ନାକୁ ଆସିଛି। ଭିଡିଓ ଗୁଡ଼ିକରେ ଦେଖିବାକୁ ମିଳିଛି ଯେ ବିମାନଟି ମିସାଇଲ ଭଳି ଆକାଶରୁ ଖସୁଛି। ତଳେ ପଡ଼ିବା ମାତ୍ରେ ଏହା ଏକ ବଡ଼ ନିଆଁ ପିଣ୍ଡୁଳାରେ ପରିଣତ ହୋଇଛି। ଯେଉଁ ଜାଗାରେ ବିମାନଟି ପଡ଼ିଥିଲା ସେଠାରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ବିମାନଟି ୩୫,୦୦,୦ ଫୁଟ (ଭୂଭାଗରୁ ୧୧ କିଲୋମିଟର) ଉଚ୍ଚତାରେ ଯାଉଥିବା ବେଳେ ଝଡ଼ବର୍ଷା ହୋଇଥିଲା। ପାଇଲଟ ଏସମ୍ପର୍କରେ ଏୟାର ଟ୍ରାଫିକ କଣ୍ଟ୍ରୋଲରଙ୍କୁ




ଜଣାଇବା ସହିତ ଆହୁରି ୨,୦୦୦ ଫୁଟ (ପ୍ରାୟ ୬୧୦ ମିଟର) ଉପରକୁ ଉଠିବା ପାଇଁ ଅନୁମତି ମାଗିଥିଲେ। ଏହା ପରେ ପରେ ବିମାନଟି ପ୍ରାୟ ୧ ମିନିଟରେ ୧୦ ହଜାର ଫୁଟ୍ ▶▶ ୫

ଚିରନିଦ୍ରାରେ ଅଶୋକ ମହାପାତ୍ର

ଶୋକପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍:

ପରଲୋକରେ ପ୍ରଖ୍ୟାତ ଡାକ୍ତର ତଥା ଶିକ୍ଷାବିତ ପ୍ରଫେସର ଡାକ୍ତର ଅଶୋକ କମ୍ପାର ମହାପାତ୍ର। ୭୪ବର୍ଷ ବୟସରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବ୍ରେନ୍ ଷ୍ଟ୍ରୋକ୍ ପରେ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା ଏବଂ ସେଠାରେ ଚିକିତ୍ସା ଜାରି ରହିଥିଲା। ଗତ ସେପ୍ଟେମ୍ବର ୨୭ତାରିଖରୁ ସେ ଦିଲ୍ଲୀ ଏମ୍ସର ନ୍ୟୁରୋ ସର୍ଜରୀ ବିଭାଗରେ ଚିକିତ୍ସାଧୀନ ଥିଲେ। ବରିଷ୍ଠ ନ୍ୟୁରୋ ସର୍ଜନ ପ୍ରଫେସର ଡାକ୍ତର ଆଶିସ ସୁରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଥିଲା। ତେବେ ସୋମବାର ▶▶ ୫




ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲା

ଜେଲ୍ ଗଲେ ବିଦ୍ୟାଭାରତୀ

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍:

ବହୁ ଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ତାଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ସୋମବାର ପାରଳାଖେମୁଣ୍ଡି କୋର୍ଟରେ ଆତ୍ମସମର୍ପଣ କରିଥିବା ବେଳେ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରି ଦେବା ପରେ ସେ ଆତ୍ମସମର୍ପଣ କରିଥିଲେ। ସେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ। କିନ୍ତୁ ତାଙ୍କ ଆବେଦନକୁ ଖାରଜ କରି ଦେଇଥିଲେ କୋର୍ଟ। ଏହା ସହିତ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ତା’ ପରେ ବିଦ୍ୟାଭାରତୀ ପଣ୍ଡାଙ୍କୁ ପାରଳାଖେମୁଣ୍ଡି ଜେଲ୍‌କୁ ନିଆଯାଇଛି। ଏହି ମାମଲାରେ ପୂର୍ବରୁ ଅନ୍ୟ ଦୁଇ ଅଭିଯୁକ୍ତ ତତ୍କାଳୀନ ଗଜପତି ଡିଏଫଓ ସଂଗ୍ରାମ କେଶରୀ ମହାପାତ୍ର ଓ ରୋଷେୟା ଗିରଫ

ପାରଳାଖେମୁଣ୍ଡି କୋର୍ଟରେ କରିଥିଲେ ଆତ୍ମସମର୍ପଣ



ହୋଇଛଥିବା ବେଳେ ସେମାନେ ମଧ୍ୟ ପାରଳାଖେମୁଣ୍ଡି ଜେଲ୍‌ରେ ଅଛନ୍ତି। ବିଦ୍ୟାଭାରତୀ ପଣ୍ଡାଙ୍କ ଆଗୁଆ ଜାମିନ ଆବେଦନ ଉପରେ ଶୁକ୍ରବାର ହାଇକୋର୍ଟରେ ଶୁଣାଣି ହୋଇଥିଲା। କୋର୍ଟ ତାଙ୍କ ରାୟ ସଂରକ୍ଷିତ ରଖିଥିଲେ। ଶନିବାର କୋର୍ଟ ତାଙ୍କ ରାୟ ଦେଇଥିଲେ। କୋର୍ଟଙ୍କ ରାୟ ବିଦ୍ୟାଭାରତୀଙ୍କ ବିପକ୍ଷରେ ଯାଇଥଲା। ତା ପରଠାରୁ ତାଙ୍କ ଗିରଫ ସମ୍ଭାବନା ବୃଦ୍ଧି ପାଇଥିଲା। ସୁପ୍ରିମକୋର୍ଟରୁ ନିରାଶ ହେବା ପରେ ହାଇକୋର୍ଟରେ ଆଗୁଆ ଜାମିନ ▶▶ ୫

ବିଦ୍ୟୁତ୍ ଆଘାତରେ ୮ ଶ୍ରମିକ ମୃତ

ଜୟପୁର,୨।୧୧/ଏଜେନ୍ସି:


ଗାଁ ରାସ୍ତା ନିର୍ମାଣ କାର୍ଯ୍ୟ ବ୍ୟବହୃତ ଏକ ମିକ୍ସଚର ମେସିନ ୧୧ ହଜାର ଭୋଲ୍ଟ ବିଶିଷ୍ଟ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ବିଦ୍ୟୁତ୍ ଆଘାତରେ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ରାଜସ୍ଥାନର ଝୁନଝୁନୁ ଜିଲ୍ଲାର ଛାପୋଲି ଗାଁରେ ଏଭଳି ଦୁଃଖଦ ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ ହାଲେଦା ମାଣ୍ଡାୱାରା ନିବାସୀ ହରିରାମ ଗୁର୍ଜର (୩୦), ମଙ୍ଗଳଚାନ୍ଦ ଗୁର୍ଜର (୨୨), କାଲୁରାମ ଗୁର୍ଜର (୨୯) ଓ ପବନ ଗୁର୍ଜର (୨୩) ଏବଂ ଛାପୋଲି ନିବାସୀ ବିଷ୍ଣୁ ସାଇନି (୩୮), ସୁରେନ୍ଦ୍ର ଓରଫ ସୁରେଶ ସାଇନି (୩୦), ମୁକେଶ ସାଇନି (୨୭) ଓ ଫତେଚାନ୍ଦ ସାଇନି (୩୨)। ଆହାତ ହୋଇଥିବା ବ୍ୟକ୍ତିମାନେ ହେଲେ ଛାପୋଲି ନିବାସୀ ମହେନ୍ଦ୍ର, ଗୀତା ଦେବୀ (୪୫), ସାନ୍ତରା ଦେବୀ (୩୫), ଗିଦା ରାମ (୪୫) ମଞ୍ଜୁ ଦେବୀ (୩୮)। ଉଦୟପୁରୱାଟି ଅଞ୍ଚଳର ଛାପୋଲି ଗାଁରେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏକ ରାସ୍ତା ତିଆରି କରାଯାଉଥିଲା। ଏହି କାର୍ଯ୍ୟ ପାଇଁ ସେଠାରେ ମିକ୍ସଚର ମେସିନ୍ ନିୟୋଜିତ ହୋଇଥିଲା। କାମ ଚାଲିଥିବା ବେଳେ ମେସିନ୍‌ଟି ଉପରେ ଯାଇଥିବା ଏକ ୧୧ ହଜାର ଭୋଲ୍ଟ ବିଶିଷ୍ଟ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ହାଇ-ଟେନସନ୍ ତାର ସହ ସଂସ୍ପର୍ଶରେ ଆସିବା ମାତ୍ରେ ମେସିନ୍ କରେଣ୍ଟମୟ ହୋଇଯାଇଥିଲା। ପ୍ରଭାବରେ ସେଠାରେ କାମ କରୁଥିବା ଶ୍ରମିକମାନେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲା। ଘଟଣାସ୍ଥଳରେ ହିଁ ୫ ଜଣଙ୍କର ମୃତ୍ୟୁଘଟିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଆହୁରି ୩ ଜଣ ବ୍ୟକ୍ତିଙ୍କ ମୃତତ୍ୟୁ ହୋଇଛି।

ଆମେରିକାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ

ରହୁଛି ଭାରତୀୟଙ୍କ ହସ୍ତକ୍ଷେପ

ୱାଶିଂଟନ୍, ନୂଆଦିଲ୍ଲୀ, ୨।୧୧/ଏଜେନ୍ସି:

ଆମେରିକାର ମିଡଟର୍ମ ନିର୍ବାଚନରେ ସୋସିଆଲ ମିଡିଆ ମାଧ୍ୟମରେ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିବା ନେଇ ଭାରତୀୟ କନସଲ୍ଟାଣ୍ଟ କମ୍ପାନୀ ଏବଂ କଣ୍ଟେଣ୍ଟ କ୍ରିଏଟରମାନଙ୍କ ଉପରେ ଅଭିଯୋଗ ଆସିଛି। ଅଲ୍ ଜଜିରାର ଏକ ରିପୋର୍ଟ ଅନୁସାରେ, ଏହି ଭାରତୀୟ କଣ୍ଟେଣ୍ଟ କ୍ରିଏଟର୍ସ ତଥା ଇନ୍‌ଫ୍ଲୁଏନ୍‌ସର ଯେଉଁମାନେ ସୋସିଆଲ ମିଡିଆରେ ବହୁତ ଲୋକପ୍ରିୟତା ହାସଲ କରିଛନ୍ତି ସେମାନେ ପ୍ରଚୁର ପରିମାଣର ଅର୍ଥ ବଦଳରେ ନକଲି ଆକାଉଣ୍ଟ ତିଆରି କରୁଛନ୍ତି ଏବଂ ସେଥିରୁ ନିଜ ପ୍ରାର୍ଥୀଙ୍କ ସମର୍ଥନରେ ପୋଷ୍ଟ ଓ ଭିଡିଓ ସେୟାର କରୁଛନ୍ତି। ଏପରିକି ବିରୋଧୀ ନେତାମାନଙ୍କ ଭାଷଣକୁ କାଟଛାଣ୍ଟ କରି ଭୁଲ ଭାବେ ଉପସ୍ଥାପନ କରୁଛନ୍ତି ଏବଂ ସେମାନଙ୍କ ବିରୋଧରେ ମିଥ୍ୟା ଦାବି ପ୍ରଚାର କରୁଛନ୍ତି। ତେବେ ଏହି



କାର୍ଯ୍ୟ କେବଳ ଆମେରିକା ମଧ୍ୟରେ ସୀମିତ ନୁହେଁ। ଭାରତୀୟ କନସଲ୍ଟାଣ୍ଟମାନେ ଆଫ୍ରିକା, ଦକ୍ଷିଣ ଆମେରିକା, ଜର୍ମାନୀ, ଅଷ୍ଟ୍ରେଲିଆ ଏବଂ ପଡ଼ୋଶୀ ଦେଶଗୁଡ଼ିକର ନିର୍ବାଚନରେ ମଧ୍ୟ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି।

ଆମେରିକାରେ ନଭେମ୍ବର ୩ ରେ ମିଡଟର୍ମ ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବାର ଅଛି। ଏହାରି ମଧ୍ୟରେ ଆମେରିକୀୟ ପ୍ରାର୍ଥୀଙ୍କ ସମର୍ଥନରେ ୨୮ଟି ନକଲି ଆକାଉଣ୍ଟ ମିଳିଥିବା ସୂଚନା ମିଳିଛି। ଆମେରିକାର ମିସିଗାନ୍‌ରେ ଡେମୋକ୍ରାଟିକ୍ ପାର୍ଟିର ସିନେଟ୍ ପ୍ରାଇମେରୀରେ ହେଲି ଷ୍ଟିଭେନ୍ସଙ୍କ ସମର୍ଥନରେ ‘ଏକ୍ସ’ରେ ଅତି କମରେ ୨୮ଟି ଆକାଉଣ୍ଟରୁ ଭିଡିଓ ସେୟାର କରାଯାଇଥିଲା। ଏହି ଭିଡିଓଗୁଡ଼ିକୁ ୭୦ ଲକ୍ଷରୁ ଅଧିକ ଥର ଦେଖାଯାଇଛି। ଅଲ୍ ଜଜିରା ଅନୁସାରେ, ଏଥିମଧ୍ୟରୁ ଅତି କମରେ ୧୫ଟି ଆକାଉଣ୍ଟ ଭାରତରୁ ପୋଷ୍ଟ କରୁଥିଲା। ‘ଆଣ୍ଟିବଟ୍୪ନାଭାଲନି’ ନାମକ ଏକ ଅନ୍‌ଲାଇନ୍ ଅପପ୍ରଚାର ଉପରେ ▶▶ ୫

ନକଲି ସୋସିଆଲ୍ ମିଡିଆ ଆକାଉଣ୍ଟ୍‌ରୁ ପ୍ରଚାର କରୁଛନ୍ତି ଭାରତୀୟ ଇନ୍‌ଫ୍ଲୁଏନ୍‌ସର

ଟଙ୍କା ନେଇ ବିରୋଧୀ ନେତାଙ୍କ ଭାବମୂର୍ତ୍ତି ଖରାପ କରୁଛନ୍ତି ଇଣ୍ଡିଆନ୍ କଣ୍ଟେଣ୍ଟ୍ କ୍ରିଏଟର୍ସ

କାର୍-ଟ୍ରକ୍ ମୁହାଁମୁହିଁ

ଚାଲିଗଲା ୭ ଜୀବନ

କୁଶିନଗର,୨।୧୧/ଏଜେନ୍ସି:

ଉତ୍ତରପ୍ରଦେଶର କୁଶୀନଗର ଜିଲ୍ଲାରେ କାର ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୫ ଜଣ ସଦସ୍ୟ ରହିଛନ୍ତି । ସେପଟେ ଏହି ଦୁର୍ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଏହି ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ ମୃଦୁଲ ମିଶ୍ର (୩୮), କନହେୟା ପ୍ରସାଦ (୪୫), ମିଥିଲେଶ ଗୁପ୍ତା (୨୧), ରଣଜୟ ଗୁପ୍ତା (୩୭), ରାମ ମିଲନ ପ୍ରସାଦ (୩୮), ରାମବିଳାସ (୬୫) ଏବଂ ଆୟୁଷ ପ୍ରସାଦ (୧୭)।

ପ୍ରକାଶ ଯେ କପ୍ତାନଗଞ୍ଜ ଥାନା ଅନ୍ତର୍ଗତ ଭଲୁହି ଗାଁର ଏକ ପରିବାର କାର ଯୋଗେ ଜଣେ ସମ୍ପର୍କୀୟଙ୍କ ଘରେ ଆୟୋଜିତ ବିବାହ କାର୍ଯ୍ୟକ୍ରମକୁ ଯାଇଥିଲେ। ରବିବାର ବିଳମ୍ବିତ ରାତିରେ କାର୍ଯ୍ୟକ୍ରମ ସାରି ଘରକୁ ଫେରୁଥିବା ବେଳେ ହାଟା କୋତୱାଲି ଥାନା ଅଞ୍ଚଳର ଥରୁଆଡିହ ନିକଟରେ ସାମ୍ନାପଟୁ ଆସୁଥିବା ଏକ ଟ୍ରକ୍ ସହ କାରର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ, କାରଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏଥିରେ ଥିବା ୭ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଖବର ପାଇ ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲା।

‘ଆଙ୍ଗିକ’ ନବରସ ନୃତ୍ୟୋତ୍ସବ

କଟକ,୨।୧୧/ଏନ୍‌ଏନ୍‌ଏସ୍: ନୃତ୍ୟାନୁଷ୍ଠାନ ‘ଆଙ୍ଗିକ’ ଆନୁକୂଲ୍ୟରେ ନବରସ ନୃତ୍ୟୋତ୍ସବ କଳାବିକାଶ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ସୋଫିଆ ଫିର୍ଦୌସ, ଉତ୍କଳ ମହାସଚିବ ଡ.ଦ୍ୱୈପାୟନ ପଟ୍ଟନାୟକ, କର୍ପୋରେଟର ଗଗନ ଓଝା,ଏଲଆଇସି ବିଭାଗୀୟ ପରିଚାଳକ ଏନ୍.ଏସ. ପ୍ରସନ୍ନ ଲକ୍ଷ୍ମୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ପ୍ରଣବ ଅଖଣ୍ଡ ଓ ନୃତ୍ୟଗୁରୁ ସସ୍ମିତା ପଣ୍ଡାଙ୍କୁ ‘ଆଙ୍ଗିକ ନବରସ ସମ୍ମାନ’ ପ୍ରଦାନ କରାଯାଇଥିଲା। କୃତୀ ଶିଳ୍ପୀମାନେ ପୁରସ୍କୃତ ହୋଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ଗୁରୁ ଶ୍ରାବଣୀ ମିତ୍ରଙ୍କ ପରିଚାଳନାରେ ଓଡ଼ିଶୀ, ସମ୍ବଲପୁରୀ, ଆଧୁନିକ ଓ ଲୋକନୃତ୍ୟ ପରିବେଷିତ ହୋଇଥିଲା। ନୃତ୍ୟଶିଳ୍ପୀ ମଲ୍ଲିକା ମିତ୍ର, ଭକ୍ତିଲତା ରାମ ଓ ଲିପ୍ସିତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ବିଶ୍ୱଜିତ ବଳିୟାରସିଂହ ସଂଯୋଜନା ଏବଂ ଅଧ୍ୟାପକ ଡ. ସେକ କଲିମୁଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱ ମିତବ୍ୟୟିତା ଦିବସ

କଟକ,୨।୧୧/ଏନ୍‌ଏନ୍‌ଏସ୍: ଜିଲ୍ଲା ପ୍ରଶାସନ ଓ ଅଭିନବ ବିଡ଼ାନାସୀ ପଥଚାରୀ ସଂଘ ପକ୍ଷରୁ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ସଚେତନତା ସଭାରେ ପଥଚାରୀ ସଂଘର ସଭାପତି ଦେବେନ୍ଦ୍ର ସୁତାର ସଭା ପରିଚାଳନା କରିଥିଲେ। ସାଇବର ଥାନା ଅଧିକାରୀ ରଶ୍ମିତା ଜେନା ସାଇବର ଠକେଇରୁ ସୁରକ୍ଷା, ସ୍ୱଳ୍ପ ସଞ୍ଚୟ ଯୋଜନା ସମ୍ପର୍କରେ କଟକ ଡାକ ବିଭାଗର ଅମରେଶ କୁମାର ହନୁମାନ, କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ସନ୍ତୋଷ କୁମାର ରଥ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ବିଷ୍ଣୁ ଚରଣ ସାହୁ, ଡା.ସଞ୍ଜିତ ପଟ୍ଟନାୟକ, ରବୀନ୍ଦ୍ରନାଥ ସ୍ୱାଇଁ, ଦୁର୍ଗାପ୍ରସାଦ ମିଶ୍ର, ସୂର୍ଯ୍ୟ ରାଓ, ଦେବାନନ୍ଦ ଦଳବେହେରା, କୁଞ୍ଜବିହାରୀ ପଣ୍ଡା, ଅନିଲ ରାୟ, ମନୋ ରଞ୍ଜନ ଦାସ, ରମେଶ ଚନ୍ଦ୍ର ସାହୁ ଓ ନରେନ୍ଦ୍ର ଦାସ ପ୍ରମୁଖ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

ବିଜେପିର ‘ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ’ ଶୋଭାଯାତ୍ରା

ସାମିଲ ହେଲେ ରାଷ୍ଟ୍ରୀୟ ପ୍ରବକ୍ତା ସୁଧାଂଶୁ ତ୍ରିବେଦୀ

କଟକ,୨।୧୧/ଏନ୍‌ଏନ୍‌ଏସ୍: ‘ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ’ ଆହ୍ୱାନରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜି କଟକରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା କଟକ ରେଭେନ୍ସା କଲେଜ ସାମ୍ନା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିଠାରୁ ଆରମ୍ଭ ହୋଇ ଦୋଳମୁଣ୍ଡାଇ ଛକ ଠାରେ ଶେଷ ହୋଇଥିଲା। ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଡ.ସୁଧାଂଶୁ ତ୍ରିବେଦୀ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବକ୍ତାମାନେ କଂଗ୍ରେସର ଦେଶ ବିରୋଧୀ ଗତିବିଧି ତଥା ଅଣରାଜନୈତିକ ଆଚରଣ ବର୍ଣ୍ଣିଥିଲେ ଓ ବିଜେପିର ବୈଚାରିକ ଆଦର୍ଶ ଜନତାଙ୍କ ନିକଟରେ ରଖିଥିଲେ। ଡ଼ା.ତ୍ରିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପଦଯାତ୍ରାରେ ସାମିଲ ହୋଇ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। କୋଣାର୍କର ସୂର୍ଯ୍ୟମନ୍ଦିର ଠାରୁ ଆରମ୍ଭ କରି ବନ୍ଦେ ଉତ୍କଳ ଜନନୀ ପାଖରେ ତାଙ୍କ ଅଭିଭାଷଣ ସାରିଥିଲେ। ଜନତା ନିଷ୍ପତି ନେବେ କିଏ ରାଜନୀତିରେ ରହିବ ଏବଂ କିଏ ନରହିବ ଓ ଗଣତନ୍ତ୍ର ଭିତରେ ଲୋକମାନଙ୍କୁ ଭ୍ରମିତ କଲେ ଭାରତର ସାଧାରଣ ଜନତା ବରଦାସ୍ତ କରିବେ ନାହିଁ ବୋଲି ତାଙ୍କ ଅଭିଭାଷଣ ରେ କହିଥିଲେ। ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ଏବଂ ଓଡ଼ିଶାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ପଦଯାତ୍ରାରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଶେଷ ପର୍ଯ୍ୟନ୍ତ ରହି କାର୍ଯ୍ୟକର୍ତାଙ୍କୁ ଉତ୍ସାହିତ କରିଥିଲେ। ଦେଶ ବିରୋଧୀ ତତ୍ୱ ମାନଙ୍କ କୌଣସି ପ୍ରକାର ଦେଶ ବିରୋଧୀ ତଥା ଗଣତନ୍ତ୍ର ବିରୋଧୀ ନାରାବାଜୀ ଓଡ଼ିଶାରେ ଚାଲିବାକୁ ଦିଆଯିବନି କି ଓଡ଼ିଶାର ଜନତା



ବରଦାସ୍ତ କରିବେ ନାହିଁ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ସାମଲ ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଏହି ଶୋଭାଯାତ୍ରାରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ସୁଦୀପ୍ତ ରାୟ, ତେଜେଶ୍ୱର ପରିଡା, ଭାଜପାର କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ଏବଂ କଟକ ଗ୍ରାମୀଣ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି, ଜିଲ୍ଲା ପ୍ରଭାରି ଇଂ ଜ୍ଞାନଦେବ ବେଉରା, କଟକ ସାଂସଦ ଡ଼ା. ଭର୍ତ୍ତୃହରୀ ମହତାବ, ବିଧାୟକ ବିଜୟ ଦଳବେହେରା, ବିଧାୟକ ପ୍ରକାଶ ଚନ୍ଦ୍ର ସେଠି, ବିଧାୟକ ଛବି ମଲ୍ଲିକ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ,କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ଲଲାଟେନ୍ଦୁ ବଡ଼ୁ, ବିନୋଦ ଦାଶ, ରଶ୍ମିରେଖା ଦାଶ, ଶ୍ରୀତମ ଦାଶ, ଡ଼ା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ତୁଷାରକାନ୍ତ ଚକ୍ରବର୍ତ୍ତୀ, ଅରିନ୍ଦମ ରାୟ, ଅଭୟ ବାରିକ, ଚୌଧୁରୀ ହେମନ୍ତ କୁମାର ସାହୁ, ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

କିଟ୍ ଲ’ ସ୍କୁଲ୍ ପକ୍ଷରୁ ଆଇନ ସଚେତନତା ଶିବିର

କଟକ,୨।୧୧/ଏନ୍‌ଏନ୍‌ଏସ୍: କିଟ୍ ଲ’ ସ୍କୁଲ୍ ଆଇନ ସେବା କ୍ଲିନିକ୍ ପକ୍ଷରୁ କଟକର ବିଡ଼ାନାସୀ ବକ୍ସାଗଡ଼ସ୍ଥିତ ମମତା ଅଳ୍ପକାଳୀନ ଆଶ୍ରୟ ଗୃହଠାରେ ଏକ ଆଇନ ସଚେତନତା ଶିବିର ଆୟୋଜନ କରାଯାଇଛି। ସମାଜର ଅସହାୟ, ଦୁର୍ଦ୍ଦଶାଗ୍ରସ୍ତ ଓ ନିରାଶ୍ରୟ ମହିଳାମାନଙ୍କ ମଧ୍ୟରେ ଆଇନଗତ ସଚେତନତା ସୃଷ୍ଟି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମମତା ସ୍ୱଳ୍ପକାଳୀନ ଆଶ୍ରୟ ଗୃହରେ ବିଭିନ୍ନ ବୟସର ଅସହାୟ, ନିରାଶ୍ରୟ ଓ ବିଭିନ୍ନ ସାମାଜିକ ତଥା ବ୍ୟକ୍ତିଗତ ସମସ୍ୟାର ସମ୍ମୁଖୀନ ମହିଳାମାନେ ରହୁଛନ୍ତି। ଏହି ଶିବିରରେ ମହିଳାମାନଙ୍କ ଆଇନଗତ ଅଧିକାର, ସେମାନଙ୍କ ସୁରକ୍ଷା ପାଇଁ ରହିଥିବା ବିଭିନ୍ନ ଆଇନଗତ ବ୍ୟବସ୍ଥା, ଆଇନଗତ ସହାୟତା ପାଇବାର ଉପାୟ ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା।



କିଟ୍ ଲ’ ସ୍କୁଲ ଆଇନ ସେବା କ୍ଲିନିକ୍‌ର ଛାତ୍ର ସ୍ୱେଚ୍ଛାସେବୀମାନେ ଆଶ୍ରୟ ଗୃହରେ ରହୁଥିବା ମହିଳାମାନଙ୍କ ସହ ଭାବ ବିନିମୟ କରିଥିଲେ। ଏହି ଅବସରରେ ମହିଳାମାନଙ୍କ ଅଧିକାର, ଘରୋଇ ହିଂସା ଓ ଶୋଷଣ ବିରୋଧରେ ଆଇନଗତ ସୁରକ୍ଷା, ଆଇନଗତ ପ୍ରତିକାରର ବ୍ୟବସ୍ଥା ଏବଂ ବିଭିନ୍ନ ସରକାରୀ ସହାୟତା ଯୋଜନା ବିଷୟରେ ସେମାନଙ୍କୁ ସଚେତନ କରାଯାଇଥିଲା।

ମହିଳାମାନେ ମଧ୍ୟ ନିଜର ସମସ୍ୟା ଓ ଅନୁଭୂତି ବାଣ୍ଟିବା ସହ ଉପଲବ୍ଧ ଆଇନଗତ ସହାୟତା ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଏହି କାର୍ଯ୍ୟକ୍ରମ କିଟ୍ ଆଇନ ବିଦ୍ୟାଳୟର ଆଇନ ସେବା ନିର୍ଦ୍ଦେଶକ ଲୋକନାଥ ମହାପାତ୍ରଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। ଏହାର ସଂଯୋଜନା ଶଶାଙ୍କ ନନ୍ଦେ ଏବଂ ଡଃ. ପ୍ରଜ୍ଞା ପାରମିତା ରାୟ, ଆଇନ ସେବା କ୍ଲିନିକ୍‌ର ଅଧ୍ୟାପକ ସଂଯୋଜକଙ୍କ ଦ୍ୱାରା କରାଯାଇଥିଲା। କିଟ୍ ଲ’ ସ୍କୁଲର ଆସିଷ୍ଟାଣ୍ଟ ଲିଗାଲ୍ ଅଫିସର ଅର୍ପିତା ବଳ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ। ଏହି ପଦକ୍ଷେପ ମାଧ୍ୟମରେ କିଟ୍ ଆଇନ ବିଦ୍ୟାଳୟ ସମାଜର ଅସହାୟ ଓ ଅବହେଳିତ ବର୍ଗଙ୍କ ମଧ୍ୟରେ ଆଇନ ସଚେତନତାର ପ୍ରସାର, ମହିଳାମାନଙ୍କ ଅଧିକାରର ସୁରକ୍ଷା ଏବଂ ସମସ୍ତଙ୍କ ପାଇଁ ନ୍ୟାୟିକ ସହାୟତାର ସୁଯୋଗ ସୁନିଶ୍ଚିତ କରିବା ଦିଗରେ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରକାଶ କରିଛି।

ଆଦର୍ଶ ପ୍ରତିଭା ବିକାଶ ପରିଷଦର ଆଲୋଚନାଚକ୍ର

କଟକ,୨।୧୧/ଏନ୍‌ଏନ୍‌ଏସ୍: ସାରସ୍ୱତ ଅନୁଷ୍ଠାନଆଦର୍ଶ ପ୍ରତିଭା ବିକାଶ ପରିଷଦର ବିଶ୍ୱ ଶାକାହାରୀ ଦିବସ ଉପରେ ଆଲୋଚନା ଚକ୍ର ଓ କବିତା ଆସର ଚାଉଳିଆଗଞ୍ଜ ସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଣ୍ଡିତ ଡଃ ଅଭୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରକୁ ପଣ୍ଡିତ ଚୈତନ୍ୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରଫେସର ଆଦିତ୍ୟ ପ୍ରତାପ ଧଳ,ମୁଖ୍ୟବକ୍ତା ଭାବେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା,ବରେଣ୍ୟ ଅତିଥି ଭାବେ ଚୈତନ୍ୟ ରାଉତ,ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅଜୟ କୁମାର ଦାସ ଯୋଗଦେଇ ଶାକାହାରୀ ଆହାର ଦ୍ୱାରା ମନୁଷ୍ୟ ସୁସ୍ଥ ଓ ନିରୋଗ ଜୀବନ ଯାପନ



କରିଥାଏ ବୋଲି କହିଥିଲେ। କବୟତ୍ରୀ ଗୀତାଞ୍ଜଳି ପୃଷ୍ଟି ଓ ଡଃ ଶୁଭଶ୍ରୀ ପଟ୍ଟନାୟକଙ୍କ ସଂଯୋଜନାରେ କବି ଲୋକନାଥ ସେଠୀ,ଅକ୍ଷୟ କୁମାର ସାହାଣୀ, ମନୋଜ ବସନ୍ତରାୟ, ଉତ୍ତମ ଚରଣ ପ୍ରଧାନ, କ୍ଷୀରୋଦ ଜେନା, ପ୍ରତାପ କୁମାର ନାୟକ, ବସନ୍ତ ସାହୁ, ରାଜ କିଶୋର ସ୍ୱାଇଁ, ସରୋଜକାନ୍ତ ରଥ, ରଘୁନାଥ ତ୍ରିପାଠୀ,ସଚ୍ଚିଦାନନ୍ଦ କର, ନିରୁପମା ସାହୁ, ବନଲତା ମହାପାତ୍ର, ତପନ କୁମାର ସ୍ୱାଇଁ,ତିଳୋତମା ପାଣିଗ୍ରାହୀ, ନଳିନି ପ୍ରଭା ଦାଶ ଓ ଡଃ ସତ୍ୟରଞ୍ଜନ ଜେନା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ଛବିରାମ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ବିଦ୍ୟୁତ୍ ମିଟର୍ ବସାଇବାକୁ ନେଇ ବିକ୍ଷୋଭ

କଟକ,୨।୧୧/ଏନ୍‌ଏନ୍‌ଏସ୍: କଟକ ରେଲୱେ କଲୋନୀ ଦଳିତ ବସ୍ତିରେ ଅନେକ ଘର ପାଇଁ ଗୋଟିଏ ମିଟର ବସା ଯାଇଛି। ବହୁତ ଗୁଡ଼ିଏ ଘର ଗୋଟିଏ ମିଟରରେ ବିଜୁଳି ବ୍ୟବହାର କରିବା ଦ୍ୱାରା ତାହା କମର୍ସିଆଲ ମୂଲ୍ୟ ହୋଇ ଯାଉଛି। ଗରିବ ସଫେଇ କର୍ମୀ ବସ୍ତିମାନଙ୍କୁ ସେହି ଦରରେ ଦେୟ ଦେବା ପାଇଁ ବାଧ୍ୟ କରାଯାଉଛି। ଫଳରେ ମିଟର ରିଡିଙ୍ଗରେ ଘର ପିଛା ଅତ୍ୟଧିକ ଦେୟ ହେଉଥିବାରୁ ବସ୍ତି ବାସିନ୍ଦାମାନେ ଶୋଷଣର ଶିକାର ହେବା ସହ ଦେୟ ଦେବା କଷ୍ଟକର। ଏହାର ପ୍ରତିବାଦରେ ବିଦ୍ୟୁତ ଉପଭୋକ୍ତା ମଞ୍ଚ ପକ୍ଷରୁ ରାଣୀହାଟ ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀଙ୍କ ବିକ୍ଷୋଭ ପ୍ରଦର୍ଶନ କରାଯାଇ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଛି। ଏହି ଭଳି ଗରିବ ଲୋକଙ୍କୁ ଶୋଷଣ କରିବା ସମ୍ପୂର୍ଣ୍ଣ ଅନ୍ୟାୟ ଏବଂ ବେଆଇନ ବୋଲି ବିଦ୍ୟୁତ ଉପଭୋକ୍ତା ମଞ୍ଚ କୁହାଯାଇଛି। ଅନ୍ୟ ଦିଗରେ ସ୍ମାର୍ଟ ମିଟର ପ୍ରଚଳନ କରି ନାଗରିକ ବିଶେଷ କରି ସାଧାରଣ ଉପଭୋକ୍ତାଙ୍କୁ ଅତିରିକ୍ତ ଶୋଷଣ



କମ୍ପାନୀ ଉଦ୍ୟମ ଜାରି ରଖିଛି। ଏଥିରୁ କମ୍ପାନୀ କ୍ଷାନ୍ତ ରହିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏହି ସାରା ଭାରତ ବିଦ୍ୟୁତ ଉପଭୋକ୍ତା ମଞ୍ଚ ଜିଲ୍ଲା ଆବାହକ ଖଗେଶ୍ୱର ସେଠୀଙ୍କ ପରିଚାଳନାରେ ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ଦିପକ ଦାସ, ଆନନ୍ଦ ନାୟକ, ପି. ମଣ୍ଟୁ, ଶାମା ବଙ୍ଗାରି,ବିନି ନାୟକ, ପ୍ରତିମା ନାୟକ, ଅନାମ ଦାସ, ସୁନୀତା ନାୟକ, ପ୍ରମିଳା ନାୟକ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ରେଲୱେ କଲୋନୀ ଦଳିତ ବସ୍ତିରେ ସବୁ ଘରକୁ ଅଲଗା ଅଲଗା ସଂଯୋଗ ଦେବା, ସେମାନଙ୍କ ଠାରୁ କମର୍ସିଆଲ ଦେୟ ଆଦାୟ ବନ୍ଦ କରିବା, ବିଦ୍ୟୁତ ଉପଭୋକ୍ତାଙ୍କ ଠାରୁ ଅତିରିକ୍ତ ସିକ୍ୟୁରିଟି ଜମା ଆଳରେ ଉପଭୋକ୍ତାଙ୍କୁ ଶୋଷଣ ବନ୍ଦ କରିବା, ସମସ୍ତ ଗରିବ ଲୋକମାନଙ୍କୁ ବିନା ସିକ୍ୟୁରିଟି ଡିପୋଜିଟ ଓ ବିନା କଟକଣାରେ ବିଦ୍ୟୁତ ସଂଯୋଗ ଦେବା ଦେବା, ପ୍ରିପେଡ୍ ସ୍ମାର୍ଟ ମିଟର ବାତିଲ କରିବା ପ୍ରମୁଖ ପାଞ୍ଚ ଦଫା ଦାବି ମଞ୍ଚ ପକ୍ଷରୁ କରାଯାଇଛି।

‘ଭିକାରୀ ବଳ ଥିଲେ ଭାବ ଓ ଭକ୍ତିର ବିଭୋର ସ୍ୱରଶିଳ୍ପୀ’

କଟକ,୨।୧୧/ଏନ୍‌ଏନ୍‌ଏସ୍: ଭଜନସମ୍ରାଟ ଭିକାରୀ ବଳ ଥିଲେ ଉତ୍କଳୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଉଜ୍ଜ୍ୱଳ ପ୍ରତିନିଧି। ଭକ୍ତି ଭାବକୁ ସଂଗୀତରେ ରୂପାୟିତ କରି ସେ କୋଟି ଓଡିଆଙ୍କ ହୃଦୟକୁ ଜୟ କରିପାରି ଥିଲେ। ଶ୍ରୀଜଗନ୍ନାଥଙ୍କ ମହିମା ଓ ସଂସ୍କୃତି ପ୍ରଚାର ପ୍ରସାରରେ ତାଙ୍କ ଅବଦାନର ପଟାନ୍ତର ନାହିଁ ବୋଲି ତାଙ୍କର ଷୋଡଶ ପୁଣ୍ୟ ତିଥିରେ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ଶ୍ରୀରାମଚନ୍ଦ୍ର ଭବନରେ ଆଜି ସଂଧ୍ୟାରେ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଗୌର ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିଲେ। ଏହି ଉତ୍ସବକୁ ନିଗମ କଳ୍ପତରୁ ଆଶ୍ରମର



ପ୍ରତିଷ୍ଠାତା ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ମେୟର ସୁବାସ ସିଂହଳ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ଡକ୍ଟର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଡକ୍ଟର ସୁନାମଣି ରାଉତ ସମ୍ପାଦକୀୟ ବିବରଣୀ ପାଠ କରି ଥିଲେ। ପ୍ରାରମ୍ଭରେ ସଞ୍ଜିତ ପଟ୍ଟନାୟକ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଡକ୍ଟର ବୈଜୟନ୍ତୀ ମିଶ୍ର ଧନ୍ୟବାଦ ଦେଇଥିଲେ।

ଉତ୍ସବରେ ଭିକାରୀଙ୍କ ଭକ୍ତି ସଂଗୀତକୁ ଆଧାର କରି କଣ୍ଠଶିଳ୍ପୀ ସାଇ ଋତୁପର୍ଣ୍ଣା ଭଜନ ଗାନ କରିଥିଲେ ଓ ନତ୍ୟଶିଳ୍ପୀ ଡକ୍ଟର ଚିତରଞ୍ଜନ ସାହାଣୀ ଓଡିଶୀ ନୃତ୍ୟ ପରବେଷଣ କରିଥିଲେ। ଅଶୋକ କୁମାର ବଳ, ଅମିୟ କୁମାରବ୍ଳ,ସ୍ୱାଗତ ରାଉତ, ଅମୂଲ୍ୟକୃଷ୍ଣ ବଳ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

ତୃପ୍ତି ଡ୍ରିଙ୍କସ୍ ଶ୍ରମିକ ସଂଘର ନୂତନ କର୍ମକର୍ତ୍ତା

ଜଗତପୁର,୨।୧୧/ଏନ୍‌ଏନ୍‌ଏସ୍: ତୃପ୍ତି ଡ୍ରିଙ୍କସ୍ ପ୍ରାଇଭେଟ୍ ଲିମିଟେଡ୍ ଶ୍ରମିକ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର କମିଟିର ପୁନର୍ଗଠନ ହେବା ସହ ନୂତନ କର୍ମ କର୍ତ୍ତା ମନୋନୀତ ହୋଇଛନ୍ତି। ସଭାପତି ଭାବେ ବିଜୟ କୁମାର ଭୂୟାଁ, ଉପସଭାପତି ରାଜନ୍ କୁମାର ଲେଙ୍କା ଓ ତପନ ମହାରଣା, ସାଧାରଣ ସମ୍ପାଦକ ବିକ୍ରମ ସେନାପତି, ସମ୍ପାଦକ ଦୁଷ୍ମନ୍ତ ବିଶ୍ୱାଳ ଓ ସୁକାନ୍ତ ରାଉତ ଏବଂ କୋଷାଧ୍ୟକ୍ଷ ଭାବେ ମୁରଲୀମୋହନ ପାତ୍ର ମନୋନୀତ ହୋଇଥିବା ସମ୍ପର୍କରେ ସାଧାରଣ ସମ୍ପାଦକ ଶ୍ରୀ ସେନାପତି ସୂଚନା ଦେଇଛନ୍ତି। ନୂତନ ସଭାପତି ଶ୍ରୀ ଭୂୟାଁ ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷା ଓ ନ୍ୟାୟୋଚିତ ଅଧିକାର ପାଇଁ ସଂଘକୁ ଅଧିକ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।



‘ବରିଷ୍ଠ ନାଗରିକ ବିଷାଦକୁ ମନରେ ସ୍ଥାନ ଦିଅନ୍ତୁ ନାହିଁ’

କଟକ,୨।୧୧/ଏନ୍‌ଏନ୍‌ଏସ୍: ହୋପ ଏଜ ଟ୍ରଷ୍ଟ ପକ୍ଷରୁ ଆଜି ସନ୍ଧ୍ୟାରେ ମରକତ ନଗର ସେକ୍ଟର -୭ ସ୍ଥିତ ଆଶ୍ରୟ ଦି ସେଲଟର ପରିସରରେ ବରିଷ୍ଠ ନାଗରିକମାନଙ୍କର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। ନିଖିଳ ଉତ୍କଳ ଶ୍ରୀ ଅରବିନ୍ଦ ପାଠଚକ୍ର ସଂଗଠନର ମୁଖ୍ୟ ପ୍ରସାଦ ତ୍ରିପାଠୀ ମୁଖ୍ୟ ଆଲୋଚକ ରୂପେ ଯୋଗ ଦେଇ କହିଲେ ଯେ ବରିଷ୍ଠ ନାଗରିକ ମାନେ ମନରେ ଆଦୌ ନକାରାତ୍ମକ ଚିନ୍ତାଧାରା ସ୍ଥାନ ଦେବା ଉଚିତ ନୁହେଁ। ନିଜକୁ ସର୍ବଦା ସକ୍ରିୟ ଓ ଆନନ୍ଦ ମୁଖର ରଖିବାକୁ ପ୍ରୟାସ କରନ୍ତୁ। ଏହା ଦ୍ୱାରା ପରିଣତ ବୟସରେ ଜୀବନ ସୁଖ, ଶାନ୍ତିରେ ପରିପୂର୍ଣ୍ଣ ହୋଇଯିବ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ସଭାପତି



କିଶୋର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ର ରେ ଟ୍ରଷ୍ଟି ଡ଼ଃ ସତ୍ୟ ରାୟ,ଉପ ସଭାପତି ବିଜୟ ପୁଷ୍ଟି, ସମ୍ପାଦକ ରଞ୍ଜିତ ସାହୁ, ଯୁଗ୍ମ ସମ୍ପାଦିକା ସୁଜାତା ପଟ୍ଟନାୟକ, ବୃନ୍ଦାବନ ହୋତା, ପ୍ରମିଳା ଦାସବର୍ମା, ଇଂ କେ. କେ ଦାସ ବର୍ମା, କସ୍ତୁରୀ ରାୟ, ହିମାଂଶୁ ବାଳା ପଟ୍ଟନାୟକ, ଉତ୍କଳ ଭୂଷଣ ରାଉତରାୟ, ପି.କେ ସାହୁ, ପ୍ରମୋଦ ପଟ୍ଟନାୟକ, ଶଶି ଭୂଷଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ରସ ରାଜ ନାୟକ ସଂଗୀତ ପରିବେଷଣ କରିଥିଲେ।

ଶୋଚନୀୟ ଛତ୍ରବଜାର ରାସ୍ତା, ଯାତାୟାତରେ ସମସ୍ୟା

କଟକ,୨।୧୧/ଏନ୍‌ଏନ୍‌ଏସ୍: ଜନଗହଳିପୂର୍ଣ୍ଣ ଛତ୍ରବଜାର ମୁଖ୍ୟ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ରାସ୍ତାରେ ଛୋଟବଡ଼ ଖାଲଖମା ସୃଷ୍ଟି ହେବା ସହ କଂକ୍ରିଟ୍ ରାସ୍ତାରୁ ଗୋଡ଼ି ଉଠି ଏଣେତେଣେ ପଡ଼ିରହିଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଛତ୍ରବଜାର ବ୍ୟବସାୟର ପେଣ୍ଠସ୍ଥଳ ହୋଇଥିବାରୁ ପ୍ରତିଦିନ ଏହି ଅଞ୍ଚଳର ରାସ୍ତାରେ ବହୁ ସଂଖ୍ୟାରେ ଗାଡ଼ିମୋଟର ଓ ପଥଚାରୀ ଯାତାୟାତ କରିଥାନ୍ତି। ରାସ୍ତାରେ ଖାଲଖମା ଏବଂ ବିଛାଡ଼ି ହୋଇ ପଡ଼ିଥିବା ଗୋଡ଼ି ଯୋଗୁଁ ଦୁଇଚକିଆ ଯାନ ଚାଳକମାନେ ବିଶେଷ ଭାବେ ଅସୁବିଧାରେ ପଡ଼ୁଛନ୍ତି। ଏହି କାରଣରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତା ମରାମତି ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଶିକ୍ଷଣ

ଭୁବନେଶ୍ୱର,୨।୧୧/ଏନ୍‌ଏନ୍‌ଏସ୍: ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଓ ଧନ୍ଦାମୂଳକ ଅଧ୍ୟାପକମାନଙ୍କ ପାଇଁ ପାଞ୍ଚ ଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ ଠାରେ ଆରମ୍ଭ ହୋଇଯାଇଛି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ଏହି ପ୍ରଶିକ୍ଷଣର ଆୟୋଜନ କରାଯାଇଛି। ଏହି ପ୍ରଶିକ୍ଷଣରେ ପର୍ଯ୍ୟଟନ ଓ ଆତିଥ୍ୟ ଟ୍ରେଡ୍‌ର ୬୮ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। ବ୍ୟବହାରିକ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ନଭେମ୍ବର ୨ ରୁ ୬ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଚାଲିବ। ଏହି ପ୍ରଶିକ୍ଷଣରେ ୪ ଟି ଜିଲ୍ଲା- ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲାରୁ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଯୋଗ ଦେଇଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ବିନିତା ସେନାପତି, ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ପ୍ରଡକ୍ସନ ବିଭାଗ ମୁଖ୍ୟ ସସ୍ମିତ ସୁମନ, ନିର୍ଦ୍ଦେଶାଳୟର ରିସର୍ଚ୍ଚ ଆସିସଟାଣ୍ଟ ସ୍ମିତାରେଖା ମହାନ୍ତି ଓ ଉପବିଭାଗ ଅଧିକାରୀ ଅନିରୁଦ୍ଧ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିନିତା ସେନାପତି ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଇ କହିଛନ୍ତି, ଛାତ୍ରଛାତ୍ରୀଙ୍କୁ କେବଳ ପାଠ୍ୟପୁସ୍ତକର ଜ୍ଞାନ ନୁହେଁ ବରଂ ବ୍ୟବହାରିକ ଦକ୍ଷତା ଓ ଆତ୍ମନିର୍ଭରଶୀଳତାର ମାର୍ଗ ଦେଖାଇବା ଜରୁରୀ। ପର୍ଯ୍ୟଟନ ଓ ଆତିଥ୍ୟ ସେବା କ୍ଷେତ୍ରରେ ତାଲିମ ଛାତ୍ରଛାତ୍ରୀଙ୍କୁ ହୋଟେଲ୍ ପରିଚାଳନା ଓ ପର୍ଯ୍ୟଟନ ମାର୍ଗଦର୍ଶନ ଭଳି କ୍ଷେତ୍ରରେ ନିଯୁକ୍ତିର ସୁଯୋଗ ପ୍ରଦାନ କରିଥାଏ। ଧନ୍ଦାମୂଳକ ଶିକ୍ଷା ଦ୍ୱାରା କେହି ବେକାରୀ ସମସ୍ୟାର ସମ୍ମୁଖିନ ହେବେ ନାହିଁ ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ସେହିପରି ଜିତେନ୍ଦ୍ର ନାୟକ ଉଚ୍ଚମାନର ବ୍ୟବହାରିକ ପ୍ରଶିକ୍ଷଣ ସୁନିଶ୍ଚିତ କରିବା ପାଇଁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ ଭଳି ପ୍ରମୁଖ ପ୍ରତିଷ୍ଠାନର ସହଯୋଗକୁ ପ୍ରଶଂସା କରିବା ସହ ପାଞ୍ଚ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି । ତାଲିମ୍ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କ ଯୋଗଦାନକୁ ଗୁରୁତ୍ୱ ଦେଇଛନ୍ତି।

ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘର କର୍ମକର୍ତ୍ତା ଚୟନ

ଭୁବନେଶ୍ୱର,୨।୧୧/ଏନ୍‌ଏନ୍‌ଏସ୍: ଓଡିଶା ସଚିବାଳୟ ସମୀକ୍ଷକ ସେବା ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଅଛି। ଚଳିତ ନିର୍ବାଚନରେ ସଭାପତି ଭାବରେ ଇରକାନ ବାରା, ଉପସଭାପତି ଭାବେ ସୁବ୍ରତ ଶତପଥୀ, ସାଧାରଣ ସମ୍ପାଦକ ଭାଗିରଥୀ ନାୟକ, ସମ୍ପାଦିକା ବିଦ୍ୟୁତଲତା ମହାରଣା, ଯୁଗ୍ମ ସମ୍ପାଦକ ଆନନ୍ଦ କୁମାର ସୋରେଙ୍ଗ, ସହସମ୍ପାଦକ ଭାବେ ସୁରେଶ କୁମାର ନାଗ, ସହସମ୍ପାଦକ ଓ ସୁନିଲ ହେମ୍ବ୍ରମ, ସାଂସ୍କୃତିକ ସମ୍ପାଦକ ମହେଶ୍ୱର ବେହେରା, ସମୀକ୍ଷକ ନିରଞ୍ଜନ ସାହୁ ଏବଂ କୋଷାଧ୍ୟକ୍ଷ ଅରବିନ୍ଦ ମହାପାତ୍ର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟ ଲାଭ କରିଛନ୍ତି। ସୂଚନା ଯୋଗ୍ୟ ନିର୍ବାଚିତ ନୂତନ କର୍ମକର୍ତ୍ତା ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘ ପ୍ରତି ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ନିଜ ନିଜର ପଦ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖି ଐକାନ୍ତିକ ଭାବେ ସଂଘ ପ୍ରତି ସେବା ସମର୍ପଣ କରି ଆସିବେ। ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ନିରପେକ୍ଷ , ସ୍ୱଚ୍ଛ ଓ ମୁକ୍ତ ଭାବରେ ମୁଖ ନିର୍ବାଚନ ଅଧିକାରୀ କଲ୍ୟାଣ କୃତିବାସ ମିଶ୍ର, ଯୁଗ୍ମ ନିର୍ବାଚନ ଅଧିକାରୀ ଜୀବନ କୁମାର ରାଉତ ଓ ସୁଶ୍ରୀଜ୍ଞାତା ମିଶ୍ର, ପ୍ରିଜାଇଡିଂ ଅଫିସର ଦେବଦତ୍ତ ମଲ୍ଲିକ, ପୋଲିଂ ଅଧିକାରୀ ଫକୀର ମୋହନ କିସାନ, ସହଯୋଗୀ ପୋଲିଂ ଅଧିକାରୀ ସନ୍ତୋଷ ମଲ୍ଲିକ, ଜିତେନ୍ଦ୍ର ଖୁଣ୍ଟିଆ ଏବଂ ଶୁଭ୍ରାଂଶୁ ଶେଖର ଦାଶ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିକୂଳପାଗ ଥିବା ସତ୍ତ୍ୱେ ଉକ୍ତ ନିର୍ବାଚନରେ ଅଡିଟ ସଂଘର ପ୍ରାୟ ଶତ ପ୍ରତିଶତ କର୍ମଚାରୀ ନିଜ ନିଜର ମତ ସାବ୍ୟସ୍ତ କରିଥିଲେ । ଅର୍ଥ ବିଭାଗର ସମ୍ମିଳନୀ କକ୍ଷରେ ନବ ନିର୍ବାଚିତ ସଦସ୍ୟ, ସଦସ୍ୟାମାନଙ୍କ ଶପଥ ପାଠ ସମ୍ପନ୍ନ ହୋଇଥିଲା।



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ଭେଟୁଛନ୍ତି ଓଡ଼ିଶାର ରାଜ୍ୟପାଳ

ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ସ୍ଥିତି ସମୀକ୍ଷା

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ଗଞ୍ଜାମ ଜିଲ୍ଲାରେ ସମ୍ପ୍ରତି ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଭିତ୍ତିଭୂମିର ପୁନରୁଦ୍ଧାର ସ୍ଥିତି ଅନୁଧ୍ୟାନ କରିବା ସହ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଜି ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ବନ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟସେବାର ସ୍ୱାଭାବିକୀକରଣ, ହସ୍ପିଟାଲଗୁଡ଼ିକର କାର୍ଯ୍ୟକ୍ଷମତା, ରୋଗୀଙ୍କ ପାଇଁ ଆବଶ୍ୟକ ସୁବିଧା, ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନା, ପରିମଳ ବ୍ୟବସ୍ଥା ଏବଂ ବିଦ୍ୟୁତ୍, ପାନୀୟ ଜଳ ଓ ଟେଲିକମ୍ ସେବାର ପୁନରୁଦ୍ଧାର ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳର କୌଣସି ରୋଗୀ ଯେପରି ଚିକିତ୍ସା ସୁବିଧାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ। ଏହି ଗସ୍ତ ସମୟରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଉପଖଣ୍ଡ ଚିକିତ୍ସାଳୟ, ଆସିକା ପରିଦର୍ଶନ କରି ହସ୍ପିଟାଲରେ ଉପଲବ୍ଧ ଚିକିତ୍ସା ସେବା, ରୋଗୀଙ୍କ ପାଇଁ ରହିଥିବା ସୁବିଧାସୁଯୋଗ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତି, ହସ୍ପିଟାଲ ପରିସରର ସ୍ୱଚ୍ଛତା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଯାଞ୍ଚ କରିଥିଲେ। ବିଶେଷକରି ଜୈବ-ଚିକିତ୍ସା ବର୍ଜ୍ୟବସ୍ତୁ ଓ ସାଧାରଣ ବର୍ଜ୍ୟବସ୍ତୁର ପୃଥକୀକରଣ, ନିୟମିତ ସଫେଇ ଓ ସୁରକ୍ଷିତ ନିଷ୍କାସନ ବ୍ୟବସ୍ଥାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜରୁରୀକାଳୀନ ଚିକିତ୍ସା, ଅପରେସନ୍, ଲାବୋରେଟୋରୀ ଓ ଅନ୍ୟାନ୍ୟ ଚିକିତ୍ସା ସେବା ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ଆବଶ୍ୟକ ପ୍ରସ୍ତୁତି ଓ ବିକଳ୍ପ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ବନ୍ୟା ପରିସ୍ଥିତି ଯୋଗୁଁ ହସ୍ପିଟାଲର ନିୟମିତ ଚିକିତ୍ସା ସେବା ପ୍ରଭାବିତ ହୋଇଥିବା ସ୍ଥିତିରେ ସାଧାରଣ ରୋଗୀଙ୍କୁ ଯେପରି ଅସୁବିଧା ନହୁଏ, ସେଥିପାଇଁ ଆସିକାଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟରେ ଦୁଇଟି ଅସ୍ଥାୟୀ ହସ୍ପିଟାଲ କାର୍ଯ୍ୟକ୍ଷମ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଏବଂ ମହିଳା ମହାବିଦ୍ୟାଳୟରେ ଚିକିତ୍ସା ଆରମ୍ଭ ହୋଇଛି। ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଭାବେ ବ୍ୟବହାର କରି ଆବଶ୍ୟକ ଡାକ୍ତର, ନର୍ସ, ଔଷଧ ଓ ଚିକିତ୍ସା ସାମଗ୍ରୀ ମହଜୁଦ ରଖିବାକୁ କୁହାଯାଇଛି। ଏହି ଦୁଇଟି କେନ୍ଦ୍ର ମାଧ୍ୟମରେ ଜନସାଧାରଣଙ୍କୁ ଆବଶ୍ୟକ ପ୍ରାଥମିକ ଓ ଜରୁରୀ ଚିକିତ୍ସା ସେବା ଯୋଗାଇଦେବା ସହ ଆବଶ୍ୟକ ସ୍ଥଳେ ଉଚ୍ଚତର ଚିକିତ୍ସା ପାଇଁ ରୋଗୀଙ୍କୁ ଉପଯୁକ୍ତ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ବନ୍ୟା ପ୍ରଭାବିତ ଦୁର୍ଗମ ଓ ଜଳବନ୍ଦୀ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ଚିକିତ୍ସା ସେବା ପହଞ୍ଚାଇବା ପାଇଁ ଅତିରିକ୍ତ ୨୧ଟି ମୋବାଇଲ୍ ହେଲ୍ଥ ୟୁନିଟ୍ ନିୟୋଜନ ହେବ। ଏଥିପାଇଁ ପଡ଼ୋଶୀ ଜିଲ୍ଲାରୁ ଅତିରିକ୍ତ ମୋବାଇଲ୍ ହେଲ୍ଥ ୟୁନିଟ୍ ଓ ଡାକ୍ତରୀ ଦଳ ଅଣାଯାଇ ପ୍ରଭାବିତ ଅଞ୍ଚଳରେ ନିୟୋଜିତ କରାଯିବ। ଆଜି ସୁଦ୍ଧା ୧୦ଟି ମୋବାଇଲ୍ ହେଲ୍ଥ ୟୁନିଟ୍ ପହଞ୍ଚି କାମ ଆରମ୍ଭ କରିଛନ୍ତି। ଏହି ୟୁନିଟ୍‌ଗୁଡ଼ିକ ମାଧ୍ୟମରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକ ଔଷଧ ବଣ୍ଟନ ଓ ଜରୁରୀ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରାଯାଇପାରିବ।

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ

‘ଭୟଭୀତ ନ ହୋଇ ସଚେତନ ରୁହନ୍ତୁ’

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସୃଷ୍ଟି ହୋଇଥିବା ଗମ୍ଭୀର ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜୀବ ଭବନ ସ୍ଥିତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ରାଜେଶ ପ୍ରଭାକର ପାଟିଲଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅର୍ଣ୍ଣବ ବାତ୍ୟା ଓ ବନ୍ୟା ପ୍ରଭାବିତ ଅଞ୍ଚଳ ଏବଂ ସମ୍ଭାବ୍ୟ ଆଉ ଏକ ବାତ୍ୟା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ। ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି, ଭୟଭୀତ ନ ହୋଇ ସଚେତନ ରହିବାକୁ ମନ୍ତ୍ରୀ ମଧ୍ୟ ପରାମର୍ଶ ଦେଇଛନ୍ତି।



ଅନ୍ୟପକ୍ଷରେ ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ନିୟନ୍ତ୍ରଣ କକ୍ଷ ଏବଂ ଉଦ୍ଧାରକାରୀ ଦଳଗୁଡ଼ିକୁ ୨୪ ଘଣ୍ଟା (୨୪/୭) ସକ୍ରିୟ ରଖାଯାଇଛି। ରାସ୍ତାଘାଟଗୁଡ଼ିକୁ ଯାନବାହନ ଚଳାଚଳ ପାଇଁ ଉପଯୁକ୍ତ କରିବାକୁ ସମସ୍ତ କର୍ମଚାରୀ, ସାମଗ୍ରୀ ଏବଂ ଯନ୍ତ୍ରପାତି ନିୟୋଜିତ କରାଯାଇଛି। ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ଓ ପାତ୍ରପୁର ବ୍ଲକର ୧୩ଟି ସ୍ଥାନରେ ଭୂସ୍ଖଳନ ଯୋଗୁଁ ଜମିଥିବା ମାଟି ଓ ଆବର୍ଜନା ସଫା କରାଯାଇଛି ଏବଂ ଅନ୍ୟ ୮ଟି ସ୍ଥାନରେ କାର୍ଯ୍ୟ ଜାରି ରହିଛି। ଭଞ୍ଜନଗରରେ ରାସ୍ତା ଉପରେ ଭୂସ୍ଖଳନ ଜନିତ ଯେଉଁ ଗୋଟିଏ ସ୍ଥାନରେ ବାଧା ଉପୁଜିଥିଲା, ତାହା ସମ୍ପୂର୍ଣ୍ଣ ଅପସାରିତ ହୋଇଛି। ୧୪ଟି ବ୍ଲକରେ ମୋଟ ୧୨୪ଟି ରାସ୍ତା ଫାଟ ବନ୍ଦ କରାଯାଇଥିବାବେଳେ ୪୨ଟି ସ୍ଥାନରେ କାର୍ଯ୍ୟକୁ ତ୍ୱରାନିତ କରାଯାଇଛି। ୧୪ଟି ବ୍ଲକର ୧୮୬ଟି କ୍ଷତିଗ୍ରସ୍ତ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି। ଗଜପତି ଜିଲ୍ଲାର ୬ଟି ବ୍ଲକର ୧୯ଟି ରାସ୍ତାର ଭୂସ୍ଖଳନ ଅବସ୍ଥା ସଫା କରାଯାଇଛି। ପାଣି ମାଡ଼ିଯିବା ଯୋଗୁଁ ପ୍ରଭାବିତ ହୋଇଥିବା ୫ଟି ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଛି। ୩ଟି ବ୍ଲକରେ ପ୍ରଭାବିତ ୧୧ଟି କ୍ଷତିଗ୍ରସ୍ତ ରାସ୍ତା ମରାମତି କରାଯାଇଛି। ଗୋଷାଣୀ ବ୍ଲକର ଗୋଟିଏ ରାସ୍ତାରେ ଅସ୍ଥାୟୀ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। କନ୍ଧମାଳ ଜିଲ୍ଲାର ୩ଟି ବ୍ଲକ ଅନ୍ତର୍ଗତ ୩୧ଟି ରାସ୍ତା ଫାଟ ମଧ୍ୟରୁ ୧୫ଟି ବନ୍ଦ ହୋଇସାରିଥିବାବେଳେ ୧୬ଟି ନିର୍ମାଣାଧୀନ ଅଛି। ୩ଟି ବ୍ଲକର ୭ଟି କ୍ଷତିଗ୍ରସ୍ତ ରାସ୍ତାର ମରାମତି ସମ୍ପୂର୍ଣ୍ଣ ହୋଇଛି ଏବଂ ୩୧ଟି ର କାମ ଚାଲିଛି। ରାୟଗଡ଼ା ଜିଲ୍ଲାର ଗୁଣୁପୁରରେ ଭୂସ୍ଖଳନ ଯୋଗୁଁ ରାସ୍ତା ଉପରେ ୧୫ଟି ସ୍ଥାନରେ ଜମିଥିବା ଆବର୍ଜନା ଓ ମାଟି ବାଧକକୁ ସଫା କରାଯାଇଛି। ‘ଅର୍ଣ୍ଣବ’ ବାତ୍ୟା ଏବଂ ଏହାପରବର୍ତ୍ତୀ ବନ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା ପାଇଁ ଟିପିଏସଓଡିଏଲ୍ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯାଉଛି। ବୌଦ୍ଧ, ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁର ,ଗଞ୍ଜାମ, କନ୍ଧମାଳ, ଗଜପତି ଏବଂ କୋରାପୁଟ ଜିଲ୍ଲାରେ ମଧ୍ୟ ପୁନରୁଦ୍ଧାର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ବାକିଥିବା ସ୍ଥାନଗୁଡ଼ିକରେ କାମ ଶୀଘ୍ର ଶେଷ କରିବା ପାଇଁ ଟିମଗୁଡ଼ିକ ନିୟୋଜିତ ଅଛନ୍ତି। ଗଞ୍ଜାମ, ଗଜପତି ଏବଂ କନ୍ଧମାଳର ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୪୫,୭୨୨ ଟି ନଳକୂପ ପ୍ରଭାବିତ ହୋଇଥିଲା। ଏହା ମଧ୍ୟରୁ ୪,୪୭୫ ପୁନରୁଦ୍ଧାର ଏବଂ ବିଶୋଧନ କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ପ୍ରଭାବିତ ୩୯୩ ଟି ଗ୍ରାମାଞ୍ଚଳ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୨୪୭ ପୁନରୁଦ୍ଧାର କରାଯାଇଛି ଏବଂ ୨୬୫ ଟି ବିଶୋଧନ କରାଯାଇଛି। ୨୩୫ ଟି ଜଳ ଟ୍ୟାଙ୍କର, ୮୦ ଟି ଟ୍ରାକ୍ଟର ମାଉଣ୍ଟେଡ୍ ସିଣ୍ଟେକ୍ସ ଟାଙ୍କି ଏବଂ ୮୪ ଟି ଡି.ଜି. ସେଟ୍ ମୁତୟନ କରାଯାଇଛି। ଗଞ୍ଜାମ ଏବଂ କନ୍ଧମାଳ ଜିଲ୍ଲାରେ ୯ ଟି ମୋବାଇଲ୍ ଟ୍ରିଟମେଣ୍ଟ ୟୁନିଟ୍ ମଧ୍ୟ ମୁତୟନ କରାଯାଇଛି। ୪,୨୨,୩୦୦ ପ୍ୟାକ୍ କରାଯାଇଥିବା ଜଳ ବୋତଲ ଏବଂ ୩,୧୮,୫୦୦ ଜଳ ପାଉଚ୍ ବଣ୍ଟନ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ ପାଇଁ ୨୩ ଟି ଏବଂ ଆସିକା ପୌରପାଳିକା ପାଇଁ ୭ ଟି ଜଳ ଟ୍ୟାଙ୍କର୍ ମୁତୟନ କରାଯାଇଛି। ଏହାସହ ବ୍ରହ୍ମପୁର ମହାନଗର ନିଗମ ୨ ଟି ମୋବାଇଲ୍ ଜଳ ବିଶୋଧନ ୟୁନିଟ୍ ମଧ୍ୟ ମୁତୟନ କରାଯାଇଛି। ସମସ୍ତ ଜଳାଶୟର ବିଶୋଧନ କାର୍ଯ୍ୟ ଜାରି ରହିଛି। ଡାଏରିଆ, ମଲେରିଆ, ଡେଙ୍ଗୁ ଭଳି ରୋଗର ମୁକାବିଲା ପାଇଁ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ‘ରାପିଡ୍ ରେସପନ୍ସ ଟିମ୍’ ଏବଂ ମୋବାଇଲ୍ ହେଲ୍ଥ ଟିମ୍ ନିୟୋଜିତ କରାଯାଇଛି। ଆସୁଥିବା ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଗଞ୍ଜାମ ଜିଲ୍ଲାରେ ୩୨ଟି ଓଡ୍ରାଫ୍ ଏବଂ ୩ଟି ଏନଡିଆରଏଫ୍ ଟିମ୍ (ମୋଟ ୩୫ଟି ଟିମ୍) ମୁତୟନ ଅଛନ୍ତି।

ବାତ୍ୟା ‘ଅର୍ଣ୍ଣବ’ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ

ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ବାତ୍ୟା ‘ଅର୍ଣ୍ଣବ’ ପରବର୍ତ୍ତୀ ସଡ଼କ ଭିତ୍ତିଭୂମିର କ୍ଷୟକ୍ଷତି ଏବଂ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ନେଇ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବୃଦ୍ଧି ପାଉଥିବା ଆକସ୍ମିକ ବନ୍ୟା ଏବଂ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ଅଧିକ ସୁଦୃଢ଼, ସ୍ଥାୟୀ ଓ ବିପର୍ଯ୍ୟୟ-ପ୍ରତିରୋଧୀ ସଡ଼କ ଭିତ୍ତିଭୂମି ନିର୍ମାଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଭୂସ୍ଖଳନ ପ୍ରବଣ ଅଞ୍ଚଳରେ ସୁରକ୍ଷା ପ୍ରାଚୀର ନିର୍ମାଣ, ଜଳ ନିଷ୍କାସନ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ରାସ୍ତାର ସ୍ଥାୟୀ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଉପରେ ଆଲୋଚନା ହୋଇଥିଲା। ବାତ୍ୟା ‘ଅର୍ଣ୍ଣବ’ ଯୋଗୁଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସଡ଼କ ଓ ଅନ୍ୟାନ୍ୟ ଭିତ୍ତିଭୂମିରେ ହୋଇଥିବା କ୍ଷୟକ୍ଷତିର ଦ୍ରୁତ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ଭବ ହୋଇଥିବାରୁ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଇଞ୍ଜିନିୟରମାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ କାର୍ଯ୍ୟରତ ଟିମ୍‌କୁ ଧନ୍ୟବାଦ ଜଣାଇଥିଲେ। ଅତି ସ୍ୱଳ୍ପ ସମୟ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ଦିଗରେ ବିଭାଗୀୟ ଟିମ୍‌ର ନିଷ୍ଠା ଓ ତତ୍ପରତାକୁ ସେ ପ୍ରଶଂସା କରିଥିଲେ। ସମୀକ୍ଷା ବୈଠକରେ ଏନ୍ଏଚ୍ ଡିଭିଜନ, କନ୍ଧମାଳ, ପାରଳାଖେମୁଣ୍ଡି, ଗଞ୍ଜାମ, ଗଜପତି, ଫୁଲବାଣୀ, ଭଞ୍ଜନଗର, କୋରାପୁଟ, ମାଲକାନଗିରି ଓ ଜୟପୁର ଡିଭିଜନ ଅଧୀନରେ ବାତ୍ୟା ଓ ବ୍ୟାପକ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତି ଏବଂ ମରାମତି କାର୍ଯ୍ୟର ସ୍ଥିତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଏନ୍ଏଚ୍-୫୯, ଏନ୍ଏଚ୍-୧୫୭ ଓ ଏନ୍ଏଚ୍-୩୨୬ରେ କ୍ଷତିଗ୍ରସ୍ତ ହୋଇଥିବା ମୋଟ ୧୨ଟି ରାସ୍ତା ମଧ୍ୟରୁ ୧୦ଟିର ମରାମତି କାର୍ଯ୍ୟ ଶେଷ ହୋଇଥିବା ବେଳେ ଅବଶିଷ୍ଟ ୨ଟି ରାସ୍ତାର ମରାମତି କାର୍ଯ୍ୟ ଆସନ୍ତା ଦୁଇ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ ନିର୍ମାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ତଥା ସର୍ବୋଚ୍ଚ ଯନ୍ତ୍ରୀ ଇଂ ସମୀର ହୋତା, ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ) ଇଂ ସତ୍ୟବ୍ରତ ବେହେରା, ଓଏସଡି ଇଂ ଏଲ. କେ ପାଢ଼ୀ, ମୁଖ୍ୟଯନ୍ତ୍ରୀ ଜାତୀୟ ରାଜପଥ -୧ ଇଂ ନାରାୟଣ ପଟେଲ, ମୁଖ୍ୟଯନ୍ତ୍ରୀ ସେତୁ-୧ ଇଂ ପ୍ରଭାସ କୁମାର ମାଝୀ, ମୁଖ୍ୟଯନ୍ତ୍ରୀ ସେତୁ -୨ ଇଂ ତପନ କୁମାର ବେହେରା, ମୁଖ୍ୟଯନ୍ତ୍ରୀ ବିଲଡିଂ - ୨ ଇଂ ତ୍ରିନାଥ ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟଯନ୍ତ୍ରୀ ରୋଡ୍ସ - ୨ ଇଂ ଶିବବ୍ରତ ତରିଆଙ୍କ ସମେତ ବିଭିନ୍ନ ଜୋନର ଅଧିକ୍ଷଣ ଯନ୍ତ୍ରୀ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।


ବନ୍ୟା ସ୍ଥିତିର ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ସହ ବିପଦସଂକୁଳ ଓ ପ୍ରଭାବିତ ଅଞ୍ଚଳରେ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। କ୍ଷତିଗ୍ରସ୍ତ ଜଳସେଚନ ଭିତ୍ତିଭୂମି ଓ ବନ୍ୟା ନିୟନ୍ତ୍ରଣ ବନ୍ଧର ମରାମତି ସହ ନଦୀଗୁଡ଼ିକର ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଇଛି। ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପ୍ରତିଦିନ କ୍ଷେତ୍ର ପରିଦର୍ଶନ କରି ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରୁଛନ୍ତି। ପ୍ରଭାବିତ ଅଞ୍ଚଳରେ ସମଗ୍ର ଡିଭିଜନର ଏକ ଟିମ୍‌କୁ ନିୟୋଜିତ କରାଯାଇ ମରାମତି କାର୍ଯ୍ୟ ଓ ବିପଦସଂକୁଳ ସ୍ଥାନଗୁଡ଼ିକ ଉପରେ ନଜର ରଖାଯାଇଛି। ସର୍ବୋଚ୍ଚ ଯନ୍ତ୍ରୀ-ତଥା-ସ୍ୱତନ୍ତ୍ର ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଆରବି ବେସିନ୍, ଜେନେରାଲ୍ ମ୍ୟାନେଜର, ଓସିସି ଏବଂ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ସହ ହନୁମାନପାଲି ନିକଟସ୍ଥ ହିରାଧରାଭାଟି ଆନିକଟଠାରେ ଧୋଇଯାଇଥିବା ଋଷିକୁଲ୍ୟା ବନ୍ୟା ନିୟନ୍ତ୍ରଣ ବନ୍ଧ ଓ ମୁଖ୍ୟ କେନାଲର ଆରମ୍ଭିକ ଅଂଶ ପରିଦର୍ଶନ କରିଥିଲେ। ରମଣାଦୀ ମୁଖ୍ୟ କେନାଲର ଆରଡି ୧୪,୩୫୦ ମିଟରଠାରେ କ୍ଷତିଗ୍ରସ୍ତ ସର୍ଭିସ୍ ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ରତଙ୍ଗ ଗ୍ରାମ ନିକଟରେ ବଡ଼ନଦୀର ଡାହାଣ ପାର୍ଶ୍ୱ ବନ୍ଧରେ ସୃଷ୍ଟି ହୋଇଥିବା ଘାଇ ବନ୍ଦ କରାଯାଇଛି। ଘୋଡ଼ାହାଡ଼ ନଦୀର ଡାହାଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ବନ୍ଧର ଖଇରାବେଠୀ ନିକଟସ୍ଥ ଆରଡି ୧୫,୪୦୦ ମିଟର ଏବଂ ହିଞ୍ଜିଳିକାଟୁ ବ୍ଲକ୍‌ର ବୈଚବଣିଆ ନିକଟସ୍ଥ ଆରଡି ୨୧,୩୬୦ ମିଟରଠାରେ ମରାମତି କାର୍ଯ୍ୟ ଜାରି ରହିଛି। ଏଥିସହ କୁକୁଡ଼ାଖଣ୍ଡି ନିକଟସ୍ଥ ବି’ ବ୍ରାଞ୍ଚ କେନାଲ ଏବଂ ଜାକେମେରିପଲ୍ଲୀଠାରେ ଘୋଡ଼ାହାଡ଼ ନଦୀର ବାମ ପାର୍ଶ୍ୱ ସର୍ଭିସ୍ ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ଚାଲୁ ରହିଛି। ବଡ଼ଗଡ଼ାସ୍ଥିତ ହରଭଙ୍ଗୀ ଜଳସେଚନ ଉପଖଣ୍ଡ-୨ ଅଧୀନରେ ଥିବା ବାମ ପାର୍ଶ୍ୱ ବିତରଣ କେନାଲର ମରାମତି ମଧ୍ୟ ଜାରି ରହିଛି। ଭଞ୍ଜନଗର ଜଳସେଚନ ଡିଭିଜନ ଅଧୀନରେ ଚେରମାରିଆ, କେନ୍ଦୁପଦର ଓ ବେଠୁଆରା ନିକଟରେ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ପିତଳ ସେକ୍ସନ ଅଧୀନରେ ବିଭିନ୍ନ ସ୍ଥାନରେ ଘାଇ ବନ୍ଦ କରିବା କାର୍ଯ୍ୟ ଜାରି ରହିଛି। ଲୋହରାଖଣ୍ଡି ନଦୀର ଖଲାସାହି-ପାତ୍ର କଲୋନୀ ନିକଟସ୍ଥ ବାମ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ବନ୍ଧ ଏବଂ କୁଶପଲ୍ଲୀ ଓ ଭାଲିଆଖାଇ ନିକଟସ୍ଥ ଡାହାଣ ପାର୍ଶ୍ୱ ବନ୍ଧରେ ଅସ୍ଥାୟୀ ଭାବେ ଘାଇ ବନ୍ଦ କରିବା କାର୍ଯ୍ୟ ଚାଲିଛି। ପୁରୁଷୋତ୍ତମପୁର ବ୍ଲକ୍‌ର କେଶପୁର ଏବଂ ହାଣ୍ଡିଘର ସେତୁର ଉପରମୁଣ୍ଡରେ ଋଷିକୁଲ୍ୟା ନଦୀରେ ମଧ୍ୟ ପୁନରୁଦ୍ଧାର କାର୍ଯ୍ୟ ଅଗ୍ରଗତି କରୁଛି। ନଦୀଗୁଡ଼ିକର ଜଳସ୍ତର ଉପରେ ନିରନ୍ତର ନଜରରାୟଗଡ଼ା ବ୍ଲକ୍‌ର କୋଟାପେଟାସ୍ଥିତ ଆରଡି ବ୍ରିଜ୍ ନିକଟରେ ନାଗାବଳୀ ନଦୀର ଜଳସ୍ଥିତି ଉପରେ ରାୟଗଡ଼ା ଜଳସେଚନ ଉପଖଣ୍ଡ-୧ ପକ୍ଷରୁ ନିରନ୍ତର ନଜର ରଖାଯାଇଛି। କ୍ଷେତ୍ରସ୍ତରୀୟ ରିପୋର୍ଟ ଅନୁଯାୟୀ, ଉକ୍ତ ସମୟରେ ନଦୀର ଜଳସ୍ତର ସ୍ଥିର ରହିଥିଲା। ସେହିପରି ଗଜପତି ଜିଲ୍ଲାର ମହେନ୍ଦ୍ରତନୟା ନଦୀ ନିକଟସ୍ଥ ମାଛମରା ଗ୍ରାମ, ପାରଳାଖେମୁଣ୍ଡି ସେତୁ ଏବଂ ବିଏନ୍ ପ୍ୟାଲେସ୍ ନିକଟରେ ନିରନ୍ତର ନିରୀକ୍ଷଣ କରାଯାଉଛି। ନଦୀର ଜଳସ୍ତର ହ୍ରାସ ପାଉଥିବା ନେଇ କ୍ଷେତ୍ରସ୍ତରୀୟ ଯନ୍ତ୍ରୀମାନେ ସୂଚନା ଦେଉଥିବାବେଳେ ସତର୍କତାମୂଳକ ନିରୀକ୍ଷଣ ଜାରି ରହିଛି। ବ୍ରହ୍ମପୁର ଡ୍ରେନେଜ୍ ଡିଭିଜନ ପକ୍ଷରୁ ପୂର୍ବ-ବାତ୍ୟା ପ୍ରସ୍ତୁତିର ଅଂଶସ୍ୱରୂପ ଲାଉଡ଼ି ଗାଁ ସେତୁ ନିକଟସ୍ଥ ବାହାନା ନାଳରେ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ଆବର୍ଜନା ଓ ଅବରୋଧ ହଟାଯାଇଛି। ଏହାଦ୍ୱାରା ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନତି ଆଣିବା ସହ ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟା ହ୍ରାସ କରିବା ଲକ୍ଷ୍ୟ ରଖାଯାଇଛି। ଏଥିସହ ହରଭଙ୍ଗୀ ଜଳଭଣ୍ଡାରରେ ନିୟନ୍ତ୍ରିତ ଜଳ ନିଷ୍କାସନ ଓ ଜଳ ସଂରକ୍ଷଣ ସ୍ଥିତିର ନିରୀକ୍ଷଣ ମଧ୍ୟ ଜାରି ରହିଛି। ପୁନରୁଦ୍ଧାର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା, ଅଧିକ କ୍ଷୟକ୍ଷତିକୁ ରୋକିବା ଏବଂ ଚାଷୀମାନଙ୍କ ପାଇଁ ଜଳସେଚନ ସେବା ପୁନଃସ୍ଥାପନ କରିବା ଦିଗରେ ବିଭାଗୀୟ ଟିମ୍‌ଗୁଡ଼ିକ ନିରନ୍ତର କାର୍ଯ୍ୟ କରୁଛନ୍ତି।

‘ଦେଶ ଓ ଗଣତନ୍ତ୍ର ପାଇଁ ରାହୁଲ ଗାନ୍ଧୀ ବିପଦ’

ଏସ୍ଆଇଆର୍‌କୁ ନେଇ ବିରୋଧୀଙ୍କ ଅପପ୍ରଚାର ଅମୂଳକ, ଅଯୌକ୍ତିକ, ଭ୍ରମାତ୍ମକ

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ବିଶ୍ୱର ପ୍ରମୁଖ ବିକଶିତ ରାଷ୍ଟ୍ରଗୁଡିକ ଆଜି ଘୋର ଆର୍ଥିକ ଦୁର୍ଗତି, ସାମାଜିକ ବିଶୃଙ୍ଖଳା ଓ ରାଜନୈତିକ ଅସ୍ଥିରତା ଭଳି ସମସ୍ୟା ଘେରରେ ଛନ୍ଦି ହୋଇପଡ଼ିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ଆର୍ଥିକ, ସାମାଜିକ ପ୍ରଗତି ଓ ଗରିବକଲ୍ୟାଣ କାର୍ଯ୍ୟକ୍ରମଗୁଡିକ ଦ୍ରୁତ ଗତିରେ ଆଗେଇ ଚାଲିଛି। ଭାରତ ଏବେ ବିଶ୍ୱର ଦ୍ରୁତ ଆର୍ଥିକ ବିକାଶ କରୁଥିବା ଦେଶ ହୋଇଛି ଓ ଅନେକ କ୍ଷେତ୍ରରେ ‘ଆତ୍ମନିର୍ଭର ଭାରତ’ ଆହ୍ୱାନକ୍ରମେ ରପ୍ତାନି କ୍ଷେତ୍ରରେ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ପ୍ରଗତି ସହ ତାଳ ଦେଇ ଓଡିଶା ବର୍ତ୍ତମାନ ଭାରତବର୍ଷର ସେମି-କଣ୍ଡକ୍ଟର ହବ୍, କୃତ୍ରିମ ବୁଦ୍ଧିମତ୍ତା, ଡାଟା ସେଣ୍ଟର, ପ୍ରତିରକ୍ଷା ଉତ୍ପାଦନ, ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ସୁରକ୍ଷା କ୍ଷେତ୍ରରେ ନିଜର ନୂତନ ପରିଚୟ ସୃଷ୍ଟି କରିଛି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ଓଡ଼ିଶାରେ ବିଜେପିର ଡବଲ ଇଞ୍ଜିନ ସରକାର ମିଳିତ ଭାବେ କାର୍ଯ୍ୟ କରିବା ଦ୍ୱାରା ରାଜ୍ୟର ଅର୍ଥନୀତି, ଗରିବ କଲ୍ୟାଣ ଯୋଜନା ଏବଂ ଭିତ୍ତିଭୂମିର ଉନ୍ନତି ଦ୍ରୁତ ଗତିରେ ହେଉଛି। ମୋଦୀଙ୍କ ‘ବିକଶିତ ଭାରତ ୨୦୪୭’ ସଂକଳ୍ପ ସହ ଓଡ଼ିଶାର ‘ଭିଜନ ୨୦୩୬’ ସମ୍ପୂର୍ଣ୍ଣ ରୂପେ ଜଡ଼ିତ। ଓଡିଶା ସରକାର ୨୦୩୬ ସୁଦ୍ଧା ରାଜ୍ୟ ଅର୍ଥନୀତିକୁ ୫୦୦ ବିଲିଅନ ଡଲାର ଓ ୨୦୪୭ରେ ୧୫୦୦ ବିଲିୟନରେ ପରିଣତ କରିବାର ଲକ୍ଷ୍ୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାର ସଂସ୍କୃତି ଓ ଅସ୍ମିତାକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଉପଯୁକ୍ତ ସମ୍ମାନ ମିଳିଛି। ମୋଦିଜୀଙ୍କ ୨୦୪୭ରେ ବିକଶିତ ଭାରତ ସ୍ୱପ୍ନ ଓ କ୍ରିୟାନ୍ୱୟନ ତଥା ଭାରତର ଅଗ୍ରଗତି ହେଉଛି, ଯାହାକୁ କିଛି ବାହ୍ୟ ଶକ୍ତି



ବିରୋଧ କରୁଛନ୍ତି। ଏଥିରେ ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଓ ଏହାର ନେତା ରାହୁଲ ଗାନ୍ଧୀଙ୍କ ଭୂମିକା ଓ ପ୍ରତ୍ୟକ୍ଷ ସଂପୃକ୍ତି ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ରାଷ୍ଟ୍ରହିତ ପାଇଁ ଅତ୍ୟନ୍ତ କ୍ଷତିକାରକ। ବାସ୍ତବରେ ରାହୁଲ ଗାନ୍ଧୀ ଦେଶ ଓ ଗଣତନ୍ତ୍ର ପାଇଁ ସବୁଠୁ ବଡ଼ ବିପଦ। ସେ ବିଦେଶୀ ବିଭାଜନକାରୀ ଶକ୍ତିମାନଙ୍କ ଇସାରାରେ କାମ କରୁଛନ୍ତି ବୋଲି ରାଜ୍ୟସଭା ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ.ସୁଧାଂଶୁ ତ୍ରିବେଦୀ କହିଛନ୍ତି।

ସୋମବାର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ.ତ୍ରିବେଦୀ କହିଛନ୍ତି ଯେ, ୨୦୧୨ ଠାରୁ ଆଜି ପର୍ଯ୍ୟନ୍ତ ରାହୁଲ ଗାନ୍ଧୀ ଭାରତର ସମସ୍ତ ସାମ୍ବିଧାନିକ ସଂସ୍ଥା ଏବଂ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଓ ଏଲ୍ଆଇସି ଭଳି ରାଷ୍ଟ୍ରାୟତ ଅର୍ଥନୈତିକ ସଂସ୍ଥା ସଂପର୍କରେ ଜନମାନସରେ ସନ୍ଦେହପୂର୍ଣ୍ଣ ଧାରଣା ସୃଷ୍ଟି କରିବାର ବିଫଳ ପ୍ରୟାସ ପଦାରେ ପଡ଼ିଛି। ଗତ ୧୨ ବର୍ଷର ମୋଦୀଙ୍କ ସରକାର ସମୟରେ ଦେଶରେ ଅତି ଦରିଦ୍ରଙ୍କ ସଂଖ୍ୟା ୨୭.୧% ରୁ ୨.୬% କୁ ଖସି ଆସିଛି। ପ୍ରାୟ ୫୦ କୋଟି ଲୋକ ଅତି ଉତ୍କଟ ଦାରିଦ୍ର ସୀମାରେଖାର ଉର୍ଦ୍ଧ୍ୱକୁ ଉଠିଛନ୍ତି। ଆର୍ଥିକ ବିକାଶ ସହିତ ଦେଶରେ ଦାରିଦ୍ୟ ହ୍ରାସ ପାଉଛି। ବିଶ୍ୱର ବିଭିନ୍ନ ସଂସ୍ଥାଗୁଡିକ ଯେଉଁ ଦେଶମାନଙ୍କୁ ‘ହାପିନେସ୍ ଇଣ୍ଡେକ୍ସ’ ବା ‘ଖୁସି ସୂଚନାଙ୍କ’ର ଶୀର୍ଷ ସ୍ଥାନରେ ଥିବାର ଦେଖାଉଥିଲା, ବର୍ତ୍ତମାନ ସେହି ଦେଶମାନଙ୍କରେ ଏବେ ବ୍ୟାପକ ହିଂସା ଓ ଅରାଜକତା ଘଟୁଥିବାବେଳେ ଭାରତରେ ଜନସାଧାରଣ ମୋଦିଜୀଙ୍କ ନେତୃତ୍ୱାଧିନ ବିଜେପି ସରକାରରେ ଖୁସିରେ ଅଛନ୍ତି। କିନ୍ତୁ କଂଗ୍ରେସ ଓ କେତେକ ବିରୋଧୀ ଦଳ ଦେଶର ଏହି ପ୍ରଗତିକୁ ସହି ନପାରି ଅରାଜକତା ସୃଷ୍ଟି କରିବାର ଅପଚେଷ୍ଟା କରୁଛନ୍ତି। ସେମାନେ ନିର୍ବାଚନକୁ ନେଇ ଇଭିଏମ୍ ଓ ନିର୍ବାଚନ କମିଶନ ଭଳି ଗଣତାନ୍ତ୍ରିକ ଅନୁଷ୍ଠାନକୁ ବଦନାମ କରୁଛନ୍ତି, ସୁପ୍ରିମକୋର୍ଟକୁ ଅସମ୍ମାନ କରୁଛନ୍ତି, ଆକାଶବାଣୀ କେନ୍ଦ୍ର ଭିତରକୁ ଧସେଇ ପଶୁଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଘର ଆଗରେ ଧାରଣା ଦେଇ ଅରାଜକତା ସୃଷ୍ଟି କରିବା ସହ ଭାରତୀୟ ଗଣତାନ୍ତ୍ରୀକ ବ୍ୟବସ୍ଥାକୁ ଦୁର୍ବଳ କରିବାର ଘୃଣ୍ୟ ପ୍ରୟାସ କରୁଛନ୍ତି। କଂଗ୍ରେସର ଏହି ଭଳି ଆଚରଣକୁ ଦେଶବାସୀ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖାନ କରିଛନ୍ତି ବୋଲି ଡ.ତ୍ରିବେଦୀ କହିଛନ୍ତି। ଭାରତୀୟ ଜନତା ପାର୍ଟି ୨୦୧୪ ମସିହାରେ କେନ୍ଦ୍ରରେ ସରକାର ଗଠନ ପୂର୍ବରୁ କଂଗ୍ରେସ ଦୀର୍ଘ ସମୟ ଧରି କ୍ଷମତାରୁ ବାହାର ରହିଆସିଛି। ୨୦୦୦ ରୁ ଓଡ଼ିଶାରେ, ୧୯୯୫ ରୁ ଗୁଜରାଟରେ, ୧୯୯୦ରୁ ଉତ୍ତର ପ୍ରଦେଶ ଏବଂ ବିହାରରେ ସରକାର ଗଠନ କରିନାହିଁ। ୭୦ ଦଶକରୁ ତାମିଲନାଡୁରେ, ୧୯୭୭ରୁ ବେଙ୍ଗଲରେ କ୍ଷମତାରେ ନାହିଁ। କେରଳରେ ମୁସଲିମ ଲିଗ୍ ଏବଂ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟିର ସାହାଯ୍ୟ ନେଇ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଯଥାକ୍ରମେ ୱାଇନାଡ୍ ଓ ରାଇବରେଲୀର ଲୋକସଭା ଆସନରୁ ଜିତୁଥିବାବେଳେ ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ବିଜେପିକୁ ଆହ୍ୱାନ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଡ.ତ୍ରିବେଦୀ କହିଛନ୍ତି। କଂଗ୍ରେସ ଦଳ ଆଜି ନିର୍ବାଚନ ଓ ନିର୍ବାଚନ କମିଶନଙ୍କୁ ଆକ୍ଷେପ କରିବା ପୂର୍ବରୁ ନିଜକୁ ନିଜେ ଆତ୍ମଚିନ୍ତନ କରିବାକୁ ଡ.ତ୍ରିବେଦୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଏବଂ ରାଜ୍ୟ ସାଧାରଣ ସଂପାଦକ ବିରଂଚି ନାରାୟଣ ତ୍ରିପାଠୀ ଉପସ୍ଥିତ ଥିଲେ।

ଏହାପରେ ଡ.ତ୍ରିବେଦୀ ଅପରାହ୍ଣ ୩ଟାରେ କଟକଠାରେ ଅନୁଷ୍ଠିତ ବିଶାଳ ପଦଯାତ୍ରାରେ ଯୋଗ ଦେଇଥିଲେ। କଲେଜ ଛକଠାରୁ ଦୋଳମୁଣ୍ଡାଇ ଛକ ପର୍ଯ୍ୟନ୍ତ ଏହି ‘ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ଅଭିଯାନ’ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କଲେଜ ଛକଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା। ଏହି ପଦଯାତ୍ରାରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

ପୁନରୁଦ୍ଧାର କାର୍ଯ୍ୟକୁ ଜୋରଦାର କଲା ଗୃହ ନିର୍ମାଣ ବିଭାଗ

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ବାତ୍ୟା ‘ଅର୍ଣ୍ଣବ’ ପରବର୍ତ୍ତୀ ପରିସ୍ଥିତିରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ବ୍ରହ୍ମପୁର ସମେତ ଗଞ୍ଜାମ, ଗଜପତି ଓ ଅନ୍ୟାନ୍ୟ ପ୍ରଭାବିତ ସହରାଞ୍ଚଳରେ ଜଳଯୋଗାଣ, ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ସେବା ଏବଂ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ରିଲିଫ୍ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ ସୁଧାର ଆସିଛି। ନଭେମ୍ବର ୨ ତାରିଖ ଅପରାହ୍ନ ୫ଟା ସୁଦ୍ଧା ସଂକଳିତ ସ୍ଥିତି ରିପୋର୍ଟ ଅନୁଯାୟୀ, ପ୍ରଭାବିତ ଅଞ୍ଚଳରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ବିଭାଗ ଓ କ୍ଷେତ୍ରସ୍ତରୀୟ ସଂସ୍ଥାଗୁଡ଼ିକ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ବ୍ରହ୍ମପୁରରେ ଦୈନିକ ୯୦ ଏମ୍ଏଲ୍‌ଡି ଜଳର ଆବଶ୍ୟକତା ତୁଳନାରେ ଜଳଯୋଗାଣ ୭୨ ଏମ୍ଏଲ୍‌ଡିକୁ ବୃଦ୍ଧି ପାଇଛି। ଏଥିମଧ୍ୟରୁ ୬୪ ଏମ୍ଏଲ୍‌ଡି ଭୂପୃଷ୍ଠ ଜଳ ଉତ୍ସରୁ ଏବଂ ୧୮ଟି କାର୍ଯ୍ୟକ୍ଷମ ଉତ୍ପାଦନ କୂଅ ମାଧ୍ୟମରେ ୮ ଏମ୍ଏଲ୍‌ଡି ଜଳ ଯୋଗାଣ କରାଯାଉଛି। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଆଇଆଇଏସ୍ଇଆର ଭଳି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନକୁ ଜଳଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଛି। ହିଞ୍ଜିଳିକାଟୁ ଓ ଗୋପାଳପୁରରେ ମଧ୍ୟ ଜଳ ବଣ୍ଟନ ସୁରୁଖୁରୁରେ ଚାଲିଛି। ପ୍ରଭାବିତ ଅଞ୍ଚଳରେ ତୁରନ୍ତ ଜଳ ଆବଶ୍ୟକତା ପୂରଣ ପାଇଁ ୧୨ଟି ଘରୋଇ ଟ୍ୟାଙ୍କର ସମେତ ମୋଟ ୪୬ଟି ଜଳ ଟ୍ୟାଙ୍କର ନିୟୋଜିତ କରାଯାଇଛି। ଜନସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଜଳ ବିଶୋଧନାଗାରଗୁଡ଼ିକରେ ସୁପର୍ କ୍ଲୋରିନେସନ୍ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ଜରୁରୀକାଳୀନ ଜଳ ବିଶୋଧନ ଆବଶ୍ୟକତା ପୂରଣ ପାଇଁ ଏକ ମୋବାଇଲ୍ ଟ୍ରିଟ୍‌ମେଣ୍ଟ ୟୁନିଟ୍ ବ୍ରହ୍ମପୁର ଡିଭିଜନ୍ କାର୍ଯ୍ୟାଳୟରେ ପହଞ୍ଚିଛି। ଅନ୍ୟପକ୍ଷରେ, ବାତ୍ୟାରେ ଧୋଇଯାଇଥିବା ଜାନିଭିଲି ଆନିକଟ୍‌ର ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଅସ୍ଥାୟୀ ଜଳଧାରଣ ବ୍ୟବସ୍ଥା ଓ ବାଲିବନ୍ଧ ନିର୍ମାଣ କାର୍ଯ୍ୟ ପ୍ରାୟ ୯୯ ପ୍ରତିଶତ ଶେଷ ହୋଇଛି। ରାଜ୍ୟସ୍ତରରେ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୧୦ଟି ପବ୍ଲିକ୍ ହେଲ୍ଥ ଡିଭିଜନ୍ ଅଧୀନରେ ଥିବା ୮୬ଟି ସହରାଞ୍ଚଳ ମଧ୍ୟରୁ ୭୮ଟିରେ ଜଳଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଛି। ମୋଟ ପୁନରୁଦ୍ଧାର ହାର ପ୍ରାୟ ୯୮.୭୩ ପ୍ରତିଶତରେ ପହଞ୍ଚିଥିବାବେଳେ ବର୍ତ୍ତମାନ ଦୈନିକ ୪୪୫.୭୪ ଏମ୍ଏଲ୍‌ଡି ଜଳ ଯୋଗାଣ କରାଯାଉଛି। ଭଞ୍ଜନଗର ପବ୍ଲିକ୍ ହେଲ୍ଥ ଡିଭିଜନ୍ ଅଧୀନରେ ଥିବା ଆସିକା, ପୁରୁଷୋତ୍ତମପୁର ଓ ଛତ୍ରପୁର ସମେତ ୮ଟି ସହରାଞ୍ଚଳରେ ସାମାନ୍ୟ ବାଧା ରହିଛି। ଅବଶିଷ୍ଟ ସମସ୍ୟାର ତୁରନ୍ତ ସମାଧାନ ଓ ଜଳଯୋଗାଣ ସ୍ୱାଭାବିକ କରିବା ପାଇଁ ସ୍ଥାନୀୟ ଉତ୍ପାଦନ କୂଅ, ଭଡ଼ାରେ ନିଆଯାଇଥିବା ଜଳ ଟ୍ୟାଙ୍କର ଏବଂ ସ୍ୱତନ୍ତ୍ର ମରାମତି ଦଳ ନିୟୋଜିତ କରାଯାଇଛି।

ଇମ୍ରାନ ଖାନ୍‌ଙ୍କୁ ବମ୍ବେ ହାଇକୋର୍ଟଙ୍କ ତାଗିଦ୍

ଦୟାରେ ଅଛ, ଦେଶକୁ ନିନ୍ଦା କରିପାରିବ ନାହିଁ

ନୂଆଦିଲ୍ଲୀ, ୨।୧୧/ଏଜେନ୍ସି: ଏସ୍ଆଇଆର୍ ବିରୋଧରେ ମୁମ୍ବାଇରେ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହେବା ଘଟଣାରେ ଅଭିନେତା ଇମ୍ରାନ ଖାନ ଆଜି (ସୋମବାର) ବିନା ସର୍ତ୍ତରେ କ୍ଷମା ମାଗିଛନ୍ତି। ଏଥିସହ ସେ ବମ୍ବେ ହାଇକୋର୍ଟଙ୍କୁ ଲିଖିତ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ଯେ ଭବିଷ୍ୟତରେ ସେ ଏଭଳି କୌଣସି ବିକ୍ଷୋଭ ପ୍ରଦର୍ଶନରେ ଅଂଶଗ୍ରହଣ କରିବେ ନାହିଁ। ଇମ୍ରାନଙ୍କୁ ମିଳିଥିବା 'ଦେଶ ଛାଡ଼ ନୋଟିସ' ବିରୋଧରେ ଦାୟର ଆବେଦନ ଉପରେ ବମ୍ବେ ହାଇକୋର୍ଟ ଶୁଣାଣି କରିବା ପରିପ୍ରେକ୍ଷୀରେ କୋର୍ଟ ତାଙ୍କୁ ବିନା ସର୍ତ୍ତରେ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦେଇଥିଲେ। ଇମ୍ରାନ୍ ଏପରି କରିବା ପରେ ହାଇକୋର୍ଟ ମଧ୍ୟ ତାଙ୍କୁ ଭାରତରେ ରହିବାକୁ ଅନୁମତି ପ୍ରଦାନ କରିଛନ୍ତି।

ହାଇକୋର୍ଟର ପ୍ରଧାନ ବିଚାରପତି ମହେଶ ଚନ୍ଦ୍ର ତ୍ରିପାଠୀ ଏବଂ ଜଷ୍ଟିସ ଅଦ୍ୱୈତ ସେଠନାଙ୍କ ଖଣ୍ଡପୀଠ ଇମ୍ରାନ୍‌ଙ୍କୁ କହିଥିଲେ, "ଆପଣଙ୍କୁ ପ୍ରଥମେ ଭଲଭାବେ ବୁଝିବାକୁ ହେବ ଯେ ଯେତେବେଳେ ଭାରତର ଦୟାରେ ଆପଣ ଏଠି ଅଛନ୍ତି ସେତେବେଳେ ଭାରତର ଶାସନ ବ୍ୟବସ୍ଥାକୁ, ନ୍ୟାୟ ବ୍ୟବସ୍ଥାକୁ କଦାପି ନିନ୍ଦାକରିପାରିବେ ନାହିଁ। ଆପଣ ଜଣେ ଆମେରିକୀୟ ନାଗରିକ ହୋଇଥିବା ସତ୍ତ୍ୱେ ତଥା ଏପ୍ରକାର ଭାରତ ବିରୋଧୀ ଆଚରଣ ପ୍ରଦର୍ଶନ କରିବା ସତ୍ତ୍ୱେ ଆପଣଙ୍କୁ ତୁରନ୍ତ ଦେଶରୁ ବାହାର କରିବା କିମ୍ବା ଡିପୋର୍ଟ କରିବା ପରିବର୍ତ୍ତେ ପ୍ରଥମେ କେବଳ ଗୋଟିଏ ନୋଟିସ୍ ଦେଇ ଦେଶ ଛାଡ଼ିବାକୁ କୁହାଯାଇଛି। ଏହାହିଁ ଭାରତ ଦେଶର ବଡ଼ପଣ। ଯଦି କୌଣସି ଭାରତୀୟ ନାଗରିକ ବିଦେଶରେ ଏଭଳି କରିଥାନ୍ତେ, ତେବେ ତାଙ୍କୁ ପରବର୍ତ୍ତୀ ବିମାନରେ ହିଁ ଭାରତ ଫେରାଇ ଦିଆଯାଇଥାନ୍ତା। ଏତଦ୍‌ବ୍ୟତୀତ ଆପଣ ଜଣେ ଓସିଆଇ ଧାରକ, ଆପଣ ଜଣେ ଭାରତୀୟ ନାଗରିକଙ୍କ ଭଳି ବ୍ୟବହାର କରିପାରିବେ ନାହିଁ। ଆପଣ ଏସ୍ଆଇଆର ଦ୍ୱାରା ପ୍ରଭାବିତ ହିଁ ନୁହଁନ୍ତି, ତେଣୁ ବିକ୍ଷୋଭ କରିବାର ଆପଣଙ୍କର କୌଣସି ଅଧିକାର ନାହିଁ। ଆପଣ ପିଲାଦିନରୁ ଏଠାରେ ଅଛନ୍ତି, ତେବେ ଭାରତୀୟ ନାଗରିକତା ପାଇଁ ଆବେଦନ କାହିଁକି କରୁନାହାନ୍ତି ? ଯଦି ଓସିଆଇ ହିଁ ରହିବାକୁ ଚାହୁଁଛନ୍ତି, ତେବେ ଆଗକୁ ଏପରି କୌଣସି ଆନ୍ଦୋଳନକୁ ଯିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି (ଅଣ୍ଡରଟେକିଂ) ଦେବାକୁ ପଡ଼ିବ। ଏହା ବ୍ୟତୀତ ବିନା ସର୍ତ୍ତରେ କ୍ଷମା ମଧ୍ୟ ମାଗିବାକୁ ହେବ, କାରଣ ଆପଣ ଲୋକଙ୍କୁ ଉତ୍ତେଜିତ କରିଛନ୍ତି। ଜଣେ ସେଲିବ୍ରିଟିଙ୍କ ଠାରୁ ଏହା ଆଶା କରାଯାଏ ନାହିଁ। ଆପଣଙ୍କ ରୋଜଗାର ଏବଂ ଜୀବିକା ସବୁ ଏହି ଦେଶରୁ ହିଁ ମିଳିଛି।" ଏଥିସହ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ଇମ୍ରାନଙ୍କୁ ତାଙ୍କ ବିରୋଧରେ ଜାରି ହୋଇଥିବା 'ଲିଭ୍ ଇଣ୍ଡିଆ ନୋଟିସ୍'ର ଜବାବ ଦେବା ପାଇଁ କିଛି ସମୟ ପ୍ରଦାନ କରାଯାଉ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୭ ଡିସେମ୍ବରରେ ହେବ। ସେପର୍ଯ୍ୟନ୍ତ ଏହି ନୋଟିସ୍ ଉପରେ ରୋକ୍ ଲାଗି ରହିବ।



ନିଃସର୍ତ୍ତ କ୍ଷମା ପ୍ରାର୍ଥନା କଲେ ଅଭିନେତା, କୌଣସି ଆନ୍ଦୋଳନକୁ ଯିବେନି ବୋଲି ଦେଲେ ଲିଖିତ ପ୍ରତିଶ୍ରୁତି

ପ୍ରକାଶ, ଅଭିନେତା ଇମ୍ରାନ ଖାନ ୪୨ ବର୍ଷ ଧରି ଭାରତରେ ରହୁଛନ୍ତି, କିନ୍ତୁ ତାଙ୍କ ପାଖରେ ଆମେରିକାର ନାଗରିକତା ରହିଛି ଏବଂ ସେ ୨୦୦୬ ମସିହାରୁ ଜଣେ ଓସିଆଇ କାର୍ଡଧାରୀ ଅଟନ୍ତି। ଓଭରସିଜ୍ ସିଟିଜେନ୍ ଅଫ୍ ଇଣ୍ଡିଆ (ଓସିଆଇ) କାର୍ଡ ହେଉଛି ବିଦେଶରେ ରହୁଥିବା ଭାରତୀୟ ବଂଶୋଦ୍ଭବ ଲୋକଙ୍କ ପାଇଁ ଏକ ଆଜୀବନ ଭିସା ଭଳି କାର୍ଡ। ଏହି କାର୍ଡ ଧାରକଙ୍କ ପାଇଁ କେତେକ କ୍ଷେତ୍ରରେ କଟକଣା ମଧ୍ୟ ଲାଗୁ ହୋଇଥାଏ। ଯେପରିକି ଓସିଆଇଧାରକଙ୍କୁ ଭୋଟ୍ ଦେବାର ଅଧିକାର ନାହିଁ। ନିର୍ବାଚନ ଲଢ଼ିବାର ଅଧିକାର ନାହିଁ। ସରକାରୀ ଚାକିରି ପାଇପାରିବେ ନାହିଁ। ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ବିଚାରପତି, ସାଂସଦ କିମ୍ବା ବିଧାୟକ ହୋଇପାରିବେ ନାହିଁ। ବିକ୍ଷୋଭ ବା ରାଜନୈତିକ କାର୍ଯ୍ୟକଳାପରେ ସାମିଲ ହୋଇପାରିବେ ନାହିଁ। ଭାରତ ସରକାର ଚାହିଁଲେ ଯେକୌଣସି ସମୟରେ ଓସିଆଇ ବାତିଲ କରିପାରିବେ। ଏତଦ୍‌ବ୍ୟତୀତ ପର୍ବତାରୋହଣ, ଧର୍ମ ପ୍ରଚାର (ମିଶନାରୀ), ସାମ୍ବାଦିକତା, ଗବେଷଣା ଏବଂ କିଛି ସଂରକ୍ଷିତ ବା ବିଶେଷ ଅଞ୍ଚଳକୁ ଯିବା ପାଇଁ ପୂର୍ବ ଅନୁମତି ନେବାକୁ ପଡ଼ିଥାଏ। ଅନ୍ୟପକ୍ଷେ ଓସିଆଇ ଧାରକଙ୍କୁବିନା ଭିସାରେ ଆଜୀବନ ଭାରତ ଯାତାୟାତ କରିବାର ସୁବିଧା, ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରହିବା, ପାଠ ପଢ଼ିବା, କାମ କରିବା (କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ଛାଡ଼ି), ଘର କିମ୍ବା ସମ୍ପତ୍ତି କିଣିବା ତଥା ଭାରତୀୟଙ୍କ ସହିତ ସମାନ ଆର୍ଥିକ ଓ ଶିକ୍ଷାଗତ ଅଧିକାର ଆଦି ମିଳିଥାଏ।

ଓସିଆଇ କାର୍ଡଧାରୀମାନେ ଭାରତୀୟ ନାଗରିକ ନୁହଁନ୍ତି। ସମ୍ବିଧାନର ଧାରା ୨୧ (ଜୀବନ ଧାରଣର ଅଧିକାର) ହିଁ ଏକମାତ୍ର ମୌଳିକ ଅଧିକାର ଯାହା ବିଦେଶୀ ନାଗରିକଙ୍କୁ ମଧ୍ୟ ମିଳିଥାଏ। ବାକି ଅନ୍ୟ ସମସ୍ତ ଅଧିକାର ଯେପରିକି ବାକ୍ ସ୍ୱାଧୀନତା, ବିକ୍ଷୋଭ ପ୍ରଦର୍ଶନ, ଭୋଟ୍ ଦେବା ଆଦି କେବଳ ଭାରତୀୟ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ। ଅତିକମ୍‌ରେ ୧ ବର୍ଷ ଭାରତରେ ରହିବା ପରେ ନାଗରିକତା ପାଇଁ ଆବେଦନ କରାଯାଇପାରିବ। ତେବେ ଏଥିପାଇଁ ୫ ବର୍ଷର ଓସିଆଇ ଧାରକ ହେବାର ଅଭିଜ୍ଞତା ଆବଶ୍ୟକ। ପ୍ରତାରଣା କରି ଓସିଆଇ ହାସଲ କରିଥିଲେ; ୫ ବର୍ଷ ମଧ୍ୟରେ ୨ ବର୍ଷରୁ ଅଧିକ ଜେଲ୍ ଦଣ୍ଡାଦେଶ ହୋଇଥିଲେ; ଭାରତର ସାର୍ବଭୌମତ୍ୱ, ଅଖଣ୍ଡତା ଓ ସୁରକ୍ଷା ବିରୋଧରେ କାର୍ଯ୍ୟ କଲେ; ବିଦେଶୀ ଶତ୍ରୁ ଦେଶକୁ ସାହାଯ୍ୟ କଲେ; କିମ୍ବା ଭାରତୀୟ ଆଇନ ଉଲ୍ଲଂଘନ କଲେ ଓସିଆଇ ସୁବିଧା ବାତିଲ ହୋଇପାରେ।


ଦିୟା ମିର୍ଜାଙ୍କ ଦୀପାବଳି ଭିଡିଓ ହଟାଇଲା ବିଏମ୍‌ସି



ମୁମ୍ବାଇ, ୨।୧୧/ଏଜେନ୍ସି: ମହାରାଷ୍ଟ୍ର ବିଜେପି ମୁଖ୍ୟ ଅମିତ ସାତମଙ୍କ ଆପତ୍ତି ପରେ ବୃହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ନିଜ ପ୍ରଦୂଷଣମୁକ୍ତ ଦୀପାବଳି ଅଭିଯାନରୁ ଅଭିନେତ୍ରୀ ଦିୟା ମିର୍ଜାଙ୍କ ଏକ ଭିଡିଓ ହଟାଇବା ଘଟଣା ଏକ ରାଜନୈତିକ ବିବାଦ ସୃଷ୍ଟି କରିଛି। ସହରରେ ବଢୁଥିବା ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମୁମ୍ବାଇ ପୌର ପ୍ରଶାସନ ନାଗରିକମାନଙ୍କୁ ବାଣ ନ ଫୁଟାଇବାକୁ ଅନୁରୋଧ କରିଥିଲା ଏବଂ ସଚେତନତା ଭିଡିଓ ପାଇଁ ଦିୟା ମିର୍ଜା, ମାଧୁରୀ ଦୀକ୍ଷିତ ତଥା ଅଜିଙ୍କ୍ୟ ରାହାଣେଙ୍କ ସମେତ ଅନେକ ଜଣାଶୁଣା ବ୍ୟକ୍ତିବିଶେଷଙ୍କ ସହଯୋଗ ନେଇଥିଲା। ଏମାନଙ୍କ ଭିଡିଓ ବାର୍ତ୍ତାକୁ ପ୍ରଚାର ପ୍ରସାର କରାଯାଇଥିଲା। ତେବେ ସାମାଜିକ ଗଣମାଧ୍ୟମ 'ଏକ୍ସ' (ଢ) ରେ ସାତମ ଦିୟା ମିର୍ଜାଙ୍କ ସାମିଲ ହେବାକୁ କଡ଼ା ସମାଲୋଚନା କରି କହିଥିଲେ ଯେ ନିଜ ସାଂସ୍କୃତିକ ପରମ୍ପରା ପାଳନ ପାଇଁ ନାଗରିକମାନଙ୍କୁ କାହାର ପାଠ ପଢ଼ିବାର ଆବଶ୍ୟକତା ନାହିଁ। ତାଙ୍କ ପୋଷ୍ଟର କିଛି ସମୟ ପରେ, ବିଏମ୍‌ସି ଅନ୍ୟ ବ୍ୟକ୍ତିବିଶେଷଙ୍କ ଭିଡିଓଗୁଡ଼ିକୁ ରଖି ଦିୟା ମିର୍ଜାଙ୍କ କ୍ଲିପ୍‌କୁ ହଟାଇ ଦେଇଥିଲା।

ପୌର ସଂସ୍ଥାର ଏହି ପଦକ୍ଷେପକୁ ବିରୋଧୀ ଦଳର ନେତାମାନେ ତୀବ୍ର ନିନ୍ଦା କରିଛନ୍ତି। ଏଆଇଏମ୍ଆଇଏମ୍ ଗୋଷ୍ଠୀ ନେତା ବିଜୟ ଉବାଲେ ବାଣ ବିରୋଧୀ ବାର୍ତ୍ତାକୁ ଜନସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ଯୁକ୍ତି ଦର୍ଶାଇବା ସହ ରାଜନୈତିକ ଲାଭ ପାଇଁ ଲୋକଙ୍କୁ ଧ୍ରୁବୀକରଣ କରୁଥିବା ଅଭିଯୋଗ ସାତମଙ୍କ ଉପରେ ଲଗାଇଛନ୍ତି। ସେହିପରି କଂଗ୍ରେସ ମୁଖପାତ୍ର ସୁରେଶଚନ୍ଦ୍ର ରାଜହଂସ ବିଏମସିକୁ ବାହ୍ୟ ରାଜନୈତିକ ଚାପ ଆଗରେ ମୁଣ୍ଡ ନ ନୁଆଁଇବାକୁ ଅନୁରୋଧ କରିବା ସହ ପୌର ନିଗମର ସ୍ୱାୟତ୍ତତା ଉପରେ ପ୍ରଶ୍ନ ଉଠାଇଛନ୍ତି। ମୁମ୍ବାଇରେ ପ୍ରତିବର୍ଷ ଦୀପାବଳି ଏବଂ ଶୀତଦିନେ ବାୟୁ ପ୍ରଦୂଷଣ ମାତ୍ରାଧିକ ବୃଦ୍ଧି ପାଇଥାଏ। ଏହାକୁ ରୋକିବା ପାଇଁ ବମ୍ବେ ହାଇକୋର୍ଟ ସହରରେ ବାଣ ଫୁଟାଇବା ଉପରେ କଟକଣା ଓ ସଚେତନତା ସୃଷ୍ଟି କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶନାମାକୁ ଆଧାର କରି ବିଏମ୍‌ସି ଏକ 'ପ୍ରଦୂଷଣମୁକ୍ତ ଦୀପାବଳି' ଅଭିଯାନ ଆରମ୍ଭ କରିଥିଲା। ତେବେ ଏହାକୁ ନେଇ ଏବେ ରାଜନୈତିକ ବିବାଦ ଆରମ୍ଭ ହୋଇଯାଇଛି।

ଶରଦ ପୱାର ହସ୍ପିଟାଲ୍‌ରେ ଭର୍ତ୍ତି



ମୁମ୍ବାଇ, ୨।୧୧/ଏଜେନ୍ସି: ଏନ୍‌ସିପି (ଶରଦ ପୱାର) ମୁଖ୍ୟ ଶରଦ ପୱାରଙ୍କୁ ସୋମବାର ପୁଣେର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନିଶ୍ୱାସ ନେବା ସମୟରେ ତାଙ୍କର ଛାତି ଯନ୍ତ୍ରଣା ବଢୁଥିବା ନେଇ ଅଭିଯୋଗ ହୋଇଥିଲା। ୮୫ ବର୍ଷୀୟ ପୱାରଙ୍କୁ କାଶ ହେବା ପରେ ପୁଣେ ସ୍ଥିତ ଘରୋଇ ହସ୍ପିଟାଲ 'ରୁବି ହଲ୍ କ୍ଲିନିକ୍'କୁ ଅଣାଯାଇଥିଲା। ତାଙ୍କ ଝିଅ, ବାରାମତୀ ସାଂସଦ ତଥା ଏନ୍‌ସିପିର କାର୍ଯ୍ୟକାରୀ ଅଧ୍ୟକ୍ଷା ସୁପ୍ରିୟା ସୁଲେ ଏହି ସୂଚନା ଦେଇଛନ୍ତି। ସୁଲେଙ୍କ ଅନୁଯାୟୀ, ତାଙ୍କ ବାପା ବା ଶରଦ ପୱାରଙ୍କର ମେଡିକାଲ ଟେଷ୍ଟ ଚାଲିଛି ଏବଂ ତାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ପାରାମିଟର ସ୍ଥିର ରହିଛି। ତଥାପି ଅନେକ ଟେଷ୍ଟ ଜାରି ରହିଛି, ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜରରେ ରଖାଯାଉଛି।

ରୁବି ହଲ୍ କ୍ଲିନିକ୍‌ର ମୁଖ୍ୟ ହୃଦରୋଗ ବିଶେଷଜ୍ଞ, ଅଧ୍ୟକ୍ଷ ତଥା ପରିଚାଳନା ଟ୍ରଷ୍ଟି ଡାକ୍ତର ପୁରଭେଜ୍ କେ. ଗ୍ରାଣ୍ଟ କହିଛନ୍ତି ଯେ ପୱାରଙ୍କ ଅବସ୍ଥା ଶୀଘ୍ର ସ୍ୱାଭାବିକ ହେବାର ଆଶା ରହିଛି। ସେ କହିଛନ୍ତି ଯେ ସତର୍କତା ମୂଳକ ପଦକ୍ଷେପ ଭାବେ ତାଙ୍କୁ ଡାକ୍ତରୀ ନଜରରେ ରଖାଯିବ। ଡାକ୍ତରଙ୍କ କହିବା ଅନୁଯାୟୀ, ଯଦି ଅକ୍ସିଜେନ୍ ଏବଂ ହାର୍ଟ ରେଟ୍ ସ୍ୱାଭାବିକ ରହେ ତେବେ ଏହା ଜରୁରୀକାଳୀନ ପରିସ୍ଥିତି ନୁହେଁ; ଆଣ୍ଟିବାୟୋଟିକ୍, ଯନ୍ତ୍ରଣା ନିବାରକ ଔଷଧ ଏବଂ ବିଶ୍ରାମ ଦ୍ୱାରା ଏହା ୩ ରୁ ୫ ଦିନ ମଧ୍ୟରେ ଠିକ୍ ହୋଇଯାଏ। ପ୍ରକାଶ ପ୍ଲୁରିଟିକ୍ ପେନ୍ ହେଉଛି ଛାତିରେ ହେଉଥିବା ଏପରି ଏକ ଯନ୍ତ୍ରଣା, ଯାହା ସାଧାରଣତଃ ନିଶ୍ୱାସ ନେବା, କାଶିବା କିମ୍ବା ଛିଙ୍କିବା ସମୟରେ ବଢ଼ିଯାଏ। ପ୍ଲୁରିଟିକ୍ ପେନ୍ ଅର୍ଥାତ୍ ଫୁସଫୁସର ବାହ୍ୟ ଆସ୍ତରଣ ବା ଝିଲ୍ଲୀରେ ଯନ୍ତ୍ରଣା।

ବିଜେପିରେ ସାମିଲ ହେଲେ ୩ ଆପ୍ ନେତା



ବିଧାନସଭା ନିର୍ବାଚନ ପୂର୍ବରୁ ପଞ୍ଜାବ ଆପ୍‌କୁ ବଡ଼ ଝଟ୍‌କା

ଚଣ୍ଡିଗଡ଼, ୨।୧୧/ଏଜେନ୍ସି: ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦମୀ ପାର୍ଟି (ଆପ୍) କୁ ଏକ ବଡ଼ ଝଟ୍‌କା ଲାଗିଛି। ଦଳର ତିନି ଜଣ ପ୍ରମୁଖ ନେତା ହରମିତ ସିଂହ ପଠାନମାଜରା, ଚେତନ ସିଂହ ଜୌରାମାଜରା ଏବଂ କୁନୱର ବିଜୟ ପ୍ରତାପ ସିଂହ ସୋମବାର ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗଦେଇଛନ୍ତି। ଏହି ତିନି ନେତା ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ପହଞ୍ଚି ମିଶ୍ରଣ ପର୍ବ ସମୟରେ 'ବିଜେପି ଜିନ୍ଦାବାଦ' ନାରା ଦେଇଥିଲେ। ପ୍ରକାଶ, ଆପ୍ ପକ୍ଷରୁ ଗତ ଶନିବାର ୪୦ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରାଯିବା ପରେ ଏହି ରାଜନୈତିକ ପରିବର୍ତ୍ତନ ଘଟିଛି।

ଉକ୍ତ ପ୍ରାର୍ଥୀ ତାଲିକାରେ ଏହି ନେତାମାନଙ୍କ ପ୍ରତିନିଧିତ୍ୱ କରୁଥିବା ସନୌର, ସମାନା ଏବଂ ଅମୃତସର ଉତ୍ତର ନିର୍ବାଚନ ମଣ୍ଡଳୀର ନାମ ବାଦ୍ ପଡ଼ିଥିଲା। ଫଳରେ ରବିବାର ପଠାନମାଜରା ଏବଂ ପୂର୍ବତନ ମନ୍ତ୍ରୀ ଜୌରାମାଜରା ଇସ୍ତଫା ଦେଇଥିବା ବେଳେ, ପୂର୍ବତନ ଆଇପିଏସ୍ ଅଧିକାରୀ କୁନୱର ବିଜୟ ପ୍ରତାପ ସିଂହ ସୋମବାର ସକାଳେ ବାଚସ୍ପତି କୁଲତାର ସିଂହ ସାନ୍ଧୱାଁଙ୍କୁ ନିଜ ବିଧାୟକ ପଦରୁ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଆପ୍‌ର ଶୀର୍ଷ ନେତୃତ୍ୱଙ୍କୁ ଟାର୍ଗେଟ କରି ଏହି ନେତାମାନେ ଦିଲ୍ଲୀର ଅଯଥା ହସ୍ତକ୍ଷେପ, ନିଶାନିବାରଣ ପ୍ରତିଶ୍ରୁତି ପୂରଣ ନହେବା, ବଢୁଥିବା ଅପରାଧ ଏବଂ ଶାସନରେ ବିଫଳତାକୁ ଦଳ ଛାଡ଼ିବାର ମୁଖ୍ୟ କାରଣ ବୋଲି ଦର୍ଶାଇଥିଲେ। ଜାତୀୟ ପ୍ରାଥମିକତା ଉପରେ ଗୁରୁତ୍ୱ ଦେଇ ପଠାନମାଜରା କହିଥିଲେ ଯେ ବିଜେପି ନେତୃତ୍ୱାଧୀନ ସରକାର ହିଁ ଆଞ୍ଚଳିକ ବିକାଶକୁ ତ୍ୱରାନ୍ୱିତ କରିପାରିବ। ଅନ୍ୟପକ୍ଷରେ, ଆପ୍ ପୂର୍ବରୁ ହିଁ ଦଳବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ଏହି ନେତାମାନଙ୍କୁ ନିଲମ୍ବିତ କରିଥିଲା ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କ ବିଧାନସଭା ସଦସ୍ୟତା ରଦ୍ଦ କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲା। ତେବେ ଆଗାମୀ ନିର୍ବାଚନ ପାଇଁ ରାଜନୈତିକ ଦଳଗୁଡ଼ିକ ପ୍ରସ୍ତୁତି ଚଳାଇଥିବା ବେଳେ ଏହି ଦଳବଦଳ ରାଜ୍ୟ ରାଜନୀତିରେ ଏକ ନୂଆ ମୋଡ଼ ଆଣିଦେଇଛି।

ଆଜି ପୁଣେ ମେଟ୍ରୋକୁ ମିଳିବ ୨୧,୮୦୦ କୋଟିର ପ୍ରକଳ୍ପ ଭେଟି

ମୁମ୍ବାଇ, ୨।୧୧/ଏଜେନ୍ସି: ଆସନ୍ତା କାଲି ମହାରାଷ୍ଟ୍ରର ସହରାଞ୍ଚଳ ଭିତ୍ତିଭୂମି ଏବଂ ସାଧାରଣ ପରିବହନ ବ୍ୟବସ୍ଥା କ୍ଷେତ୍ରକୁ ଏକ ବଡ ଆର୍ଥିକ ପ୍ରୋତ୍ସାହନ ମିଳିବାକୁ ଯାଉଛି। ରିପୋର୍ଟ ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାୟ ଆସନ୍ତା କାଲି ଏଠାରେ ୨୧,୮୦୦ କୋଟି ଟଙ୍କାର ବୃହତ୍ ପୁଣେ ମେଟ୍ରୋ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଯାଉଛନ୍ତି। ଏହି କାର୍ଯ୍ୟକ୍ରମ ୩ ନଭେମ୍ବର ୨୦୨୬ ମଧ୍ୟାହ୍ନ ୧୨:୩୦ରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହେବ। ହିଞ୍ଜେୱାଡ଼ିରୁ ଶିବାଜୀନଗର ଉତ୍ସବର ମୁଖ୍ୟ ଆକର୍ଷଣ ହେଉଛି ପୁଣେ ମେଟ୍ରୋ ଲାଇନ୍-୩ (ଯାହା 'ପିଙ୍କ୍ ଲାଇନ୍' ଭାବେ ବେଶ୍ ଜଣାଶୁଣା)ର ଆନୁଷ୍ଠାନିକ ଉଦ୍‌ଘାଟନ। ୮,୩୦୦ କୋଟିରୁ ଅଧିକ ବ୍ୟୟରେ ନିର୍ମିତ ଏହି ୨୩ କିଲୋମିଟର ଦୀର୍ଘ କରିଡର ମାନ୍'କୁ ଡିଷ୍ଟ୍ରିକ୍ଟ କୋର୍ଟ ମେଟ୍ରୋ ଷ୍ଟେସନ ସହିତ ସଂଯୋଗ କରୁଛି। ହିଞ୍ଜେୱାଡ଼ି ଆଇଟି ହବ୍‌କୁ ଶିବାଜୀନଗର ସହିତ ସିଧାସଳଖ ଯୋଡ଼ିବା ଦ୍ୱାରା ଏହି ପିଙ୍କ୍ ଲାଇନ୍ ଟ୍ରାଫିକ୍ ସମସ୍ୟା ଦୂର କରିବ, ଗାଡ଼ି ମୋଟରରୁ ନିର୍ଗତ ପ୍ରଦୂଷଣ ହ୍ରାସ କରିବ ଏବଂ ହଜାର ହଜାର ଆଇଟି ବୃତ୍ତିଜୀବୀ ତଥା ସହରବାସୀଙ୍କୁ ଏକ ସୁବିଧାଜନକ, ଦ୍ରୁତ ଯାତାୟାତ ସେବା ଯୋଗାଇବ। ଏହି ପିଙ୍କ୍ ଲାଇନ୍‌ରେ ଦୁଇଟି ଅଭିନବ ପଦକ୍ଷେପ ନିଆଯାଇଛି ଯେପରିକି ମହିଳା-ପରିଚାଳିତ ସେବା ଏବଂ ପରିବେଶ ଅନୁକୂଳ ପରିବହନ। ଲିଙ୍ଗଗତ ସମାନତା ଓ ସଶକ୍ତୀକରଣକୁ ପ୍ରୋତ୍ସାହିତ କରି ଏହି ଲାଇନ୍‌କୁ ସମ୍ପୂର୍ଣ୍ଣ ରୂପେ ମହିଳା ଟ୍ରେନ୍ ଚାଳକମାନେ ହିଁ ପରିଚାଳନା କରିବେ। ସେହିପରି ପରିବେଶ ସ୍ଥିରତାକୁ ଦୃଷ୍ଟିରେ ରଖି ଲାଇନ୍-୩ ପାଇଁ ଆବଶ୍ୟକ ମୋଟ ଶକ୍ତିର ପ୍ରାୟ ୩୦% ସୌର ଶକ୍ତି ମାଧ୍ୟମରେ ଯୋଗାଇ ଦିଆଯିବ। ପୁଣେ ମେଟ୍ରୋ ଫେଜ୍-୨ କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ପୁଣେ ମେଟ୍ରୋ ଫେଜ୍-୨ ର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବେ, ଯାହାର ଆନୁମାନିକ ବ୍ୟୟ ଅଟକଳ ପ୍ରାୟ ୧୩,୫୦୦ କୋଟି।

ଉପରାଜ୍ୟପାଳଙ୍କୁ 'କ୍ୟାଟ୍'ର ଅନୁରୋଧପୂର୍ଣ୍ଣ ଚିଠି ପ୍ରଦର୍ଶନସ୍ଥଳୀ ସହର ଉପକଣ୍ଠକୁ ସ୍ଥାନାନ୍ତର କରାଯାଉ

ନୂଆଦିଲ୍ଲୀ, ୨।୧୧/ଏଜେନ୍ସି: ବିକ୍ଷୋଭ ପ୍ରଦର୍ଶନ କରିବାର ଅଧିକାର କଦାପି ରାଜଧାନୀକୁ ଅଚଳ କରିପାରିବ ନାହିଁ ବୋଲି ଦର୍ଶାଇ, କନ୍‌ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି ବା କ୍ୟାଟ୍) ଦିଲ୍ଲୀର ଉପରାଜ୍ୟପାଳ ତରନଜିତ ସିଂହ ସାନ୍ଧୁଙ୍କୁ ଚିଠି ଲେଖିଛି ଏବଂ ବିକ୍ଷୋଭ ସ୍ଥଳଗୁଡ଼ିକୁ ସହରର ବାହାର ଭାଗ ବା ଉପକଣ୍ଠରେ ନିର୍ଦ୍ଧାରଣ କରିବାକୁ ଅନୁରୋଧ କରିଛି। ରିପୋର୍ଟ ଅନୁସାରେ କ୍ୟାଟ୍, ଉପରାଜ୍ୟପାଳଙ୍କୁ କରିଥିବା ଅନୁରୋଧରେ ଦର୍ଶାଇଛି ଯେ ପ୍ରଦର୍ଶନ ସ୍ଥଳୀକୁ ସହର ଉପକଣ୍ଠକୁ ସ୍ଥାନାନ୍ତର କରିବା ଉପରେ ଉପରାଜ୍ୟପାଳ ବିଚାର କରିବା ଉଚିତ୍। ବ୍ୟବସାୟୀ ସଂଗଠନ ଏହା ଉପରେ ଗୁରୁତ୍ୱାରୋପ କରିଛି ଯେ ଶାନ୍ତିପୂର୍ଣ୍ଣ ସଭା-ସମିତି ଗଣତନ୍ତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବା ବେଳେ, ଏହା ସାଧାରଣ ନାଗରିକ ତଥା ବାଣିଜ୍ୟିକ କର୍ମଚାରୀଙ୍କ ଜୀବିକା ଏବଂ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରିବା ଉଚିତ୍ ନୁହେଁ। ଦେଶର ରାଜଧାନୀରେ ପ୍ରତିଦିନ ହାରାହାରି ପ୍ରାୟ ୨,୨୦୦ କୋଟିର ବ୍ୟବସାୟ ହୋଇଥାଏ, କିନ୍ତୁ ବାରମ୍ବାର ହେଉଥିବା ବିକ୍ଷୋଭ ପ୍ରଦର୍ଶନ ଯୋଗୁଁ ଗତ ଏକ ମାସ ମଧ୍ୟରେ ପ୍ରାୟ ୧୪ ଦିନ ଧରି ସ୍ୱାଭାବିକ ବ୍ୟବସାୟିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହୋଇଛି।


ଅଯୋଧ୍ୟା ରାମ ମନ୍ଦିର ପାଣ୍ଠି ହେରଫେର ମାମଲା

ସୁପ୍ରିମ୍‌କୋର୍ଟଙ୍କ ତଦାରଖ ଶେଷ

ନୂଆଦିଲ୍ଲୀ, ଅଯୋଧ୍ୟା, ୨।୧୧/ଏଜେନ୍ସି: ଅଯୋଧ୍ୟା ରାମ ମନ୍ଦିରରେ ଦାନ ଅର୍ଥ ଚୋରି ଅଭିଯୋଗ ମାମଲାର ତଦାରଖ ପ୍ରକ୍ରିୟାକୁ ସୁପ୍ରିମକୋର୍ଟ ସୋମବାର ଶେଷ କରିଛନ୍ତି। ୮ ଜଣ ଅଭିଯୁକ୍ତଙ୍କ ବିରୋଧରେ ଏକ ବିସ୍ତୃତ ଚାର୍ଜସିଟ୍ ଦାଖଲ ହୋଇସାରିଥିବା ସମ୍ପର୍କରେ ଉତ୍ତରପ୍ରଦେଶ ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରିବା ପରେ କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନ ଅନୁଯାୟୀ ବିଚାର ପ୍ରକ୍ରିୟା ଆଗକୁ ବଢ଼ାଇବାକୁ ନ୍ୟାୟିକ ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହା ଜନସ୍ୱାର୍ଥ ଜଡ଼ିତ ମାମଲା ହୋଇଥିବାରୁ ଆବେଦନକାରୀମାନଙ୍କୁ କୋର୍ଟଙ୍କୁ ସହାୟତା କରିବାର ସ୍ୱାଧୀନତା ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ତଦନ୍ତ ସମାପ୍ତ କରି ଅଯୋଧ୍ୟାର ଦୁର୍ନୀତି ନିବାରଣ କୋର୍ଟରେ ୬୦,୦୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିବା ନେଇ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ ଅବଗତ କରାଇବା ପରେ ଏହି ନିର୍ଦ୍ଦେଶ ଆସିଛି। ମେହେଟ୍ଟା ପ୍ରକାଶ କରିଛନ୍ତି ଯେ ଦାନ ଅର୍ଥ ଗଣତି ସମୟରେ ଏହି ଚୋରି ଘଟିଥିଲା, ଏବଂ ତୋଷରପାତ ହୋଇଥିବା ଅର୍ଥ ବ୍ୟାଙ୍କ ଆକାଉଣ୍ଟ ଏବଂ ସମ୍ପତ୍ତି କ୍ରୟ ମାଧ୍ୟମରେ ଚିହ୍ନଟ କରାଯାଇଛି। ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଏକ ପୁଙ୍ଖାନୁପୁଙ୍ଖ ଫୋରେନସିକ୍ ଅଡିଟ୍ ଦ୍ୱାରା ସମସ୍ତ କଳାକୃତି ଏବଂ ଦାନ ସାମଗ୍ରୀର ସମ୍ପୂର୍ଣ୍ଣ ହିସାବ ସୁନିଶ୍ଚିତ କରାଯାଇଛି। ଜୁଲାଇ ମାସରେ ପୁଲିସ୍ ଆଇଜି କିରଣ ଏସଙ୍କ ଅଧୀନରେ ଗଠିତ ଦ୍ୱିତୀୟ ଏସ୍ଆଇଟି ଦାନ ଗଣତି ବେଳେ ୧୦୫ ଥର ବେଆଇନ ଭାବେ ନଗଦ ଟଙ୍କା ହଡ଼ପ କରାଯାଇଥିବା ଚିହ୍ନଟ କରିଥିଲା। ତଦନ୍ତକାରୀମାନେ ୮୮୯ଟି ମୂଲ୍ୟବାନ ସାମଗ୍ରୀର ପ୍ରତ୍ୟକ୍ଷ ଯାଞ୍ଚ କରି କୌଣସି ଅନିୟମିତତା ପାଇନଥିଲେ।

ଆଇସିଏଆର୍-ସିଆର୍ଆର୍ଆଇ ଓ ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ମଧ୍ୟରେ ଭାଗିଦାରୀ

ସ୍ଥାୟୀ କୃଷି ପାଇଁ 'ଇକୋଲାଇମ୍' ବିକଶିତ କରିବା ମୁଖ୍ୟ ଲକ୍ଷ୍ୟ



ସମ୍ବଲପୁର, ୨।୧୧/ଏଜେନ୍ସି: ଜେଏସ୍‌ଡବ୍ଲ୍ୟୁ, ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍ ଶିଳ୍ପ ଉପଜାତ ଦ୍ରବ୍ୟଗୁଡ଼ିକୁ କୃଷି ଉପଯୋଗୀ ମୂଲ୍ୟଯୁକ୍ତ ମୃତ୍ତିକା ସଂଶୋଧକ (ସଏଲ୍ କଣ୍ଡିସନର) 'ଇକୋଲାଇମ୍'ରେ ସ୍ଥାୟୀ ରୂପାନ୍ତରଣ ପାଇଁ ଆଇସିଏଆର୍-ସିଆର୍ଆର୍ଆଇ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ସ୍ଥାୟୀ ଶିଳ୍ପ ଅଭ୍ୟାସକୁ ଆଗକୁ ବଢ଼ାଇବା ଏବଂ ସର୍କୁଲାର୍ ଇକୋନୋମିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, କମ୍ପାନୀ ପକ୍ଷରୁ ଏହାକୁ ଗ୍ରହଣ କରାଯାଇଛି। ଏହି ବୁଝାମଣାପତ୍ରରେ ଜେଏସ୍‌ଡବ୍ଲ୍ୟୁ, ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ସିଇଓ ଉମେଶ ରାୟ ଏବଂ ଆଇସିଏଆର୍-ସିଆର୍ଆର୍ଆଇ ର ନିର୍ଦ୍ଦେଶକ ଡକ୍ଟର ଜି. ଏ. କେ. କୁମାର ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରକାଶ ସାପ୍ରା, ଆଇସିଏଆର୍-ସିଆର୍ଆର୍ଆଇ ର ଫସଲ ଉତ୍ପାଦନ ବିଭାଗର ମୁଖ୍ୟ ତଥା ପ୍ରମୁଖ ବୈଜ୍ଞାନିକ ଡକ୍ଟର ପ୍ରତାପ ଭଟ୍ଟାଚାର୍ଯ୍ୟ, ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍‌ର ଉପସଭାପତି ତଥା ଜୋନାଲ ହେଡ୍ ମନୋଜ ପଟୱାରୀ, ଅନ୍ୟାନ୍ୟ ଜୋନାଲ ହେଡ୍ ଏବଂ ପରିବେଶ ଟିମ ସଦସ୍ୟମାନେ ଉପସ୍ଥିତ ଥିଲେ।

ସମନ୍ୱିତ ଇସ୍ପାତ କ୍ଷେତ୍ରରେ ଏହି ଅଭିନବ ପଦକ୍ଷେପ ଗ୍ରହଣ କରିବାରେ ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍ ପ୍ରାରମ୍ଭିକ ଅଗ୍ରଣୀ ସଂସ୍ଥାମାନଙ୍କ ମଧ୍ୟରୁ ଅନ୍ୟତମ। ଏହା ଦାୟିତ୍ୱପୂର୍ଣ୍ଣ ସମ୍ପଦ ଉପଯୋଗ, ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ଶିଳ୍ପ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଉଛି। କୃଷି ବ୍ୟବହାର ପାଇଁ ଶିଳ୍ପ ଉପଜାତ ଦ୍ରବ୍ୟଗୁଡ଼ିକୁ ମୂଲ୍ୟଯୁକ୍ତ ମୃତ୍ତିକା ସଂଶୋଧକରେ ପରିଣତ କରି ଏହାର ଉତ୍ପାଦନକ୍ଷମ ଉପଯୋଗ ଖୋଜିବା ଏହି ସହଭାଗିତାର ମୁଖ୍ୟ ଉଦ୍ଦେଶ୍ୟ। 'ରିଡ୍ୟୁସ୍, ରିୟୁଜ୍ ଏବଂ ରିସାଇକ୍ଲିଂ' (୩ ଆର୍) ନୀତି ଅନୁଯାୟୀ, ଏହି ପଦକ୍ଷେପ ଅମ୍ଳୀୟ ମାଟିର ପୁନରୁଦ୍ଧାର, ମୃତ୍ତିକା ସ୍ୱାସ୍ଥ୍ୟର ଉନ୍ନତି, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଏବଂ ଶିଳ୍ପ ବର୍ଜ୍ୟବସ୍ତୁ ହ୍ରାସ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏତଦ୍‌ବ୍ୟତୀତ ଶିଳ୍ପ ଏବଂ ବୈଜ୍ଞାନିକ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ସହଯୋଗ ବୃଦ୍ଧି କରି ଏହି ପଦକ୍ଷେପ ଶିଳ୍ପ ସମ୍ପଦର ପୁନରୁଦ୍ଧାର ଏବଂ କୃଷି ସ୍ଥିରତା ମଧ୍ୟରେ ଥିବା ଦୂରତାକୁ ଦୂର କରିବାକୁ ଲକ୍ଷ୍ୟ ରଖିଛି। ଶିଳ୍ପ ବର୍ଜ୍ୟକୁ ଉପଯୋଗୀ ସମ୍ପଦରେ ପରିଣତ କରିବା ସହିତ ସ୍ଥାୟୀ କୃଷି ପଦ୍ଧତିକୁ ସମର୍ଥନ କରିବାରେ ସର୍କୁଲାର୍ ଇକୋନୋମିର ବଢୁଥିବା ସମ୍ଭାବନାକୁ ମଧ୍ୟ ଏହା ଦର୍ଶାଉଛି।

ଉଭୟ ସଂଗଠନର ପ୍ରତିନିଧିମାନେ ପରିବେଶଗତ ଆହ୍ୱାନର ମୁକାବିଲା ପାଇଁ ବ୍ୟବହାରିକ ତଥା ବିଜ୍ଞାନ-ଭିତ୍ତିକ ସମାଧାନ ବିକଶିତ କରିବାରେ ଶିଳ୍ପ-ଶିକ୍ଷାନୁଷ୍ଠାନ ଭାଗିଦାରୀର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ସହଭାଗିତା ଶିଳ୍ପ ଉଦ୍ଭାବନକୁ କୃଷି ଆବଶ୍ୟକତା ସହିତ ଯୋଡ଼ିବା ଏବଂ ଅଧିକ ସମ୍ପଦ-ଦକ୍ଷ ତଥା ସ୍ଥାୟୀ ଭବିଷ୍ୟତ ଆଡ଼କୁ ଅଗ୍ରସର ହେବା ଦିଗରେ ଏକ ଉନ୍ନତ ପଦକ୍ଷେପ। ଏହି ପଦକ୍ଷେପ ମାଧ୍ୟମରେ ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍ ସ୍ଥିରତା, ଦାୟିତ୍ୱପୂର୍ଣ୍ଣ ସମ୍ପଦ ପରିଚାଳନା ଏବଂ ଉତ୍କୃଷ୍ଟ ପରିବେଶ ସୁରକ୍ଷା ଉପରେ ନିଜର ଧ୍ୟାନକୁ ମଜଭୁତ କରିବା ସହ "ପ୍ରତିଦିନ ଆହୁରି ଉନ୍ନତ, ଏକତ୍ର ଆହୁରି ଶକ୍ତିଶାଳୀ" ପ୍ରତି ନିଜ ପ୍ରତିବଦ୍ଧତାକୁ ଏକ ସାର୍ଥକ ରୂପ ଦେଉଛି।

ନିତିଦିନ NITIDIN

ମା’ ଭୂଆସୁଣୀ କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା

ବୟାଳିଶମୌଜା,୨।୧୧/ଏନ୍ଏନ୍ଏସ୍: କଟକ ସଦର ୪୨ମୌଜା ଅନ୍ତର୍ଗତ ଦଧିବାମନପୁର ସ୍ଥିତ ମା’ ଭୂଆସୁଣୀ କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ୮ ଦିନ ଧରି ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମା’ ଭୂଆସୁଣୀ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ସତ୍ୟଜିତ୍ ପଣ୍ଡା, ସମ୍ପାଦକ ବିକାଶ ସାହୁ, ମୁରବୀ ଦୁର୍ଯ୍ୟୋଧନ ପଣ୍ଡା, କର୍ତ୍ତା ଓ କର୍ତ୍ତି ମଙ୍ଗଳମୟ ମିଶ୍ର, ପିଙ୍କି ମିଶ୍ର, ପୂଜକ ନରେଶ କୁମାର ପତି, ସୂର୍ଯ୍ୟକାନ୍ତ ପତି, କୃତ୍ୟୁଜଳ ଷଡ଼ଙ୍ଗୀ, ସୁଜିତ୍ ଶତପଥୀ, ସୁକାନ୍ତ ଦାସ, କେଦାର ମହାରଣା, ସୁନୀଲ ନାୟକ, ପିଣ୍ଟୁ ଦାସ, ଲକ୍ଷ୍ମୀଧର ପୂଜାରୀ, ଶୁଭମ୍ ଶତପଥୀ, ବିନୀତା ତ୍ରିପାଠୀ, ମମତା ସାହୁ, ବାସନ୍ତୀ ଖଣ୍ଡାଇ, ସସ୍ମିତା ଦାଶ, ସନ୍ଧ୍ୟା ସାହୁ, କ୍ଷିତିଶ ସ୍ୱାଇଁ, ପୂଜା ଖଣ୍ଟୁଆଲ ଓ ଦଧିବାମନପୁର ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

ପଲିଥିନ ତଳେ ୩୦ ବିସ୍ଥାପିତ ପରିବାର



ନୟାଗଡ଼,୨।୧୧/ଏନ୍ଏନ୍ଏସ୍: ଦୀର୍ଘବର୍ଷର ବିସ୍ଥାପନ ପରେ ପଲିଥିନ ତଳେ ଜୀବନ ବିତାଉଛନ୍ତି ୩୦ବର୍ଷ ଧରି ଅନୁସୂଚିତ ଜାତିର ବିସ୍ଥାପିତ । ଅନେକ ସଂଘର୍ଷ ପରେ ନିଜର ପୈତୃକ ଭିଟାମାଟି ଧଳାବନ୍ଧ ଗ୍ରାମକୁ ଫେରିବାକୁ ଯାଉଛନ୍ତି ପ୍ରାୟ ୩୦ଟି ଅନୁସୂଚିତ ଜାତି ପରିବାର । ଦୀର୍ଘ ବର୍ଷର ବିଚ୍ଛିନ୍ନତା ପରେ ନିଜ ଗାଁକୁ ଫେରୁଥିବା ଏହି ପରିବାରଗୁଡ଼ିକର ସ୍ଥାୟୀ ଥଇଥାନ, ସୁରକ୍ଷା ଓ ମୌଳିକ ସୁବିଧା ଯୋଗାଇଦେବା ଦାବିରେ ଆଜି ଆମ୍ବେଦକର ସେବକ ସଂଘ, ଓଡ଼ିଶା ପକ୍ଷରୁ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କୁ ଭେଟି ଏକ ବିସ୍ତୃତ ଅନୁପୂରକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଘଟଣାରେ ଜାତୀୟ ଅନୁସୂଚିତ ଜାତି ଆୟୋଗ ମଧ୍ୟ ହସ୍ତକ୍ଷେପ କରିଛନ୍ତି । ଆୟୋଗଙ୍କ ଚିଠି ଅନୁଯାୟୀ ନୟାଗଡ଼ ଜିଲ୍ଲାପାଳଙ୍କୁ ଚିଠି ଜାରି କରି ୧୫ ଦିନ ମଧ୍ୟରେ ଏହି ମାମଲାରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି । ପ୍ରଭାବିତ ପରିବାରଙ୍କ ପୁନଃଥଇଥାନ, ସୁରକ୍ଷିତ ବାସସ୍ଥାନ, ଅସ୍ଥାୟୀ ଆଶ୍ରୟସ୍ଥଳ, ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ଭଳି ମୌଳିକ ସୁବିଧା ସମ୍ପର୍କରେ ଆୟୋଗଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଥିବା ଜଣାପଡ଼ିଛି । ଏହି ପରିବାରଗୁଡ଼ିକ ଗ୍ରାମକୁ ଫେରିବା ପ୍ରକ୍ରିୟାରେ ଥିବାବେଳେ ସେମାନଙ୍କ ସମ୍ମୁଖରେ ବାସଗୃହ, ଖାଦ୍ୟ, ପାନୀୟ ଜଳ, ବିଦ୍ୟୁତ୍, ରୋଜଗାର ଓ ଅନ୍ୟାନ୍ୟ ଦୈନନ୍ଦିନ ଆବଶ୍ୟକତାର ଗୁରୁତର ସମସ୍ୟା ରହିଛି । ଦୀର୍ଘ ୩୦ବର୍ଷ ଧରି ଗ୍ରାମ ବାହାରେ ରହିଥିବା ଏହି ପରିବାରଗୁଡ଼ିକ ପାଖରେ ତୁରନ୍ତ ଘର ନିର୍ମାଣ କରିବା କିମ୍ବା ଜୀବନଯାପନ ପାଇଁ ଆବଶ୍ୟକ ସମ୍ବଳ ନାହିଁ । ତେଣୁ କେବଳ ଗ୍ରାମକୁ ଫେରାଇ ଆଣିଦେଲେ ସେମାନଙ୍କ ସମସ୍ୟାର ସମାଧାନ ହେବ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିବା ପ୍ରତିନିଧିମଣ୍ଡଳୀରେ ଆମ୍ବେଦକର ସେବକ ସଂଘର ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନା, କାର୍ଯ୍ୟକାରୀ ଅଧ୍ୟକ୍ଷ ଦୈତାରୀ ନାୟକ, ବରିଷ୍ଠ ଉପଦେଷ୍ଟା ସୁବଳ ନାୟକ, ରାଜ୍ୟ ମହିଳା ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ଜିଲ୍ଲା ମହିଳା ସଭାନେତ୍ରୀ ସୁମିତ୍ରା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ଜୁନୁରାଣୀ ନାୟକ, ଜିଲ୍ଲା ଉପଦେଷ୍ଟା ରାଜକିଶୋର ନାୟକ, ଜିଲ୍ଲା ସଭାପତି ଚରଣ ନାୟକ ଓ ରାଜ୍ୟ ସାଧାରଣ ସମ୍ପାଦକ କିରୋତ୍ ଚନ୍ଦ୍ର ନାୟକଙ୍କ ସମେତ ଧଳାବନ୍ଧ ଗ୍ରାମବାସୀ ଓ ବହୁ ସାମାଜିକ କର୍ମୀ ଉପସ୍ଥିତ ଥିଲେ ।

ଅବହେଳିତ ଅବସ୍ଥାରେ ନୟାହାଟ ଫାଣ୍ଡି



ନୟାହାଟ,୨।୧୧/ଏନ୍ଏନ୍ଏସ୍: ପୁରୀ ଜିଲ୍ଲା ଗୋପ ଥାନା ଅଧୀନରେ ଥିବା ନୟାହାଟ ଫାଣ୍ଡି ଥାନାରେ ପରିଣତ ହେବା କାଗଜକଲମରେ ସୀମିତ ଥିବାବେଳେ ବର୍ତ୍ତମାନ ଫାଣ୍ଡିରେ କର୍ମଚାରୀ ଓ ଅଫିସର ଥାଇ ମଧ୍ୟ ଅବହେଳିତ ଅବସ୍ଥାରେ ଥିବା ପରି ମନେହେଉଛି । ଏଠାରେ ପୋଲିସ ଭ୍ୟାନ ନଥିବାରୁ ଅଭିଯୁକ୍ତମାନଙ୍କୁ ବାଇକ୍‌ରେ ବସାଇ ଆଣିବା ପରିଲକ୍ଷିତ ହେଉଛି । ନୟାହାଟ ଫାଣ୍ଡି ଅଞ୍ଚଳରେ ୭ଗୋଟି ପଞ୍ଚାୟତର ୧୦୫ଗୋଟି ଗାଁ ଥିବାବେଳେ ନୟାହାଟ ଫାଣ୍ଡିରେ ଆବଶ୍ୟକ କର୍ମଚାରୀ ନାହାନ୍ତି । ୬ଜଣ ପୋଲିସ କର୍ମଚାରୀ ପରିବର୍ତ୍ତେ ୫ଜଣ ନିଯୁକ୍ତି ପାଇଛନ୍ତି । ଫାଣ୍ଡିରେ ପୂର୍ବରୁ ଜଣେ ଏଏସ୍ଆଇ ଫାଣ୍ଡି ଅଧିକାରୀ ରୂପେ ନିଯୁକ୍ତି ପାଇଥିଲେ । ନୟାହାଟ ଅଞ୍ଚଳରେ ଆଇନଶୃଙ୍ଖଳା ସମ୍ଭାଳିବାରେ ତାଙ୍କ ପକ୍ଷେ କଷ୍ଟକର ହେବାରୁ ନୟାହାଟ ଅଞ୍ଚଳବାସୀ ପୁରୀ ଏସ୍‌ପି ପ୍ରତୀକ ସିଂହଙ୍କ ନିକଟରେ ଜଣେ ଦକ୍ଷ ଏସ୍ଆଇ ନିଯୁକ୍ତି ପାଇଁ ଦାବିହୋଇ ଆସୁଥିଲା । ଏସ୍‌ପି ନୟାହାଟ ଆସି ଅଇନଶୃଙ୍ଖଳା ସମୀକ୍ଷା କରିବା ସହିତ ଏସ୍ଆଇ ଶ୍ରୀକାନ୍ତ ସାହୁଙ୍କୁ ନିଯୁକ୍ତି ଦେଇଥିଲେ ଓ ତୁରନ୍ତ ଭ୍ୟାନ୍ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅଦ୍ୟାବଧି ନୟାହାଟ ଫାଣ୍ଡିକୁ ଭ୍ୟାନ ନଆସିବା ଫଳରେ ଅପରାଧୀ ଧରିବା ଓ ଗଣ୍ଡଗୋଳ ସ୍ଥାନରେ ପୋଲିସ ପହଞ୍ଚି ବାଇକ୍‌ରେ ଅପରାଧୀମାନଙ୍କୁ ଆଣିବା ନିରାପଦ ମଣୁନଥିବା ବେଳେ ଯଦି ବାଇକ୍‌ରୁ ଅଭିଯୁକ୍ତ ଖସିଯାଏ ସେଥିପାଇଁ ଦାୟୀ କିଏ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି । ନୟାହାଟ ବ୍ୟବସାୟୀ ସଙ୍ଘ ସଭାପତି ଫକିର ଚରଣ ବାରିକ, ସମ୍ପାଦକ ସୁବାସ ପାତ୍ର ଓ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବିଟି, ସମ୍ପାଦକ କୃଷ୍ଣ ଚନ୍ଦ୍ର ବାରିକ ପ୍ରମୁଖ ନୟାହାଟ ଫାଣ୍ଡିର ସମସ୍ୟା ସମାଧାନ ସହ ତୁରନ୍ତ ଭ୍ୟାନ୍ ଯୋଗାଇଦେବା ପାଇଁ ଦାବି କରିଛନ୍ତି ।

୧୬ବର୍ଷ ହେଲା ଭଡ଼ାଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର



କଣ୍ଟିଲୋ,୨।୧୧/ଏନ୍ଏନ୍ଏସ୍: କଣ୍ଟିଲୋ ଗ୍ରାମ ପଞ୍ଚାୟତ ପରିସର ଖୁଦବେହେରା ପାଟଣାରେ ସରକାରଙ୍କ ତରଫରୁ ଖୋଲା ଯାଇଥିବା ୧୦ନଂ ଅଙ୍ଗନବାଡି କେନ୍ଦ୍ରଟି ଆଜକୁ ୧୬ବର୍ଷ ହେଲା ଚାଲୁଛି ଗୋଟିଏ ଭଡ଼ା ଘରେ । ନିଜସ୍ୱ ଗୃହ ନିର୍ମାଣ ଆଉ କେବେ ହେବ ବୋଲି ସ୍ଥାନୀୟ ଅଧିବାସୀ ପ୍ରଶ୍ନ କରିଛନ୍ତି । ସୂଚନାରୁ ପ୍ରକାଶ ଯେ, ସରକାରଙ୍କ ତରଫରୁ ନୂତନ ଭାବେ ୧୬ବର୍ଷ ପୂର୍ବେ ଏହି ୧୦ନଂ ଅଙ୍ଗନବାଡି କେନ୍ଦ୍ର ଖୋଲାଗଲା ବେଳେ ତତ୍କାଳୀନ ଖଣ୍ଡପଡ଼ା ବିଡିଓ ଓ ସିଡିପିଓ ପ୍ରତିଶ୍ରୁତି ଦେଇଥିଲେ ଯେ, ଖୁବ୍‌ଶୀଘ୍ର ନିଜସ୍ୱ ନୂତନ ଗୃହ ନିର୍ମାଣ କରାଯିବ । କିନ୍ତୁ ସେହି ପ୍ରତିଶ୍ରୁତି ଆଜକୁ ୧୬ବର୍ଷ ବିତି ଯାଇଥିବା ଏବଂ ବାରମ୍ବାର ମୌଖିକ ଓ ଲିଖିତ ଅଭିଯୋଗ କରାଯାଉଥିବା ଏବଂ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରିତ ହେଉଥିଲେ ମଧ୍ୟ କୁମ୍ଭକର୍ଣ୍ଣ ଭଳି ନିଘୋଡ଼ ନିଦରେ ଶୋଇ ରହିଥିବା ପ୍ରଶାସନର ନିଦ ଭାଙ୍ଗୁନି । ଏହି କେନ୍ଦ୍ରରେ ପ୍ରାୟ ୨୦ଜଣ କୁନି କୁନି ପୁଅ ଝିଅ ପାଠ ପଢ଼ିବାକୁ ଆସୁଥିବା ସୂଚନା ମିଳିଛି । ହେଲେ ନିଜସ୍ୱ ଗୃହ ନଥିବାରୁ ମାସକୁ ୩୫୦୦ଟଙ୍କା ଭଡ଼ା ଦେଇ କେନ୍ଦ୍ର ଚାଲିଛି । ଯଥାଶୀଘ୍ର ଖଣ୍ଡପଡ଼ା ବ୍ଲକ ପ୍ରଶାସନ, ନୟାଗଡ଼ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ନୟାଗଡ଼ ଜିଲ୍ଲାପାଳ ଏହି ସମସ୍ୟା ପ୍ରତି ଦୃଷ୍ଟିଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ଦାବି କରିଛନ୍ତି ।

ୟୁକୋ ବ୍ୟାଙ୍କ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



କୋଣାର୍କ,୨।୧୧/ଏନ୍ଏନ୍ଏସ୍: ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ବା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ତାରିଖ ପର୍ଯ୍ୟନ୍ତ ଚାଲିଥିବା ସତର୍କତା ସଚେତନତା ସପ୍ତାହ ଅବସରରେ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ସହାୟତାରେ କୋଣାର୍କ ୟୁକୋ ବ୍ୟାଙ୍କ ଶାଖା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଚନ୍ଦ୍ରଭଗା ସମୁଦ୍ରକୂଳରେ ଅନୁଷ୍ଠିତ ହୋଇଯାଇଛି । ଚନ୍ଦ୍ରଭାଗା ସମୁଦ୍ରକୂଳରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ଜିଲ୍ଲା ୟୁକୋ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଅନୀଲ କୁମାର ଭୋଇ, କୋଣାର୍କ ଶାଖା ପ୍ରବନ୍ଧକ ସାନ୍ଧ୍ୟରାଣୀ ମହାପାତ୍ର, କୋଣାର୍କ ଅର୍ବାନହାଟ ଅଧିକାରୀ ପ୍ରଦୀପ ମିଶ୍ର, ୟୁକୋ ବ୍ୟାଙ୍କ ଦିବ୍ୟରଞ୍ଜନ ସାହୁ, ବିଶିଷ୍ଟ ବ୍ୟବସାୟୀ ବୀରବର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଅବନୀ ଭୂଷଣ, ସୁକାନ୍ତ ବିଶ୍ୱାଳଙ୍କ ସମେତ ଶତାଧିକ ଗ୍ରାହକ ଯୋଗଦେଇଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟ, ବିଶେଷ ଭାବେ ବ୍ୟାଙ୍କରେ ଲାଞ୍ଚ ନଦେବା, କୌଣସି କର୍ମଚାରୀ ଲାଞ୍ଚ ମାଗିଲେ ତୁରନ୍ତ ମୁଖ୍ୟ ଭିଜିଲାନ୍ସ କାର୍ଯ୍ୟାଳୟକୁ ଅବଗତ କରାଇବା, କୌଣସି ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଆଶ୍ରୟ ଦେବାନାହିଁ ବୋଲି ଜିଲ୍ଲା ମୁଖ୍ୟ ପ୍ରବନ୍ଧକ ଶ୍ରୀ ଭୋଇ ମତବ୍ୟକ୍ତ କରିଥିଲେ । ପରିଶେଷରେ ଏକ ଶପଥପାଠ ଓ ଦସ୍ତଖତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମକୁ ୟୁକୋ ବ୍ୟାଙ୍କ କୋଣାର୍କ ଶାଖାର ଭରତ ଚନ୍ଦ୍ର ବିଶ୍ୱାଳ, ସରସ୍ୱତୀ ପଣ୍ଡା, ମନୀଷା ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ ।

ନୟାହାଟ ବାଇପାସ୍ ରାସ୍ତା ଶୋଚନୀୟ



ନୟାହାଟ,୨।୧୧/ଏନ୍ଏନ୍ଏସ୍: ନୟାହାଟ ବଜାରରୁ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ କୁଣ୍ଡେଇ କେନାଲର ବାମପାର୍ଶ୍ୱରେ ୪୦ଲକ୍ଷ ଟଙ୍କା ବ୍ୟୟରେ ନୟାହାଟ କାନାରା ବ୍ୟାଙ୍କଠାରୁ ବରଗଡ଼ା ପର୍ଯ୍ୟନ୍ତ ପ୍ରାୟ ୧୨୦୦ମିଟର ପିଚୁରାସ୍ତା ନିର୍ମାଣ କରାଯାଇଥିଲା । ତେବେ ନିର୍ମାଣ ହେବାର ୬ବର୍ଷ ବିତିଯାଇଥିବାବେଳେ ଜଳସେଚନ ବିଭାଗ ପକ୍ଷରୁ ମରାମତି କରାଯାଉ ନଥିବାରୁ ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ରାସ୍ତାର ବିଭିନ୍ନ ସ୍ଥାନରେ ଗୋଡ଼ିଉଠି ବଡ଼ ବଡ଼ ଖାଲ ମାନ ସୃଷ୍ଟି ହୋଇଛି । ବର୍ଷା ଦିନରେ ଖାଲରେ ପାଣି ରହି ରାସ୍ତା ନଷ୍ଟ କରୁଥିବାବେଳେ ମରାମତି ସମ୍ପର୍କରେ ପାଣିଛତ୍ର ଜଳସେଚନ ଯନ୍ତ୍ରୀଙ୍କୁ ପଚାରିବାରେ ସେ କହିଥିଲେ ଡିସେମ୍ବର ମାସରେ କାମ ହେବ । ଏହି ରାସ୍ତା ଉପରେ ଭାରୀଯାନ ଯାଉଥିବାବେଳେ ରାସ୍ତା ନଷ୍ଟ ହେଲା ବୋଲି ଯନ୍ତ୍ରୀ ରବୀନ୍ଦ୍ର ଦାସ ପ୍ରକାଶ କରିଛନ୍ତି । ବୁଧବାର ଓ ରବିବାର ହାଟ ଦିନମାନଙ୍କରେ ବାଇକ୍ ଅଟୋ, ୧୦୭, ଟ୍ରାକ୍ଟର ଓ ମାଲ୍ ବୋଝେଇ ଗାଡ଼ି ଯାତାୟାତ ଫଳରେ ଅଳ୍ପ ଦିନରେ ପିଚୁ ରାସ୍ତାଟି ମାଟି ରାସ୍ତାରେ ପରିଣତ ହେବ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି ।

ସାକ୍ଷୀଗୋପାଳରେ ଅଁଳାନବମୀ ପ୍ରସ୍ତୁତିର ସମୀକ୍ଷା

କ୍ଷେତ୍ର ପରିଦର୍ଶନ କଲେ ବିଧାୟକ ଓ ଅଧିକାରୀ



ସାକ୍ଷୀଗୋପାଳ,୨।୧୧/ଏନ୍ଏନ୍ଏସ୍: ପୁରୀ ଜିଲ୍ଲାର ପ୍ରସିଦ୍ଧ ଧାର୍ମିକ ପୀଠ ସାକ୍ଷୀଗୋପାଳରେ ଆସନ୍ତା ଅଁଳାନବମୀ ଉତ୍ସବକୁ ଶୃଙ୍ଖଳିତ ଓ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପ୍ରଶାସନିକ ତତ୍ପରତା ଆରମ୍ଭ ହୋଇଛି । ଏହି ପବିତ୍ର ଅବସରରେ ଶ୍ରୀଶ୍ରୀ ସାକ୍ଷୀଗୋପୀନାଥଙ୍କ ମନ୍ଦିରରେ ଠାକୁରଙ୍କ ଦୁର୍ଲଭ ରାଧାପାଦ ଦର୍ଶନ କରିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆଶା ରହିଛି । ଏହାକୁ ଦୃଷ୍ଟିରେ ରଖି ଭକ୍ତଙ୍କ ସୁବିଧା, ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଓ ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରାଯାଇଛି । ଅଁଳାନବମୀ ଅବସରରେ ଶ୍ରୀରାଧାଙ୍କ ପାଦ ଦର୍ଶନ ସାକ୍ଷୀଗୋପାଳ ମନ୍ଦିରର ଏକ ବିଶେଷ ଧାର୍ମିକ ପରମ୍ପରା । ଏହି ଦିନ ରାଧାପାଦ ଦର୍ଶନ କରିବା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଭକ୍ତମାନେ ଯେପରି ସୁରୁଖୁରୁରେ ଦର୍ଶନ କରିପାରିବେ, ଯାତାୟାତରେ କୌଣସି ଅସୁବିଧା ନହେବ ଏବଂ ଉତ୍ସବ ସମୟରେ ଆଇନଶୃଙ୍ଖଳା ବଜାୟ ରହିବ, ସେଥିପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଅଁଳାନବମୀ ଉତ୍ସବର ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିବା ସହ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳ ପରିଦର୍ଶନ କରିଥିଲେ । ଏହି ସମୟରେ ଉତ୍ସବ ପରିଚାଳନା ସହ ଜଡ଼ିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା । ଭକ୍ତଙ୍କ ସୁବିଧାକୁ ପ୍ରାଥମିକତା ଦେଇ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ପୂର୍ବରୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଅଁଳାନବମୀ ଉତ୍ସବ ସମୟରେ ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଓ ଯାତାୟାତ ପରିଚାଳନାକୁ ପ୍ରଶାସନ ପକ୍ଷରୁ ପ୍ରାଥମିକତା ଦିଆଯାଇଛି । ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ସମୟ ପୂର୍ବରୁ ସମ୍ପୂର୍ଣ୍ଣ କରିବାକୁ ଆଲୋଚନା ହୋଇଥିଲା । ଏଥିସହ ମନ୍ଦିର ପରିସରରେ ଭକ୍ତଙ୍କ ଗମନାଗମନ ଓ ଦର୍ଶନ ବ୍ୟବସ୍ଥାକୁ ସୁଗମ କରିବା ନେଇ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଏହି କ୍ଷେତ୍ର ପରିଦର୍ଶନ ସମୟରେ ସତ୍ୟବାଦୀ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ, ସାକ୍ଷୀଗୋପାଳ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଳିକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ମନ୍ଦିର ସେବାୟତମାନେ ଉପସ୍ଥିତ ଥିଲେ । ଅଁଳାନବମୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଏବଂ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ସୁବିଧାରେ ଦର୍ଶନର ସୁଯୋଗ ଦେବା ପାଇଁ ପ୍ରଶାସନ, ପୁଲିସ ଓ ମନ୍ଦିର ପରିଚାଳନା ସହ ଜଡ଼ିତ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି ।

ଶ୍ରୀମନ୍ଦିରରେ ଦିବା ପହୁଡ଼ ନୀତି

ପୁରୀ,୨।୧୧/ଏନ୍ଏନ୍ଏସ୍: ଆଜି ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି । ଏଥିପାଇଁ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦୀର୍ଘ ୩ ଘଣ୍ଟା ଧରି ବନ୍ଦ ରହିଥିଲା ସର୍ବସାଧାରଣ ଦର୍ଶନ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଜାରି କରାଯାଇଥିଲା । ମହାକାର୍ତ୍ତିକ ମାସରେ ଦୈନିକ ଦିବା ପହୁଡ଼ ନୀତି ଅନୁଷ୍ଠିତ ହେବାର ପରମ୍ପରା ରହିଛି । ତେବେ

୩ ଘଣ୍ଟା ବନ୍ଦ ରହିଲା ସର୍ବସାଧାରଣ ଦର୍ଶନ

ଭକ୍ତଙ୍କ ଅତ୍ୟଧିକ ଭିଡ଼ ଓ ନୀତିକାନ୍ତିର ବ୍ୟସ୍ତତା ଯୋଗୁଁ ପ୍ରତିଦିନ ଏହି ନୀତି ସମ୍ପାଦନ କରିବା ସମ୍ଭବ ହୋଇପାରୁନାହିଁ । ଅନ୍ୟପକ୍ଷରେ ଆଜି ପାଗ ଅନୁକୂଳ ନଥିବା ସହ ଭକ୍ତଙ୍କ ଭିଡ଼ କମ୍ ଥିବାରୁ ଦିବା ପହୁଡ଼ ନୀତି ପାଇଁ ସମୟ ନିର୍ଘଣ୍ଟ କରାଯାଇଥିଲା । ଦ୍ୱିତୀୟ ଭୋଗମଣ୍ଡପ ନୀତି ୩ଟା ୪୦ରେ ଶେଷ ହେବା ପରେ ଅପରାହ୍ନ ୪ଟା ୨୦ରୁ ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି ଅନୁଷ୍ଠିତ ହୋଇଥିଲା । ଏହି ସମୟରେ ଭକ୍ତମାନେ ଶ୍ରୀଜିଉଙ୍କ ଦର୍ଶନରୁ ବଞ୍ଚିତ ହୋଇଥିଲେ । ପରେ ୬ଟା ୪୦ରେ ଦ୍ୱାର ଫିଟା ହୋଇ ୭ଟାରେ ଭିତର ଶୋଧ ଓ ୭ଟା ୨୦ରେ ସନ୍ଧ୍ୟା ଆଳତି ନୀତି ଅନୁଷ୍ଠିତ ହୋଇ ଅନ୍ୟାନ୍ୟ ନୀତି ବଢ଼ିବା ସହ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା ।

ଉଚ୍ଚବିଦ୍ୟାଳୟରେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ



କୁଆଁପାଳ,୨।୧୧/ଏନ୍ଏନ୍ଏସ୍: ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତ ଅର୍ନ୍ତଗତ ପିଏମଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶ୍ରୀ ହନୁମାନଜିଉ ଭକ୍ତମଣ୍ଡଳୀ ସେବା ଟ୍ରଷ୍ଟ, ଉମର ଓ ପୁରାତନ ଛାତ୍ରସଂସଦ ଝାଡ଼େଶ୍ୱରପୁର ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି । ସକାଳ ୮ଟା ୩୦ମିନିଟ୍‌ରେ ଏକତା ଦୌଡ଼ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ରସଂସଦର ସଭାପତି ଚୌଧୁରୀ ରମାକାନ୍ତ ପ୍ରହରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଗଭର୍ଣ୍ଣର ଅନିଲ କୁମାର ସାମଲ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ବାବାଜୀ ପଟ୍ଟନାୟକ, ବିଶିଷ୍ଟ ଅତିଥିଭାବେ ପ୍ରାକ୍ତନ ରେଜିଷ୍ଟ୍ରାର ନାଇଜରର ଡ. ଅଭୟ ନାୟକ, ସମ୍ମାନିତ ଅତିଥିଭାବେ କୃଷକମୋର୍ଚ୍ଚାର ଉପସଭାପତି ଶଙ୍କର ପଟିଦାର ଏବଂ ଅବସରପ୍ରାପ୍ତ ସିଡିଭିଓ ଲଲାଟେନ୍ଦୁ ଆଇଚି ଯୋଗଦେଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସଂପର୍କରେ ଆଲୋକପାତ କରିଥିଲେ । ପରିବେଶବିତ୍ ଅକ୍ଷୟ କୁମାର ଷଡ଼ଙ୍ଗୀ ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ । ଇଂ. ବିଜୟ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ରାଷ୍ଟ୍ରୀୟ ଏକତା ଦିବସର ଶପଥ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଫକୀର ଚରଣ ନାୟକ ପରିଚାଳନା କରିଥିଲେ । ଅତିଥିମାନେ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଲୌହମାନବ ସମ୍ମାନ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ପୁରାତନ ଶିକ୍ଷକ ଓ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଳିଙ୍ଗ ଭାରତୀ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଇଂ. ଅକ୍ଷୟ କୁମାର ସାମଲ, ଶଙ୍କର ପଟିଦାର, ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ମଦନମୋହନ ସାହୁ, ସୁବଳ ଚରଣ ସାହୁ, ପ୍ରଦ୍ୟୁମ୍ନ ବାରିକ, ସୁକାନ୍ତ ମହାପାତ୍ର, ସନ୍ତୋଷ କୁମାର ମହାପାତ୍ର, ଶିକ୍ଷକ ରମାକାନ୍ତ ଦାସ, କୃପାସିନ୍ଧୁ ବେହେରା, ଲିସା ପ୍ରଧାନ, ପ୍ରସନ୍ନ କୁମାର ସାହୁ, ଚିତ୍ତରଞ୍ଜନ ନାୟକ, ବ୍ରଜକିଶୋର ବାରିକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ପୁରାତନ ଛାତ୍ରସଂସଦର ସଂପାଦକ ପବିତ୍ରମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।


୧୬ ଗରିବ ବ୍ୟବସାୟୀଙ୍କୁ ଠେଲା ଗାଡ଼ି ବଣ୍ଟନ

ଖଣ୍ଡପଡ଼ା,୨।୧୧/ଏନ୍ଏନ୍ଏସ୍: ଖଣ୍ଡପଡ଼ା ଅଞ୍ଚଳର ଗରିବ ବ୍ୟବସାୟୀଙ୍କୁ ସ୍ୱାବଲମ୍ବୀ କରିବାର ମହତ ଲକ୍ଷ୍ୟ ନେଇ ଜାତୀୟ ଅଣ୍ଡା ସମନ୍ୱୟ ସମିତି ପକ୍ଷରୁ ୧୬ଜଣଙ୍କୁ ଠେଲାଗାଡ଼ି ବଣ୍ଟନ କରାଯାଇଥିବା ଜଣାପଡିଛି । ଭାରତୀୟ ଜନତା ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ପ୍ରଚେଷ୍ଟାକ୍ରମେ ଉଠା ବ୍ୟବସାୟୀଙ୍କୁ ଏକ କାର୍ଯ୍ୟକ୍ରମ ଜରିଆରେ ଏହି ଠେଲାଗାଡ଼ି ପ୍ରଦାନ କରାଯାଇଥିବା ବେଳେ ଉକ୍ତ ବ୍ୟବସାୟୀମାନେ ବିଭିନ୍ନ ବ୍ୟବସାୟ କରି ଜୀବିକା ନିର୍ବାହ କରିପାରିବେ ବୋଲି ଜଣାପଡିଛି । ଫଳରେ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରିବ ବୋଲି ଶ୍ରୀ ପଣ୍ଡା ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାତୀୟ ଅଣ୍ଡା ସମନ୍ୱିତ ସମିତିର ମୁଖ୍ୟ ଡକ୍ଟର ଅଜିଲ



କୁମାର ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଠେଲାଗାଡ଼ି ଗୁଡ଼ିକୁ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଯୁବ ସଂଗଠକ ଜିତେନ୍ଦ୍ର କୁମାର କାଟିଆ, ଯୁବ ବ୍ୟବସାୟୀ ସୌମ୍ୟରଞ୍ଜନ ସାହୁ, ସମ୍ବିତ କୁମାର ସାହୁ, ନୟାଗଡ଼ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସତ୍ୟେନ୍ଦୁ ଶେଖର ମିଶ୍ର ଓ ପରମେଶ୍ୱର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ବେକାର ଯୁବକଯୁବତୀଙ୍କ ସମେତ ଆର୍ଥିକ ଅନଗ୍ରସର ବର୍ଗର ବ୍ୟକ୍ତିଙ୍କୁ ସ୍ୱାବଲମ୍ବୀ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଜଣାପଡ଼ିଛି ।

ଧୁମ୍‌ଧାମ୍‌ରେ ସରିଲା ଐତିହାସିକ ଭଟିମୁଣ୍ଡା ରୂପ ଯାତ୍ରା



ଟାଙ୍ଗୀ,୨।୧୧/ଏନ୍ଏନ୍ଏସ୍: କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଭଟିମୁଣ୍ଡା ପଞ୍ଚାୟତର ଐତିହାସିକ ରୂପଯାତ୍ରା (ଭସାଣି ଉତ୍ସବ) ଚଳିତ ବର୍ଷ ଅତ୍ୟନ୍ତ ଧୁମ୍ ଧାମ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ଶେଷ ହୋଇଛି । ଚଳିତ ବର୍ଷ ପାଗ ସମ୍ପୂର୍ଣ୍ଣ ଅନୁକୂଳ ଥିବାରୁ ଏହି ଆକର୍ଷଣୀୟ ଯାତ୍ରା ଓ ମେଢ଼ ଭସାଣି ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳରୁ ଲକ୍ଷାଧିକ ଜନସାଧାରଣଙ୍କ ସମାଗମ ହୋଇଥିଲା । ବିଭିନ୍ନ ପୂଜା ମଣ୍ଡପର ମନୋରମ ଆଲୋକସଜ୍ଜା ସାଂସ୍କୃତିକ ବାଜା-ରୋଷଣୀରେ ପୂରା ଅଞ୍ଚଳ କମ୍ପିତ ହୋଇଉଠିଥିଲା । ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଯାତ୍ରାରେ ପ୍ରଥମ ଦିନ ୨୧ଟି ପୂଜା ମଣ୍ଡପରେ ପୂଜା ପାଉଥିବା ବିଭିନ୍ନ ଦେବାଦେବୀ ନିଜ ନିଜ ପୂଜା ମଣ୍ଡପ ଛାଡ଼ି ଶୁକ୍ରବାର ହାଟପଡ଼ିଆରେ ଏକତ୍ରିତ ହୋଇଥିଲେ । ପରେ ରବିବାର ସକାଳ ସମୟରେ ପୁଲିସ ପ୍ରଶାସନ ଓ ଯାତ୍ରା ଶାନ୍ତି କମିଟି ପକ୍ଷରୁ ନିର୍ଦ୍ଧାରିତ ସମୟ ଅନୁସାରେ ନିଜ ବାଦ୍ୟଯନ୍ତ୍ର ସହ ବିରୂପା ନଦୀ ମଧୁସେତୁ ଅଭିମୁଖେ ବାହାରିଥିଲେ । ପ୍ରଥମେ ଥାନପତି ମା’ ଦୁର୍ଗା କାନ୍ଧରେ କାନ୍ଧେଇ ଯାତ୍ରା ଆରମ୍ଭ କରିଥିବା ବେଳେ ବିଭିନ୍ନ ସ୍ଥାନରେ ମା’ଙ୍କୁ ପୂଜା ଅର୍ଚ୍ଚନା କରାଯିବା ସହ ରାସ୍ତା ନୂଆଁ ଲୁଗା ବିଛା ଯାଇଥିଲା । ପରେ ଅନ୍ୟ ମେଢ଼ଗୁଡିକ ଶାନ୍ତିଶୃଙ୍ଖଳାରେ ଯାତ୍ରା କରିଥିବାବେଳେ ଶେଷରେ ନୃସିଂହ ମେଢ଼ କାନ୍ଧରେ କାନ୍ଧ ହୋଇଯାଉଥିବା । ଏହି ଯାତ୍ରାକୁ ଯାତ୍ରା ଶାନ୍ତି କମିଟି ସଭାପତି ସଭାପତି ବୈରାଗୀ ଚରଣ ଦାସ, ଉପସଭାପତି ରବିନାରାୟଣ ସାହୁ, ତ୍ରିଲୋଚନ ସାହୁ, ଶିବନାରାୟଣ ସାହୁ, ମାନସ ପୁଷ୍ଟି, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ସହ ସମ୍ପାଦକ ଡମ୍ବରୁଧର ସାହୁ, ଧନେଶ୍ୱର ସାହୁ, ଶ୍ରୀଧର ସାହୁ, ମଳୟ ପୁଷ୍ଟି, ହରେକୃଷ୍ଣ ସାହୁ, ଦିପକ କୁମାର ସାହୁ, ରବିନ୍ଦ୍ର ସାହୁ ପରିଚାଳନା କରାଯାଇଥିବାବେଳେ ମଦନମୋହନ ଜିଉ ପାଠାଗାର ପକ୍ଷରୁ ଜନସାଧାରଣମାନଙ୍କ ସୁରକ୍ଷା ଓ ସୂଚନା କେନ୍ଦ୍ର ସହ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ପ୍ରବଳ ଜନଗହଳିକୁ ଦୃଷ୍ଟିରେ ରଖି ଟାଙ୍ଗୀ ଥାନା ପକ୍ଷରୁ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ସହ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଟାଙ୍ଗୀ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, ଏସ୍ଆଇ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ଅନ୍ୟ କର୍ମଚାରୀମାନଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।


ନିତି ଭାରତୀ

ଦିନରେ ନିହାତି କମ୍‌ରେ ଥରକ ପାଇଁ ନିଜ ସହିତ କଥା ହୁଅନ୍ତୁ। ଅନ୍ୟଥା ଆପଣ ବିଶ୍ୱର ଜଣେ ଉତ୍କୃଷ୍ଟ ବ୍ୟକ୍ତିଙ୍କ ସହିତ କଥା ହେବାର ସୁଯୋଗ ହରାଇ ପାରନ୍ତି। - **ସ୍ୱାମୀ ବିବେକାନନ୍ଦ**

ନିତିଦିନ NITIDIN

ମଙ୍ଗଳବାର, ୩ ନଭେମ୍ବର ୨୦୨୬

ପ୍ରଦୂଷଣର କୁହୁଡ଼ିରେ ବିକାଶ



ପ୍ରକାଶ ତ୍ରିପାଠୀ

ନଭେମ୍ବର ମାସ ଆସୁ ଆସୁ ଦେଶର ବଡ଼ ବଡ଼ ସହରଗୁଡ଼ିକରେ ପାଣିପାଗ ବଦଳିବା ସହିତ ବାୟୁର ଗୁଣବତ୍ତା ମଧ୍ୟ ଦ୍ରୁତ ଗତିରେ ଖରାପ ହେବାରେ ଲାଗିଛି। ସାଧାରଣତଃ ଏହି ସମୟରେ ଦେଶର ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣର ସ୍ତର ବୃଦ୍ଧି ପାଇଥାଏ ଏବଂ ଚାରିଆଡ଼େ କୁହୁଡ଼ିର ମୋଟା ଆସ୍ତରଣ ଦେଖାଯାଏ। କିନ୍ତୁ ଏଥର ଚିତ୍ର କିଛି ଭିନ୍ନ ରହିଛି। ଚଳିତ ବର୍ଷ ଅକ୍ଟୋବରରେ ଦିଲ୍ଲୀର ବାୟୁ ଗୁଣବତ୍ତା ଗତ ବର୍ଷଗୁଡ଼ିକ ତୁଳନାରେ କିଛିଟା ଭଲ ରହିଥିବା ବେଳେ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇର ଅବସ୍ଥା ଅତ୍ୟନ୍ତ ଗମ୍ଭୀର ହୋଇ ପଡ଼ିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟ ଅନୁସାରେ, ଗତ ଅକ୍ଟୋବର ଶେଷ ସପ୍ତାହରେ ମୁମ୍ବାଇର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ ୩୨୨ରେ ପହଞ୍ଚି ଥିଲା, ଯାହାକି ଅତ୍ୟନ୍ତ ଖରାପ ଶ୍ରେଣୀଭୁକ୍ତ। ମୁମ୍ବାଇ ଭଳି ଏକ ସମୁଦ୍ରକୂଳିଆ ସହର, ଯାହାକୁ ପ୍ରାକୃତିକ ଭାବେ ସମୁଦ୍ର ପବନର ଲାଭ ମିଳିଥାଏ, ସେଠାରେ ଏଭଳି ସ୍ଥିତି ସହରୀ ପ୍ରଦୂଷଣ ନିୟନ୍ତ୍ରଣ ନୀତି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସମ୍ପ୍ରତି ବିଶ୍ୱ ସ୍ତରରେ ଜାରି ହୋଇଥିବା ସର୍ବଶେଷ ପରିବେଶ ପ୍ରଦର୍ଶନ ସୂଚକାଙ୍କ (ଏନ୍‌ଭିରନ୍‌ମେଣ୍ଟାଲ ପର୍ଫମାନ୍ସ ଇଣ୍ଡେକ୍ସ- ଇପିଆଇ, ୨୦୨୬) ରିପୋର୍ଟରେ ଭାରତର ସ୍ଥିତି ଅତ୍ୟନ୍ତ ନିରାଶାଜନକ ଓ ଚିନ୍ତାଜନକ ରହିଛି। ଆମେରିକାର ପ୍ରସିଦ୍ଧ ୟେଲ୍ ବିଶ୍ୱବିଦ୍ୟାଳୟ ଏବଂ କଲମ୍ବିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଦ୍ୱାରା ପ୍ରକାଶିତ ଏହି ସୂଚକାଙ୍କରେ ମୋଟ ୧୭୭ଟି ଦେଶ ମଧ୍ୟରୁ ଭାରତ ୧୭୬ତମ ସ୍ଥାନ ହାସଲ କରିଛି। ଏହି ମାନ୍ୟତା ସହ ଭାରତ ସମଗ୍ର ବିଶ୍ୱରେ ତଳ ଆଡୁ ଦ୍ୱିତୀୟ ସ୍ଥାନରେ ରହିଛି, ଯାହା ଅନେକ ଏସୀୟ ଦେଶଠାରୁ ମଧ୍ୟ ବହୁତ କମ୍। ଏହି ତାଲିକାରେ ଭାରତଠାରୁ ତଳେ କେବଳ ଅନ୍ୟ ଏକ ଏସୀୟ ଦେଶ ଲାଓସ୍ ରହିଛି। ଅନ୍ୟ ପଟେ, ଏଷ୍ଟୋନିଆ ଏହି ସୂଚକାଙ୍କର ଶୀର୍ଷ ସ୍ଥାନରେ ରହିଛି। ସାଧାରଣତଃ ବିକାଶଶୀଳ ଦେଶଗୁଡ଼ିକରେ ପରିବେଶ ସମସ୍ୟା ଅଧିକ ରହିଥାଏ ବୋଲି ଯୁକ୍ତି କରାଯାଏ, କିନ୍ତୁ ଦକ୍ଷିଣ ଏସିଆର ଆର୍ଥିକ ସ୍ଥିତି ସମାନ ଥିବା ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକ ଭାରତ ଅପେକ୍ଷା ବହୁତ ଭଲ ପ୍ରଦର୍ଶନ କରିଛନ୍ତି। ଦକ୍ଷିଣ ଏସିଆର ୮ଟି ଦେଶ ମଧ୍ୟରେ ସୁଦ୍ଧା ଭାରତର ପ୍ରଦର୍ଶନ ସବୁଠାରୁ ଦୁର୍ବଳ ରହିଛି। ଏହି ରିପୋର୍ଟରେ ପରିବେଶ ସ୍ୱାସ୍ଥ୍ୟ, ଜୈବ ବିବିଧତା ଏବଂ ଜଳବାୟୁ ପରିବର୍ତ୍ତନ ଭଳି ୪୭ଟି ଗୁରୁତ୍ୱପୂର୍ଣ୍ଣ ସୂଚକକୁ ନେଇ ସମୀକ୍ଷା କରାଯାଇଥିଲା। ପରିବେଶ ସ୍ୱାସ୍ଥ୍ୟ, ବାୟୁ ଗୁଣବତ୍ତା ଓ ଜୈବ ବିବିଧତାରେ ଭାରତର ନୈରାଶଜନକ ସ୍ଥିତି ଥିଲା ବେଳେ କେବଳ ଜଳବାୟୁ ପରିବର୍ତ୍ତନ ପ୍ରଶମନ ଦିଗରେ ଭାରତର ସ୍ଥିତି ଟିକେ ଭଲ ଅଛି ଓ ତାହା ପୁଣି ୧୩୦ତମ ସ୍ଥାନ। ଅକ୍ଷୟ ଶକ୍ତି କ୍ଷେତ୍ରରେ ଭାରତର କ୍ରମାଗତ ପ୍ରୟାସ ଯୋଗୁଁ ଏହି ସ୍ଥିତି ଆପାତତଃ ଉନ୍ନତ ଅଟେ। ରିପୋର୍ଟ ଅନୁଯାୟୀ, ଭାରତରେ ହେଉଥିବା ଦ୍ରୁତ ସହରୀକରଣ, ଶିଳ୍ପାୟନ ଏବଂ କୋଇଲା ଚାଳିତ ଶକ୍ତି ଉପରେ ଅତ୍ୟଧିକ ନିର୍ଭରଶୀଳତା ପରିବେଶକୁ ବହୁଳ ଭାବେ ପ୍ରଭାବିତ କରୁଛି। ତେବେ ବିଗତ ୧୦ ବର୍ଷ ମଧ୍ୟରେ ଭାରତର ପରିବେଶ ସୂଚକାଙ୍କ ସ୍କୋରରେ ସାମାନ୍ୟ ସୁଧାର ମଧ୍ୟ ରେକର୍ଡ କରାଯାଇଛି।

ଶୀର୍ଷରେ ଥିବା ଏଷ୍ଟୋନିଆର ସଫଳତାର ରହସ୍ୟ ସମ୍ପର୍କରେ ଏତିକି କୁହାଯାଇ ପାରେ ଯେ ସେଠାରେ ବ୍ୟାପକ ସବୁଜିମା ଓ ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱର ସହ ନିଆଯାଇଛି। ଏଷ୍ଟୋନିଆର ପ୍ରାୟ ୫୦ ପ୍ରତିଶତରୁ ଅଧିକ ଭୂଭାଗ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ। ସେଠାକାର ସରକାର ଜଙ୍ଗଲ ସୁରକ୍ଷା ଏବଂ ଜୈବ ବିବିଧତା ବଜାୟ ରଖିବା ପାଇଁ ଅତି କଠୋର ଆଇନ ପ୍ରଣୟନ କରିଛନ୍ତି। ଏହି ଦେଶ କୋଇଲା କିମ୍ବା ଜୀବାଶ୍ମ ଇନ୍ଧନ ଉପରୁ ନିର୍ଭରଶୀଳତା କମାଇ ବାୟୁ, ସୌର ଏବଂ ବାୟୋମାସ ଭଳି ଅକ୍ଷୟ ଶକ୍ତି ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦେଇଛି। ଏଷ୍ଟୋନିଆର ରାଜଧାନୀ ତାଲିନ୍ ବିଶ୍ୱର ପ୍ରଥମ ସହର ଭାବେ ନିଜ ନାଗରିକମାନଙ୍କୁ ମାଗଣା ବସ୍ ଓ ଟ୍ରେନ୍ ସେବା ଯୋଗାଇ ଦେଇଥିଲା। ଏହାଦ୍ୱାରା ଲୋକେ ନିଜର ବ୍ୟକ୍ତିଗତ ଗାଡ଼ି ବ୍ୟବହାର କରିବା ବଦଳରେ ସାର୍ବଜନୀନ ପରିବହନକୁ ପସନ୍ଦ କରୁଛନ୍ତି, ଯାହା ବାୟୁ ପ୍ରଦୂଷଣ ଓ କାର୍ବନ ନିର୍ଗମନକୁ ବହୁ ମାତ୍ରାରେ ହ୍ରାସ କରିଛି। ସେହିପରି ଡିଜିଟାଲ୍ ଅର୍ଥ ବ୍ୟବସ୍ଥାକୁ ପ୍ରାଥମିକତା ଦେଉଛନ୍ତି ଏଷ୍ଟୋନିଆ ସରକାର। ବିଶ୍ୱର ସବୁଠାରୁ ଆଗୁଆ ଡିଜିଟାଲ୍ ଦେଶ ଭାବେ ଏଷ୍ଟୋନିଆର ୯୯% ସରକାରୀ କାମ ଅନ୍‌ଲାଇନ୍‌ରେ ହୁଏ। ଏହାଦ୍ୱାରା କାଗଜର ବ୍ୟବହାର ପ୍ରାୟ ଶେଷ ହୋଇ ଯାଇଛି ଏବଂ ଯାତାୟାତଜନିତ ପ୍ରଦୂଷଣ ମଧ୍ୟ କମିଛି।

ଅନ୍ୟ ପଟେ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପୂର୍ବରୁ ଏହି ପରିବେଶ ପ୍ରଦର୍ଶନ ସୂଚକାଙ୍କର ଗଣନା ପଦ୍ଧତି ଉପରେ ପ୍ରଶ୍ନ ଉଠାଇଛି। ସରକାରଙ୍କ କହିବା ଅନୁଯାୟୀ, ଏହି ସୂଚକାଙ୍କର କେତେକ ମାପଦଣ୍ଡ ଅବୈଜ୍ଞାନିକ ଓ କଳ୍ପନାପ୍ରସୂତ ତଥ୍ୟ ଉପରେ ଆଧାରିତ, ଯାହା ଭାରତ ଭଳି ଏକ ବିକାଶଶୀଳ ଅର୍ଥ ବ୍ୟବସ୍ଥାର ପ୍ରକୃତ ଚିତ୍ର ପ୍ରଦାନ କରେ ନାହିଁ। ଯଦିଓ ସରକାର ଏହି ର୍‍ୟାଙ୍କିଙ୍ଗକୁ ସମ୍ପୂର୍ଣ୍ଣ ଗ୍ରହଣ କରୁ ନାହାନ୍ତି, ତଥାପି ଏହି ରିପୋର୍ଟ ସ୍ପଷ୍ଟ କରୁଛି ଯେ ଅର୍ଥନୈତିକ ପ୍ରଗତି ସହିତ ପରିବେଶର ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦେଶକୁ ଆହୁରି ଦୃଢ଼ ଏବଂ ଦୀର୍ଘସ୍ଥାୟୀ ପଦକ୍ଷେପ ନେବାକୁ ପଡ଼ିବ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକୁ ଆହୁରି ସଶକ୍ତ କରି ଶିଳ୍ପ ସଂସ୍ଥାଗୁଡ଼ିକ ଉପରେ କଠୋର ଆଇନ ଲାଗୁ କରିବାକୁ ହେବ। ସବୁଜ ଶକ୍ତିର ବ୍ୟବହାର, ଅର୍ଥାତ୍ କୋଇଲା ଉପରୁ



ନିର୍ଭରଶୀଳତା କମାଇ ସୌର ଏବଂ ପବନ ଶକ୍ତି ଭଳି ଅକ୍ଷୟ ଶକ୍ତିର ଉତ୍ପାଦନକୁ ଦ୍ରୁତ ଗତିରେ ବଢ଼ାଇବାକୁ ପଡ଼ିବ। ସହରାଞ୍ଚଳରେ ତରଳ ଓ କଠିନ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଜରୁରୀ। ପ୍ରତ୍ୟେକ ନାଗରିକଙ୍କୁ ପରିବେଶ ପ୍ରତି ଦାୟିତ୍ୱବାନ କରିବା ସହ ବ୍ୟାପକ ବୃକ୍ଷ ରୋପଣକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ ହେବ। ଅର୍ଥନୈତିକ ପ୍ରଗତି ସହିତ ପରିବେଶର ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦେଶକୁ ଏବେ ଏକ ଦୀର୍ଘସ୍ଥାୟୀ ସନ୍ତୁଳନ ରକ୍ଷା କରିବାକୁ ପଡ଼ିବ।

ଭାରତରେ ବଢୁଥିବା ବାୟୁ ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ଜାନୁଆରୀ ୨୦୧୯ରେ ଆରମ୍ଭ କରାଯାଇଥିବା ଏହି ଦୀର୍ଘକାଳୀନ ଏବଂ ସମୟବଦ୍ଧ ଜାତୀୟ ରଣନୀତିର ମୂଳ ଲକ୍ଷ୍ୟ ହେଉଛି, ଦେଶର ବାୟୁ ପ୍ରଦୂଷଣ ସମସ୍ୟାର ସମାଧାନ କରିବା ଏବଂ ବାୟୁର ଗୁଣବତ୍ତା ବୃଦ୍ଧି କରିବା। ପ୍ରାରମ୍ଭରେ ଏହି ଯୋଜନାରେ ୨୦୧୭ ମସିହାକୁ ଆଧାର ବର୍ଷ ଭାବେ ଗ୍ରହଣ କରି ୨୦୨୪ ସୁଦ୍ଧା ବାୟୁରେ ଥିବା ସୂକ୍ଷ୍ମ କଣିକା ପ୍ରଦୂଷଣକୁ ୨୦%ରୁ ୩୦% ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଲକ୍ଷ୍ୟକୁ ସଂଶୋଧନ କରାଯାଇ ୨୦୨୬ ସୁଦ୍ଧା ପ୍ରଦୂଷଣ ସ୍ତରରେ ୪୦% ହ୍ରାସ କରିବାକୁ ନୂତନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାର ମୁଖ୍ୟ ତଥ୍ୟଗୁଡ଼ିକ ହେଲା, ଦେଶର ପ୍ରଦୂଷିତ ସହରଗୁଡ଼ିକରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ସାଜିଥିବା କଣିକାର ମାତ୍ରାକୁ କମାଇବା। ଏହି କାର୍ଯ୍ୟକ୍ରମ ଅଧୀନରେ ଦେଶର ପ୍ରାୟ ୧୩୧ଟି ସହରକୁ ଚିହ୍ନଟ କରାଯାଇଛି, ଯେଉଁଠାରେ ବାୟୁର ଗୁଣବତ୍ତା ନିର୍ଦ୍ଧାରିତ ମାନକଠାରୁ କମ୍ ରହିଛି। ଓଡ଼ିଶାର ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର, ଏବଂ ଅନୁଗୁଳ-ତାଳଚେର ଭଳି ସହର ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ। ବାୟୁ ଗୁଣବତ୍ତା ଉପରେ ନଜର ରଖିବା ପାଇଁ ସାରା ଦେଶରେ ମନିଟରିଂ ଷ୍ଟେସନ ସଂଖ୍ୟା ବୃଦ୍ଧି କରାଯାଉଛି। ଏହା ସହିତ ଗାଡ଼ିଗୁଡ଼ିକରୁ ବାହାରୁ ଥିବା ଧୂଆଁ ନିୟନ୍ତ୍ରଣ, ନିର୍ମାଣ ସ୍ଥଳରୁ ସୃଷ୍ଟି ହେଉଥିବା ଧୂଳି ରୋକିବା ପାଇଁ ସହରରେ ସବୁଜିମା ବଢ଼ାଇବା ଏବଂ ଶିଳ୍ପାଞ୍ଚଳରୁ ନିର୍ଗତ ବାୟୁ ଉପରେ କଠୋର ନଜର ରଖାଯାଉଛି। ପ୍ରଦୂଷଣ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସର୍ବସାଧାରଣରେ ଉପଲବ୍ଧ କରାଯାଉ ଏବଂ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

ସ୍ୱଚ୍ଛ ବାୟୁ ପାଇବା ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ ଅଧିକାର ଏବଂ ଜନସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ଜରୁରୀ। ବିକାଶ ଏବଂ ପରିବେଶକୁ ପରସ୍ପରର ବିରୋଧୀ ନଭାବି ଉଭୟଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ହେବ। ନୂଆଦିଲ୍ଲୀ ପରେ ଏବେ ମୁମ୍ବାଇର ବର୍ତ୍ତମାନର ସ୍ଥିତି ଭାରତ ପାଇଁ ଏକ ବଡ଼ ଚେତାବନୀ। ଯଦି ଠିକ୍ ସମୟରେ ଉପଯୁକ୍ତ ପଦକ୍ଷେପ ନିଆ ନଯାଏ, ତେବେ ଆର୍ଥିକ ବିକାଶର ଚମକ ପ୍ରଦୂଷଣର କୁହୁଡ଼ି ଭିତରେ ହଜିଯିବ। ଏବେ କେବଳ କାଗଜପତ୍ର ବା ଘୋଷଣାର ସମୟ ନୁହେଁ, ବରଂ ଉତ୍ତରଦାୟୀ ପ୍ରଶାସନ, ବୈଜ୍ଞାନିକ ଯୋଜନା ଏବଂ ନିରନ୍ତର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି।

ମୋ: ୯୪୩୭୨୩୨୪୬୩

ରୋବୋଟ୍ ସେନାବାହିନୀ



ରମେଶ ଚନ୍ଦ୍ର ପରିଡ଼ା

ନିକଟରେ ୟୁକ୍ରେନ୍ ଧମକ ଦେଇଛି ଯେ ଏହା ରୁଷିଆ ସହିତ ଚାଲିଥିବା ଯୁଦ୍ଧରେ ରୋବୋଟ୍ ସେନାବାହିନୀର ଉପଯୋଗ କରିବ। ଯୁଦ୍ଧକ୍ଷେତ୍ରର ପୁରୋଭାଗରେ ରହି ଏମାନେ ଯୁଦ୍ଧ ଚଳାଇବାକୁ ସକ୍ଷମ। ଏହା ଫଳରେ ହ୍ରାସ ପାଇବ ସୈନିକମାନଙ୍କ ମୃତ୍ୟୁ ସଂଖ୍ୟା। ବର୍ତ୍ତମାନ ସୁଦ୍ଧା ଅନ୍ୟ କୌଣସି ଦେଶ ଏହାକୁ ପ୍ରତ୍ୟକ୍ଷ ଭାବେ ଯୁଦ୍ଧରେ ବ୍ୟବହାର କରିବାର ସୂଚନା ନଥିଲେ ହେଁ କେତେକ ଏହି ପ୍ରସ୍ତୁତିରେ ବେଶ୍ ଅଗ୍ରଗତି କରି ସାରିଲେଣି।

ରୋବୋଟ୍ ସେନାବାହିନୀ ହେଉଛି ସ୍ୱୟଂଚାଳିତ ଏବଂ ସୁଦୂରରୁ ନିୟନ୍ତ୍ରିତ ହୋଇ ପାରୁଥିବା ବିଭିନ୍ନ ପ୍ରକାରର ମେସିନ୍। ସାମରିକ କାର୍ଯ୍ୟକଳାପ, ପରିବହନ ଏବଂ ବିପଦ ଆଶଙ୍କା ଥିବା କ୍ଷେତ୍ର ପରିଚାଳନା କରିବା ପାଇଁ ଏହା ପରିକଳ୍ପନା କରାଯାଇଛି। ଅସ୍ତ୍ରଶସ୍ତ୍ର, ଇନ୍ଧନ ଏବଂ ଅନ୍ୟାନ୍ୟ ଭାରୀ ବୋଝ ବହନ କରିବା ଲାଗି ଏହାକୁ ନିୟୋଜିତ କରାଯାଇ ପାରେ। ମଣିଷ ଜୀବନକୁ ବିପଦରେ ନ ପକାଇ ଯୁଦ୍ଧ ଚାଲିଥିବା ଅଞ୍ଚଳରୁ ଆହତ ସୈନିକଙ୍କୁ ଉଦ୍ଧାର କରିବା ପାଇଁ ମଧ୍ୟ ଏହା ଉଦ୍ଦିଷ୍ଟ। ସେହିପରି ଏ ବ୍ୟବସ୍ଥା ଶତ୍ରୁ ପକ୍ଷର କାର୍ଯ୍ୟକଳାପ ଉପରେ ନଜର ରଖିବା, ଲ୍ୟାଣ୍ଡମାଇନ୍ ସଫା କରିବା ଏବଂ ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କୁ ସୁରକ୍ଷା ଦେବାରେ ବ୍ୟବହୃତ ହୋଇପାରେ। ୟୁକ୍ରେନ୍, ଚୀନ୍, ଭାରତ, ଆମେରିକା, ଇସ୍ରାଏଲ୍, ରୁଷିଆ, ତୁର୍କୀ ଏବଂ ଇଷ୍ଟୋନିଆର ଏ ସାମର୍ଥ୍ୟ ଅଳ୍ପ ବହୁତେ ରହିଛି।

ଗତ ସେପ୍ଟେମ୍ବର ୨୦୨୬ରେ ୟୁକ୍ରେନ୍ ପ୍ରଥମେ ଘୋଷଣା କଲା ତା'ର ରୋବୋଟ୍ ସୈନ୍ୟବାହିନୀ ଥିବା ସମ୍ପର୍କରେ। ଏଥିରେ ଅଛନ୍ତି ପରିବହନ, କୌଣସି ଗୁପ୍ତ ସ୍ଥାନର ସର୍ବେକ୍ଷଣ, ଆହତ ସୈନିକଙ୍କୁ ଉଦ୍ଧାର ଏବଂ ଅସ୍ତଚାଳିତ ଯୁଦ୍ଧ ପାଇଁ ବ୍ୟବହୃତ ହଜାର ହଜାର ଭୂମି ଉପରେ ଗତି କରୁଥିବା ଯନ୍ତ୍ରଚାଳିତ ଯାନ। ଏହାର ବିଶେଷ ଲକ୍ଷ୍ୟ ହେଲା, ସୈନିକମାନଙ୍କ ଜୀବନ ରକ୍ଷା ଭାରି ଅସ୍ତ୍ରଶସ୍ତ୍ର ବିତରଣ, ଆହତ ସୈନ୍ୟମାନଙ୍କୁ ଉଦ୍ଧାର, ବିପଜ୍ଜନକ ଅଞ୍ଚଳ ତଦାରଖ ଏବଂ ଲ୍ୟାଣ୍ଡମାଇନ୍‌ସ ସଫା କରିବା।

ଅନ୍ୟ ପକ୍ଷରେ, ଚୀନ୍‌ର ଜନମୁକ୍ତି ସେନା ବା ପିପଲସ୍ ଲିବରେସନ୍ ଆର୍ମି ମୁତୟନ କରିଛି ବହୁ ସଂଖ୍ୟକ ଅସ୍ତ୍ର ଧାରଣକାରୀ ରୋବୋଟ୍ ସ୍ଥଳସେନା। ସେଗୁଡ଼ିକ ମଧ୍ୟରେ ରହିଛି ଚୀନ୍-ଭାରତ ସୀମା ଭଳି ଅଞ୍ଚଳରେ ନିୟୋଜିତ 'ଭାରବାହୀ ଖଚର', 'ରୋବୋଟ୍ କୁକୁର' ଇତ୍ୟାଦି। ଏହା ମଧ୍ୟ ପ୍ରତ୍ୟକ୍ଷ ଯୁଦ୍ଧରେ ଭାଗ ନେଲା ଭଳି ମଣିଷ ସଦୃଶ ରୋବୋଟ୍‌ମାନଙ୍କର ବିକାଶ କରିବାରେ ଲାଗିଛି।

ଭାରତୀୟ ସୈନ୍ୟବାହିନୀ ଉଚ୍ଚ ପାର୍ବତ୍ୟାଞ୍ଚଳ ସୀମାରେ ଅତ୍ୟାଧୁନିକ ରୋବୋଟ୍ ବ୍ୟବସ୍ଥା ଏବଂ 'ରୋବୋଟ୍ ଖଚର' ବ୍ୟବସ୍ଥା ନିୟୋଜିତ କରିଛି। ମୁଖ୍ୟତଃ, ଏହା ଭାରତ ଓ ଚୀନ୍ ସୀମାରେ ସର୍ବେକ୍ଷଣ ଏବଂ ଭାର ବହନରେ ସହାୟତା କରିବା ଲାଗି ଅଭିପ୍ରେତ।

ଆମେରିକା ଏ ଦିଗରେ ଗଭୀର ଭାବେ ଗବେଷଣା ଓ ପରୀକ୍ଷା ଚଳାଇଛି। ଫଳରେ, ଏହା ବିକାଶ କରି ପାରିଛି ବହୁ ସ୍ୱୟଂଚାଳିତ ଭାବେ ବାୟୁ ଏବଂ ଭୂମିରେ ଗତି କରି ପାରିଲା ଭଳି ରୋବୋଟ୍ ଯାନ। ଅନ୍ୟ ପକ୍ଷରେ, ପ୍ରତ୍ୟକ୍ଷ ଯୁଦ୍ଧରେ ବ୍ୟବହାର ହେବାକୁ ସକ୍ଷମ ହୋଇଥିବା ମନୁଷ୍ୟ ସଦୃଶ ରୋବୋଟ୍‌ର ବିକାଶ ଲାଗି ଏହା ୪ ଗୁଣ ଅର୍ଥ ବ୍ୟବସ୍ଥା ବୃଦ୍ଧି କରିଛି।

ଇସ୍ରାଏଲ ଏବେ ବ୍ୟବହାର କରୁଛି ସୀମା ସୁରକ୍ଷା ଲାଗି ବିଶେଷ ଧରଣର ସୁଦୂର ନିୟନ୍ତ୍ରିତ ନାନାଦି ରୋବୋଟ୍ ବ୍ୟବସ୍ଥା। ଏଗୁଡ଼ିକ ମଧ୍ୟରେ ରହିଛି ଭୂଭାଗରେ ଗତି କରି ପାରିଲା ଭଳି ଯାନ ଏବଂ ସୀମାଗୁଡ଼ିକରେ ପ୍ଲାଟ୍‌ଫର୍ମ।

ଅନ୍ୟ ପକ୍ଷରେ, ରୁଷିଆ ଦ୍ରୁତ ଗତିରେ ଭୂଭାଗ ଏବଂ ଆକାଶ ମାର୍ଗରେ ଗତି କଲା ଭଳି ସ୍ୱୟଂଚାଳିତ ରୋବୋଟ୍ ବ୍ୟବସ୍ଥାମାନ ନିର୍ମାଣ କରି ଚାଲିଛି। ଏଗୁଡ଼ିକୁ ଯୁଦ୍ଧ କ୍ଷେତ୍ରରେ ବ୍ୟବହାର କରାଯାଇ ପାରିବ ଏବଂ ଏହା ଶତ୍ରୁ ପକ୍ଷର 'ଡ୍ରୋନ୍' ଆକ୍ରମଣରୁ ସୁରକ୍ଷା ଦେବାକୁ ସମର୍ଥ ହେବ।

ତୁର୍କୀ ବର୍ତ୍ତମାନ ଉଚ୍ଚ ଶକ୍ତିସଂପନ୍ନ ରୋବୋଟ୍ ଚାଳିତ



'ଡ୍ରୋନ୍' ଏବଂ ଅନ୍ୟାନ୍ୟ ସ୍ୱୟଂଚାଳିତ ସାମରିକ ବ୍ୟବସ୍ଥା ନିର୍ମାଣ କଲା ବେଳେ ଇଷ୍ଟୋନିଆ ମଧ୍ୟ ତାହା କରି ପାରିଛି। ଏଗୁଡ଼ିକୁ ଏବେ ପରୀକ୍ଷାମୂଳକ ଭାବେ ବ୍ୟବହାରରେ ଲଗାଯାଇ ପାରୁଛି।


ରୋବୋଟ୍ ସେନାବାହିନୀର ଭବିଷ୍ୟତ ବିକାଶର ଲକ୍ଷ୍ୟ ହେଲା, ବଡ଼ ବଡ଼ ସାମରିକ ଶକ୍ତିମାନଙ୍କ ଦ୍ୱାରା କୃତ୍ରିମ ମେଧା, ସ୍ୱୟଂଚାଳିତ ଜଳ, ବାୟୁ ଓ ସ୍ଥଳଯାନ ଏବଂ ମନୁଷ୍ୟତୁଲ୍ୟ ରୋବୋଟ୍‌ମାନଙ୍କୁ ସକ୍ରିୟ ସୈନ୍ୟଚାଳନାରେ ବ୍ୟବହାର କରିବା। ଏଣୁ ଏଗୁଡ଼ିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଆଗ ଧାଡ଼ିର ସୈନିକ ରୂପେ ତଥା ଡ୍ରୋନ୍ ପ୍ରେରଣ, ଆକାଶରୁ ବୋମା ନିକ୍ଷେପ ଆଦି କାର୍ଯ୍ୟ କରି ପାରିବେ। ଅନ୍ୟ ଦେଶର ଆକ୍ରମଣକୁ ଏଗୁଡ଼ିକ ମଧ୍ୟ ପ୍ରତିହତ କରି ପାରିବେ।

ଆମେରିକା, ଚୀନ୍ ଏବଂ ରୁଷିଆ ଏ ଦିଗରେ ବଡ଼ ବଡ଼ ଯୋଜନାମାନ ପ୍ରସ୍ତୁତ କରି ସାରିଲେଣି। ଫଳରେ, ଆଗାମୀ ୫/୧୦ ବର୍ଷ ମଧ୍ୟରେ କେବଳ ରୋବୋଟ୍‌ଚାଳିତ ବ୍ୟବସ୍ଥା ନୁହେଁ ମଣିଷ ଭଳି ପ୍ରତ୍ୟକ୍ଷ ଭାବେ ଯୁଦ୍ଧରେ ଅଂଶଗ୍ରହଣ କଲା ଭଳି ସୈନିକ ମଧ୍ୟ ସୃଷ୍ଟି କରାଯାଇ ପାରିବ। ସେମାନେ ସ୍ୱୟଂକ୍ରିୟ ଭାବେ ପରିସ୍ଥିତିକୁ ବିଚାରକୁ ନେଇ ଉପଯୁକ୍ତ ଅସ୍ତ୍ର ଚାଳନା କରି ପାରିବେ ଏବଂ ଶତ୍ରୁ ପକ୍ଷର ସାମରିକ ବ୍ୟବସ୍ଥାଗୁଡ଼ିକୁ ଧ୍ୱଂସ କରିଦେଇ ପାରିବେ। ତଥାପି, ସେମାନେ ଯୁଦ୍ଧ କ୍ଷେତ୍ରରୁ ମଣିଷକୁ ସଂପୂର୍ଣ୍ଣ ସ୍ଥାନାନ୍ତର କରିବା ସହଜ ନୁହେଁ।

ଅନ୍ୟ ପକ୍ଷରେ, ରୋବୋଟ୍ ସୈନ୍ୟବାହିନୀର ବିକାଶ ନୈତିକ ତଥା ଅର୍ଥନୈତିକ ଦୃଷ୍ଟିକୋଣରୁ ସ୍ପୃହଣୀୟ ନୁହେଁ ବୋଲି ମତ ଦିଅନ୍ତି ଅନେକ ସାମରିକ ବିଶେଷଜ୍ଞ। କାରଣ, ଯୁଦ୍ଧ ଭଳି ଏକ ଭୟଙ୍କର ଧ୍ୱଂସାତ୍ମକ କାର୍ଯ୍ୟ ସ୍ୱୟଂଚାଳିତ ଯାନ୍ତ୍ରିକ ବ୍ୟବସ୍ଥା ହାତରେ ଟେକି ଦେବାର ପରିଣାମ ଅତ୍ୟନ୍ତ ଭୟଙ୍କର ହେବ। ଏଣୁ ଏଥିରୁ ନିବୃତ୍ତ ହେବା ଲାଗି ଆନ୍ତର୍ଜାତିକ ସ୍ତରରେ ଉଦ୍ୟମ ଖୁବ୍ ଶୀଘ୍ର ଆରମ୍ଭ ହେବା ଦରକାର।

ପ୍ରାକ୍ତନ ପ୍ରଫେସର
ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

ଘର ଏକ ମନ୍ଦିର



ପ୍ରଫୁଲ୍ଲ ବାରିକ

ଘର ଏକ ମନ୍ଦିର। ଖାଲି ମନ୍ଦିର ନୁହେଁ, ସର୍ବଶ୍ରେଷ୍ଠ ମନ୍ଦିର, ଯୋଉଠି ଦେବଦେବୀ ହେଲେ ବାପା ମାଆ। ବାପ ମାଆ ହେଉଛନ୍ତି ଜୀବନ୍ତ ଠାକୁର। ଯୋଉ ଘରେ ବାପା ମାଆ ସନ୍ତୁଷ୍ଟ ଶ୍ରଦ୍ଧାଶୀଳ, ସେଠି ବିରାଜନ୍ତି ଦେବୀ ଦେବତା। ସେ ଘରେ ଶାନ୍ତି ଲାଗିରହେ ସଦା ସର୍ବଦା। ବିପଦ ଆପଦ, ଅଭାବ ଅନଟନ ସ୍ପର୍ଶ କରେନା ସେ ଘରକୁ। ଅନଟନରେ ପ୍ରାଚୁର୍ଯ୍ୟ, ବିପଦରେ ନିରାପତ୍ତାର ଅନୁଭବ ସଭିଙ୍କର ସବୁବେଳେ। ଏହାର ବିପରୀତରେ, ଅର୍ଥାତ୍ ବାପା ମାଆ ଯୋଉଠି ଅସନ୍ତୁଷ୍ଟ, ହୀନସ୍ଥା, ସେଠି ଯେତେ କମେଇଲେ ବି ଗୋଡ଼ାଏନା। ଅସନ୍ତୋଷର ବାତାବରଣ ସବୁବେଳେ ସେ ଘରେ।

ଆଗରୁ ଥିଲା ଯୌଥ ପରିବାର। ଗୋଟିଏ ଛାତ ତଳେ ଥିଲେ ସମ୍ପୂର୍ଣ୍ଣ ପରିବାର। ବାପା ମାଆ, ବଡ଼ବାପା ବଡ଼ମାଆ, ଦାଦି ଖୁଡ଼ି, ଜେଜେ ଜେଜୀ ଓ ସନ୍ତାନ ସନ୍ତତିଗଣ। ସେମାନଙ୍କ ଭିତରେ ସାନ ବଡ଼ ହୋଇ ଭାଇ ଭଉଣୀ। ଗୋଟିଏ ଅନ୍ନରେ ପ୍ରତିପାଳିତ ଥିଲେ ସମସ୍ତେ। ଥିଲା ବଡ଼ଙ୍କ ପ୍ରତି ସମ୍ମାନ, ସାନଙ୍କ ପ୍ରତି ଶ୍ରଦ୍ଧା ସ୍ନେହ। ବିପଦ ଆପଦରେ ଯେମିତି କାନ୍ଧ ଦେଖେଇ ଦେଉଥିଲେ ସମସ୍ତେ, ଖୁସି ଓ ଆନନ୍ଦର ଅବସରକୁ ସାଥୀ ହୋଇ କରୁଥିଲେ ଉପଭୋଗ ସବଂଶ। ସମୟ ବିତି ଯାଉଥିଲା; ଜଣା ପଡୁ ନଥିଲା। ପରିବାରର ଥିଲା ବଳ ସବୁ କଥାକୁ।

ସମୟ ଧାଇଁଲା ଆଗକୁ। ମନରେ, ରୁଚିରେ ଆସିଲା ଘୋର ପରିବର୍ତ୍ତନ। ଏକାକୀତ୍ୱ ଆବୋରି ବସିଲା ମଣିଷର ମନ ମସ୍ତିଷ୍କକୁ। ଚାହିଁଲା ଏକାକୀ ରହିବାକୁ। ପରିବାର ବୋଲି ବୁଝିଲା ନିଜର ସ୍ତ୍ରୀ ସହ ଆପଣା ପିଲା ସଂସାରକୁ। ଘର ହୋଇଗଲା ଭାଗ ଭାଗ। ନିଜ ସଂସାରରେ ନିଜେ ହେଲେ ଚଉଦପା', ସ୍ୱାଧୀନ। ଅଭାବ ଅନଟନ, ସୁଖ ଦୁଃଖରେ କେହି ହେଲେନି କାହାର ସହଭାଗୀ। ବିଚରା ବାପା ମାଆ ରହିଲେ ମଝିରେ ଏକାଧିକ ନାବରେ ଗୋଡ଼ ଦେଇ। ସେମାନେ ବି ହେଲେ ଭାଗ ଭାଗ। ବାଣ୍ଟିହୋଇ ରହିଲେ ପୁଅମାନଙ୍କ ପାଖରେ ଦିନ ଗଣି। ସ୍ଥାନେ ସ୍ଥାନେ ଏକାଧିକ ପୁଅ ଥିବା ସତ୍ତ୍ୱେ କେହି ନେଲେନି ବୁଢ଼ା ବୁଢ଼ୀଙ୍କ ଦାୟିତ୍ୱ। ବିଚରା ବୃଦ୍ଧାବସ୍ଥାରେ ହେଲେ ନିଜ ଉପରେ ନିଜେ ଭାରି। ଜୀବନ ହେଲା ଦୁର୍ବିସହ। କେହି କେହି ବୃଦ୍ଧାଶ୍ରମରେ ନେଇ ଛାଡ଼ି ଆସିବାକୁ ବାପା ମାଆଙ୍କୁ ଦ୍ୱିଧା କଲେନି। ଏମିତି ଏବେ ଅବସ୍ଥା ଚଳନ୍ତି ସଂସାରର।

ତେଣେ ବାପା ମାଆଙ୍କ ଆଖିର ଲୁହରେ ସୃଷ୍ଟି ହେଉଛି ସୁନାମି ନିଇତି ଘରେ। ବିଶୃଙ୍ଖଳିତ ପରିବେଶରେ ନା ଶାନ୍ତି ପାଉଛନ୍ତି ପୁଅ ବୋହୂ, ନା ତାଙ୍କର ପିଲାମାନେ। ସଂସ୍କାର ବିଦା ନେଇ ସାରିଛି କେବେଠୁ ପରିବାରରୁ। କୁସଂସ୍କାର, କ୍ରୋଧ ଅସହଣୀପଣ ଆବୋରି ବସିଛି ଘରକୁ, ଚନ୍ଦ୍ରକୁ ରାହୁ ଗ୍ରାସିବା ପରି। କେହି ମାନୁ ନାହାନ୍ତି କାହାକୁ। ନା ବାପା ମାଆଙ୍କର ସମୟ, ସ୍ନେହ ଅଛି ପିଲାଙ୍କ ପ୍ରତି; ନା ଭକ୍ତି ଶ୍ରଦ୍ଧା ପିଲାମାନଙ୍କର ପିତା ମାତାଙ୍କ ପ୍ରତି। ପାହାଡ଼ରୁ ନିର୍ଗତ ତଟିନୀ ପରି ଯିଏ ଚାହିଁଲେ ଯୁଆଡ଼େ ମାଡ଼ି ଚାଲିଲେ। ଆକଟ କରିବା ଅର୍ଥ ବିପଦକୁ ଆମନ୍ତ୍ରିବା। ପରିବାର ଉପରେ ଏହାର ପ୍ରଭାବ ତ ଯାହା, ସମାଜ ଉପରେ ନକାରାତ୍ମକ ପ୍ରଭାବ କମ୍ ନୁହେଁ। ଏକ ସୁସ୍ଥ ସମାଜ ପାଇଁ ଆବଶ୍ୟକ ସୁସ୍ଥ ମସ୍ତିଷ୍କର ସଂସ୍କାରୀ ମଣିଷ। ନହେଲେ ଯାହା ହେବାର ଅବସ୍ଥା ହେଉଛି। ମଣିଷର ରୋଜଗାର ବଢ଼ିଛି। ବଢ଼ିଛି ସେଇ ଅନୁଯାୟୀ ଖାଇବା, ପିନ୍ଧିବା, ରହିବା। ସମ୍ପତ୍ତି ବଢ଼ିଛି। ବଢ଼ିଛି ଖାତିର। ସବୁ ବଢ଼ିବା ଭିତରେ କମିଛି ଗୋଟିଏ। ତାହା ହେଲା ମଣିଷ ମନରୁ ବିଶ୍ୱାସ, ପ୍ରେମ ଓ ପରସ୍ପରକୁ ଭଲ ପାଇବା। ଏସବୁ ଆଜିର ଦିନରେ ଭାରି ମହଙ୍ଗା। ଚାରି କାନ୍ଥର ପରିବେଷ୍ଟନୀକୁ ଏବଂ ସେଥିରେ ମହଜୁଦ କିଛି ଦାମୀ ଆସବାବପତ୍ରକୁ ଯଦି କୁହାଯାଏ ଘର, ତେବେ ଆଗରୁ ଯୋଉଠି ଥିଲେ ଖଟିମାଟି ଚାଳ ଛପରର, ତାକୁ ତେବେ କ'ଣ କୁହାଯିବ ?

ମଣିଷର ମନ୍ଦିର ଯିବା ବଢ଼ିଛି। ବଢ଼ିଛି ମନ୍ଦିରକୁ ଦାନ। ଭୋଗ ନୈବେଦ୍ୟରେ ସମ୍ଭ୍ରାନ୍ତପଣିଆ। ଆଗ୍ରହ ବଢ଼ିଛି ଈଶ୍ୱରଙ୍କ ପାଖରୁ ଆଶୀର୍ବାଦ ସାଉଁଟିବାର। ଭୁଲି ଚାଲିଛି ଅସଲ ଈଶ୍ୱରଙ୍କୁ, ଯେଉଁମାନେ ହେଲେ ତା'ର ଚଳନ୍ତି ଓ ପ୍ରଥମ ଦେବତା। ଏହା ଖାଲି ଗୋଟିଏ ପିଢ଼ିର କଥା ନୁହେଁ, ପିଢ଼ି ପରେ ପିଢ଼ି ଦେଖାଶିଖାରୁ ଗଢ଼ି ଚାଲିବ ଆଗକୁ ଆଗକୁ। କିଏ ଅଛି କରିବ ଏହାର ସମାଧାନ ? ନା ଫେରେଇ ଆଣିବ ଆମ ପୂର୍ବ ପରିବାରକୁ ? ଉପଭୋକ୍ତାବାଦ ସଭ୍ୟତାରେ ଏହା ଆଉ ଆଶା କରା ଯାଏନା। କିଏ ଜାଣେ, ବିବର୍ତ୍ତନବାଦ ଅନୁଯାୟୀ ଯଦି କେବେ ଆସେ ସେ ସୁଦିନ !

ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

ବିରୋଧୀଙ୍କ ଶକ୍ତି

ରବିବାର ଦିନ ଦେଶର ରାଜଧାନୀ ଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ହୋଇଥିବା ଶୋଭାଯାତ୍ରା ନିକଟ ଅତୀତର ବର୍ଷମାନଙ୍କରେ ସଂସଦୀୟ ବିରୋଧୀ ଦଳମାନଙ୍କ ପକ୍ଷରୁ ହୋଇଥିବା ଯେ କୌଣସି ଶୋଭାଯାତ୍ରା ଅପେକ୍ଷା ଯେ ଯଥେଷ୍ଟ ବଡ଼ ଥିଲା, ତାହା କହିବା ବାହୁଲ୍ୟ ମାତ୍ର। ଏହି ଶୋଭାଯାତ୍ରା ଦର୍ଶାଇବାରେ ସକ୍ଷମ ହୋଇଛି ଯେ ଭୋଟର ତାଲିକାର ସଂଶୋଧନ ନାମରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କରି କିପରି କୋଟି କୋଟି ସଂଖ୍ୟକ ଯୋଗ୍ୟ ଭୋଟରଙ୍କ ନାମକୁ ତାଲିକାରୁ ବାଦ୍ ଦେବା କେବଳ ସିଇସିଙ୍କ ନୈତିକତାର ହାନି ଘଟାଇ ନାହିଁ, ବରଂ ବିଶ୍ୱ ଦରବାରରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବା ସହିତ ତାଙ୍କୁ ସମର୍ଥନ କରିବା ଯୋଗୁଁ ନରେନ୍ଦ୍ର ମୋଦୀ ସରକାରଙ୍କ ଭାବମୂର୍ତ୍ତି ଉପରେ ମଧ୍ୟ ବଡ଼ ଧରଣର ଆଞ୍ଚ ଆଣିଛି। ଏଥିପାଇଁ ସେମାନଙ୍କର ବିକ୍ଷୋଭ ଜରିଆରେ ବିରୋଧୀମାନେ କେବଳ ସିଇସିଙ୍କୁ ଲକ୍ଷ୍ୟଭୁକ୍ତ କରି ନାହାନ୍ତି, ତା' ସହିତ ନରେନ୍ଦ୍ର ମୋଦୀ ସରକାରଙ୍କୁ ମଧ୍ୟ ହରଡ଼ଘଣାରେ ପକାଇବା ଭଳି କାମ କରି ପାରିଛନ୍ତି- ତାହା ପୁଣି ଢେର୍ ସଫଳତାର ସହିତ। କେବଳ ଏତିକି ନୁହେଁ, ବିରୋଧୀମାନଙ୍କ ବିରୋଧ ପ୍ରଦର୍ଶନ ସହିତ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟଙ୍କ ନିକଟ ଅତୀତର ପର୍ଯ୍ୟବେକ୍ଷଣଗୁଡ଼ିକ ଇସିଙ୍କ ପାଇଁ ବର୍ତ୍ତମାନ ଭଳି ଆଗକୁ ଆଉ ଏସ୍‌ଆଇଆର୍ କାର୍ଯ୍ୟ ସମ୍ପାଦନ କରିବାକୁ ଅସମର୍ଥନୀୟ କରି ତୋଳିଛି। ଏହି ବିଶାଳ ସମାବେଶ ଆହୁରି ମଧ୍ୟ ସିଇସି ଏବଂ ଏସ୍‌ଆଇଆର୍ ପ୍ରକ୍ରିୟା ପ୍ରତି ସରକାରଙ୍କ ଲଗାତର ସମର୍ଥନର ବୈଧତା ଉପରେ ଏକ ବିରାଟ ପ୍ରଶ୍ନଚିହ୍ନ ଲଗାଇବା ସଙ୍ଗେ ସଙ୍ଗେ ଏଥିପାଇଁ ସେମାନଙ୍କୁ ଭବିଷ୍ୟତରେ ଦେବାକୁ ପଡ଼ିବା ପାଇଁ ଯାଉଥିବା ବହୁମୂଲ୍ୟ ସମ୍ପର୍କରେ ଏକ ଚେତାବନୀ ପ୍ରଦାନ କରିବାରେ ସକ୍ଷମ ହୋଇଛି।

ଏହା ଏକ ଅକାଟ୍ୟ ତଥ୍ୟ ଯେ ଏସ୍‌ଆଇଆର୍ ପ୍ରତିବାଦ ଇଣ୍ଡିଆ ମେଣ୍ଟ ପାଇଁ ଏକ ରାଜନୀତିକ ଦିଗ ତଥା ମଞ୍ଚ ପ୍ରଦାନ କରିଛି, ଯେଉଁଠି ଏହାର ପ୍ରତ୍ୟେକଟି ମିତ୍ର ଦଳ, ଏମିତିକି କେତେକ ପ୍ରସଙ୍ଗରେ ଏହାଠାରୁ ବିଚ୍ଛିନ୍ନ ହୋଇ ରହିଥିବା ସମବର୍ଗୀ ଦଳମାନେ ମଧ୍ୟ ସେମାନଙ୍କର ଶକ୍ତି ଓ ସାମର୍ଥ୍ୟକୁ ମିଶାଇ ପାରିବେ। ସୁଶ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି), ଯାହାର ଏହି ମେଣ୍ଟ ସହିତ ଏକ ଖାପଛଡ଼ା ସମ୍ପର୍କ ରହିଥିଲା, ବର୍ତ୍ତମାନ ଏହି ସଂଗଠନର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟି ଯାଇଛି। ବିଜୁ ଜନତା ଦଳ (ବିଜେଡି), ଓଡ଼ିଶାର ଏକ ପୂର୍ବତନ ଶାସକ ଦଳ ବର୍ତ୍ତମାନ 'ଦିଲ୍ଲୀ ଚଲୋ' ଯାତ୍ରାରେ ଯୋଗ ଦେଇଛି, ଯଦିଓ ଏହା ଇଣ୍ଡିଆ ମେଣ୍ଟର ଏକ ଅଂଶ ନୁହେଁ। ଏହି ମେଣ୍ଟରେ ଲକ୍ଷ୍ୟ କରିହେବା ଭଳି ଅନୁପସ୍ଥିତ ରହିଥିବା ଦଳ ହେଉଛି ଡିଏମ୍‌କେ, ଯାହା ଏହାର ଏକ ପ୍ରତିଷ୍ଠାତା ସଦସ୍ୟ- ଏଥିପାଇଁ କଂଗ୍ରେସ ତାମିଲନାଡୁରେ ଯେଉଁ ଏଡ଼ାଇ ନ ହେବା ଭଳି ତତ୍ପରତା ପ୍ରଦର୍ଶନ କରିଥିଲା ଏହାର ହାତ ଛାଡ଼ ସି ଯୋଶେଫ୍ ବିଜୟଙ୍କ ଟିଭିକେ ସହିତ ହାତ ମିଳାଇବା ତଥା ତାଙ୍କ କ୍ୟାବିନେଟ୍‌ରେ ଯୋଗ ଦେବା, ତାହା ହେଉଛି ମୁଖ୍ୟ କାରଣ। ତେବେ ନିକଟରେ ଚେନ୍ନାଇରେ ଏସ୍‌ଆଇଆର୍ ବିରୁଦ୍ଧରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ଟିଭିକେ ଯୋଗ ଦେଇଥିଲା। ବର୍ତ୍ତମାନ ସୁଦ୍ଧା ଘଟଣାକ୍ରମକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ବିରୋଧୀ ମେଣ୍ଟ ଏସ୍‌ଆଇଆର୍ ପ୍ରକ୍ରିୟା ଏବଂ ଏହାକୁ କାର୍ଯ୍ୟକାରୀ କରାଇ ଥିବା ସିଇସିଙ୍କ ବିରୁଦ୍ଧରେ ଏକ ସୁସଂହତ ଯୁକ୍ତି ଉପସ୍ଥାପନ କରି ପାରିଛନ୍ତି। ଆଇନର ସୀମା ବାହାରକୁ ଯାଇ ଏହି ପ୍ରକ୍ରିୟାକୁ ଏକ ବହିଷ୍କରଣ ପ୍ରକ୍ରିୟାରେ ପରିଣତ କରିବା ନିମନ୍ତେ ପାଇଁ ଇସିଙ୍କ ନିକଟରେ କୌଣସି ଯଥାର୍ଥତା ନାହିଁ। ଏହା ନିର୍ଦ୍ଦିଷ୍ଟ ଭାବରେ ଦର୍ଶାଯାଇଛି ଯେ ଜଣେ ବ୍ୟକ୍ତି ଭୋଟର ତାଲିକାରେ ସେତିକି ବେଳେ ପ୍ରବେଶ କରନ୍ତି, ଯେତେବେଳେ ସେ ଆଇନ ଦ୍ୱାରା ଅନୁମୋଦିତ ଏକ ପ୍ରକ୍ରିୟା ଦେଇ ଗତି କରିଥାନ୍ତି ଏବଂ ଇସି ମଧ୍ୟ ସେହିଭଳି ଏକ ପ୍ରକ୍ରିୟା ଦ୍ୱାରା ଜଣେ ବ୍ୟକ୍ତିଙ୍କ ନାମକୁ ତାଲିକାରୁ ବାଦ୍ ଦେଇ ପାରିବେ। ପରନ୍ତୁ, ଆଜିକା ସମୟରେ ଅନେକ ସଂଖ୍ୟକ ବିବରଣୀ ଆସିବାକୁ ଲାଗିଛି କିପରି ଇସି ଏକ ନୂଆ ଉପକରଣ ବାହାର କରିବା ସହିତ ତାକୁ ବ୍ୟବହାର କରୁଛନ୍ତି, ଯାହାକୁ 'ତାର୍କିକ ଅସଙ୍ଗତି' କୁହାଯାଉଛି। ଏହି ଉପକରଣ ବଳରେ ଇସି ଭୋଟର ତାଲିକାରୁ ନାମଗୁଡ଼ିକ କାଟୁଛନ୍ତି ଏବଂ ଏହା ସହିତ ଆହୁରି ମଧ୍ୟ ଫର୍ମ-୬ରେ ଏହା ସଂସଦର ବିନା ଅନୁମୋଦନରେ ନୂଆ ଭୋଟରଙ୍କ ନାମରେ ହେରଫେର କରାଯାଉଛି ତଥା ଫର୍ମ-୭, ଯାହାକୁ ଜଣେ ଭୋଟରଙ୍କ ନାମ ତାଲିକାରେ ରହିବାର ଯଥାର୍ଥତା ଉପରେ ଅଭିଯୋଗ ଉଠାଇବା ନିମନ୍ତେ ବ୍ୟବହାର କରାଯାଇ ଥାଏ, ତାହାର ଅପବ୍ୟବହାର କରୁଛନ୍ତି। ଏତଦ୍ ବ୍ୟତୀତ ଇସିଙ୍କ ମୁଖ୍ୟାଳୟରେ ଆଇନର ଉଲ୍ଲଙ୍ଘନ କରାଯାଇ ତଥ୍ୟ ନିକଟରେ ପହଞ୍ଚିବା ନିମନ୍ତେ ସୀମିତ ସୁଯୋଗ ପ୍ରଦାନ କରାଯିବା ମଧ୍ୟ ଏହି କ୍ଷେତ୍ରରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ।

ଭୋଟର ତାଲିକା ପ୍ରସ୍ତୁତି ଭଳି ଏକ ସାଧୁ ପ୍ରକ୍ରିୟାକୁ ଏଭଳି ଇତଃସ୍ତତ କରିବାର କ୍ଷତିକାରକ କାର୍ଯ୍ୟ କେବେ ବି ପ୍ରଶ୍ନବାଣର ସମ୍ମୁଖୀନ ନହୋଇ ରହି ପାରିବ ନାହିଁ, ଆଉ ତାହା ହିଁ ଏବେ ସମଗ୍ର ଭାରତବର୍ଷ ଦେଖିବାକୁ ପାଉଛି। ଭାରତ ଯେତେବେଳେ ଏକ ସାଧାରଣତନ୍ତ୍ର ରାଷ୍ଟ୍ର ଭାବରେ ଜନ୍ମଗ୍ରହଣ କଲା, ସାବାଳକ ମତଦାନ ଅଧିକାରକୁ ଏକ ସ୍ୱତନ୍ତ୍ର ସଫଳତା ଭାବରେ ଲାଭ କରିଥିଲା; ବିଶ୍ୱର ଅନେକ ସଂଖ୍ୟକ ବଡ଼ ବଡ଼ ଗଣତନ୍ତ୍ର ମଧ୍ୟ ଏତିକି ବୁଝିବା ପାଇଁ ବେଶ୍ କେତେକ ଦଶନ୍ଧି, ଏପରିକି ଶତାବ୍ଦୀର ସମୟ ନେଇଥିଲେ ଯେ ପ୍ରତ୍ୟେକ ନାଗରିକଙ୍କର ଏକ ଭୋଟ୍ ରହିଛି ଏବଂ ପ୍ରତ୍ୟେକ ଭୋଟ୍‌ର ମୂଲ୍ୟ ସମାନ। ଅଥଚ, ଆମ ଗଣତନ୍ତ୍ରର ଏହି ମୌଳିକ ଉପାଦାନକୁ ହେୟଜ୍ଞାନ କରିବା ନିମନ୍ତେ ଏସ୍‌ଆଇଆର୍ ବର୍ତ୍ତମାନ ଏକ ସାଧନ ବା ଉପକରଣ ପାଲଟି ଯାଇଛି। ଏସ୍‌ଆଇଆର୍ ନାମରେ କରାଯାଇଥିବା ଭୁଲ୍‌ର ସଂଶୋଧନ କରି ତାକୁ ଠିକ୍ କରିବାର ଦାବି ହେଉଛି ଯୁକ୍ତିସଙ୍ଗତ, ବୈଧ ତଥା ଗଣତାନ୍ତ୍ରିକ ଏବଂ ଏଥି ପ୍ରତି କର୍ଣ୍ଣପାତ କରାଯିବା ଉଚିତ। ଗଣତନ୍ତ୍ରର ସ୍ୱାର୍ଥ ଏବଂ ସୁରକ୍ଷା ପାଇଁ, ଯାହା କିଛି ବି ଭୁଲ୍ କାର୍ଯ୍ୟ ଏହା ବିରୁଦ୍ଧରେ ଯାଉଛି, ସେଥିପାଇଁ ଦାୟୀ ରହୁଥିବା ଲୋକମାନଙ୍କୁ ଉତ୍ତରଦାୟୀ କରାଯିବା ସହିତ ଏପରି କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଆଇନର କାଠଗଡ଼ା ଭିତରକୁ ଅଣାଯିବା ଆବଶ୍ୟକ। ସରକାର, ସୁପ୍ରିମ୍‌କୋର୍ଟ ଏବଂ ଇସିଙ୍କ ଉପରେ ବର୍ତ୍ତମାନ ତେଣୁ ନିର୍ଭର କରୁଛି, ସେମାନେ ଏହି ପ୍ରମୁଖ ପ୍ରସଙ୍ଗ ପ୍ରତି କେଉଁ ଆଭିମୁଖ୍ୟ ଆପଣାଇବେ, ତାହା ସ୍ଥିର କରିବା ଜରୁରୀ।

ପରିସ୍ଥିତି ଓ ମନଃସ୍ଥିତି

ଯେତେବେଳେ ପରିସ୍ଥିତି ଆମର ମନଃସ୍ଥିତିକୁ ବଦଳାଇ ଦେଇଥାଏ। ଆଉ କେତେବେଳେ ମନଃସ୍ଥିତି ଦୃଢ଼ ଥିଲେ ପରିସ୍ଥିତି ମଧ୍ୟ ବଦଳି ଯାଇଥାଏ। ଜୀବନକୁ ସୁଗମ ଓ ସରଳ କରିବା ପାଇଁ ପରିସ୍ଥିତି ଅନୁସାରେ ମନଃସ୍ଥିତିକୁ ବଦଳାଇ ଚଳିବାକୁ ପଡ଼ିବ। ବେଳେବେଳେ ଘଟଣାଟିଏ ଆମକୁ ବ୍ୟତିବ୍ୟସ୍ତ କରି ପକାଏ। ତା' ପଛରେ ଥିବା ଘଟଣା ଆମ ପାଇଁ ଅଦେଖା ଓ ଅଜଣା ଥାଏ। ତେଣୁ ଆମେ ପରିସ୍ଥିତିକୁ ବିପଦ ବୋଲି ଭାବିଥାଉ। କିନ୍ତୁ ପ୍ରତ୍ୟେକ ପରିସ୍ଥିତି ପଛରେ କିଛି ନା କିଛି ମହତ ଉଦ୍ଦେଶ୍ୟ ଲୁଚିଥାଏ। ଏହି ଭାବନା ଆସିଲେ ମନଃସ୍ଥିତି ବଦଳି ଯାଏ; ଆଉ ପରିସ୍ଥିତି ମଧ୍ୟ ସ୍ୱାଭାବିକ ଜଣାଯାଏ।

ତପୋଧନ ନଗର। ସେହି ନଗରରେ ଗୁରୁକୁଳଟି ଥିଲା ଲୋକାରଣ୍ୟଠାରୁ ଦୂରରେ। ରାଜକୁମାର ଶାଶ୍ୱତ ଓ ମନ୍ତ୍ରୀଙ୍କ ପୁତ୍ର ଶୈଳେନ୍ଦ୍ର ଏକାଠି ଅଧ୍ୟୟନ କରୁଥିଲେ ସେହି ଗୁରୁକୁଳରେ। ଭଲ ପଢୁଥିଲେ ମଧ୍ୟ। ଗୁରୁଜୀ ଉଭୟଙ୍କୁ ଖୁବ୍ ଆଦର ଓ ସ୍ନେହ କରୁଥିଲେ। ରାଜକୁମାର ଶାଶ୍ୱତ ଗୁରୁଙ୍କ ସେବାରେ ବ୍ରତୀ ଥିଲେ। ନିଜକୁ ରାଜାଙ୍କର ପୁତ୍ର ନ ଭାବି ଅତି ସାଧାରଣ ପିଲାଟିଏ ପରି ସେବା କରୁଥିଲେ। ପ୍ରତିଟି ଆଦେଶ ଉପଦେଶକୁ ସହଜରେ ମାନି ନେଉଥିଲେ। ମନ୍ତ୍ରୀଙ୍କ ପୁତ୍ର ଶୈଳେନ୍ଦ୍ର କିନ୍ତୁ ଥିଲା ଟିକିଏ ଦୁଷ୍ଟ ପ୍ରକୃତିର। ଗୁରୁଙ୍କୁ ସମ୍ମୁଖରେ ଭଲ କଥା, ବ୍ୟବହାର କରୁଥିଲେ ମଧ୍ୟ ପଛରେ ଗୁରୁଙ୍କ ନିନ୍ଦା କରୁଥିଲା। ଦିନେ ପଡ଼ୋଶୀ ରାଜ୍ୟର ରାଜକୁମାରୀ କାଦମ୍ବିନୀ ସଖୀଙ୍କ ଗହଣରେ ବୁଲୁଥିବା ଅବସ୍ଥାରେ ଚିରସ୍ରୋତା ନଦୀରେ ଭାସିଗଲେ। ଚେତାଶୂନ୍ୟ ଅବସ୍ଥାରେ ନଦୀ କୂଳରେ ଲାଗିଥିବା ବେଳେ ଶାଶ୍ୱତ ଓ ଶୈଳେନ୍ଦ୍ର ତାଙ୍କୁ ଉଦ୍ଧାର କରିଥିଲେ। ଚେତା ଫେରିବା ପରେ ଗୁରୁକୁଳକୁ ଆଣିଥିଲେ। କାଦମ୍ବିନୀ ସୁସ୍ଥ ହେବା ପରେ ଗୁରୁଜୀ ତାଙ୍କୁ ନିଜ ରାଜ୍ୟକୁ ପଠାଇବାର ବ୍ୟବସ୍ଥା କରିଥିଲେ।

ଏହା ଭିତରେ ଉଭୟ ଶୈଳେନ୍ଦ୍ର ଓ ଶାଶ୍ୱତଙ୍କର ଦୁର୍ବଳତା ଆସିଥିଲା କାଦମ୍ବିନୀଙ୍କ ପ୍ରତି। ସମୟକ୍ରମେ ଗୁରୁ ଏ ବିଷୟରେ ଜାଣିଲେ। ଉଭୟ ଶୈଳେନ୍ଦ୍ର ଓ ଶାଶ୍ୱତ ଜାଣିଥିଲେ କାଦମ୍ବିନୀକୁ ପାଇହେବ, ଯଦି କେବଳ ଗୁରୁ ଚାହିଁବେ। ତେଣୁ ଶାଶ୍ୱତ ତ ପୂର୍ବରୁ ନିଷ୍ଠାର ସହିତ ଗୁରୁଙ୍କ ସେବା କରୁଥିଲେ। କିନ୍ତୁ ମନ୍ତ୍ରୀଙ୍କ ପୁତ୍ର ଶୈଳେନ୍ଦ୍ର ଭକ୍ତିର ବାହାନା କରି ଗୁରୁଙ୍କ ସେବା କଲା। କିଛି ଦିନ ପରେ ମନ୍ତ୍ରୀଙ୍କ ପୁତ୍ର ଶୈଳେନ୍ଦ୍ରଙ୍କ ସହ ପଡ଼ୋଶୀ ରାଜ୍ୟର ରାଜକୁମାରୀ କାଦମ୍ବିନୀଙ୍କର ବିବାହ ହୋଇଗଲା। ଏହା ଦେଖି ରାଜକୁମାର ଶାଶ୍ୱତ ଦୁଃଖିତ ହେଲେ। ଅନ୍ୟ ସମସ୍ତେ ଭାବିଥିଲେ ଶାଶ୍ୱତଙ୍କୁ ଗୁରୁ ରାଜକୁମାରୀ କାଦମ୍ବିନୀଙ୍କ ସହିତ ବିବାହ କରାଇ ଦେବେ ବୋଲି।

ମନ୍ତ୍ରୀଙ୍କ ପୁତ୍ର ଶୈଳେନ୍ଦ୍ର ଖୁବ୍ ଆନନ୍ଦରେ ଥିଲେ କାଦମ୍ବିନୀଙ୍କୁ ନେଇ। ବିତିଗଲା କିଛି ଦିନ। କାଦମ୍ବିନୀଙ୍କ ସହ ଶୈଳେନ୍ଦ୍ରଙ୍କର ବିଚ୍ଛେଦ ହେଲା। ଫଳରେ ବିବାହର ସୁଖ ଅପେକ୍ଷା ବିଚ୍ଛେଦ ଯନ୍ତ୍ରଣା ବଳି ପଡ଼ିଲା। ଏହି ପରିସ୍ଥିତିକୁ ଦେଖି ଶାଶ୍ୱତ ଗୁରୁଙ୍କ ଦୂରଦୃଷ୍ଟିକୁ ବୁଝି ପାରିଥିଲେ ଏବଂ ଗୁରୁଙ୍କ ପ୍ରତି ମନରେ ଆଣିଥିବା କ୍ଷୋଭରୁ ବିରତ ହୋଇଥିଲେ।

ଲେଖା ପଠାଇବାର ଠିକଣା, ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN

ଘୁଞ୍ଚିଲା ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ

ନୟାଗଡ଼,୨।୧୧/ଏନ୍‌ଏନ୍‌ଏସ୍: ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହେବାକୁ ଥିବା ଜିଲ୍ଲା ଯୁବ ମହୋତ୍ସବ କାର୍ଯ୍ୟକ୍ରମ ସମ୍ଭାବ୍ୟ ବାତ୍ୟା 'ମୁରାସୁ' କାରଣରୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ନଭେମ୍ବର ୪ ଓ ୫ ତାରିଖରେ ହେବାକୁ ଥିବା ଏହି ମହୋତ୍ସବକୁ ଘୁଞ୍ଚାଯାଇ ଆସନ୍ତା ନଭେମ୍ବର ୧୦ ତାରିଖରେ ଆୟୋଜନ କରାଯିବାକୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥିର କରାଯାଇଛି। କାର୍ଯ୍ୟକ୍ରମର ସ୍ଥାନ ଓ ସମୟ ଅପରିବର୍ତ୍ତିତ ରହିବ। ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାବାସୀ ତଥା ପ୍ରତିଯୋଗୀମାନଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

ସ୍ତ୍ରୀ ରୋଗ ବିଶେଷଜ୍ଞ ନିଯୁକ୍ତି ଦାବି



ଡେଲାଙ୍ଗ,୨।୧୧/ଏନ୍‌ଏନ୍‌ଏସ୍: ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ପଦବୀ ମଞ୍ଜୁର ଥିବା ସତ୍ତ୍ୱେ ଦୀର୍ଘ ବର୍ଷ ହେଲା ଏହି ପଦବୀ ଖାଲିପଡ଼ିଛି। ଯାହାଫଳରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ମହିଳା ରୋଗୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧ୍ୟ ହୋଇ ଘରୋଇ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଇ ଅଧିକ ଖର୍ଚ୍ଚାନ୍ତ ହେଉଥିବା ଜଣାପଡ଼ିଛି। ଯଥାଶୀଘ୍ର ଏହି ପଦବୀ ପୂରଣ କରିବା ପାଇଁ ଶୁକ୍ରବାର ଅନୁଷ୍ଠିତ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟି ବୈଠକରେ ସଭ୍ୟମାନେ ଦାବି କରିଛନ୍ତି। ସ୍ଥାନୀୟ ବିଧାୟକ ତଥା ରୋଗୀ କଲ୍ୟାଣ ସମିତିର ଚେୟାରମ୍ୟାନ ଆଶ୍ରିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପରିଚାଳନା କମିଟି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାଦେବୀ ରାଉତରାୟ, ବିଡ଼ିଓ ସମୀର ବେହେରା, ଆବାହକ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା. ବିନୟ କୁମାର ଦାସ, ବ୍ଲକ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ଚାଉଳିଆ, ଡା. ସୋନି ସାମନ୍ତରାୟ, ସଭ୍ୟ ତଥା ଆମ୍ବା କମିଟି ଅଧ୍ୟକ୍ଷ ଲଡୁକିଶୋର ରାୟ, ଶ୍ୱେତକୁମାର ନାୟକ, ସୁଧାଂଶୁ ଶେଖର ପରିଡା, ବିପିଏମ ଦିଲ୍ଲୀପ କୁମାର ପରିଡା, ବିଏଏମ ସୁଶ୍ରୀ ଶିବଉପାସିନୀ ମହାରଣା ପ୍ରମୁଖ ଉପସ୍ଥିତ ରହି ଗତ ଏପ୍ରିଲ ମାସ ଠାରୁ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଆୟ ବ୍ୟୟ ବିବରଣୀ ଓ ୨୦୨୬-୨୭ ବର୍ଷ ପାଇଁ ବଜେଟ ଅନୁମୋଦନ କରିଥିଲେ। ପ୍ରାରମ୍ଭରେ ଅଧିକ୍ଷକ ଡା. ଦାସ ସମିତି ଅଧ୍ୟକ୍ଷ ତଥା ସଭ୍ୟସଭ୍ୟାମାନଙ୍କୁ ସ୍ୱାଗତ କରିବା ସହ ବୈଠକର ଲକ୍ଷ୍ୟ ଓ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ୧୬ଟି ଆୟୁଷ୍ମାନ ଜନଆରୋଗ୍ୟ କେନ୍ଦ୍ର ମଧ୍ୟରୁ ବେରବୋଇ ଓ ନଡ଼ାଖଣ୍ଡରେ ଜମି ଅଧିଗ୍ରହଣ ହୋଇନଥିବାରୁ ନୂତନ ଗୃହ ନିର୍ମାଣ କାମ ଆରମ୍ଭ ହୋଇନଥିବା ବେଳେ ବରକେରା, ସାଉରିଆ, ଗଡ଼ମୋଟରୀ, ଗୋବିନ୍ଦପୁର କେନ୍ଦ୍ର ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ହେଲେ ଏ ପର୍ଯ୍ୟନ୍ତ ହସ୍ତାନ୍ତର ହୋଇନଥିବାରୁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଷଢାଙ୍ଗୋଇ କେନ୍ଦ୍ର ଗୃହର ମରାମତି ଆବଶ୍ୟକ ରହିଛି ଓ ପୀଡ଼ପାଟଣା ଓ ଧାନକେରା କେନ୍ଦ୍ର ଗୃହ ନିର୍ମାଣ ସତ୍ତ୍ୱେ ପାନୀୟ ଜଳ ବ୍ୟବସ୍ଥା ହୋଇନଥିବା ସମ୍ପର୍କରେ ବିପିଏମ ଶ୍ରୀ ପରିଡା ସୂଚନା ଦେଇଥିଲେ। ଯଥାଶୀଘ୍ର ସମ୍ପୂର୍ଣ୍ଣ ହୋଇଥିବା ଗୃହ ହସ୍ତାନ୍ତରୀକରଣ ଉପରେ ଗୁରୁତ୍ୱ ଦେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ବିଡ଼ିଓ ଶ୍ରୀ ବେହେରାଙ୍କୁ ବିଧାୟକ ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଚାଉଳିଆ ଧନ୍ୟବାଦ ଅର୍ପଣ କରିଥିଲେ।

ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର୍ ବସାଇବାକୁ ଗ୍ରାମବାସୀଙ୍କ ଦାବି



କୋଣାର୍କ,୨।୧୧/ଏନ୍‌ଏନ୍‌ଏସ୍: କୋଣାର୍କ ଥାନା ଅଧୀନ କାଦୁଆ ନୂଆଗାଁ ପଞ୍ଚାୟତ ଧନିତ୍ରୀ ଗ୍ରାମର ଗଡ଼ଜାତ ସାହିର ଗ୍ରାମବାସୀମାନେ ସୋମବାର ମଧ୍ୟାହ୍ନରେ କୋଣାର୍କ ବସଷ୍ଟାଣ୍ଡ ନିକଟସ୍ଥ ଟାଟା କମ୍ପାନୀ ପରିଚାଳିତ ଟିପିସିଓଡିଏଲ୍‌ର ଗ୍ରୀଡ୍ କାର୍ଯ୍ୟାଳୟଠାରେ ପହଞ୍ଚି ନିଜ ସାହିରେ ଦୀର୍ଘ ଦିନ ଧରି ଲୋ ଭୋଲ୍‌ଟେଜ୍ ରହିବା, ବାରମ୍ବାର ବିଦ୍ୟୁତ କଟିବା ଓ କାଦୁଆ ନଦୀ ପାର ହୋଇ ଇଲେକ୍ଟ୍ରି ଖୋଲା ତାର ବିପଦପୂର୍ଣ୍ଣ ଭାବେ ଯାଇଥିବାକୁ ନେଇ ବିଭିନ୍ନ ସମୟରେ ଗାଈ ଗୋରୁଙ୍କ ସଂସ୍ପର୍ଶରେ ଆସି ଅଘଟଣ ଘଟିବା ସହିତ ଚୋରାରେ ନଦୀକୂଳ ଲୋକମାନେ ବେଆଇନ୍ ଭାବେ ଇଲେକ୍ଟ୍ରି ସଂଯୋଗ କରି ନେଉଥିବାରୁ ସାହିରେ ଚଳୁଥିବା ପ୍ରାୟ ୫୦ଘରରୁ ଊର୍ଦ୍ଧ୍ୱ ପରିବାର ଲୋ ଭୋଲ୍‌ଟେଜ୍ ସମସ୍ୟାର ସମ୍ମୁଖୀନ ହୋଇ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି କାର୍ଯ୍ୟାଳୟ ସମ୍ମୁଖରେ ସମୂହ ବସି ରହି ନୂତନ ଆଉ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର ଗଡ଼ଜାତ ସାହିରେ ଲଗାଇବାକୁ ଦାବି କରିଥିଲେ। ଗ୍ରୀଡ଼ରେ ଉପସ୍ଥିତ ବରିଷ୍ଠ କର୍ମଚାରୀ ସନ୍ତୋଷ କୁମାର ସ୍ୱାଇଁଙ୍କ ପରାମର୍ଶକ୍ରମେ ଗ୍ରାମବାସୀମାନେ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ।

ମରଣଯନ୍ତା ପାଲଟିଥିବା ରାସ୍ତାର ମରାମତି ଦାବି



କଣ୍ଟିଲୋ,୨।୧୧/ଏନ୍‌ଏନ୍‌ଏସ୍: ୪୮ନଂ ରାଜ୍ୟ ରାଜପଥ ଉପରେ ଅବସ୍ଥିତ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତ ଅନ୍ତର୍ଗତ ରାଜକିଆରୀ ଛକଠାରୁ ସିଧାମୂଳା ଗ୍ରାମ ନିକଟରେ ଥିବା ମହାନଦୀ ବ୍ରିଜ୍‌କୁ ସଂଯୋଗ କରୁଥିବା ପୂର୍ତ୍ତବିଭାଗ ରାସ୍ତା ଆଜିକା ଦିନରେ ଏତେ ଶୋଚନୀୟ, ବିପଦସଙ୍କୁଳ ଓ ମରଣଯନ୍ତା ଅବସ୍ଥାରେ ଥିବା ହେତୁ ତୁରନ୍ତ ଏହାର ନିର୍ମାଣ ପାଇଁ ଦାବି ହେଉଛି। ସୂଚନାରୁ ଜଣାପଡ଼ିଛି ଯେ, ଯେହେତୁ ଏହି ରାସ୍ତା କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର ପ୍ରଭୃତି ବିଭିନ୍ନ ଜିଲ୍ଲାକୁ ସଂଯୋଗ କରୁଛି, ସେଥିପାଇଁ ପ୍ରତ୍ୟେକ ଦିନ ଏହି ରାସ୍ତା ଓ ମହାନଦୀ ବ୍ରିଜ୍ ଦେଇ ହଜାର ହଜାର ଦୁଇଚକିଆ, ତିନିଚକିଆ, ଚାରିଚକିଆ ଗାଡ଼ି ସହିତ ଦ୍ରୁତଗାମୀ ବସ୍, ବହୁ ଭାରୀଯାନ ଓ ହାଇୱା ଗାଡ଼ି ଯାତାୟାତ କରୁଥିବା ନଜିର ଅଛି। ଦୀର୍ଘ ବର୍ଷ ହେଲା ଏହି ରାସ୍ତାର ଶୋଚନୀୟ ତଥା ବିପଦସଙ୍କୁଳ ସ୍ଥିତି ସର୍ବସାଧାରଣଙ୍କ ପାଇଁ ମରଣଯନ୍ତା ପାଲଟିଛି। ବାରମ୍ବାର ଏହି ରାସ୍ତାର ମରାମତି ପାଇଁ ଦାବି ହେଉଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ, ଏସ୍‌ଡିଓ ଓ ଅଧୀକ୍ଷଣ ଯନ୍ତ୍ରୀମାନେ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଯଥାଶୀଘ୍ର ଏହି ରାସ୍ତାର ମରାମତି କାର୍ଯ୍ୟ ସାରି ସର୍ବସାଧାରଣଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ମାଧବ ମନ୍ଦିରରେ ଅନ୍ନପ୍ରସାଦ ସେବାରମ୍ଭ

ଚାରିଛକ,୨।୧୧/ଏନ୍‌ଏନ୍‌ଏସ୍: ପୁରୀ ଶ୍ରୀଜଗନ୍ନାଥଙ୍କ ମାମୁଁଘର ଭାବେ ପରିଚିତ ଚାରିଛକ ନିକଟସ୍ଥ ନିଆଳୀସ୍ଥିତ ଐତିହାସିକ ତଥା ଆଧ୍ୟାତ୍ମିକ ପୀଠ ଶ୍ରୀ ଶ୍ରୀ ମାଧବାନନ୍ଦଜିଉଙ୍କ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ମାଧବା ଅନ୍ନପ୍ରସାଦର ଶୁଭାରମ୍ଭ ହୋଇଯାଇଛି। ମନ୍ଦିର ପ୍ରଶାସନ ତଥା ସ୍ଥାନୀୟ ସେବାୟତ ଓ ଟ୍ରଷ୍ଟ ବୋର୍ଡର ମିଳିତ ସହଯୋଗରେ ଆଜିଠାରୁ ଏହି ମହାତ୍ମ୍ୟପୂର୍ଣ୍ଣ ସେବା ନିଆଳି ତହସିଲଦାର ତାରେଣୀ ରଂଜନ ରାୟଙ୍କ ତତ୍ତ୍ୱାବଧାନରେ ଆଜି ମାଧବ ମନ୍ଦିରରେ ଭକ୍ତମାନଙ୍କ ନିମନ୍ତେ ମାଧବାନ୍ନ ପ୍ରସାଦର ସୁବନ୍ଦୋବସ୍ତ କରାଯାଇଥିଲା। ଦୂରଦୂରାନ୍ତ ଶ୍ରଦ୍ଧାଳୁମାନେ ଯେପରି ପ୍ରସାଦ ସେବାରୁ ବଞ୍ଚିତ ନ ହେବେ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୁରୀ ଶ୍ରୀମନ୍ଦିର ଓ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପରି ମାଟି କୁଢ଼ୁଆରେ ମାଧବାନ୍ନ ପ୍ରସାଦ ତିଆରି କରାଯାଇ ଠାକୁରଙ୍କ ନିକଟରେ ଭୋଗ ଲାଗି ପରେ ଭକ୍ତମାନଙ୍କୁ ପ୍ରସାଦ ଦିଆଯିବ। ପ୍ରଥମ ଦିନରେ ଶତାଧିକ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ତହସିଲଦାରଙ୍କ ସହିତ ନିଆଳି ବ୍ଲକର ପୂର୍ବତନ ଚେୟାରମ୍ୟାନ ନ୍ୟାୟବ୍ରତ ରାଉତ, ସେବକ ତ୍ରିଲୋଚନ ପୁଷ୍ପାଳକ, ପ୍ରଦୀପ ପୁଷ୍ପାଳକ, ସନ୍ତୋଷ ପୁଷ୍ପାଳକ, ପୂର୍ଣ୍ଣଚନ୍ଦ୍ର ପୁଷ୍ପାଳକ, ପ୍ରଶାନ୍ତ ପୁଷ୍ପାଳକ, ମନ୍ଦିର ହେଡିଟାରୀ ଟ୍ରଷ୍ଟୀ ଚନ୍ଦନ ଦେବଗୋସ୍ୱାମୀ, ସମାଜସେବୀ ପିତାମ୍ବର ଆଚାର୍ଯ୍ୟଙ୍କ ସମେତ ଛତିଷା ନିଯୋଗର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

ବ୍ଲକ୍‌ସ୍ତରୀୟ 'ସୁରଭି'ରେ ଶିଶୁଙ୍କ ପ୍ରତିଭା ପ୍ରଦର୍ଶନ



ନୟାଗଡ଼,୨।୧୧/ଏନ୍‌ଏନ୍‌ଏସ୍: ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଶିଶୁ ପ୍ରତିଭା ଉତ୍ସବ 'ସୁରଭି' କାର୍ଯ୍ୟକ୍ରମ ସୋମବାର ନୟାଗଡ଼ ବ୍ଲକ ଅନ୍ତର୍ଗତ ସିନ୍ଦୁରିଆ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଆନନ୍ଦୋଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନୟାଗଡ଼ ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବ୍ଲକ ଶିକ୍ଷାଧିକାରିଣୀ ମୁନରାଣୀ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରୀ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ, ପିଲାମାନେ କେବଳ ପାଠପଢ଼ା ନୁହେଁ, ବରଂ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରିବା ଦରକାର। ପିତାମାତାମାନେ ପିଲାଙ୍କୁ ଅଯଥା ଆକଟ ନକରି ସେମାନଙ୍କୁ ସବୁ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ନୟାଗଡ଼ ବ୍ଲକର ୧୫ଟି କ୍ଲଷ୍ଟରରୁ ଜୁନିୟର ଓ ସିନିୟର ଉଭୟ ବିଭାଗର ମୋଟ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସାଧାରଣ ଜ୍ଞାନ, କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ପ୍ରବନ୍ଧ, ଦେଶାତ୍ମବୋଧକ ସଙ୍ଗୀତ, ସୁନ୍ଦର ହସ୍ତାକ୍ଷର ତଥା ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ନିଜର ବହୁମୁଖୀ ପ୍ରତିଭାର ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଞ୍ଜୟ ମଲ୍ଲିକ ଏବଂ ଅମିତା ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶେଖ୍ ଅବଦୁଲ ଖାଲିକ୍ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଶୋକ ମଲ୍ଲ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

କଣ୍ଟିଲୋ ପ୍ରିମିଅର୍ ଲିଗ୍: ଏନ୍‌ପି ୟୁଥ୍ କ୍ଲବ୍ ଓ ବିକାଶ ୱାରିଅର୍ ବିଜୟୀ

କଣ୍ଟିଲୋ,୨।୧୧/ଏନ୍‌ଏନ୍‌ଏସ୍: ସାଇ କୃପା କ୍ରିକେଟ କମିଟି ଆନୁକୂଲ୍ୟରେ ସ୍ଥାନୀୟ ପଲ୍ଲନ ପଡ଼ିଆରେ ଚାଲିଥିବା ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଏନ୍‌ପି ୟୁଥ୍ କ୍ଲବ୍ ଓ ବିକାଶ ୱାରିଅର ଟିମ୍ ବିଜୟୀ ଘୋଷିତ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଏନ୍‌ପି ୟୁଥ୍ କ୍ଲବ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଦିପୁ କିଙ୍ଗସ୍‌କୁ ଆମନ୍ତ୍ରଣ କରିବା ପରେ ନିର୍ଦ୍ଧାରିତ ୧୨ଓଭରରେ ଦିପୁ କିଙ୍ଗସ୍ ୬ ୱିକେଟ୍ ହରାଇ ୧୨୮ରନ୍ ସଂଗ୍ରହ କରିଥିଲା। ଜବାବରେ ପରବର୍ତ୍ତୀ ସମୟେ ଏନ୍‌ପି ୟୁଥ୍ କ୍ଲବ୍ ବ୍ୟାଟିଂ କରି ୧୧.୫ ଓଭରରେ ୪ ୱିକେଟ୍ ହରାଇ ୧୨୯ ରନ୍ ସଂଗ୍ରହ କରି ୬ ୱିକେଟ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବେ ଜ୍ୟୋତିରଞ୍ଜନ ସାହୁ ଚୟନ ହୋଇଥିବା ବେଳେ ସରୋଜ କୁମାର ମହାରଣା ଓ ଅଶୋକ ବାରିକ ପରିଚାଳନା କରିଥିଲେ। ସେକେଣ୍ଡ ମ୍ୟାଚରେ ଅଶୋକା କିଙ୍ଗସ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ୧୨ଓଭରରେ ୭ୱିକେଟ୍ ହରାଇ ୯୪ ରନ୍ ସଂଗ୍ରହ କରିଥିଲା ବେଳେ ଏହାର ଜବାବରେ ବିକାଶ ୱାରିଅର ବ୍ୟାଟିଂ କରି ୧୧.୫ ଓଭରରେ ୬ ୱିକେଟ୍ ହରାଇ ୯୭ ରନ୍ କରିଥିବାରୁ ୪ ୱିକେଟ୍‌ରେ ବିଜୟୀ ଘୋଷିତ ହୋଇଥିଲା। ଏହି ମ୍ୟାଚ୍‌ରେ ବିଜୟୀ ଦଳର ଦୀପ୍ତିରଞ୍ଜନ ଦାସ ଶ୍ରେଷ୍ଠ ଖେଳାଳି ଭାବେ ଚୟନ ହୋଇଥିବା ବେଳେ ପରିଚାଳନା କରିଥିଲେ ଶିବନାରାୟଣ ସାହୁ ଓ ସରୋଜ କୁମାର ମହାରଣା। ଧାରା ବିବରଣୀ ଆଦିତ୍ୟ କୁମାର ପାଢ଼ୀ ଓ ସ୍କୋରର ଭାବେ ଶଙ୍କର ବେହେରା ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ମ୍ୟାଚ୍‌ରେ ଦିପୁ କିଙ୍ଗସ୍ ବନାମ ଆର୍‌କେ ଇଲେଭେନ ଓ ଏନ୍‌ପି ୟୁଥ୍ କ୍ଲବ୍ ବନାମ ଶତପଥୀ ଲାୟନ୍ସ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

ବିକାଶ ପରିଷଦ ତରଫରୁ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ

ମାହାଙ୍ଗା,୨।୧୧/ଏନ୍‌ଏନ୍‌ଏସ୍: କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍‌ର ମାହାଙ୍ଗା ପଞ୍ଚାୟତ ସ୍ଥିତ ରାଧାକାନ୍ତ ରଙ୍ଗମଞ୍ଚରେ ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୪ତମ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ସମାଜସେବୀ ଯାଜ୍ଞସେନୀ ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଶିଷ୍ଟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ବକ୍ତା ଭାବେ ମହିମା ଧର୍ମ ଗବେଷକ ତଥା 'ମାହାଙ୍ଗା ଇତିହାସ' ପୁସ୍ତକର ରଚୟିତା ଡ଼. ଏକାଦଶୀ ପ୍ରଧାନ, ନାଟ୍ୟକାର ଅଭୟ କୁମାର ଦାସ ପ୍ରମୁଖ ଯୋଗଦେଇ ଓଡ଼ିଆ ନାଟକର ଏନ୍ତୁଡିଶାଳ ଆଦି ନାଟ୍ୟକାର ଜଗନମୋହନ ଲାଲାଙ୍କ ହାତଡିଆରି ରାଧାକାନ୍ତ ରଙ୍ଗମଞ୍ଚର ମାହାତ୍ମ୍ୟ ଏବଂ ମାହାଙ୍ଗାର ଅଧିଷ୍ଠିତ ଶ୍ରୀ ଶ୍ରୀ ବିନୋଦବିହାରୀଙ୍କ ମହିମାରୁ କିପରି ଭାବେ ଗଣକବି ବୈଷ୍ଣବ ପାଣି ବରପ୍ରାପ୍ତ ହୋଇ ତାଙ୍କର ପ୍ରଥମ ଗୀତାଭିନୟ ରଚନା କରିଥିଲେ ସେ ବାବଦରେ ଅତିଥିମାନେ ବିସ୍ତୃତଭାବେ ଆଲୋଚନା କରିବା ସହିତ ବୈଷ୍ଣବ ପାଣିଙ୍କ ଜୀବନଦଶା ଓ ଦୁର୍ଦ୍ଦଶା ସମ୍ପର୍କରେ ଉପସ୍ଥିତ ଦର୍ଶକଙ୍କୁ ସଂଳାପ ମାଧ୍ୟମରେ ସ୍ତମ୍ଭୀଭୂତ କରିଦେଇଥିଲେ। ଶେଷରେ ଗୀତିନାଟ୍ୟ ପ୍ରତିଯୋଗିତାରେ ମା' ବାସୁଳେଇ ଯୁବପରିଷଦ ଡାହାଳିଆ, ଅଚ୍ୟୁତପୁର ତରଫରୁ 'ଦକ୍ଷଯଜ୍ଞ' ଗୀତିନାଟ୍ୟ ପରିବେଷଣ କରାଯାଇଥିବା ବେଳେ ଶ୍ରୀରାମ ସାଂସ୍କୃତିକ ଯୁବପରିଷଦ ମଉଦା 'ଜରାଷନ୍ଧ ବଧ' ଓ ଭାଗବତ ଗୋସାଇଁ ସାଂସ୍କୃତିକ ସଂସଦ ବଇରୁଆଁ ତରଫରୁ 'କର୍ଣ୍ଣବଧ' ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ, ବୁଦ୍ଧିଜୀବୀ ଓ ବହୁ ସାହିତ୍ୟିକମାନେ ଯୋଗଦେଇ ମଞ୍ଚସ୍ଥ ହୋଇଥିବା ତିନିଗୋଟି ଗୀତିନାଟ୍ୟକୁ ବେଶ୍ ଉପଭୋଗ କରିଥିଲେ। ଶେଷରେ ଅମୂଲ୍ୟ ପ୍ରସାଦ ଲାଲ୍ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ଶିବିର

କୁଆଁପାଳ,୨।୧୧/ଏନ୍‌ଏନ୍‌ଏସ୍: ମାହାଙ୍ଗା ବ୍ଲକର ଗୋତରା ପଞ୍ଚାୟତ ଅନ୍ତର୍ଗତ ପ୍ରହରାଜପୁର ସ୍ଥିତ ଗଣେଶ ମଣ୍ଡପଠାରେ ପ୍ରତିଶ୍ରୁତି ହେଲଥ୍ କେୟାର ପାରିପଲେଇ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଶ୍ରୁତି ହେଲଥ କେୟାର ଡାଇରେକ୍ଟର ମାନସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସ୍ୱାସ୍ଥ୍ୟସେବା ଶିବିରରେ ୬୦ରୁ ଊର୍ଦ୍ଧ୍ୱ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରବର୍ତ୍ତୀ ସମୟରେ ପ୍ରତିଶ୍ରୁତି ହେଲଥ କେୟାର ପାରିପଲେଇରେ ରୋଗୀମାନେ ଅଭିଜ୍ଞ ଡାକ୍ତରମାନଙ୍କ ପରାମର୍ଶ ନେବା ପାଇଁ ସୂଚନା ଦିଆଯାଇଥିଲା। ଏହି ମାଗଣା ସ୍ୱାସ୍ଥ୍ୟପରୀକ୍ଷା କେନ୍ଦ୍ରରେ ଡାକ୍ତର ଦେବୀପ୍ରସାଦ ସାହୁ, ସହକର୍ମୀ ଅଜିତ୍ କୁମାର ମହାନ୍ତି, ଜ୍ଞାନରଞ୍ଜନ ଓଝା, ମନ୍ମଥ ସେନାପତି, ପ୍ରମାଥିନୀ ରାଉତରାୟ, ମମତା ଭୋଇ ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପ୍ରତିଶ୍ରୁତି ହେଲଥ କେୟାର ତରଫରୁ ଅନୁଷ୍ଠିତ ମାଗଣା ସ୍ୱାସ୍ଥ୍ୟସେବା ଶିବିରକୁ ସାଧାରଣରେ ସ୍ୱାଗତ କରାଯାଇଛି। ମାହାଙ୍ଗା ଅଞ୍ଚଳରେ ଅଧିକରୁ ଅଧିକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ କରାଇବା ଉପରେ ହେଲ୍‌ଥ କେୟାର ନିର୍ଦ୍ଦେଶକ ଗୁରୁତ୍ୱ ଦେଉଥିବାରୁ ସାଧାରଣରେ ଏହି କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

କଲେଜ ରୋଡ୍ ଅବସ୍ଥା ଶୋଚନୀୟ

ସାଲେପୁର,୨।୧୧/ଏନ୍‌ଏନ୍‌ଏସ୍: ସାଲେପୁର କଲେଜ ରୋଡ଼ର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ଏହି ରାସ୍ତା ଖାଲଖମା ପୂର୍ଣ୍ଣ ହେବା ସହିତ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି। ଏହି ରାସ୍ତା ଦେଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ଶହ ଶହ ରୋଗୀଙ୍କ ସମେତ ଆମ୍ବୁଲାନ୍ସ ଯାତାୟାତ କରୁଛି। ଏଥିସହ ସାଲେପୁର କଲେଜ, ଫାର୍ମାସୀ କଲେଜ, ଇଂଲିଶ ମିଡିୟମ ସ୍କୁଲ ଓ ଆଦର୍ଶ ବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଅନ୍ୟପକ୍ଷରେ ରାସ୍ତାଟି ସଂକୀର୍ଣ୍ଣ ହୋଇଥିବାରୁ ପ୍ରାୟ ସମୟରେ ଛୋଟବଡ଼ ଦୁର୍ଘଟଣା ମାନ ଘଟୁଥିବା ଦେଖାଯାଉଛି। ଏପରିକି ବହୁ ଛାତ୍ରଛାତ୍ରୀ ଦୁଇଚକିଆ ଯାନରେ ପ୍ରତିଦିନ ଯାତାୟାତ କରୁଥିବାବେଳେ ହେଲମେଟ୍ ପିନ୍ଧୁନଥିବା ଦେଖିବାକୁ ମିଳୁଛି। ଫଳରେ ଦୁର୍ଘଟଣାର ଆଶଙ୍କା ଆହୁରି ବଢ଼ିଯାଉଛି। ଏହି ପରିସ୍ଥିତିରେ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଓ ହେଲମେଟ୍ ଯାଞ୍ଚକୁ କଡ଼ାକଡ଼ି କରିବା ସହ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣ ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ଏଥିପ୍ରତି ସାଲେପୁର ପୋଲିସ ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

ଏକତା ଦିବସରେ ପୁଲିସ ପକ୍ଷରୁ ସଚେତନତା



କୁଞ୍ଜେଇ,୨।୧୧/ଏନ୍‌ଏନ୍‌ଏସ୍: ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ସମଗ୍ର ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଉଥିବା ବେଳେ କାକଟପୁର ଥାନା ପକ୍ଷରୁ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ, ଏସ୍‌ଆଇ ଅମିତ୍ ପାଢ଼ୀ, ଏଏସ୍‌ଆଇ ରମେଶ ଚନ୍ଦ୍ର ନିଶଙ୍କ ସମେତ କାକଟପୁର ପିଏମ୍‌ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଦେଶର ଏକତା, ଅଖଣ୍ଡତା ଓ ସଂହତି ବଜାୟ ରଖିବା ସହ ଜାତୀୟ ଭାବନାକୁ ସୁଦୃଢ଼ କରିବା ଦିଗରେ ସମସ୍ତେ ସଚେତନ ଓ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା। କାକଟପୁର ପୁଲିସ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ କାକଟପୁର ବଜାର ପରିକ୍ରମା କରାଯାଇ ଏକତାର ବାର୍ତ୍ତା ଦିଆଯାଇଥିଲା।

ଧାର୍ମିକ ପୀଠର ଭିତ୍ତିପ୍ରସ୍ତର ସ୍ଥାପନ

ବଲଙ୍ଗା,୨।୧୧/ଏନ୍‌ଏନ୍‌ଏସ୍: ବଲଙ୍ଗା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଥିବା ଧାର୍ମିକ ପୀଠର ଉନ୍ନୟନ ନିମନ୍ତେ ସୋମବାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ହରିପୁର ସ୍ଥିତ ଭାର୍ଗବୀ ନଦୀ ପଠରେ ହରିପୁର ଗ୍ରାମର ଆରାଧ୍ୟ ଠାକୁରାଣୀ ମା' ବିଶେଶ୍ୱରୀଙ୍କ ପୀଠର ବିକାଶ ପାଇଁ ୩୦ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ସାଇଁଶ ପଞ୍ଚାୟତର ଭଗବତୀପୁର ଗ୍ରାମର ମା' ଭଗବତୀ ମନ୍ଦିରର ୫୦ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିଭଳି ଗଡ଼ ପଦନପୁର ପଞ୍ଚାୟତ ଅନ୍ତର୍ଗତ ଦେଉଳି ଗ୍ରାମର ଉଗ୍ରେଶ୍ୱର ମହାଦେବଙ୍କ ପୀଠର ୧କୋଟି ବ୍ୟୟରେ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତି ମିତ୍ର ପୁରସ୍କାରପ୍ରାପ୍ତ ସୋମନାଥ ଦାଶ, ପର୍ଯ୍ୟଟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅନିଲ କୁମାର ବେହେରା ଓ ସହକାରୀ ଯନ୍ତ୍ରୀ ରାକେଶ କୁମାର ଧର, ଶାଇସଶାସନ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ ଉପସ୍ଥିତ ଥିଲେ।

ଲିଟିଲ୍ ଷ୍ଟାର୍ ଗ୍ରୁପ୍‌ର ରୌପ୍ୟଜୟନ୍ତୀ

ନିମାପଡ଼ା,୨।୧୧/ଏନ୍‌ଏନ୍‌ଏସ୍: ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ନିମାପଡ଼ାର ଅଗ୍ରଣୀ ଶିଶୁବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପର ରୌପ୍ୟ ଜୟନ୍ତୀ ଉତ୍ସବ ଫୁଲ ବଉଳବେଣୀ ସାଂସ୍କୃତିକ ସମାରୋହ ସ୍ଥାନୀୟ ଦେବୀମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ପୂର୍ବତନ ପୋଲିସ ଆଇ.ଜି ବଟକୃଷ୍ଣ ତ୍ରିପାଠୀ, ଡାକ୍ତର ଓ ଅଭିନେତା ଚିତ୍ତରଞ୍ଜନ ମିଶ୍ର, ଗ୍ରୁପ୍‌ର ଉପଦେଷ୍ଟା ପ୍ରଫେସର ପ୍ରଣବ ସ୍ୱାଇଁ, ଅଧ୍ୟାପକ ସୁବ୍ରତ ମହାନ୍ତି, ଶିକ୍ଷାବିତ ବସନ୍ତ ସ୍ୱାଇଁ, ରବୀନ୍ଦ୍ରନାଥ ପାଢ଼ୀ, ଶିକ୍ଷକ ନିର୍ମଳ ମିଶ୍ର, ଶିକ୍ଷାବିତ ପ୍ରକାଶ ଖଟୋଇ, ଅଭିନେତ୍ରୀ ବର୍ଷାରାଣୀ ପ୍ରଧାନ, ରାମନାଟକ ଗୁରୁ ପ୍ରଦୀପ ପତି, ଅଭିନେତ୍ରୀ ଲିନା ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗ୍ରୁପ୍ ପରିବାରର ସମସ୍ତ ସଭ୍ୟସଭ୍ୟାଙ୍କ ସହ ରାମଲୀଳାର ସମସ୍ତ କଳାକାରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରାବଣ ବଧ ରାମନାଟକ ପରିବେଷିତ ହୋଇଥିଲା। ଗ୍ରୁପ୍ ପକ୍ଷରୁ ଅଜୟ ମିଶ୍ର, ଅମିୟ ମିଶ୍ର, ସାରଦା ପ୍ରସନ୍ନ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ମା' ଗଜଲକ୍ଷ୍ମୀଙ୍କ ଭସାଣ ଉତ୍ସବ

ଚାରିଛକ,୨।୧୧/ଏନ୍‌ଏନ୍‌ଏସ୍: ଚାରିଛକ ନିକଟସ୍ଥ ଗୋପାଳପୁର ଗ୍ରାମରେ ୭ ଦିନ ହେବ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ସାତଦିନ ଧରି ମୁଖ୍ୟ ପୂଜକ ପ୍ରଦୀପ ଦାଶଙ୍କ ଦ୍ୱାରା ଯଥା ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ସମାପନ ହୋଇଥିଲା। ଏହି ପୂଜା କାର୍ଯ୍ୟରେ କର୍ତ୍ତାଭାବେ କ୍ଷେତ୍ରମୋହନ ନାୟକ ଓ ବିଳାସିନୀ ନାୟକ ପୂଜା କାର୍ଯ୍ୟରେ ଯୋଗଦେଇଥିଲେ। ପୂର୍ଣ୍ଣାହୁତି ପରେ ସମସ୍ତ ଗ୍ରାମବାସୀ ପହଞ୍ଚି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପରେ ଏକ ସୁସଜ୍ଜିତ ଗାଡ଼ିରେ ମା'ଙ୍କୁ ଚାରିଛକ ବଜାର ପରିକ୍ରମା କରାଯାଇଥିଲା।

କୁନି ବୟସରେ ବଡ଼ କୃତିତ୍ୱ

ରାଜ୍ୟ ସ୍କେଟିଂ ଚାମ୍ପିୟନ୍‌ଶିପ୍‌ରେ ବ୍ରୋଞ୍ଜ ଜିତିଲେ ସନ୍ଦୀପନ୍



ଗୋପ,୨।୧୧/ଏନ୍‌ଏନ୍‌ଏସ୍: ବୟସ ମାତ୍ର ୧୦ରୁ ୧୨ ବର୍ଷ। ହେଲେ ସ୍ୱପ୍ନ ଓ ସଫଳତାର ପରିଧି ବେଶ୍ ବଡ଼। ଅଳ୍ପ ବୟସରୁ କଠିନ ପରିଶ୍ରମ ଓ ନିରନ୍ତର ଅଭ୍ୟାସକୁ ପାଥେୟ କରି କ୍ରୀଡ଼ା ଜଗତରେ ନିଜର ପରିଚୟ ସୃଷ୍ଟି କରିଛନ୍ତି ଗୋପ୍ ଅଞ୍ଚଳର ସନ୍ଦୀପନ ସେନାପତି। ଭୁବନେଶ୍ୱରଠାରେ ଅନୁଷ୍ଠିତ ୧୩ତମ ଓଡ଼ିଶା ରାଜ୍ୟ ରୋଲର ସ୍ପୋର୍ଟସ୍ ଚାମ୍ପିୟନଶିପ୍-୨୦୨୬ରେ ବ୍ରୋଞ୍ଜ ପଦକ ହାସଲ କରି ସେ ପୁଣିଥରେ ଗୋପ ଅଞ୍ଚଳକୁ ଗର୍ବିତ କରିଛନ୍ତି। ଏହି ସଫଳତା ସହ ଚେନ୍ନାଇରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମଧ୍ୟ ସେ ମନୋନୀତ ହୋଇଛନ୍ତି। ଅକ୍ଟୋବର ୨୯ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ସ୍କେଟିଂ ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗର ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ନିଜର ଦକ୍ଷତା ପ୍ରଦର୍ଶନ କରି ସନ୍ଦୀପନ ପଦକ ହାସଲ କରିବା ଉଲ୍ଲେଖନୀୟ ସଫଳତା ଭାବେ ପରିଗଣିତ ହୋଇଛି। ଗୋପ ସେନାପତି ସାହିର ବାସିନ୍ଦା ସନ୍ଦୀପନ ଭୁବନେଶ୍ୱର ପଟିଆସ୍ଥିତ ସେଣ୍ଟ୍ ଜାଭିଅର୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ପଞ୍ଚମ ଶ୍ରେଣୀର ଛାତ୍ର। ପାଠପଢ଼ା ସହ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ସେ ପ୍ରତିଦିନ ୪ରୁ ୬ ଘଣ୍ଟା ଅଭ୍ୟାସ କରୁଛନ୍ତି। ପ୍ରଶିକ୍ଷକ ନିର୍ମଳ ନାୟକଙ୍କ ମାର୍ଗଦର୍ଶନ ଓ ପରିବାରର ସହଯୋଗ ତାଙ୍କୁ ଏହି ସଫଳତା ଦିଗରେ ଆଗେଇ ନେଇଛି। ସେ ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷାବିତ୍ ପଞ୍ଚାନନ ସେନାପତିଙ୍କ ନାତି ଏବଂ କିମ୍ସ ହସ୍ପିଟାଲର ବ୍ଲଡ୍ ବ୍ୟାଙ୍କରେ କାର୍ଯ୍ୟରତ ତ୍ରିଲୋଚନ ସେନାପତିଙ୍କ ପୁତ୍ର। ଏହି ସଫଳତାକୁ ନେଇ ଗୋପ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି। ଗୋପ ସୁରକ୍ଷା ମଞ୍ଚର ସଭାପତି ତଥା ସାମ୍ବାଦିକ ସଚ୍ଚିଦାନନ୍ଦ ଗୋଛାୟତ ସନ୍ଦୀପନଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ପୁରୀ,୨।୧୧/ଏନ୍‌ଏନ୍‌ଏସ୍: ଆଜି ସଦ୍‌ଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅଧ୍ୟକ୍ଷତା କରିଥିଲେ। ଏହି ଶୁଣାଣି ରେ ମୋଟ ୭୩ ଗୋଟି ଅଭିଯୋଗ ପତ୍ର ମିଳିଥିଲା। ସେଥିରୁ ବ୍ୟକ୍ତିଗତ ୬୧ ଗୋଟି ଆବେଦନ ପତ୍ର ମିଳିଥିଲା। ତତକ୍ଷଣାତ ୪ ଗୋଟି ର ସମାଧାନ ହୋଇଥିଲା। ଅନ୍ୟ ଗୁଡିକୁ ଆଇନ ଅନୁସାରେ ସମାଧାନ ପାଇଁ ବିଭିନ୍ନ ବିଭାଗ କୁ ପଠାଯାଇଥିଲା। ଏହି ଶୁଣାଣି ଶିବିରରେ ପୁରୀ ଏସପି ପ୍ରତୀକ ସିଂ, ପୁରୀ ମହାନଗର ନିଗମର କମିଶନର ପ୍ରହଲ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଡଃ ବିଜୟାନନ୍ଦ ସେଠୀ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ସିଡିଏମଓ ଡା ସୁକାନ୍ତ ଚନ୍ଦ୍ର ରଥ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଆସନ୍ତା ୯ ତାରିଖରେ ନିମାପଡ଼ା ବ୍ଲକ ସମ୍ମିଳନୀ ଗୃହରେ, ୧୬ ତାରିଖରେ କଣାସ ବ୍ଲକ ସମ୍ମିଳନୀ ଗୃହରେ, ୨୩ ତାରିଖରେ କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ ଗୃହରେ ଓ ୩୦ ତାରିଖରେ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ ଗୃହରେ ଦିବା ୧୦ଘଟିକାଠାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି।

ସମ୍ଭାବ୍ୟ ବାତ୍ୟା 'ମୁରାସୁ'କୁ ନେଇ ପ୍ରଶାସନିକ ପ୍ରସ୍ତୁତି

ରାୟଗଡ଼ାରେ ୩ ଓ ୪ ଶିକ୍ଷାନୁଷ୍ଠାନ ବନ୍ଦ



ରାୟଗଡ଼ା,୨।୧୧/ଏନ୍ଏନ୍ଏସ୍: ସମ୍ଭାବ୍ୟ ବାତ୍ୟା 'ମୁରାସୁ'କୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବାତ୍ୟା ପ୍ରଭାବରେ ଆସନ୍ତା ଦୁଇ ଦିନ ପ୍ରବଳ ବର୍ଷାର ଆକଳନ ଥିବାରୁ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ନଭେମ୍ବର ୩ ଓ ୪ ତାରିଖ ବନ୍ଦ ରଖିବାକୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟାଜନିତ ଅତି ବର୍ଷାକୁ ଦୃଷ୍ଟିରେ ରଖି ବଂଶଧାରା ନଦୀର ଜଳସ୍ତର ନିୟନ୍ତ୍ରଣ ପାଇଁ ପଦ୍ମପୁର ବ୍ଲକ୍‌ର ବଡ଼ନାଳ ଜଳ ଭଣ୍ଡାର ଏବଂ ଗଜପତି ଜିଲ୍ଲା ଅଡ଼ବାସ୍ଥିତ ଜଳଭଣ୍ଡାରରୁ ଜଳ ନିଷ୍କାସନ ଆରମ୍ଭ ହୋଇଛି। ବିଭାଗୀୟ ସୂଚନାନୁସାରେ, ବଡ଼ନାଳ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧.୪୧ କ୍ୟୁମେକ୍ ଜଳ ପ୍ରବେଶ କରୁଥିବାବେଳେ ବଂଶଧାରା ନଦୀକୁ ୧୬୯.୪୩୦ କ୍ୟୁମେକ୍ ଏବଂ ବିଭିନ୍ନ କେନାଲ୍ ମାଧ୍ୟମରେ ୫.୧୨୧ କ୍ୟୁମେକ୍ ଜଳ ଛଡ଼ାଯାଉଛି। ଅର୍ଥାତ୍ ମୋଟ ୧୭୪.୫୫ କ୍ୟୁମେକ୍ ଜଳ ନିଷ୍କାସନ ହେଉଛି। ବର୍ତ୍ତମାନ ବଡ଼ ନାଳ ଜଳ ଭଣ୍ଡାରର ଜଳସ୍ତର ୧୭୪.୪୬ ମିଟର୍ ରହିଥିବାବେଳେ ଏହାର ସର୍ବୋଚ୍ଚ କ୍ଷମତା ୧୭୬ ମିଟର୍। ଆଗାମୀ ଦୁଇଦିନରେ ଭାରି ବର୍ଷା ଆଶଙ୍କା ଥିବାରୁ ଜଳ ଭଣ୍ଡାରରେ ଜଳଧାରଣ କ୍ଷମତା ରକ୍ଷା କରିବା ସହ ବଂଶଧାରା ନଦୀରେ ସମ୍ଭାବ୍ୟ ବନ୍ୟା ଆଶଙ୍କାକୁ ଏଡ଼ାଇବା ପାଇଁ ଜଳ ନିଷ୍କାସନ କରାଯାଉଛି। ବର୍ତ୍ତମାନ ବଂଶଧାରା ନଦୀର ଜଳସ୍ତର ସତର୍କ ସଙ୍କେତ ତଳେ ରହିଛି। ୩ ଓ ୪ ତାରିଖ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ନେଇ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ନିର୍ଦ୍ଦେଶ ଜାରି ହୋଇଛି। ଜିଲ୍ଲାର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟ ଏହି ଦୁଇଦିନ ବନ୍ଦ ରହିବ। ତେବେ ଜରୁରୀ ପରିସ୍ଥିତିରେ ବିଦ୍ୟାଳୟଗୁଡ଼ିକୁ ବାତ୍ୟା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯାଇପାରେ। ଏଥିପାଇଁ ବିଦ୍ୟାଳୟକୁ ସର୍ବଦା ଉପଲବ୍ଧ ରଖିବା ସହ ଶ୍ରେଣୀଗୃହର ଚାବି ସ୍ଥାନୀୟ ଶିକ୍ଷକ କିମ୍ବା ନିର୍ଦ୍ଦିଷ୍ଟ ଦାୟିତ୍ୱପ୍ରାପ୍ତ ବ୍ୟକ୍ତିଙ୍କ ନିକଟରେ ରଖିବାକୁ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କୁ କୁହାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଶିଶୁ ଓ ଅନ୍ୟ ହିତାଧିକାରୀଙ୍କ ସୁରକ୍ଷା ପାଇଁ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ନଭେମ୍ବର ୩ ଓ ୪ ତାରିଖ ବନ୍ଦ ରହିବ। ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସମାଜ ମଙ୍ଗଳ ବିଭାଗକୁ ନିର୍ଦ୍ଦେଶ ଜାରି ହୋଇଛି। ଏହି ଦୁଇ ଦିନ ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷା କିମ୍ବା ଶ୍ରେଣୀ ପାଇଁ ଶିଶୁଙ୍କୁ ଡକାଯିବ ନାହିଁ। ତେବେ ହିତାଧିକାରୀଙ୍କ ପୁଷ୍ଟିସାଧନ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ଯଥାସମ୍ଭବ ଶୃଙ୍ଖଳା ରାସନ ଓ ଅତିରିକ୍ତ ପୁଷ୍ଟିକର ଖାଦ୍ୟ ବଣ୍ଟନର ବ୍ୟବସ୍ଥା କରିବାକୁ କୁହାଯାଇଛି। ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆ, ଶିଶୁ, ଅନ୍ୟ ହିତାଧିକାରୀ, ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ବାତ୍ୟା ପରିସ୍ଥିତି ମୁକାବିଲା ପାଇଁ ଜିଲ୍ଲାର ସମସ୍ତ ବ୍ଲକ୍‌ରେ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି। ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇ ସେମାନଙ୍କୁ ମୁତୟନ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ୩ଟି ସ୍ଥାୟୀ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ସହ ୮୪ଟି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି। ଓଡ୍ରାଫ୍, ଅଗ୍ନିଶମ ବାହିନୀ ଓ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ମଧ୍ୟ ସଜାଗ ରଖାଯାଇଛି। ବାତ୍ୟା ସମୟରେ ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଏଡ଼ାଇବା ପାଇଁ ଚୂଡ଼ା, ଗୁଡ଼, ମହମବତୀ, ଦିଆସିଲି ଓ ପଲିଥିନ୍ ଆଦି ମହଜୁଦ୍ ରଖାଯାଇଛି। ଗର୍ଭବତୀ ମହିଳାଙ୍କୁ ଆଗୁଆ ସୁରକ୍ଷିତ ଭାବେ ମା' ଗୃହକୁ ସ୍ଥାନାନ୍ତର କରାଯାଉଛି। ଆବଶ୍ୟକ ପଡ଼ିଲେ ବିପଦସଙ୍କୁଳ ଅଞ୍ଚଳର ଲୋକଙ୍କୁ ମଧ୍ୟ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ନିଆଯିବ। ବାତ୍ୟା ସମ୍ପର୍କିତ ଜରୁରୀ ସହାୟତା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ୦୬୮୫୬-୨୨୪୦୮୨, ୦୬୮୫୬-୨୨୪୦୬୨ ଏବଂ ଟୋଲ୍ ଫ୍ରି ନମ୍ବର ୧୦୭୭ରେ ଯୋଗାଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ବାତ୍ୟାକୁ ନେଇ ଆତଙ୍କିତ ନହୋଇ ସତର୍କ ରହିବା ସହ ପ୍ରଶାସନ ପକ୍ଷରୁ ଜାରି ସମସ୍ତ ନିର୍ଦ୍ଦେଶ ପାଳନ କରିବାକୁ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି।

'ବଲାଙ୍ଗୀର ଦିନ୍' କାର୍ଯ୍ୟକ୍ରମରେ ଜିଲ୍ଲା ସାମ୍ବାଦିକ ସଂଘ ଅପମାନିତ



ବଲାଙ୍ଗୀର,୨।୧୧/ଏନ୍ଏନ୍ଏସ୍: କୋଶଳ କଳାମଣ୍ଡଳ ପଡ଼ିଆରେ ରବିବାର ସଂଧ୍ୟାରେ ଆୟୋଜିତ 'ବଲାଙ୍ଗୀର ଦିନ୍' କାର୍ଯ୍ୟକ୍ରମରେ ଜିଲ୍ଲା ସାମ୍ବାଦିକ ସଂଘକୁ ନିମନ୍ତ୍ରଣ କରି ଅପମାନିତ କରାଯାଇଥିବା ଭଳି ସଙ୍ଗୀନ ଘଟଣା ସାମ୍ନାକୁ ଆସିଛି। ଏଥିପାଇଁ ଏକ ଜରୁରିକାଳୀନ ସଭାର ଆୟୋଜନ କରି ସାମ୍ବାଦିକମାନେ କ୍ଷୋଭ ପ୍ରକାଶ କରିବା ସହ ବଲାଙ୍ଗୀର ଦିନ୍ ଆୟୋଜକ କମିଟି ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ କରିଛନ୍ତି। ସଂଘର ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସାଧାରଣ ସମ୍ପାଦକ ଦୀପକ ପୁରୋହିତ ଘଟଣା ସମ୍ପର୍କରେ ଆଲୋକପାତ କରିଥିଲେ। ବଲାଙ୍ଗୀର ଦିନ୍ ଆୟୋଜକ କମିଟି ପକ୍ଷରୁ ସାମ୍ବାଦିକ ସଂଘର ସଭାପତି ହରିନାରାୟଣ ପୂଜାରୀ ଏବଂ ସାଧାରଣ ସମ୍ପାଦକ ଦୀପକ ପୁରୋହିତଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇ କାର୍ଯ୍ୟକ୍ରମରେ ସାମ୍ବାଦିକ ସଂଘକୁ ସମ୍ବର୍ଦ୍ଧିତ କରାଯିବା ପାଇଁ କୁହାଯାଇଥିଲା ଏବଂ ସମ୍ବର୍ଦ୍ଧନା ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଅନୁରୋଧ ରକ୍ଷା କରି ସଂଘର ସାଧାରଣ ସମ୍ପାଦକଙ୍କ ସହ ସଦସ୍ୟମାନେ ସଂପୃକ୍ତ ସଭାରେ ଉପସ୍ଥିତ ରହିଥିଲେ ସୁଦ୍ଧା ସେମାନଙ୍କୁ ସମ୍ବର୍ଦ୍ଧନା ପାଇଁ ମଞ୍ଚକୁ ଡକାନଯାଇ ଅସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଏନେଇ ସାମ୍ବାଦିକମାନେ ଅପମାନିତ ଅନୁଭବ କରିବା ସହ ଜିଲ୍ଲା ସାମ୍ବାଦିକ ସଂଘକୁ ବଲାଙ୍ଗୀର ଦିନ୍ ଆୟୋଜକ କମିଟି ପକ୍ଷରୁ ଅପମାନିତ କରାଯାଇଥିବା ସ୍ପଷ୍ଟ ହୋଇଛି ବୋଲି ସାଧାରଣ ସମ୍ପାଦକ ଶ୍ରୀ ପୁରୋହିତ ଆଲୋଚନା କରିଥିଲେ। ଏହି ସଭାରେ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ନବୀନ ପଶାୟତ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶରତ ମହାକୁର, ରଣଜିତ ବେହେରା, ଶରତ ଚନ୍ଦ୍ର ମିଶ୍ର, ଚନ୍ଦ୍ରଭାନୁ ମୋଲାନା, ଘଟେଶ୍ୱର ମିଶ୍ର, ସୁନୀଲ ମହାନ୍ତି, ବିଭୂକଲ୍ୟାଣ ଗଡ଼ତ୍ୟା, ମୁକେଶ ବହିଦାର, ନୂତନ ମିଶ୍ର, ଅଭିଳାଶ ହୋତା ଓ ଦିଲ୍ଲୀପ ସିଂ ପ୍ରମୁଖ ଯୋଗଦେଇ ବଲାଙ୍ଗୀର ଦିନ୍ ଆୟୋଜକ କମିଟିର ଏଭଳି ପଦକ୍ଷେପକୁ ଦୃଢ଼ ନିନ୍ଦା କରିଥିଲେ।

ପଶ୍ଚିମ ରେଳବାଇ ବଡୋଦରା ଡିଭିଜନ୍

ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟର ଆଉଟସୋର୍ସିଂ ଏବଂ ଟ୍ରାକ୍ ମେସିନ୍ ସାଇଡିଂ ନିର୍ମାଣ କାର୍ଯ୍ୟ

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ପାଇଁ କାର୍ଯ୍ୟ କରୁଥିବା ମଣ୍ଡଳ ରେଳ ପ୍ରବନ୍ଧକ (WA/C), ପଶ୍ଚିମ ରେଳବାଇ, ପ୍ରତାପନଗର, ବଡୋଦରା-୩୯୦ ୦୦୪ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ବନ୍ଦ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। **କ୍ରମିକ ସଂଖ୍ୟା. ୧: ଟେଣ୍ଡର ନମ୍ବର: DRM BRC 087 of 2026-27, କାର୍ଯ୍ୟ ବିବରଣୀ:** ଦୁଇ ବର୍ଷ ପାଇଁ SSE/P.Way/SVL ଅଧୀନରେ ଥିବା ବିଭିନ୍ନ ବି.ଜି. (ବ୍ରଡଗେଜ୍) ସେକ୍ସନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟର ଆଉଟସୋର୍ସିଂ। **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ୨,୮୪,୪୭,୨୫୯.୩୯/-, **ଜମା ହେବାକୁ ଥିବା ବିଡ୍ ସିକ୍ୟୁରିଟି (ଇ.ଏମ୍.ଡି.):** ୫,୯୨,୦୦୦.୦୦/-, **କ୍ରମିକ ସଂଖ୍ୟା. ୨: ଟେଣ୍ଡର ନମ୍ବର: DRM BRC 088 of 2026-27, କାର୍ଯ୍ୟ ବିବରଣୀ:** ବଡୋଦରା ମଣ୍ଡଳ ଅଧୀନସ୍ଥ ଚାଇଭ, ଛୁଇଲେ, ଡିଲକଡ୍ଡ଼ା, କାଞ୍ଚରି ବେଟିଆଲି ଏବଂ ବାଜଡ଼ା ଠାରେ ଟ୍ରାକ୍ ମେସିନ୍ ସାଇଡିଂ ନିର୍ମାଣ, ବିଦ୍ୟମାନ ଟ୍ରାକ୍ ମେସିନ୍ ସାଇଡିଂରେ ଅତ୍ୟାବଶ୍ୟକ ସୁବିଧାଗୁଡ଼ିକର ଉନ୍ନତିକରଣ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ କାର୍ଯ୍ୟ (ପୁନଃ-ଆହ୍ୱାନ) (ଆର୍-୨)। **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ୧୨,୮୯,୮୩,୩୦୦.୦୯/-, **ଜମା ହେବାକୁ ଥିବା ବିଡ୍ ସିକ୍ୟୁରିଟି (ଇ.ଏମ୍.ଡି.):** ୧୫,୭୯,୭୦୦.୦୦/-, **ଟେଣ୍ଡର ଦାଖଲ ଏବଂ ଖୋଲିବାର ତାରିଖ ଓ ସମୟ:** ଟେଣ୍ଡର ୨୦.୧୧.୨୦୨୬ ଅପରାହ୍ନ ୧୫:୦୦ ଘଟିକା ପୂର୍ବରୁ ଦାଖଲ ହେବ ଏବଂ ସେହି ଦିନ ଅପରାହ୍ନ ୧୫:୩୦ ଘଟିକାରେ ଖୋଲାଯିବ। ୱେବସାଇଟ୍ ବିବରଣୀ, ସମ୍ପୂର୍ଣ୍ଣ ତଥ୍ୟ ଉପଲବ୍ଧ ସ୍ଥାନ ଏବଂ ଟେଣ୍ଡର ଫର୍ମ କ୍ରୟ ପାଇଁ କାର୍ଯ୍ୟାଳୟର ଠିକଣା: ୱେବସାଇଟ୍: **www.ireps.gov.in**, ମଣ୍ଡଳ ରେଳ ପ୍ରବନ୍ଧକ (WA/C) ପଶ୍ଚିମ ରେଳବାଇ, ପ୍ରତାପନଗର, ବଡୋଦରା-୪ **BRC-292**

ଆମକୁ ଫଲୋ କରନ୍ତୁ: facebook.com/WesternRly

AFFIDAVIT

By virtue of an affidavit sworn before Notary Public, Berhampur, Ganjam dated 28.01.2026, I, **Hema Behera**, Address- At-Malubehera Street, Berhampur, PO-Panigrahipentho, PS- Bada Bazar, Dist-Ganjam, Odisha, Pin-760006 declare that I have changed my name from **Mini Behera** to **Hema Behera**. Henceforth, I shall be known as **Hema Behera** for all purposes.

HEMA BEHERA

'ଜନସାଧାରଣଙ୍କ ସୁରକ୍ଷା ଜିଲ୍ଲା ପ୍ରଶାସନର ସର୍ବୋଚ୍ଚ ପ୍ରାଥମିକତା'

ନବରଙ୍ଗପୁର: ସମ୍ଭାବ୍ୟ ବାତ୍ୟା 'ମୁରାସୁ'କୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ସତର୍କ ରହିବା ସହ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ଅଧିକ ତ୍ୱରାନ୍ୱିତ କରିଛି। ବିଶେଷକରି ଜନସଚେତନତା, ସମୟୋଚିତ ସ୍ଥାନାନ୍ତରଣ ନିମନ୍ତେ ପ୍ରସ୍ତୁତି ଓ ବିପଦସଙ୍କୁଳ ଜନସାଧାରଣଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲ୍ଲାପାଳ ମଧୁମିତା ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ଚାଲିଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରିବା ସହ ଜିଲ୍ଲାର ତୃଣମୂଳସ୍ତରରେ ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଛନ୍ତି। ସ୍ଥାନୀୟସ୍ତରରେ ସମନ୍ୱୟ ଓ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ଆବଶ୍ୟକ ସମନ୍ୱୟ ବୈଠକ ଆୟୋଜନ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର୍ ଓ ନିର୍ବାହୀ ଅଧିକାରୀଙ୍କୁ ବାତ୍ୟାର ସ୍ଥିତି ଓ ଭାରତୀୟ ପାଣିପାଗ ବିଭାଗର ପାଣିପାଗ ସତର୍କ ସୂଚନା ସମ୍ପର୍କରେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜନସଚେତନତା ଅଭିଯାନର ଅଂଶସ୍ୱରୂପ ବିପଦସଙ୍କୁଳ ଓ ତଳିଆ ଅଞ୍ଚଳଗୁଡ଼ିକରେ ମାଇକ୍ ଯୋଗେ ପ୍ରଚାର ଏବଂ ସଚେତନତା କାର୍ଯ୍ୟ ଜାରି ରହିଛି। ବିଶେଷକରି କଚ୍ଚା ଘରେ ରହୁଥିବା ଏବଂ ପାହାଡ଼ ତଳି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଘରକୁ ଘର ଯାଇ ଲୋକଙ୍କୁ ସଚେତନ କରିବା, ବିପଦସଙ୍କୁଳ ପରିବାରଗୁଡ଼ିକୁ ଚିହ୍ନଟ କରିବା ଓ ସୁରକ୍ଷିତ ସ୍ଥାନାନ୍ତରଣରେ ସହାୟତା କରୁଛନ୍ତି। ବିଶେଷକରି ଆଗାମୀ ଦୁଇ ସପ୍ତାହ ମଧ୍ୟରେ ପ୍ରସବ ତାରିଖ ଥିବା ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିବା ସହ ସେମାନଙ୍କ ଖାଦ୍ୟ, ବିଶୁଦ୍ଧ ପାନୀୟଜଳ ଓ କମ୍ବଳ ଆଦିର ଉପଯୁକ୍ତ ବ୍ୟବସ୍ଥା କରିବାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ସମସ୍ତ ନିର୍ଦ୍ଧାରିତ ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ଆଶ୍ରୟ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବା ସହ ସେଠାରେ ବିଶୁଦ୍ଧ ପାନୀୟଜଳ, ଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି।

୫ ହଜାରରୁ ଊର୍ଦ୍ଧ୍ୱ ଲୋକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ

ମାଲକାନଗିରି: ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା, ଉଦ୍ଧାର ଓ ଆଗୁଆ ପ୍ରସ୍ତୁତି କାର୍ଯ୍ୟକୁ ବ୍ୟାପକ କରାଯାଇଛି। ସରକାରୀ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରୁ ସୋମବାର ସୁଦ୍ଧା ମୋଟ୍ ୫,୦୭୩ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ୧୪୯ ଟି ପକ୍କା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇସାରିଛି। ବିଶେଷକରି ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ୧୦୯ ଜଣ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ମାତୃଯନ୍ କେନ୍ଦ୍ର ଓ ହସ୍ପିଟାଲ୍‌କୁ ସୁରକ୍ଷିତ ଭାବେ ପଠାଯାଇଛି। ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ କ୍ଷେତ୍ରସ୍ତରରେ ଗୋଟିଏ ଓଡ୍ରାଫ୍ ଟିମ୍, ଗୋଟିଏ ଏନ୍‌ଡିଆର୍‌ଏଫ୍ ଟିମ୍ ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ୯ଟି ଅଗ୍ନିଶମ ବାହିନୀ ଦଳକୁ ମୁତୟନ କରାଯାଇଛି। ପରିସ୍ଥିତିର ସୀମାନ୍ତ ସମୀକ୍ଷା ଏବଂ ପ୍ରତ୍ୟକ୍ଷ ତଦାରଖ ପାଇଁ କାଲିମେଳା, ମାଥିଲି, ଚିତ୍ରକୋଣ୍ଡା ଓ ମାଲକାନଗିରି ସଦର ଅଞ୍ଚଳରେ ବରିଷ୍ଠ ଅଧିକାରୀଙ୍କୁ ମୁତୟନ କରାଯାଇଥିବାବେଳେ କାଲିମେଳା ଓ ମାଥିଲିରେ ଡେପୁଟି ଓ ଆସିଷ୍ଟାଣ୍ଟ କଲେକ୍ଟରମାନେ ଦାୟିତ୍ୱ ସମ୍ଭାଳିଛନ୍ତି। ଅନ୍ୟପଟେ ଜିଲ୍ଲା କଣ୍ଟ୍ରୋଲ୍ ରୁମ୍‌କୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରାଯାଇ ସମଗ୍ର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

AFFIDAVIT

By virtue of an affidavit sworn before Notary Public, Bhadrak, dt.31.10.2026, I Bijay Kumar Behera, At:- Sampoi, P/o: Kulana, P.S- Bhandaripokhari, Dist- Bhadrak, Pin-756121, Odisha, declare that I have changed my name from **Karunakar Behera** to **Bijay Kumar Behera**. Henceforth, I shall be known as **BIJAY KUMAR BEHERA** for all purposes.

Sd/- Bijay Kumar Behera

8001/429/2627 *Through e mail*

OFFICE OF THE DIVISIONAL FOREST OFFICER: MAHANADI WILDLIFE DIVISION NAYAGADA

Tele Fax No-06753253971, E mail ld-dfo.mahanadiwl@odisha.govt.in

NOTIC FOR AUCTION SALE OF CONFISCATED VEHICLES

Sealed tenders are invited for Public auction sale of the following confiscated vehicles involved in forest offence Cases of Mahanadi Wildlife Division, Nayagada "as is where is" basis to be opened on 15th November 2026 at 11.00 AM in the Office of the undersigned. The tender form including detailed list of vehicles, location of storage, terms and conditions for auction through tender will also be available in the Office of the Divisional Forest Officer, Mahanadi Wildlife Division, Nayagada and the same can be obtained by the intending tenderers on payment of Rs.100/- (one hundred) only in any working day during working hours from 02.11.2026 to 14.11.2026-4.00 PM.

DESCRIPTION OF VEHICLES

1. Auto Rickshaw- 04.
2. Motorcycle-02.
3. Tractor with Trolly-01.
4. Pick Up-01.

OIPR-8001/8017/1/26-27/0005

Sd/- Divisional Forest Officer
Mahanadi Wildlife Division, Nayagada

13001/2333/2627

OFFICE OF THE GENERAL MANAGER, WATCO DIVISION, KATAKA

Telephone/e-mail/FAX : 0671-2547115/gmwatcoctc@gmail.com

NATIONAL COMPETITIVE BIDDING THROUGH e-Procurement
Bid Identification No. GMWATCO (W)-14/2026-27 Dtd. 31.10.2026

	Name of the work	2 Nos. work
1.	Estimated cost	Rs. 23.05 Lakh to Rs. 30.86 Lakh (Approx)
2.	Period of completion	3 (Three) months to 6 (Six) months
3.	Date & time of availability of bid document in the portal	From 11 AM of dt.05.11.2026 to 5.00 PM of dt.17.11.2026
4.	Last date/time of receipt of bids in the portal	17.11.2026 up to 05.00 PM
5.	Date & time of opening of bids	18.11.2026 at 12.30 PM
6.	Name and address of the officer inviting bid	The General Manager, WATCO Division, Kataka-753003, Odisha, Ph. (0671)2547115 email : gmwatcoctc@gmail.com
7.	The bidders have to participate in ONLINE bidding only.	

Further details can be seen from the website www.tendersodisha.gov.in

OIPR-13001/13170/1/26-27/0015

Sd/- General Manager,
WATCO Division, Kataka

Divisional Forest Officer, Brahmapur Forest Division

RE-TENDER CALL NOTICE: 06/2026-27

RE-TENDER CALL NOTICE FOR CONSTRUCTION OF ACF QUARTERS AND MINISTRIAL STAFF QUARTERS UNDER BERHAMPUR FOREST DIVISION

The Divisional Forest Officer, Brahmapur Forest Division on behalf of Governor of Odisha invites percentage rate bid in OFF-LINE mode from eligible contractors with valid licenses for execution of Building & other work as detailed in DTCN https://odishaforest.in or https://forest.odisha.gov.in & https://ganjam.odisha.gov.in

The details & bid calendars under the end-to-end process are:

1. No. of Work:	Construction of two (02) nos of ACF quarters & Four (04) Nos. of Ministerial Staff quarters.
2. Tender Form Cost:	Rs. 6000/- & Rs. 10000/-
3. Class of Contractor	"B & C" Class Contractor
4. Tender Document available from:	02.11.2026, from 10:00 AM
5. Last Date for Submission of Bid:	16.11.2026, up to 05:00 PM
6. Date of Opening of Technical Bid:	17.11.2026, at 11:00 AM
7. Opening of Financial Bid:	Will intimate after opening of technical bid.

OIPR-8001/8038/1/26-27/0009 8001/434/2627

Sd/- Divisional Forest Officer
Brahmapur Division

ହାଇକୋର୍ଟଙ୍କ ଦ୍ୱାରସ୍ଥ ସୁଶାନ୍ତ ନାଥ

କଟକ,୨।୧୧/ଏନ୍ଏନ୍ଏସ୍: ଜଣେ ପୂର୍ବତନ ମହିଳା ଜେଲରଙ୍କୁ ଯୌନ ନିର୍ଯାତନା ଅଭିଯୋଗ ମାମଲାରେ ଫସିଥିବା ପୂର୍ବତନ ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଓ ତାଙ୍କ ସହଯୋଗୀ କୁଲ୍‌ଦୀପ୍ ରଥଙ୍କ ବିରୋଧରେ ରୁଜୁ ହୋଇଥିବା ଏଫ୍‌ଆଇଆର୍‌କୁ ଖାରଜ କରିବା ପାଇଁ ସେମାନେ ହାଇକୋର୍ଟରେ ଆବେଦନ କରିଛନ୍ତି। ଉଭୟଙ୍କ ବିରୋଧରେ ଚୌଦ୍ୱାର ଥାନାରେ ରୁଜୁ ହୋଇଥିବା ଏଫ୍‌ଆଇଆର୍‌କୁ ଖାରଜ କରିବା ପାଇଁ ସେମାନେ ହାଇକୋର୍ଟରେ ପୃଥକ ପୃଥକ କ୍ରିମିନାଲ୍ ମିସ୍‌ଲେନିୟସ୍ କେଶ୍ ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ନାଥଙ୍କ ସହଯୋଗୀ କୁଲ୍‌ଦୀପ୍ ରଥ ହାଇକୋର୍ଟରେ କେବଳ ଆଗୁଆ ଜାମିନ ଆବେଦନ କରିଛନ୍ତି। ସୂଚନାଥାଉକି ଚୌଦ୍ୱାର ଜେଲ୍‌ର ଜଣେ ପୂର୍ବତନ ମହିଳା ଜେଲର୍ ଅଭିଯୋଗ କରିଛନ୍ତି ଯେ କୁଲଦୀପ ରଥ ନାମକ ଜଣେ ବ୍ୟକ୍ତି ଚୌଦ୍ୱାର ଜେଲ୍ ପରିଦର୍ଶନରେ ଆସିଥିବା ବେଳେ ନିଜକୁ ଡିଜି (ଜେଲ୍) ସୁଶାନ୍ତ ନାଥଙ୍କ ବନ୍ଧୁ ଭାବେ ପରିଚୟ ଦେଇଥିଲେ। ଏହି ସମୟରେ କୁଲ୍‌ଦୀପ୍ ତାଙ୍କ ମୋବାଇଲ ନମ୍ବର ମଧ୍ୟ ନେଇଥିଲେ। ତେବେ ପରବର୍ତ୍ତୀ ସମୟରେ କୁଲ୍‌ଦୀପ୍ ତାଙ୍କୁ କିଛି ଅଶ୍ଳୀଳ ମେସେଜ୍ ପଠାଇଥିଲେ। ଏଥି ସହିତ ଏକ ହୋଟେଲକୁ ଏକୁଟିଆ ଆସିବାକୁ ମଧ୍ୟ ନିମନ୍ତ୍ରଣ କରିଥିଲେ। ଉକ୍ତ ହୋଟେଲ୍‌ରେ ଡିଜି ମହିଳା ଜେଲ୍‌ରଙ୍କୁ ଏକାକୀ ଭେଟିବାକୁ ଚାହୁଁଥିବା ସେ କହିଥିଲେ। ତେବେ କୁଲ୍‌ଦୀପ୍ ରଥଙ୍କ ନିମନ୍ତ୍ରଣକୁ ମହିଳା ଜେଲର୍ ଜଣକ ଗ୍ରହଣ କରିନଥିଲେ। ଫଳରେ ଶ୍ରୀ ନାଥ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏ ସମ୍ପର୍କରେ ମହିଳା ଜେଲର୍ ଜଣକ ଚୌଦ୍ୱାର ଥାନାରେ ସୁଶାନ୍ତ ନାଥ ଓ କୁଲ୍‌ଦୀପ୍ ରଥଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରି ଉଭୟଙ୍କ ବିରୋଧରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ତେବେ ଶ୍ରୀ ନାଥଙ୍କ ବିରୋଧରେ ମହିଳା ଜେଲର୍ ଜଣକ ଏପରି ସଙ୍ଗୀନ୍ ଅଭିଯୋଗ ଆଣିବା ପରେ ରାଜ୍ୟ ସରକାର ତାଙ୍କୁ ତୁରନ୍ତ ଜେଲ୍ ଡିଜି ପଦରୁ ହଟାଇ ଦେଇ ଅନ୍ୟତ୍ର ବଦଳି କରିଥିଲେ।

ବାୟୋମେଟ୍ରିକ୍ ଉପସ୍ଥାନ ଆଧାରରେ ମିଳିବ ଦରମା

ରାୟଗଡ଼ା,୨।୧୧/ଏନ୍ଏନ୍ଏସ୍: ସ୍ୱାସ୍ଥ୍ୟସେବାରେ ଶୃଙ୍ଖଳା ଓ କର୍ମଚାରୀଙ୍କ ଉତ୍ତରଦାୟିତ୍ୱ ବୃଦ୍ଧି ଲକ୍ଷ୍ୟରେ ରାୟଗଡ଼ା ଜିଲ୍ଲାରେ ବାୟୋମେଟ୍ରିକ୍ ଉପସ୍ଥାନକୁ କଡ଼ାକଡ଼ି କରାଯାଇଛି। ଏଣିକି ଉପସ୍ଥାନ ରେକର୍ଡ ଆଧାରରେ ମାସିକ ଦରମା ମିଳିବ। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅକ୍ଟୋବର ୩୧ରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶ ଅନୁଯାୟୀ, ମାସ ଶେଷର ୪ରୁ ୫ ଦିନ ପୂର୍ବରୁ ଉପସ୍ଥାନ ଯାଞ୍ଚ କରି ଦରମା ବିଲ୍ ପ୍ରସ୍ତୁତ ହେବ। ମେସିନ୍ ନଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ୧୦ ଦିନ ମଧ୍ୟରେ ସ୍ଥାପନ ଓ କାର୍ଯ୍ୟକ୍ଷମ କରିବାକୁ କୁହାଯାଇଛି। ଏଥିପାଇଁ ଆର୍‌କେଏସ୍, ଜିକେଏସ୍ ଓ ଅନୁମୋଦିତ ପାଣ୍ଠିରୁ ଖର୍ଚ୍ଚ ହୋଇପାରିବ। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଡ୍ୟୁଟିରେ ରହିବା ସହ ନିୟମିତ ଉପସ୍ଥାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ରହିଛି। କ୍ଷେତ୍ର ପରିଦର୍ଶନରେ ଅନୁପସ୍ଥିତ କର୍ମଚାରୀଙ୍କ ବିରୋଧରେ ରିପୋର୍ଟ ଓ କାର୍ଯ୍ୟାନୁଷ୍ଠାନ ହେବ।

କଟକ ଉନ୍ନୟନ କର୍ତ୍ତୃପକ୍ଷ

KDA

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

13001/2342/2627

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୧୧ ରେ ପ୍ଲଟ୍ ନଂ.- 11-2D/1050 ଟିକୁ ଶ୍ରୀମତୀ ଶିଳ୍ପା ଦାସ, ସ୍ୱାମୀ-ଶ୍ରୀ ଦେବୀ ପ୍ରସାଦ ମହାନ୍ତି ଏବଂ ଶ୍ରୀମତୀ ପ୍ରିୟଙ୍କା ଦାସ, ସ୍ୱାମୀ- ଶ୍ରୀ ଦେବାଶିଷ ପଟ୍ଟନାୟକ, ସା-ପ୍ଲଟ ନଂ-11-2D/1050, ଏସ୍.ବି.ଆଇ ବ୍ୟାଙ୍କ୍ ପାଖ, ମର୍କତ ନଗର, ପୋ-ସେକ୍ଟର-୧୧, ଥା-ମର୍କତ ନଗର ଫେସ୍-୨, ଜିଲ୍ଲା-କଟକ, ପିନ୍-୭୫୩୦୧୪, ଓଡ଼ିଶାଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଶିଳ୍ପା ଦାସ ଏବଂ ଶ୍ରୀମତୀ ପ୍ରିୟଙ୍କା ଦାସ ଉକ୍ତ ପ୍ଲଟ୍ ସହିତ ଗୃହ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସ୍ୱପ୍ନ ପ୍ରକାଶ ରାଉତ, ପିତା-ସୁଧାଂଶୁ ଭୂଷଣ ରାଉତ ଏବଂ ତାଙ୍କ ପତ୍ନୀ ଶ୍ରୀମତୀ ପ୍ରୀତି ସେନ୍, ସ୍ୱାମୀ-ଶ୍ରୀ ସ୍ୱପ୍ନ ପ୍ରକାଶ ରାଉତ, ପିତା-ଦୀପକ କୁମାର ସେନ୍, ସା-କେଶରପୁର କେନାଲ ରୋଡ୍, ପୋ-ବକ୍ସି ବଜାର, ଥା-ପୁରୀଘାଟ, ଜିଲ୍ଲା-କଟକ, ପିନ୍-୭୫୩୦୦୧, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0135

ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
(ରାସ୍ତା ଓ ଗୃହ) ବିଭାଜନ ନଂ ୧, ଭୁବନେଶ୍ୱର
OFFICE OF THE SUPERINTENDING ENGINEER
BHUBANESWAR (R & B) DIVISION NO. I, BHUBANESWAR
Email: - eebbsr1@yahoo.co.in

34001/1088/2627

INVITATION FOR BIDS (IFB)

No-7586 Date- 30.10.2026

Bid Identification No- C.C. (R&B) - 01 e - Procurement Notice No. 17 of 2026-27

1	Name of the Work	E.I Work
2	Total No of Work	03 Nos Work
3	Estimated Cost	i) Rs.218606.00(Excluding GST) ii) Rs.2296568.00(Excluding GST) iii) Rs.2949804.00(Excluding GST)
4	Class of Contractor	i) H.T or Above Electrical Contracter ii) H.T or Above Electrical Contractor iii) H.T or Above Electrical Contractor
5	Period of Completion	i) 06(Six) Calender Month ii) 06(Six) Calender Month iii)06(Six) Calender Month
6	Type of Tender	Single Cover System (Online)
7	Date & time of availability of bid document in the portal	From 17.00 Hours of 04.11.2026 to 17.00 Hours of 19.11.2026
8	Last Date & Time for Receipt of bids in the portal	19.11.2026 up to 17.00 hrs
9	Name & Address of the Officer inviting Bid	Superintending Engineer, Bhubaneswar (R&B) Division No.I, Bhubaneswar

Further details can be seen from the e-procurment portal https://tendersodisha.gov.in

N.B: Subsequent Corrigendum/addendum if required shall be available in the website asindicated above.

OIPR-34001/34189/1/26-27/0008

Sd/- Superintending Engineer
Bhubaneswar (R&B) Division No.I, BBSR

ଯୁଗ୍ମ ଜନଶୁଣାଣି ଶିବିର

ରାଉରକେଲା,୨।୧୧/ଏନ୍ଏନ୍ଏସ୍: କୁଆଁରମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ସୁନ୍ଦରଗଡ଼ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏଥିରେ ମୋଟ୍ ୩୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ୧୧ଟି ସାମୁହିକ ଅଭିଯୋଗ ରହିଥିଲା। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ୩ ଜଣ ଆବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ଡିଏଫ୍‌ଓ ରବିକାନ୍ତ ମୀନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ସୁରଞ୍ଜନ ସାହୁ, ପାନପୋଷ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ଓ କୁଆରମୁଣ୍ଡା ବିଡିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

25001/1427/2627

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, BONAI
Email:- rwd.bonai@yahoo.com

Letter No. 4200 **CANCELLATION OF TENDER** Date. 31.10.2026

Tender invited by this Office vide Bid Identification No. **ONLINE-EEBNI-06 of 2026-27**, Letter No- 2863 Dtd- 11.08.2026 , **01 (One) nos** is hereby **cancelled** due to an unusual pattern in the bidding process, wherein the all the bidders have quoted an identical rate of **0.00% i.e being equal to the corresponding estimated rate Put to Tender Cost.** is hereby cancelled.

1. **Construction of Twin "D' Type Qtr at R.W Division Bonai for the year 2025-26.**

OIPR-25001/25200/1/26-27/0020

Sd/- Superintending Engineer
Rural Works Division, Banai

25001/1439/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KENDRAPADA
(eerw_kpd@yahoo.com)

1st Corrigendum to
Tender call Notice No- Tender Online RWD/KPD - 09 of 2026-27

Due to issue of mapping of DSC of Estimator with tender inviting authority the change as detailed below are hereby made in the above NIT.

1. Period of availability of tenders on line / Date of time of bidding online / Date of opening of tender papers. : The details are as follows.

Procurement Officer	Place of opening	Availability of tender on line for bidding in online. From	To	Last date & time of seeking tender clarification.	Date & time of opening of tender
1	2	3	4	5	6
Superintending Engineer, Rural Works, Division, Kendrapada	Office of the Superintending Engineer, Rural Works, Division, Kendrapada.	06.11.2026 At 11:00 AM	Up to 5.00 PM on 16.11.2026	Up to 5:00 PM on 13.11.2026	17.11.2026 At 11:00 AM

All other terms and conditions of the said Tender call Notice shall remain unaltered.

OIPR-25001/25064/1/26-27/0019

Sd/- Superintending Engineer
Rural Works Division-I, Kendrapada

ପ୍ରଥମ ପୃଷ୍ଠାରୁ

ଆଜି ଓଡ଼ିଶାରେ ...

ପଥର ଓ ମାଟି ଅତଡ଼ା ଧସି ରାସ୍ତା ଅବରୋଧ ହୋଇଥିଲା। ପୁଣି ଏକ ବାତ୍ୟା ଖବର ଶୁଣିବା ପରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସେପଟେ ପାହାଡିଆ ଅଞ୍ଚଳରେ ବାଇକ୍‌ରେ ବୁଲି ବୁଲି ଲୋକଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଛନ୍ତି ଖୋଦ୍ ଗଜପତି ଜିଲ୍ଲାପାଳ। ଭୂସ୍ଖଳନ ଆଶଙ୍କା ଥିବାରୁ ବିଭିନ୍ନ ସ୍ଥାନରେ ଜେସିବି ମେସିନ୍ ସହିତ ଅନ୍ୟାନ୍ୟ ସରଞ୍ଜାମ ପ୍ରସ୍ତୁତ ରଖାଯାଇଛି। ପଡ଼ୋଶୀ ରାୟଗଡ଼ା ଜିଲ୍ଲାରେ ବି ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହିତ ସଜାଗ ଅଛନ୍ତି ଓଡ୍ରାଫ୍, ଏନଡିଆରଏଫ୍ ଓ ଅଗ୍ନିଶମ ଟିମ୍। ଅନ୍ୟପକ୍ଷରେ ବର୍ଷାକୁ ଦୃଷ୍ଟିରେ ରଖି କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାର ସମସ୍ତ ସ୍କୁଲଗୁଡ଼ିକୁ ଆସନ୍ତା ଦୁଇ ଦିନ (୩ ଓ ୪ ତାରିଖ) ପାଇଁ ଛୁଟି ଘୋଷଣା କରାଯାଇଛି। କନ୍ଧମାଳ ଜିଲ୍ଲାରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପରୀକ୍ଷା ଅବା ସେହି ଧରଣର କାର୍ଯ୍ୟକ୍ରମଗୁଡ଼ିକ ଯେପରି ପ୍ରଭାବିତ ନହେବ, ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାୟଗଡ଼ା ଜିଲ୍ଲାରେ ମଧ୍ୟ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ଯେ ସ୍କୁଲଗୁଡ଼ିକୁ ଯେପରି ବାତ୍ୟା ଆଶ୍ରୟସ୍ଥଳ ଭାବେ ବ୍ୟବହାର କରିହେବ ସେଥିପାଇଁ ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟିତ୍ରୀମାନେ ସଚେତନ ରହିବେ। ସେମାନେ ଶ୍ରେଣୀ ଗୃହଗୁଡ଼ିକର ଚାବି ସ୍ଥାନୀୟ ଅଞ୍ଚଳରେ ରହୁଥିବା ଶିକ୍ଷକ ବା ପିଅନଙ୍କୁ ଦେବେ। ସମସ୍ତ ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ,ଶିକ୍ଷୟିତ୍ରୀମାନେ ସେମାନଙ୍କ ମୋବାଇଲ୍ ଅନ୍ ରଖିବେ ଏବଂ ଯେକୌଣସି ଜରୁରୀ କଲ୍ ଉଠାଇବା ସହିତ ସେମାନଙ୍କୁ କୌଣସି ଦାୟିତ୍ୱ ଦେଲେ, ତାକୁ ନିର୍ବାହ କରିବେ ବୋଲି କୁହାଯାଇଛି। 'ମୁରାସୁ'ର ପ୍ରଭାବ କଳାହାଣ୍ଡି ଜିଲ୍ଲାରେ ପଡ଼ିବାର ସମ୍ଭାବନା କମ୍। ତଥାପି ଜିଲ୍ଲା ପ୍ରଶାସନ ନିଜକୁ ପ୍ରସ୍ତୁତ କରିଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଅଗ୍ନିଶମ ବାହିନୀର ୧୩ଟି ଟିମ୍ ମୁତୟନ ହୋଇଛନ୍ତି। ୧୧୭ଟି ସ୍ଥାନ ବନ୍ୟାରେ ପ୍ରଭାବିତ ହେବାର ସମ୍ଭାବନର ଥିବାରୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ଭୂସ୍ଖଳନ ହେବାର ସମ୍ଭାବନା ଥିବା ଅଞ୍ଚଳରେ ଜେସିବି ପ୍ରସ୍ତୁତ କରି ରଖାଯାଇଛି। ଏହା ସହିତ ମଙ୍ଗଳବାର ଜିଲ୍ଲାର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି।

ଆଲର୍ଟରେ ୬ ଜିଲ୍ଲା ...

ଏହି ବୈଠକରେ ବିଭାଗର ସଚିବ ଅରବିନ୍ଦ କୁମାର ପାଢ଼ୀ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ରହି କ୍ଷେତ୍ରସ୍ତରୀୟ ପ୍ରସ୍ତୁତିର ତଦାରଖ କରିଥିଲେ। ବାତ୍ୟା 'ମୁରାସୁ'ର ସମ୍ଭାବ୍ୟ ବିପଦକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ଏପର୍ଯ୍ୟନ୍ତ ୧ ଲକ୍ଷ ୪୧ହଜାର ୭୯୭ ଜଣ ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି, ଯେଉଁଥିରେ ସର୍ବାଧିକ ପ୍ରାଥମିକତା ଭିତ୍ତିରେ ୫୭୯ ଜଣ ଗର୍ଭବତୀ ମହିଳାଙ୍କୁ ନିରାପଦ ସ୍ଥାନ ଓ ଡାକ୍ତରଖାନାକୁ ନିଆଯାଇଛି। ରିଲିଫ୍ କ୍ୟାମ୍ପଗୁଡ଼ିକରେ ପ୍ରଭାବିତ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ ଯଥା ଚାଉଳ, ଚୂଡ଼ା, ଗୁଡ଼ ସହ ପଲିଥିନ୍ ଓ ଗୋରୁଗାଈଙ୍କ ପାଇଁ ଗୋ-ଖାଦ୍ୟ ଯୋଗାଇ ଦିଆଯାଉଛି। ଏପର୍ଯ୍ୟନ୍ତ ବିପନ୍ନମାନଙ୍କ ମଧ୍ୟରେ ୫୪୫୮ଟି ପଲିଥିନ୍ ସିଟ୍ ବଣ୍ଟନ କରାସରିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ ପାଇଁ ସୁରକ୍ଷା ବାହିନୀକୁ ରଣାଙ୍ଗନରେ ମୁତୟନ କରାଯାଇଛି। ପ୍ରଭାବିତ ଓ ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକରେ ଓଡ୍ରାଫ୍ ଓ ଏନଡିଆରଏଫ୍ ଟିମଗୁଡ଼ିକ ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି। କେବଳ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୩୨ଟି ଓଡ୍ରାଫ୍ ଓ ୩ଟି ଏନଡିଆରଏଫ୍ ମିଶି ମୋଟ ୩୫ଟି ଟିମ୍ ନିୟୋଜିତ ହୋଇଛନ୍ତି। ସେହିପରି ଗଜପତିରେ ୯ଟି ଓଡ୍ରାଫ୍ ଓ ଗୋଟିଏ ଏନଡିଆରଏଫ୍, ରାୟଗଡ଼ାରେ ୩ଟି ଓଡ୍ରାଫ୍ ଓ ଗୋଟିଏ ଏନଡିଆରଏଫ୍, କୋରାପୁଟରେ ୩ଟି ଓଡ୍ରାଫ୍ ଓ ଗୋଟିଏ ଏନଡିଆରଏଫ୍, ମାଲକାନଗିରିରେ ୩ଟି ଓଡ୍ରାଫ୍ ଓ ଗୋଟିଏ ଏନଡିଆରଏଫ୍, କନ୍ଧମାଳରେ ୪ଟି ଓଡ୍ରାଫ୍ ଓ ୨ଟି ଏନଡିଆରଏଫ୍ ଏବଂ ନବରଙ୍ଗପୁରରେ ୩ଟି ଟିମ୍ ମୁତୟନ ହୋଇ ଯେକୌଣସି ଜରୁରୀ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଛନ୍ତି।

ଭିଜିଲାନ୍ସ ଜାଲରେ ...

ମାଗିଥିଲେ। ଅକ୍ଟୋବର ୨୭ ତାରିଖରେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଶ୍ରୀ ଗଡ଼ନାୟକ ସମ୍ପୃକ୍ତ ଜମି ମାଲିକଙ୍କଠାରୁ ୨ ଲକ୍ଷ ଟଙ୍କା ଲାଞ୍ଚ ନେଇଥିଲେ। ଏହା ସହିତ ବାକି ୩ ଲକ୍ଷ ୧୦ ହଜାର ଟଙ୍କା ଅତିଶୀଘ୍ର ପ୍ରଦାନ କରିବା ପାଇଁ ତାଙ୍କୁ କହିଥିଲେ। ୩ ଲକ୍ଷ ଟଙ୍କା ନଦେଲେ ଭବିଷ୍ୟତରେ ତୃତୀୟ ରେଳ ଲାଇନ ହେଲେ ତାଙ୍କୁ ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ରାଶି ପାଇବାରେ ସମସ୍ୟା ହେବ ବୋଲି ସେ ଧମକ ଦେଇଥିଲେ। ଜମି ମାଲିକ ଘଟଣା ସମ୍ପର୍କରେ ଭିଜିଲାନ୍ସକୁ ଜଣାଇଥିଲେ। ଯୋଜନା ପ୍ରକାରେ ଜମି ମାଲିକ ସୋମବାର ଶ୍ରୀ ଗଡ଼ନାୟକଙ୍କୁ ଭେଟି ଆଉ ୩ ଲକ୍ଷ ୧୦ ହଜାର ଟଙ୍କା ଦେଇଥିଲେ। ସେ ଲାଞ୍ଚ ଅର୍ଥ ଗ୍ରହଣ କରିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ଏହା ପରେ ତାଙ୍କର ୩ଟି ଠିକଣାରେ ଭିଜିଲାନ୍ସ ଚଢ଼ଉ କରିଛି। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ଉ କରାଯାଇଛି। ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ଶ୍ରୀ ଗଡ଼ନାୟକଙ୍କ ନାଁରେ ମାମଲା ରୁଜୁ ହୋଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି।

ଦିଲ୍ଲୀ ଗଲେ ...

କ୍ଷତିଗ୍ରସ୍ତ ଅଞ୍ଚଳର ପୁନରୁଦ୍ଧାର ଏବଂ କେନ୍ଦ୍ରୀୟ ସହାୟତା ସମ୍ପର୍କରେ ସେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିବେ ବୋଲି ଜଣାଯାଇଛି। ରାଜ୍ୟ ପାଇଁ ଅଧିକ ସହାୟତା ରାଶି ମଞ୍ଜୁର କରିବାକୁ ସେ ଦାବି ଜଣାଇବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ କରିବା ପରେ ବୁଧବାର ଓଡ଼ିଶା ଫେରିବାର କାର୍ଯ୍ୟକ୍ରମ ରହିଛି।

ବିଜିନେସ୍ ଜେଟ୍ ...

ତଳକୁ ଖସି ଆସିଥିଲା। ତା'ପରେ ପୁଣି ୧୦ ହଜାର ଫୁଟ୍ ତଳକୁ ଖସି ଆସିଥିଲା। ୩ ମିନିଟରେ ବିମାନଟି ତଳେ ଖସି ପଡ଼ିଲା ଓ ଧ୍ୱଂସ ହୋଇଗଲା।ବିମାନଟି ଦ୍ରୁତ ଗତିରେ ଖସୁଥିବା ବେଳେ ପାଇଲଟ ମେ' ଡେ କଲ୍ ଦେବା ସହିତ ବିମାନଟି ମାଟିରେ କ୍ରାସ ହେବାକୁ ଯାଉଥିବା କହିଥିଲେ। ପାମ୍ ବିଚ୍ କାଉଣ୍ଟିର କ୍ରେଷ୍ଟହେଭେନ୍ ନିକଟରେ ଜେଟଟି ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ଏହାର କାରଣ ଜାଣିବା ପାଇଁ ତଦନ୍ତ ଚାଲିଛି।

ଜେଲ୍ ଗଲେ ...

ଆବେଦନ କରିଥିଲେ ବିଦ୍ୟାଭାରତୀ। ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ନିମ୍ନ ଅଦାଲତରେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ସମେତ ହାଇକୋର୍ଟରେ ମୋଟ ଦୁଇଟି ଆବେଦନ କରିଥିଲେ ବିଦ୍ୟାଭାରତୀ। ସେପ୍ଟେମ୍ବର ୩ ତାରିଖରେ ତାଙ୍କ ଆବେଦନ ଉପରେ ଶୁଣାଣି ଶେଷ କରି ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଆଉ ସେପ୍ଟେମ୍ବର ୯ ତାରିଖରେ ରାୟ ଶୁଣାଇ ହାଇକୋର୍ଟ ବିଦ୍ୟାଭାରତୀଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ତାଙ୍କ ଉପରୁ ଅନ୍ତରୀଣ ସୁରକ୍ଷା ହଟାଇ ଦେଇଥିଲେ କୋର୍ଟ। ଏହା ବିରୋଧରେ ସେ ସୁପ୍ରିମକୋର୍ଟରେ ସ୍ପେଶାଲ୍ ଲିଭ୍ ପିଟିସନ୍ ଦାଖଲ କରିଥିଲେ। କିନ୍ତୁ ସୁପ୍ରିମ୍‌କୋର୍ଟ ତାଙ୍କ ଆବେଦନ ଖାରଜ କରି ଦେଇଥିଲେ। ପ୍ରକାଶ ଯେ ୨୦୨୧ ଜୁଲାଇ ୧୧ ତାରିଖ ରାତିରେ ଏସିଏଫ ସୌମ୍ୟରଞ୍ଜନ ଅତି ସନ୍ଦେହଜନକ ଅବସ୍ଥାରେ ପୋଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ତା' ପରଦିନ ତାଙ୍କର ମୃତ୍ୟୁ ହୋଇଥିଲା। ମାମଲାର ତଦନ୍ତ କରି ପତ୍ନୀ ବିଦ୍ୟାଭାରତୀଙ୍କ ବିରୋଧରେ ଅଗ୍ନି ନିର୍ବାପନରେ ଅବହେଳା ଦଫାରେ ଚାର୍ଜସିଟ ଦାଖଲ କରିବା ସହ ତତ୍କାଳୀନ ଡିଏଫଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କୁ କ୍ଲିନଚିଟ ଦେଇଥିଲା କ୍ରାଇମବ୍ରାଞ୍ଚ। ଏହାକୁ ଚ୍ୟାଲେଞ୍ଜ କରି ସୌମ୍ୟରଞ୍ଜନଙ୍କ ପରିବାର ପାରଳାଖେମୁଣ୍ଡି ଏସଡିଜେଏମ କୋର୍ଟରେ ମାମଲା ଦାଏର କରିଥିଲେ। ଉକ୍ତ ଆବେଦନର ଶୁଣାଣି କରି ଏସଡିଜେଏମ କୋର୍ଟ ପାରଳାଖେମୁଣ୍ଡି, ଏହି ୩ ଜଣଙ୍କ ବିରୋଧରେ ହତ୍ୟା ଏବଂ ଅପରାଧିକ ଷଡ଼ଯନ୍ତ୍ର ରଚିବାରେ ମୋକଦ୍ଦମା ଚାଲିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ବାରମ୍ବାର ସମନ ସତ୍ତ୍ୱେ ହାଜର ନହେବାରୁ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ୨୦୨୩ ମସିହାରେ ଜାମିନ ବିହୀନ ଗିରଫ ପରୱାନା ମଧ୍ୟ ଜାରି ହୋଇଥିଲା। ଯାହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ଅଭିଯୁକ୍ତମାନେ ସାମୟିକ ଆଶ୍ୱସ୍ତି ପାଇଥିଲେ। ଗତ ଜୁଲାଇ ମାସରେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ତତ୍କାଳୀନ ଗଜପତି ଡିଏଫଓ ସଂଗ୍ରାମ କେଶରୀ ବେହେରା ଆତ୍ମସମର୍ପଣ କରିଥିଲେ। ସେହିପରି ଗତ ମାସ ୩୦ ତାରିଖରେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ତତ୍କାଳୀନ ରୋଷେୟା ମନ୍ମଥ କୁମ୍ଭଙ୍କୁ ଗିରଫ କରିଥିଲା ପାରଳାଖେମୁଣ୍ଡି ପୁଲିସ। ପାରଳାଖେମୁଣ୍ଡି ଏସଡିଜେଏମ କୋର୍ଟ ଜାରି କରିଥିବା ଜାମିନ ବିହୀନ ଗିରଫ ପରୱାନା ବଳରେ ପୁଲିସ ତାଙ୍କୁ ଗିରଫ କରିଥିଲା।

ଚିରନିଦ୍ରାରେ ...

ରାତି ୯ଟା ୧୫ରେ ତାଙ୍କର ପରଲୋକ ହୋଇଛି। ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ସ୍ନାୟୁ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଡାକ୍ତର ଅଶୋକ ମହାପାତ୍ରଙ୍କ ଦେଶବ୍ୟାପୀ ସୁନାମ ରହିଛି। ଚିକିତ୍ସା କ୍ଷେତ୍ରରେ ସୁଦକ୍ଷ ପ୍ରଶାସକ ଭାବେ ପରିଚିତ ଡା ମହାପାତ୍ରଙ୍କୁ ୨୦୨୪ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୨ରୁ ୨୦୧୬ ପର୍ଯ୍ୟନ୍ତ ଭୁବନେଶ୍ୱର ଏମ୍‌ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ପରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ର ସ୍ୱାସ୍ଥ୍ୟ ବିଜ୍ଞାନ ବିଭାଗର ପ୍ରମୁଖ ଉପଦେଷ୍ଟା କାର୍ଯ୍ୟରତ ଥିଲେ। ସେହିପରି ୨୦୦୬ରୁ ୨୦୦୯ ପର୍ଯ୍ୟନ୍ତ ସେ ଲକ୍ଷ୍ନୌର ସିଜିପିଜିଆଇ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୧୭ରେ କନ୍ଧମାଳର ବହୁଚର୍ଚ୍ଚିତ ଯୋଡ଼ାମୁଣ୍ଡ ଶିଶୁ ଜଗା ଓ କାଳିଆଙ୍କ ଅସ୍ତ୍ରୋପଚାରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ ଉଭୟ ଶିଶୁଙ୍କୁ ଅଲଗା କରି ନୂଆ ଜୀବନ ଦେବାରେ ସେ ସଫଳ ହୋଇଥିଲେ। ତାଙ୍କ ବିୟୋଗରେ ଚିକିତ୍ସା ଜଗତ ସହ ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି।

କଲେଜ ଛାତ୍ରୀ ହତ୍ୟା ମାମଲା

କ୍ରାଇମ୍ ସିନ୍ ରିକ୍ରିଏସନ୍ ବେଳେ ଉତ୍ତେଜନା





- ଘଟଣାରେ ଜଣେ ନୁହେଁ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଅଭିଯୋଗ
- ନ୍ୟାୟ ଦାବିରେ ଥାନା ଅଧିକାରୀ ଓ ପୁଲିସ ଗାଡ଼ିକୁ ଅଟକ ରଖିଲେ ଉତ୍ୟକ୍ତ ଲୋକେ

ମାର୍ଶାଘାଇ,୨।୧୧/ଏନ୍‌ଏନ୍‌ଏସ୍: କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର (ବନ୍ଧସାହି) ଗ୍ରାମରେ ଗତ ୩୧ ତାରିଖ ରାତିରେ ଜୈନିକା କଲେଜ ଛାତ୍ରୀଙ୍କୁ ଗଳକାଟି ହତ୍ୟା ଘଟଣାରେ ମାର୍ଶାଘାଇ ପୁଲିସ ଏହି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଅରଜିତ ମହାନ୍ତି (୨୭)। ଆଜି ଅପରାହ୍ନ ୩ଟା ସମୟରେ ମାର୍ଶାଘାଇ ପୁଲିସ ଅଭିଯୁକ୍ତଙ୍କୁ ନେଇ ଯଦୁପୁର ଗ୍ରାମରେ ହତ୍ୟା ଘଟଣାର ସିନ୍ ରିକ୍ରିଏସନ୍ କରିଥିଲା। ଅଭିଯୁକ୍ତ ଜଣଙ୍କ ଛାତ୍ରୀଙ୍କ ଘରକୁ କିପରି ଗଲା, କେମିତି ମାରିଲା ଓ ଦଳପୂର୍ଣ୍ଣ ଜଳାଶୟରେ କେମିତି ଫୋପାଡ଼ିଲା ତାହା ପ୍ରଦର୍ଶିତ କରିଥିଲା। ସେଠାରୁ ପ୍ରଦର୍ଶିତ କରି ପୁଲିସ ଗାଡିକୁ ଆସୁଥିବା ବେଳେ ଶହ ଶହ ଲୋକ ଅଭିଯୁକ୍ତଙ୍କୁ ଘେରିଯାଇ ଥିଲେ। ସେମାନଙ୍କ ଭିତରୁ ଅନେକ ଅଭିଯୁକ୍ତଙ୍କୁ ଆମକୁ ଦିଅ, ଆମେ ତାକୁ ଉଚିତ୍ ଶାସ୍ତି ଦେବୁ, ଆସାମୀର ମୁହଁ ଖୋଲାଯାଉ, ଏ ସେ ପିଲା ନୁହଁ କହି ପ୍ରବଳ ହୋହାଲ୍ଲା କରିଥିଲେ। ଏପରିକି ଅଭିଯୁକ୍ତଙ୍କୁ ଠେଲାପେଲା କରିବା ସହ ଧକ୍କା ମାରିଥିଲେ। ଉତ୍ୟକ୍ତ ଲୋକମାନେ ପୁଲିସଗାଡିକୁ ନ ଛାଡିବାକୁ ରାସ୍ତାରେ ୫ରୁ ୬ଟି ବାଇକ୍ ରାସ୍ତା ଉପରେ ଆଡ଼ ପକାଇ ଦେଇଥିଲେ। ପୁଲିସ ବହୁ କଷ୍ଟରେ ଅଭିଯୁକ୍ତଙ୍କୁ ଗାଡ଼ିରେ ବସାଇଥିଲେ ଓ ରାସ୍ତାରୁ ବାଇକ୍‌ଗୁଡିକ ହଟାଇ ଦେଇ ଅଭିଯୁକ୍ତଙ୍କୁ ନେଇ ଥାନାକୁ ଫେରି ଆସିଥିଲେ। କିନ୍ତୁ ଛାତ୍ରୀ ହତ୍ୟା ଘଟଣାରେ କେବଳ ଜଣେ ନୁହେଁ ଅନ୍ୟମାନଙ୍କର ସମ୍ପୃକ୍ତି ରହିଛି, ଛାତ୍ରୀଙ୍କ ପ୍ରକୃତ ହତ୍ୟାକାରୀ ଓ ଅନ୍ୟ ସମସ୍ତ ହତ୍ୟାକାରୀ ଧରିବା ପାଇଁ ଦାବି କରିଥିଲେ। ଏପରିକି ଲୋକମାନେ ପୁଲିସଗାଡକୁ ଛାଡି ନଥିଲେ। ଯାହା ଫଳରେ ଥାନା ଅଧିକାରୀ ତପନ ନାୟକ ଓ ଅନ୍ୟଷ୍ଟାଫ୍ ୨ଟି ପୁଲିସ ଗାଡି ସହ ରହିଯାଇଥିଲେ। ଲୋକମାନେ ଆଇଆଇସିଙ୍କୁ ଘେରାଉ କରି ଏଥିରେ ଆଉ କେଉଁମାନେ ସମ୍ପୃକ୍ତ, ଘଟଣାର ମାଷ୍ଟରମାଇଣ୍ଡ କିଏ ? ଗିରଫ ଯୁବକ ସୁପାରୀ କିଲର, ମୂଳ ଆସାମୀ ଧରିବା ନେଇ ଦାବି ରଖିଥିଲେ। ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଅନେକ ବୁଝାସୁଝା ପରେ ଲୋକମାନେ ପୁଲିସଙ୍କୁ ଛାଡିଥିଲେ।

ଭୟଙ୍କର ସଡ଼କ ଦୁର୍ଘଟଣା, ୨ ଗୁରୁତର

କେନ୍ଦ୍ରାପଡ଼ା,୨।୧୧/ଏନ୍‌ଏନ୍‌ଏସ୍: କଟକ-ଚାନ୍ଦବାଲି ରାଜ୍ୟ ରାଜପଥର କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବଉଳ ବିହାର ନିକଟରେ ଆଜି ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଯାଇଛି। ଦୁର୍ଘଟଣାରେ ସ୍କୁଟି ଆରୋହୀ ଦୁଇ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ସମୟୋଚିତ ପଦକ୍ଷେପ ନେଇ ଜଣେ ପୁଲିସ ଅଧିକାରୀ ସେମାନଙ୍କୁ ନିଜ ଗାଡ଼ିରେ ଡାକ୍ତରଖାନାରେ ଭର୍ତ୍ତି କରି ଏକ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁସାରେ, ବଉଳ ବିହାର ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଦୁଇଟି ଟ୍ରକ୍ ଅଟକି ରହିଥିଲା। ଏହି ସମୟରେ ବିପରୀତ ତଥା ଭୁଲ ଦିଗରୁ ଏକ ବାଉଁଶ ବୋଝେଇ ପିକ୍-ଅପ୍ ଭ୍ୟାନ୍ ଦ୍ରୁତ ଗତିରେ ଚାଲିଆସିଥିଲା। ଫଳରେ ସେହି ପଥ ଦେଇ ଯାଉଥିବା ଏକ ସ୍କୁଟି ସହ ପିକ୍-ଅପ୍ ଗାଡ଼ିର ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ସ୍କୁଟିଟି ଭାଙ୍ଗି ଚୁରମାର ହୋଇଯିବା ସହ ସେଥିରେ ବସିଥିବା ଦୁଇ ଯୁବକ ଛିଟିକି ପଡ଼ି ରକ୍ତ ଜୁଡୁବୁଡୁ ହୋଇପଡ଼ିଥିଲେ। ଗୁରୁତର ଆହତ ଦୁଇ ଯୁବକ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିଲିକଣା ଗ୍ରାମର ବୋଲି ଜଣାପଡ଼ିଛି। ଘଟଣାପରେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲେ ହେଁ ତାହା ପହଞ୍ଚିବାରେ ବିଳମ୍ବ ଘଟିଥିଲା। ରକ୍ତସ୍ରାବ ଯୋଗୁଁ ଆହତଙ୍କ ଅବସ୍ଥା କ୍ରମଶଃ ସଙ୍କଟାପନ୍ନ ହେଉଥିବା ବେଳେ, ସେହି ବାଟ ଦେଇ ଯାଉଥିବା ରିଜର୍ଭ ପୁଲିସ ଇନ୍ସପେକ୍ଟର ପ୍ରଶାନ୍ତ ରଣସିଂହ ସେଠାରେ ଅଟକି ଯାଇଥିଲେ। ସେ ବିଳମ୍ବ ନକରି ସ୍ଥାନୀୟ ଲୋକଙ୍କ ସହାୟତାରେ ରକ୍ତଭିଜା ଦୁଇ ଆହତଙ୍କୁ ନିଜ ସରକାରୀ ଗାଡ଼ିରେ ବସାଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତୁରନ୍ତ ସେମାନଙ୍କର ପ୍ରାଥମିକ ଚିକିତ୍ସା ଆରମ୍ଭ କରିଥିଲେ। ଜଣେ କର୍ତ୍ତବ୍ୟନିଷ୍ଠ ପୁଲିସ ଅଧିକାରୀ ଭାବେ ଶ୍ରୀ ରଣସିଂହଙ୍କ ଏହି ମାନବିକତା ଏବଂ ଦେବଦୂତ ସଦୃଶ କାର୍ଯ୍ୟ ପାଇଁ ସ୍ଥାନୀୟ ବାସିନ୍ଦା ତାଙ୍କୁ ସାଧୁବାଦ ଜଣାଇଛନ୍ତି। କଟକ ଚାନ୍ଦବାଲି ରାସ୍ତାର ଦୁଇ କଡ଼ରେ ବେଆଇନ ଭାବରେ ଟ୍ରକ୍ ରଖାଯାଉଛି। ଯାହାଫଳରେ ଦୁର୍ଘଟଣା ହେଉଛି ବୋଲି ସାଧାରଣ ଲୋକମାନେ କହିଛନ୍ତି। ସୋସିଆଲ ମିଡିଆରେ ମଧ୍ୟ ତାଙ୍କର ଏହି ମହତ ପଦକ୍ଷେପର ଭିଡିଓ ଓ ଫଟୋ ଭାଇରାଲ ହେବା ସହ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।



ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ



ନାଉଗାଁ,୨।୧୧/ଏନ୍‌ଏନ୍‌ଏସ୍:ନାଉଗାଁ ବ୍ଲକ୍ ଅନ୍ତର୍ଗତ ଆଲାଣାହାଟ ସରକାରୀ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷାଅଧିକାରୀ କେଶବ ମେହେର, ସମ୍ମାନୀୟ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ସୁଶାନ୍ତ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅରବିନ୍ଦ ଦାସ, ପୁରାତନ ଛାତ୍ର ସଂସଦର ସଭାପତି ପ୍ରକାଶ କୁମାର ରାୟ, ସ୍ଥାନୀୟ ସରପଞ୍ଚ ଚନ୍ଦ୍ରମଣୀ ବେହେରା, ସମିତିସଭ୍ୟା ସାଗରିକା ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଉଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟ ଗୁଡ଼ିକରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଉକ୍ତ ବ୍ଲକ୍‌ର ଥିବା ସମସ୍ତ ସାଧନା କେନ୍ଦ୍ରଗୁଡ଼ିକର ସଂଯୋଜକମାନେ ପରିଚାଳନା କରିଥିଲେ।

ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

୭ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା

କେନ୍ଦ୍ରାପଡ଼ା,୨।୧୧/ଏନ୍‌ଏନ୍‌ଏସ୍: ଜନସାଧାରଣଙ୍କ ବିଭିନ୍ନ ସମସ୍ୟା, ଅଭିଯୋଗ ଓ ଆବଶ୍ୟକତାର ତ୍ୱରିତ ସମାଧାନ ନିମନ୍ତେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍ ଆୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜନସାଧାରଣଙ୍କଠାରୁ ବିଭିନ୍ନ ବିଭାଗ ସମ୍ପର୍କିତ ଅଭିଯୋଗ ଓ ଦାବିପତ୍ର ଗ୍ରହଣ କରାଯାଇ ଶୁଣାଣି କରାଯାଇଥିଲା। ଏହି ଶିବିରରେ ମୋଟ୍ ୫୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ଟି ସାମୂହିକ ଅଭିଯୋଗ ରହିଥିଲା। ପଞ୍ଜୀକୃତ ଅଭିଯୋଗଗୁଡ଼ିକର ଶୁଣାଣି କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ମାଧ୍ୟମରେ ୧୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆବଶ୍ୟକୀୟ ଯାଞ୍ଚ ଓ ପଦକ୍ଷେପ ଗ୍ରହଣ ନିମନ୍ତେ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିଲା। ଏହି ଅବସରରେ ଆର୍ଥିକ ସହାୟତା ଆବଶ୍ୟକ କରୁଥିବା ୭ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜନସାଧାରଣଙ୍କ ଅଭାବ, ଅସୁବିଧା ଓ ଜରୁରୀ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଏଭଳି ସହାୟତା ପ୍ରଦାନ କରାଯାଉଛି। ଶିବିରରେ ଅଭିଯୋଗକାରୀମାନେ ନିଜ ନିଜର ସମସ୍ୟା ସିଧାସଳଖ ଜିଲ୍ଲାପାଳ ଏବଂ ଉପସ୍ଥିତ ଅଧିକାରୀମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଅଭିଯୋଗଗୁଡ଼ିକର ଗୁରୁତ୍ୱ ଓ ପ୍ରକୃତି ଅନୁଯାୟୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ ଅଭିଯୋଗଗୁଡ଼ିକୁ ବିଚାରକୁ ନେଇଥିଲେ। ଜନସାଧାରଣଙ୍କ ଅଭିଯୋଗର ସଠିକ୍ ତଦନ୍ତ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଷ୍ପତ୍ତି ଏବଂ ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଏହି ଶିବିରରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଟ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଏସ୍‌ପି ପ୍ରଭାତ ବିଶ୍ୱାଳ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ, ତହସିଲଦାର କୁଇନି ଜେନା ଏବଂ ଡେପୁଟି କଲେକ୍ଟର ସରୋଜ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ଭାଗ ନେଇଥିଲେ। ପ୍ରକାଶ, ପରବର୍ତ୍ତୀ ଯୁଗ୍ମ ଅଭିଯୋଗ ଶୁଣାଣି ଆସନ୍ତା ୯ ନଭେମ୍ବରରେ ପଟ୍ଟାମୁଣ୍ଡାଇ,୧୧ ନଭେମ୍ବରରେ ରାଜକନିକା, ୨୩ ନିଭେମ୍ବରରେ ଆଳି ଏବଂ ୩୦ ନିଭେମ୍ବରରେ ମାର୍ଶାଘାଇ ବ୍ଲକ୍‌ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ।



'ଆମ କୁନାକୁନି'ର ଦଶହରା ଲୋକାର୍ପିତ

ତାଳଚେର,୨।୧୧/ଏନ୍‌ଏନ୍‌ଏସ୍: ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ଆନୁକୂଲ୍ୟରେ ପ୍ରକାଶିତ ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ଆମ କୁନାକୁନି'ର ଦଶହରା ବିଶେଷାଙ୍କ ଲୋକାର୍ପିତ ହୋଇଯାଇଛି। ଓଡ଼ିଶା ଶିଶୁ ସାହିତ୍ୟ ପତ୍ରିକା ସଂପାଦକ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ପୁରୀସ୍ଥିତ ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ର, ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ଶିଶୁ ସାହିତ୍ୟିକ ଡ.ଶ୍ରୀକାନ୍ତ ଚରଣ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ଶିଶୁ ସାହିତ୍ୟିକ ଗୋବିନ୍ଦ ଚାନ୍ଦ, ଡ. ପ୍ରିୟଙ୍କା ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଓଡ଼ିଶା ଶିଶୁ ସାହିତ୍ୟ ପତ୍ରିକା ସଂପାଦକ ସଂଗଠନର ସଭାପତି ଡ. ରାମଚନ୍ଦ୍ର ଦେଓ, ସାଧାରଣ ସଂପାଦକ ଶିଶୁ ସାହିତ୍ୟିକ ଶୁଶାନ୍ତ କୁମାର ସେନାପତି ଓ ବରିଷ୍ଠ ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ଆମ କୁନାକୁନି'ର ଦଶହରା ବିଶେଷାଙ୍କକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି ଉତ୍ସବରେ ଆମ କୁନାକୁନି ଶିଶୁ କିଶୋର ପତ୍ରିକାର ସଂପାଦକ ଶିଶୁ ସାହିତ୍ୟିକ ବିଭୂତି ଭୂଷଣ ସ୍ୱାଇଁ ଉପସ୍ଥିତ ଥିଲେ। ଓଡ଼ିଆ ଶିଶୁ ସାହିତ୍ୟର ମହାନ ସ୍ରଷ୍ଟା ଦାଶ ବେନହୁରଙ୍କ ସ୍ୱତନ୍ତ୍ର ସାକ୍ଷାତକାର ସହିତ ଆକର୍ଷଣୀୟ ପ୍ରଚ୍ଛଦ, ଶିଶୁ ମନଲୋଭା ଚିତ୍ର ସହ ଓଡ଼ିଶାର ବହୁ ଲବ୍ଧ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକମାନଙ୍କ ଲେଖାରେ ସମୃଦ୍ଧ ଏହି ବିଶେଷାଙ୍କଟି ଶିଶୁ କିଶୋରମାନଙ୍କ ଦ୍ୱାରା ଆଦୃତ ଲାଭ କରିବ ବୋଲି ପତ୍ରିକାର ସଂପାଦକ ବିଭୂତି ଭୂଷଣ ସ୍ୱାଇଁ ଆଶା ପ୍ରକାଶ କରିଛନ୍ତି।

ରହୁଛି ଭାରତୀୟଙ୍କ ...

ନଜର ରଖୁଥିବା ସଂସ୍ଥା ଏହି ଆକାଉଣ୍ଟଗୁଡ଼ିକୁ ଚିହ୍ନଟ କରିଥିଲା। ଅଲ୍ ଜଜିରା ଅନୁଯାୟୀ, ଭାରତୀୟ କନସଲ୍ଟାନ୍ସି କମ୍ପାନୀଗୁଡ଼ିକ ନିର୍ବାଚନ ପ୍ରଚାର ପାଇଁ ପୁରୁଣା ସୋସିଆଲ ମିଡିଆ ପେଜ୍ କିଣନ୍ତି, ନୂଆ ଆକାଉଣ୍ଟ ତିଆରି କରନ୍ତି କିମ୍ବା ପୁରୁଣା ପେଜ୍‌ର ନାମ ବଦଳାଇ ସେଗୁଡ଼ିକୁ ବ୍ୟବହାର କରନ୍ତି। ଏହି ପେଜ୍‌ଗୁଡ଼ିକରୁ ଏଭଳି ପୋଷ୍ଟ ଏବଂ ଭିଡିଓ ସେୟାର କରାଯାଏ, ଯାହା ପ୍ରାର୍ଥୀଙ୍କ ନିଜର ଅଫିସିଆଲ୍ ଟିମ୍ ନିଜ ଆକାଉଣ୍ଟରୁ ପୋଷ୍ଟ କରିବାକୁ ଚାହାନ୍ତି ନାହିଁ। ପ୍ରକାଶ, ମେଟା ଏବଂ ଗୁଗଲ୍ ନିୟମ ଅନୁସାରେ, ରାଜନୈତିକ ବିଜ୍ଞାପନ ଦେଉଥିବା ବ୍ୟକ୍ତିଙ୍କୁ ନିଜ ପରିଚୟ ଏବଂ ବିଜ୍ଞାପନ ପାଇଁ ଟଙ୍କା ଦେଉଥିବା ବ୍ୟକ୍ତି ବା ସଂଗଠନର ସୂଚନା ଦେବାକୁ ପଡ଼ିଥାଏ। ମେଟା ନକଲି ପରିଚୟରେ ଆକାଉଣ୍ଟ ଚଳାଇବା ତଥା ଆକାଉଣ୍ଟ କିଣାବିକା କରିବା ଉପରେ ମଧ୍ୟ କଟକଣା ଲଗାଇଥାଏ। ତେବେ, ଏହି ନିୟମରୁ ବର୍ତ୍ତିବା ପାଇଁ ଭିପିଏନ୍‌ର ବ୍ୟବହାର କରାଯାଉଥିବା ନେଇ ଭାରତୀୟ କନସଲ୍ଟାଣ୍ଟମାନେ ଅଲ୍ ଜଜିରାକୁ କହିଛନ୍ତି। ଏହାଦ୍ୱାରା ଭାରତରେ ବସି ଅନ୍ୟ କୌଣସି ଦେଶର ଲୋକେସନ୍ ଦର୍ଶାଇ ସେଠାକାର ଲୋକଙ୍କ ନିକଟରେ ରାଜନୈତିକ ବିଜ୍ଞାପନ ପହଞ୍ଚାଯାଇପାରେ। ଭିପିଏନ୍ ବ୍ୟବହାର ଦ୍ୱାରା ଏସବୁ କରୁଥିବା ବ୍ୟକ୍ତି ନିଜ ସୂଚନାକୁ ମଧ୍ୟ ଗୋପନୀୟ ରଖିବାରେ ସଫଳ ହୋଇଥାନ୍ତି। ଏବେ ଯେଉଁ ନୂଆ ଅଭିଯୋଗ ଆସିଛି ସେଥିରେ କୁହାଯାଉଛି ଯେ, ବାସ୍ତବରେ ଏହି ଆମେରିକୀୟ ରାଜନେତାମାନେ ନିଜ ସପକ୍ଷରେ ପ୍ରଚାର ପ୍ରସାର କରିବା ପାଇଁ ଭାରତର କିଛି ପ୍ରଖ୍ୟାତ ବ୍ୟବସାୟୀମାନଙ୍କୁ ଦାୟିତ୍ୱ ଦେଉଛନ୍ତି ଏବଂ ବ୍ୟବସାୟୀମାନେ ଏହି ଇନ୍‌ଫ୍ଲୁଏନ୍‌ସରଙ୍କୁ କାମରେ ଲଗାଉଛନ୍ତି। ରାଜନୈତିକ କନସଲ୍ଟାନ୍ସି ଉପରେ ପୁସ୍ତକ ଲେଖିଥିବା ଅମୋଘ ଧର ଶର୍ମା ନିଜ ଗବେଷଣା ସମୟରେ ଜର୍ମାନୀ ଏବଂ ଅଷ୍ଟ୍ରେଲିଆରେ ଭାରତୀୟ କମ୍ପାନୀଗୁଡ଼ିକ କାମ କରୁଥିବା ସୂଚନା ମିଳିଥିବା କଥା କହିଛନ୍ତି। ସେହିପରି ଦିଲ୍ଲୀର ରାଜନୈତିକ କନସଲ୍ଟାଣ୍ଟ ତୁଷାର ଗିରି କହିଛନ୍ତି ଯେ ଭାରତରେ ନିର୍ବାଚନ ପ୍ରଚାରର ଅଭିଜ୍ଞତା ଏବେ ଅନ୍ୟ ଦେଶର ନେତାମାନଙ୍କୁ ମଧ୍ୟ ଆକର୍ଷିତ କରୁଛି। ତାଙ୍କ କହିବା ଅନୁସାରେ, ଭାରତରେ କମ୍ ଖର୍ଚ୍ଚରେ ଏଭଳି ଅଭିଯାନ ପରିଚାଳନା କରାଯାଇପାରିବ।

୩ ଜିଲ୍ଲାରେ ଘରକୁ ...

ନଭେମ୍ବର ୨୧, ୨୦୨୬ ଏବଂ ଗଜପତି ଓ କନ୍ଧମାଳ ଜିଲ୍ଲାରେ ନଭେମ୍ବର ୧୪, ୨୦୨୬ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଜାରି ରହିବ। ପୂର୍ବରୁ ଏହି ସର୍ଭେ କାର୍ଯ୍ୟ ସମାପ୍ତିର ଶେଷ ତାରିଖ ୦୭.୧୦.୨୦୨୬ ରହିଥିଲା।ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ ତିନୋଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସର୍ଭେ କାର୍ଯ୍ୟରେ ନିୟୋଜିତ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବା ସହ ସର୍ଭେ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଧାର୍ଯ୍ୟ ବର୍ଦ୍ଧିତ ସମୟସୀମା ମଧ୍ୟରେ ସମସ୍ତ ଯୋଗ୍ୟ ପରିବାରଙ୍କୁ ସର୍ଭେ ପରିସରଭୁକ୍ତ କରିବା ସହ କାର୍ଯ୍ୟ ସମାପ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।ଏହି ସମୟସୀମା ବୃଦ୍ଧି କେବଳ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲା ପାଇଁ ପ୍ରଯୁଜ୍ୟ ହେବ। ଘରକୁ ଘର ସର୍ଭେ ସମ୍ପର୍କରେ କମିଶନଙ୍କ ପକ୍ଷରୁ ପୂର୍ବରୁ ଜାରି ଅନ୍ୟ ସମସ୍ତ ନିର୍ଦ୍ଦେଶାବଳୀ ଅପରିବର୍ତ୍ତିତ ରହିବ। ଅନ୍ୟପକ୍ଷରେ ଆସନ୍ତା ବର୍ଷ ଏପ୍ରିଲରେ ପଞ୍ଚାୟତ ନିର୍ବାଚନ ଏବଂ ମେ ସୁଦ୍ଧା ପୌର ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟ ନିର୍ବାଚନ ଆୟୋଗ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସମସ୍ତ ପ୍ରକ୍ରିୟା ଜୋରସୋରରେ ଚାଲିଛି। ଆସନ୍ତା ଜାନୁଆରୀ ପହିଲାରେ ଚିଠା ଭୋଟର୍ ତାଲିକା ଏବଂ ଫେବୃଆରୀ ୧୫ ତାରିଖ ସୁଦ୍ଧା ଚୂଡ଼ାନ୍ତ ଭୋଟର୍ ଲିଷ୍ଟ ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଥିବା ରାଜ୍ୟ ନିର୍ବାଚନ କମିଶନ ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି।

ଉତ୍କଳ ସୁପୁତ୍ର ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବୃକ୍ଷରୋପଣ



ନାଉଗାଁ,୨।୧୧/ଏନ୍‌ଏନ୍‌ଏସ୍: ଉତ୍କଳ ସୁପୁତ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦେବୀଦୋଳ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଆଶୁତୋଷ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ବିଭିନ୍ନ ବୃକ୍ଷର ଚାରା ରୋପଣ କରିଥିଲେ। ଏବଂ ଏହି ଚାରାଗୁଡ଼ିକ କିପରି ବଡ଼ବଡ଼ ବୃକ୍ଷରେ ପରିଣତ ହେବ ସେଥିପ୍ରତି ଚାରା ଗୁଡ଼ିକର ସଠିକ୍ ଭାବରେ ଯତ୍ନ ନେବାକୁ ଉକ୍ତ ଟ୍ରଷ୍ଟର ସଦସ୍ୟମାନଙ୍କୁ ପରାମର୍ଶ ଦେବା ସହିତ ସ୍ଥାନୀୟ ଉପନିବନ୍ଧକଙ୍କ ସହ ଉକ୍ତ କାର୍ଯ୍ୟାଳୟର ସମସ୍ୟାଗୁଡିକ ସମ୍ବନ୍ଧରେ ଆଲୋଚନା କରିଥିଲେ। ତାଙ୍କ ସହିତ ଏହି କାର୍ଯ୍ୟକ୍ରମରେ ଦେବୀଦୋଳ ଉପନିବନ୍ଧକ ସାହିନ୍ ନାଜ୍, ମୁଖ୍ୟ କିରାଣୀ ସୁବ୍ରତ କୁମାର ସାହୁ, ଜିଲ୍ଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, ଦେବୀପ୍ରସାଦ ପାଢ଼ୀ, ରବୀନ୍ଦ୍ର ପାଢ଼ୀ, ତାପଶ ଦାସ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଉପାଧ୍ୟକ୍ଷ ପ୍ରଦୀପ କୁମାର ରାଉତ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ରାଉଳ, ଆଶୁତୋଷ ପରିଡ଼ା, ଅଶୋକ ଓଝା, ସୁମନ ମହାପାତ୍ର ଓ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

ମା'ଙ୍କ ସ୍ମୃତିରେ ଅଷ୍ଟପ୍ରହରୀ ଓ ନାମଯଜ୍ଞ

ଆଳି,୨।୧୧/ଏନ୍‌ଏନ୍‌ଏସ୍: ଆଳି ବ୍ଲକ୍ ସିଙ୍ଗିରି ପଞ୍ଚାୟତ ବାଙ୍କେଶ୍ୱର ଗ୍ରାମର ଧର୍ମପରାୟଣ ମହିଳା ହେମନ୍ତ କୁମାରୀ ମହାନ୍ତି ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିସଭାରେ ଡାକ୍ତର ଦେବସ୍ମିତା ଶର୍ମା, କୃଷ୍ଣଚନ୍ଦ୍ର ପଣ୍ଡା, ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁ, ସୁବ୍ରତ ସତ୍ୟ ମହାନ୍ତି, ସୁବ୍ରତ ବେହୁରା, ନୀଳମଣି ସେଠୀ, କାଳିଆ ମହାନ୍ତି ପ୍ରମୁଖଙ୍କ ସମେତ ଅନ୍ୟମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇ ଅମର ଆତ୍ମାର ସଦଗତି କାମନା କରିଥିଲେ। ସ୍ୱର୍ଗତା ହେମନ୍ତ କୁମାରୀ ଜଣେ ସ୍ନେହୀ ପରୋପକାରୀ, ମିଷ୍ଟଭାଷି, ଧର୍ମପରାୟଣ ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ଏହି ଅବସରରେ ମା' ଙ୍କ ସ୍ମୃତିରେ ଅଷ୍ଟପ୍ରହରି ନାମ ସଂକୀର୍ତ୍ତନ ହେବା ସହ ୬୪ ବ୍ରାହ୍ମଣଙ୍କୁ ନେଇ ହରିହାଟ ଅନୁଷ୍ଠିତ ହୋଇଯାଇଛି।

ପୂର୍ବତଟ ରେଳପଥ ପକ୍ଷରୁ ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ କ୍ୟାମ୍ପେନ୍ ୫.୦

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ପୂର୍ବତଟ ରେଳପଥ ପକ୍ଷରୁ ରେଳବାଇ ପେନ୍ସନ୍‌ଭୋଗୀ ଏବଂ ପରିବାର ପେନ୍ସନ୍‌ଭୋଗୀମାନଙ୍କ ପାଇଁ ଗତ ୧ ତାରିଖରୁ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ କ୍ୟାମ୍ପେନ୍ ୫.୦ ଆୟୋଜନ କରାଯାଇଛି। ଏହା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପ୍ରକ୍ରିୟାକୁ ସହଜ ଓ ସୁବିଧାଜନକ କରିବା ସହ ପେନସନଭୋଗୀ ମାନଙ୍କ ପାଇଁ ଅଧିକ ସୁଲଭ କରିବା। ପୂର୍ବତଟ ରେଳପଥ ଅଧୀନରେ ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ ସମେତ ଖୋର୍ଦ୍ଧା ରୋଡ, ସମ୍ବଲପୁର ଏବଂ ରାୟଗଡ଼ା ଡିଭିଜନର ବିଭିନ୍ନ ସ୍ଥାନରେ ଏହି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି। ଏହି ଶିବିରଗୁଡ଼ିକରେ ପେନ୍ସନ୍‌ଭୋଗୀ ଏବଂ ପରିବାର ପେନସନଭୋଗୀମାନେ ଡିଜିଟାଲ୍ ମାଧ୍ୟମରେ ସେମାନଙ୍କର ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଖୋର୍ଦ୍ଧା ରୋଡ ଡିଭିଜନ ଅଧୀନରେ ବ୍ରହ୍ମପୁର, ବାଲୁଗାଁ, ପୁରୀ,



ଭୁବନେଶ୍ୱର, କଟକ, ପାରାଦୀପ, ଅନୁଗୁଳ, ଭଦ୍ରକ ଏବଂ କେନ୍ଦୁଝରଗଡ଼ରେ ଶିବିର ଆୟୋଜନ କରାଯିବ। ରାୟଗଡ଼ା ଡିଭିଜନ ଅଧୀନରେ ଡିଆରଏମ୍ (ପର୍ସୋନେଲ୍) କାର୍ଯ୍ୟାଳୟ, ରାୟଗଡ଼ା ସମେତ କୋରାପୁଟ, ଜୟପୁର ଏବଂ ଆରକୁର ନିର୍ଦ୍ଧାରିତ କାର୍ଯ୍ୟାଳୟଗୁଡ଼ିକରେ ଶିବିର ଅନୁଷ୍ଠିତ ହେବ। ସମ୍ବଲପୁର ଡିଭିଜନ୍ ଅଧୀନରେ ରେଢ଼ାଖୋଲ, ବଲାଙ୍ଗୀର, ଟିଟିଲାଗଡ଼, ମହାସମୁନ୍ଦ ଏବଂ କଣ୍ଟାବାଞ୍ଜିରେ ଶିବିର ଆୟୋଜନ କରାଯିବ। ଏହା ସହିତ ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ କ୍ୟାରେଜ ରିପେୟାର୍ ୱର୍କସପ୍ ଏବଂ ପୂର୍ବତଟ ରେଳପଥ ମୁଖ୍ୟାଳୟ ଅଧୀନରେ ପିସିପିଓ/ପିଏଫ୍ଏ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ନିର୍ଦ୍ଧାରିତ ସ୍ଥାନରେ ମଧ୍ୟ ଶିବିର ଆୟୋଜନ କରାଯିବ। ୮୦ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ଅତି ବରିଷ୍ଠ ପେନସନଭୋଗୀମାନଙ୍କୁ ସୁବିଧାଜନକ ଭାବେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ। ଶିବିରକୁ ଆସୁଥିବା ରେଳବାଇ ପେନ୍ସନ୍‌ଭୋଗୀ ଏବଂ ପରିବାର ପେନ୍ସନ୍‌ଭୋଗୀମାନଙ୍କୁ ସୁବିଧାଜନକ ଭାବେ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଆଧାର କାର୍ଡ, ପେନସନ ପେମେଣ୍ଟ ଅର୍ଡର, ବ୍ୟାଙ୍କ ପାସବୁକ୍ ଏବଂ ଆଧାର କାର୍ଡ ସହ ସଂଯୁକ୍ତ ମୋବାଇଲ ଫୋନ୍ ସାଙ୍ଗରେ ଆଣିବାକୁ ଅନୁରୋଧ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ପୂର୍ବତଟ ରେଳପଥ ଅବସରପ୍ରାପ୍ତ ରେଳ କର୍ମଚାରୀ ଏବଂ ସେମାନଙ୍କର ପରିବାର ପେନସନଭୋଗୀମାନଙ୍କୁ ସୁଗମ, ଦକ୍ଷ ଏବଂ ପେନସନଭୋଗୀ ଅନୁକୂଳ ସେବା ପ୍ରଦାନ କରିବା ପାଇଁ ପ୍ରୟାସ ଜାରି ରଖିଛି।

ଚକ୍ରଧରପୁର ଡିଭିଜନ୍‌ରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ସେବା ବାତିଲ୍

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ଚକ୍ରଧରପୁର ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଦୃଷ୍ଟିରୁ, କାର୍ଯ୍ୟଗୁଡ଼ିକର ସୁରକ୍ଷିତ ଓ ସୁଚାରୁ ସମ୍ପାଦନ ପାଇଁ କେତେକ ନିର୍ଦ୍ଦିଷ୍ଟ ତାରିଖରେ କିଛି ଟ୍ରେନ୍ ସେବା ବାତିଲ ରହିବ। ବାତିଲ୍ ହେବାକୁ ଥିବା ଟ୍ରେନ୍ ମଧ୍ୟରେ ୨୨୮୬୧ ହାୱଡ଼ା–କଣ୍ଟାବାଞ୍ଜି ଇସ୍ପାତ ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ। ୨୨୮୬୨ କଣ୍ଟାବାଞ୍ଜି–ହାୱଡ଼ା ଇସ୍ପାତ ଏକ୍ସପ୍ରେସ୍ ନଭେମ୍ବର ୪, ୨୦୨୬ ତାରିଖରେ ବାତିଲ୍ ରହିବ। ୧୮୧୦୭ ରାଉରକେଲା–ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ। ୧୮୧୦୮ ଜଗଦଲପୁର–ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୪, ୨୦୨୬ ତାରିଖରେ ବାତିଲ୍ ରହିବ। ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ। ୧୮୧୨୬ ପୁରୀ–ରାଉରକେଲା ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ। ୨୨୮୩୯ ରାଉରକେଲା–ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ। ୨୨୮୪୦ ଭୁବନେଶ୍ୱର–ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ। ଯାତ୍ରୀମାନଙ୍କୁ ନିଜ ଯାତ୍ରା ଯୋଜନା କରିବା ସମୟରେ ଏହି ପରିବର୍ତ୍ତନଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଉଛି। ଟ୍ରେନ୍ ଚଳାଚଳ ସମ୍ପର୍କିତ ସର୍ବଶେଷ ସୂଚନା ପାଇଁ ଯାତ୍ରୀମାନେ ଜାତୀୟ ଟ୍ରେନ୍ ଅନୁସନ୍ଧାନ ବ୍ୟବସ୍ଥା କିମ୍ବା ଭାରତୀୟ ରେଳପଥର ଅଧିକୃତ ୱେବସାଇଟ୍ ଯାଞ୍ଚ କରିବା ପରେ ଯାତ୍ରା ଆରମ୍ଭ କରିବାକୁ ଅନୁରୋଧ କରାଯାଉଛି।

କିମ୍ସ୍ ଡାକ୍ତରଙ୍କ ସଫଳତା

୧୦ ବର୍ଷୀୟା ନାବାଳିକାଙ୍କ ଶ୍ୱାସନଳୀରୁ କଢ଼ାଗଲା ଧାତବ କଣ୍ଟା

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: କିମ୍ସର ଡାକ୍ତରମାନେ ଜଣେ ୧୦ ବର୍ଷୀୟା ନାବାଳିକାଙ୍କ ଶ୍ୱାସନଳୀରେ ଅଟକି ରହିଥିବା ଏକ ଧାତବ କଣ୍ଟାକୁ ସଫଳତାର ସହ ବାହାର କରିଛନ୍ତି। ଓଡ଼ିଶାର କୋରାପୁଟ ଜିଲ୍ଲାରୁ ଆସିଥିବା ଏହି ନାବାଳିକାଙ୍କ ଚିକିତ୍ସାରେ କିମ୍ସର ଉନ୍ନତ ଚିକିତ୍ସା ପଦ୍ଧତି ଓ ବିଶେଷଜ୍ଞ ଡାକ୍ତରୀ ଦଳର ଦକ୍ଷତା ପ୍ରତିଫଳିତ ହୋଇଛି। ନେଲ୍ ଆର୍ଟ ପାଇଁ ବ୍ୟବହୃତ ଏକ ଉପକରଣର ଅଂଶବିଶେଷ ଥିବା ଏହି ଧାତବ କଣ୍ଟାଟି



ଅସାବଧାନତାବଶତଃ ନାବାଳିକାଙ୍କ ଶ୍ୱାସନଳୀ ମଧ୍ୟକୁ ପ୍ରବେଶ କରିଯାଇଥିଲା। ଘଟଣାର ଦୁଇ ଦିନ ପରେ ତାଙ୍କୁ ଚିକିତ୍ସା ପାଇଁ କିମ୍ସକୁ ଅଣାଯାଇଥିଲା। ଡାକ୍ତରୀ ପରୀକ୍ଷା ଓ ସ୍କାନ୍‌ରୁ ଜଣାପଡ଼ିଥିଲା ଯେ, କଣ୍ଟାଟି ତାଙ୍କ ଡାହାଣ ବ୍ରୋଙ୍କସ୍‌ରେ ଅଟକି ରହିଛି। ଏହି ନଳୀ ଶ୍ୱାସନଳୀରୁ ଫୁସ୍‌ଫୁସ୍‌ର ଡାହାଣ ପାର୍ଶ୍ୱକୁ ବାୟୁ ଯୋଗାଣ କରିଥାଏ। କିମ୍ସର କର୍ଣ୍ଣ-ନାସା-ଗଳା (ଇଏନ୍‌ଟି) ଏବଂ ଆନାସ୍ଥେସିଓଲୋଜି ବିଭାଗର ବିଶେଷଜ୍ଞ ଡାକ୍ତରମାନେ ରିଜିଡ୍ ବ୍ରୋଙ୍କୋସ୍କୋପ୍ ନାମକ ଏକ ସ୍ୱତନ୍ତ୍ର ଚିକିତ୍ସା ଉପକରଣ ବ୍ୟବହାର କରି ଏହି ଅସ୍ତ୍ରୋପଚାର କରିଥିଲେ। ଏହି ଉପକରଣ ମାଧ୍ୟମରେ ଶ୍ୱାସନଳୀ ଭିତରକୁ ଦେଖିବା ସହ ସେଠାରେ ଅଟକି ରହିଥିବା ବାହ୍ୟବସ୍ତୁକୁ ବାହାର କରାଯାଇଥାଏ। ସାଧାରଣ ନିଶ୍ଚେତନ (ଜେନେରାଲ୍ ଆନାସ୍ଥେସିଆ) ଦେଇ ନାବାଳିକାଙ୍କୁ ସମ୍ପୂର୍ଣ୍ଣ ଅଚେତ ଅବସ୍ଥାରେ ରଖି ଏହି ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା। ଡାକ୍ତରମାନେ କୌଣସି ଜଟିଳତା ବିନା ସଫଳତାର ସହ କଣ୍ଟାଟିକୁ ବାହାର କରିଥିଲେ। ଚିକିତ୍ସା ପରେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଥିବାବେଳେ ଅଧିକ ପର୍ଯ୍ୟବେକ୍ଷଣ ପାଇଁ ତାଙ୍କୁ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଚିକିତ୍ସା ପ୍ରକ୍ରିୟାରେ ଡା. ମାନସ ରଞ୍ଜନ ରାଉତ, ଡା. ସତ୍ୟଞ୍ଜୟ ସାହୁ, ଡା. ସ୍ନେହା, ଡା. ମନୀଷା ମଲ୍ଲିକ, ଡା. ସଂଗ୍ରାମ କେଶରୀ ଦାସ, ଡା. ସୁପ୍ରିୟା କର ଏବଂ ଡା. ଅଞ୍ଜଳି କୁମାରୀଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଦେବା ସହ ବାଳିକାଙ୍କ ଆରୋଗ୍ୟ କାମନା କରିଛନ୍ତି।

ପିଜିଟି ଶିକ୍ଷକଙ୍କ ପାଇଁ ତାଲିମ୍ କର୍ମଶାଳା

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ତାଲିମ୍ କର୍ମଶାଳାର ଆୟୋଜନ କରାଯାଇଛି। ଶିରିପୁରସ୍ଥିତି ଇମେଜ୍ ଠାରେ ପ୍ରାୟ ୧୦୪ ଜଣ ବିଭିନ୍ନ ବିଷୟର ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ତାଲିମ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହା ୧୦ ତମ ପ୍ରଶିକ୍ଷଣ କର୍ମଶାଳା। ଉଦଘାଟନୀ ଅଧିବେଶନରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାଶ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ସ୍ନିଗ୍ଧା ମିଶ୍ର, ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ସି. ଏଚ୍. ବିଜୟଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ କହିଛନ୍ତି, ପିଜିଟି ଶିକ୍ଷକମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଶିକ୍ଷାଦାନ ପଦ୍ଧତିକୁ ଅଧିକ ଗୁଣାତ୍ମକ, ଛାତ୍ରକେନ୍ଦ୍ରିକ ଓ ପ୍ରଭାବଶାଳୀ କରିବା ପାଇଁ ଏଭଳି ପ୍ରଶିକ୍ଷଣ ଅତ୍ୟନ୍ତ ଆବଶ୍ୟକ। ଶିକ୍ଷକମାନେ ନୂତନ ଶିକ୍ଷାଦାନ କୌଶଳ ଓ ଆଧୁନିକ ଶିକ୍ଷଣ ପଦ୍ଧତିକୁ ଆପଣାଇଲେ ଛାତ୍ରଛାତ୍ରୀଙ୍କ ଦକ୍ଷତା ଓ ସାମଗ୍ରିକ ବିକାଶରେ ଅଧିକ ଅବଦାନ ରଖିପାରିବେ ବୋଲି ସେ ମତ ପ୍ରକାଶ କରିଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ କହିଛନ୍ତି, ଶିକ୍ଷକମାନଙ୍କ ବୃତ୍ତିଗତ ଦକ୍ଷତାର ବିକାଶ ହିଁ ଶିକ୍ଷାର ଗୁଣାତ୍ମକ ଉନ୍ନତିର ମୂଳ ଆଧାର। ଏହି ପାଞ୍ଚ ଦିନିଆ ପ୍ରଶିକ୍ଷଣ କର୍ମଶାଳାରେ ଶିକ୍ଷକମାନେ ପ୍ରଶାସନିକ ଦାୟିତ୍ୱ ସମ୍ପର୍କରେ ଅବଗତ ହେବେ ବୋଲି ସେ କହିଛନ୍ତି। ସେହିପରି ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି ସ୍ୱାଗତ ଅଭିଭାଷଣ ରଖିବା ସହ ପାଞ୍ଚ ଦିନିଆ ତାଲିମ୍ କର୍ମଶାଳାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଯୁଗ୍ମ ନିର୍ଦ୍ଦେଶକ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉପନିର୍ଦ୍ଦେଶିକା ସି.ଏଚ୍.ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ନିଯୁକ୍ତି ମେଳା ମାଧ୍ୟମରେ ପ୍ରାୟ ୧୨୧୧ ଜଣ ପିଜିଟିଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ସେହି ପିଜିଟି ମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱର ଠାରେ ତାଲିମ୍ ପ୍ରଦାନ କରାଯାଇଛି।

ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନରେ ପୂର୍ବତଟ ରେଳପଥରେ ବୃଦ୍ଧି ପାଉଛି ଟିକେଟ୍ ବୁକିଂ

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ପୂର୍ବତଟ ରେଳପଥ ନିଜ ଅଧିକାର କ୍ଷେତ୍ରର ପ୍ରମୁଖ ରେଳ ଷ୍ଟେସନଗୁଡ଼ିକରେ ସ୍ୱତନ୍ତ୍ର ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ମାଧ୍ୟମରେ ଟିକେଟ୍ ଅନୁଶାସନକୁ ପ୍ରୋତ୍ସାହିତ କରିବା ସହ ବିନା ଟିକେଟ୍ ଓ ଅନଧିକୃତ ଯାତ୍ରାକୁ ନିରୁତ୍ସାହିତ କରିବା ପାଇଁ ପ୍ରୟାସକୁ ଆହୁରି ତୀବ୍ର କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଯାତ୍ରୀମାନଙ୍କୁ ବୈଧ ଟିକେଟ୍ କ୍ରୟ ପାଇଁ ଉତ୍ସାହିତ କରିବା, ରେଳ ନିୟମର ଅନୁପାଳନ ସୁନିଶ୍ଚିତ କରିବା ଏବଂ ରେଳ ରାଜସ୍ୱର ସୁରକ୍ଷା କରିବା।

ଏହି ଅଭିଯାନରେ ରେଳପଥର ବାଣିଜ୍ୟ ବିଭାଗର କର୍ମଚାରୀମାନେ ସମନ୍ୱିତ ଭାବେ ଟିକେଟ୍ ଯାଞ୍ଚ କରିବା, ଅନିୟମିତତା ଚିହ୍ନଟ କରିବା ଏବଂ ବୈଧ ଟିକେଟ୍ ବିନା ଯାତ୍ରାକୁ ନିରୁତ୍ସାହିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ନିୟମିତ ଏବଂ ସୁନିର୍ଦ୍ଦିଷ୍ଟ ଟିକେଟ୍ ଯାଞ୍ଚ ଯାତ୍ରା ପୂର୍ବରୁ ଟିକେଟ୍ କ୍ରୟର ଗୁରୁତ୍ୱକୁ ସୁଦୃଢ଼ କରିବା ସହ ଦାୟିତ୍ୱବାନ ଯାତ୍ରା ଅଭ୍ୟାସକୁ ପ୍ରୋତ୍ସାହିତ କରୁଛି। ଟିକେଟ୍ ଯାଞ୍ଚ ଅଭିଯାନ ପରିପ୍ରେକ୍ଷୀରେ ଭୁବନେଶ୍ୱର ଓ ସମ୍ବଲପୁର ସମେତ ପ୍ରମୁଖ ଷ୍ଟେସନଗୁଡ଼ିକରେ ଅନରିଜର୍ଭଡ୍ ଟିକେଟିଂ ସିଷ୍ଟମ୍ ମାଧ୍ୟମରେ ଟିକେଟ୍ ବୁକିଂ କାର୍ଯ୍ୟକଳାପରେ ବୃଦ୍ଧି ଲକ୍ଷ୍ୟ କରାଯାଇଛି। ବିଶେଷ ଭାବେ, ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ଦିନ ୟୁଟିଏସ୍ ଟିକେଟ୍ ବୁକିଂରେ ୨୯ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି, ଯାହା ଯାଞ୍ଚ ଅଭିଯାନ ସମୟରେ ଟିକେଟ୍ କ୍ରୟ ପ୍ରବୃତ୍ତିରେ ସକାରାତ୍ମକ ପରିବର୍ତ୍ତନକୁ ସୂଚିତ କରୁଛି। ପୂର୍ବତଟ ରେଳପଥର ବାଣିଜ୍ୟ ବିଭାଗ ଜୋନ୍‌ର ପ୍ରମୁଖ ଷ୍ଟେସନଗୁଡ଼ିକରେ ସମନ୍ୱିତ ଟିକେଟ୍ ଯାଞ୍ଚ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପଦକ୍ଷେପକୁ ସଫଳତାର ସହ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ପ୍ରଧାନ ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକଙ୍କ ଦଳ ସହିତ ମୁଖ୍ୟାଳୟ ଏବଂ ଡିଭିଜନଗୁଡ଼ିକର ବାଣିଜ୍ୟ ବିଭାଗୀୟ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ, ତଦାରଖକୁ ସୁଦୃଢ଼ କରିଛି ଏବଂ ଟିକେଟ୍ ନିୟମର ପ୍ରଭାବଶାଳୀ ପ୍ରବର୍ତ୍ତନ ସୁନିଶ୍ଚିତ କରିବାରେ ସାହାଯ୍ୟ କରିଛି। ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ କେବଳ ଟିକେଟ୍ ସମ୍ବନ୍ଧୀୟ ଅନିୟମିତତା ଚିହ୍ନଟ କରିବା ଏବଂ ଜୋରିମାନା ଆଦାୟ ମଧ୍ୟରେ ସୀମିତ ନୁହେଁ। ଏହାର ବ୍ୟାପକ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଯାତ୍ରାର ଏକ ଅବିଚ୍ଛିନ୍ନ ଅଂଶ ଭାବେ ଟିକେଟ୍ କ୍ରୟ କରିବା ପାଇଁ ଯାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା। ନିୟମିତ ଟିକେଟ୍ ଯାଞ୍ଚ ବିନା ଟିକେଟ୍ ଓ ଅନଧିକୃତ ଯାତ୍ରାକୁ ନିରୁତ୍ସାହିତ କରିବା ସହ ରେଳ ନିୟମର ଅନୁପାଳନକୁ ସୁଦୃଢ଼ କରୁଛି। ଏହା ବୈଧ ଟିକେଟ୍ ଧରି ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପ୍ରତି ନ୍ୟାୟସଙ୍ଗତ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ସହ ରେଳବାଇର ବୈଧ ରାଜସ୍ୱ ସୁରକ୍ଷାରେ ସହାୟକ ହେଉଛି। ଏପ୍ରିଲ ୨୦୨୬ଠାରୁ ୟୁଟିଏସ୍ ମାଧ୍ୟମରେ ଟିକେଟ୍ ବୁକିଂରେ ହୋଇଥିବା ବୃଦ୍ଧି ଯାତ୍ରା ଟିକେଟ କରିବା ପାଇଁ ପ୍ରୋତ୍ସାହିତ କରିବା ଦିଗରେ ଏକ ଉତ୍ସାହଜନକ ପ୍ରଗତି। ନିୟମ କାର୍ଯ୍ୟକାରୀ କରିବା ସହିତ ସହଜରେ ଉପଲବ୍ଧ ଟିକେଟ୍ ବୁକିଂ ସୁବିଧା ଏବଂ ଯାତ୍ରୀ ସଚେତନତା ଟିକେଟ୍ କ୍ରୟକୁ ଆହୁରି ସହଜ କରିବା ସହ ନିର୍ଦ୍ଧାରିତ ପ୍ରକ୍ରିୟାର ଅନୁପାଳନକୁ ପ୍ରୋତ୍ସାହିତ କରିପାରିବ। ମୁଖ୍ୟାଳୟ, ମଣ୍ଡଳ ଅଧିକାରୀ ଏବଂ ଟିକେଟ୍ ଯାଞ୍ଚ ଦଳଗୁଡ଼ିକର ସମନ୍ୱିତ ପ୍ରୟାସ ମାଧ୍ୟମରେ ବାଣିଜ୍ୟିକ ପରିଚାଳନାକୁ ଉନ୍ନତ କରିବା ପ୍ରତି ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ପ୍ରତିଫଳିତ କରୁଛି। ଏହି ସକାରାତ୍ମକ ପ୍ରଗତିକୁ ଅବ୍ୟାହତ ରଖିବା ପାଇଁ ପୂର୍ବତଟ ରେଳପଥ ଜୋନ୍‌ର ପ୍ରମୁଖ ଷ୍ଟେସନଗୁଡ଼ିକରେ ନିୟମିତ ବ୍ୟବଧାନରେ ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ଆୟୋଜନ କରିବାକୁ ଯୋଜନା କରିଛି। ନିୟମିତ ଟିକେଟ୍ ଯାଞ୍ଚ ସହିତ ସୁବିଧାଜନକ ଟିକେଟ୍ ବୁକିଂ ବ୍ୟବସ୍ଥା ଏବଂ ଯାତ୍ରୀ ସଚେତନତା, ବୈଧ ଟିକେଟ୍ କ୍ରୟକୁ ପ୍ରୋତ୍ସାହିତ କରିବା, ଅନଧିକୃତ ଯାତ୍ରା ହ୍ରାସ କରିବା ଏବଂ ରେଳପଥ ରାଜସ୍ୱର ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହି ପଦକ୍ଷେପ ଆରମ୍ଭ ହେବା ପରଠାରୁ ୟୁଟିଏସ୍ ଟିକେଟ୍ ବୁକିଂରେ ଦେଖାଦେଇଥିବା ଉତ୍ସାହଜନକ ବୃଦ୍ଧି, ଦାୟିତ୍ୱବାନ ଯାତ୍ରା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ପୂର୍ବ ତଟ ରେଳପଥ ନେଟୱାର୍କରେ ଟିକେଟ୍ ଶୃଙ୍ଖଳାକୁ ଆହୁରି ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସର ଗୁରୁତ୍ୱକୁ ପ୍ରତିପାଦିତ କରୁଛି।

ଏସ୍‌ବିଆଇ ୟୋନୋ ଆନ୍ତଃବ୍ୟାଙ୍କ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ), ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ (ଏଲ୍ଏଚ୍ଓ), ଭୁବନେଶ୍ୱର ପକ୍ଷରୁ ଗତ ନଭେମ୍ବର ୧ ତାରିଖରେ ଭୁବନେଶ୍ୱରସ୍ଥିତ ଏସ୍ଓଏ ଗ୍ରାଉଣ୍ଡଠାରେ ଏସବିଆଇ ୟୋନୋ ଆନ୍ତଃବ୍ୟାଙ୍କ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଡ଼ମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ମୋଟ ୧୩ଟି ବ୍ୟାଙ୍କ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ), ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ନାବାର୍ଡ, ପଞ୍ଜାବ ଏଣ୍ଡ୍ ସିନ୍ଧ ବ୍ୟାଙ୍କ/ପଞ୍ଜାବନ୍ୟାସନାଲ୍ ବ୍ୟାଙ୍କ (ପିଏନ୍‌ବି), ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ), ଇଣ୍ଡିଆନ୍ ବ୍ୟାଙ୍କ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି), ବ୍ୟାଙ୍କ ଅଫ୍ ବରୋଦା (ବିଓବି), ଆଇଡିବିଆଇ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ୟୁନିଅନ୍ ବ୍ୟାଙ୍କ ଅଫ୍‌ଇଣ୍ଡିଆ ଅଂଶଗ୍ରହଣ କରିଥିଲେ। ଏହି କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ସିବି ମାଥ୍ୟୁସ୍ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଏଲ୍ଏଚ୍ଓ ଭୁବନେଶ୍ୱରର ମୁଖ୍ୟ ମହାପ୍ରବନ୍ଧକ ରାକେଶ କୁମାର ଯାଦବ ମିଳିତ ଭାବେ କରିଥିଲେ। ଏହି ଅବସରରେ ବିଭିନ୍ନ ଅଂଶଗ୍ରହଣକାରୀ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ) ଏବଂ ପଞ୍ଜାବ ନାସନାଲ୍ ବ୍ୟାଙ୍କ (ପିଏନ୍‌ବି) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏକ ରୋମାଞ୍ଚକର ମୁକାବିଲାରେ ଏସ୍‌ବିଆଇ ଚମତ୍କାର ପ୍ରଦର୍ଶନ କରି ବିଜୟୀ ହେବା ସହ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ୍ ଟ୍ରଫି ହାତସ୍ଥ କରିଥିଲା। ଏହି ଅବସରରେ ଏସବିଆଇର ମୁଖ୍ୟ ମହାପ୍ରବନ୍ଧକ ରାକେଶ କୁମାର ଯାଦବ, ମହାପ୍ରବନ୍ଧକ ପ୍ରବୁଧ କୁମାର, ଏଲ୍ଏଚ୍ଓ ଭୁବନେଶ୍ୱରର ଉପ ମହାପ୍ରବନ୍ଧକ (ଡିଜିଏମ୍), ସହାୟକ ମହାପ୍ରବନ୍ଧକ (ଏଜିଏମ୍) ଏବଂ ସମସ୍ତ ଅଂଶଗ୍ରହଣକାରୀ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟମାନେ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟ ବିଭିନ୍ନ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ, ଦଳଗତ କାର୍ଯ୍ୟଦକ୍ଷତା, ପାରସ୍ପରିକ ସଦ୍ଭାବ ଏବଂ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବାର ଏକ ଉତ୍କୃଷ୍ଟ ମଞ୍ଚ ପ୍ରଦାନ କରିଥିବାବେଳେ ୧୩ଟି ବ୍ୟାଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଏହି କ୍ରୀଡ଼ା ଉତ୍ସବକୁ ଅତ୍ୟନ୍ତ ସ୍ମରଣୀୟ କରିଥିଲା। ଏହି ସଫଳ ଆୟୋଜନ ମାଧ୍ୟମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବ୍ୟାଙ୍କିଙ୍ଗ୍ ସମୁଦାୟ ମଧ୍ୟରେ କ୍ରୀଡ଼ା, ସୁସ୍ଥତା, ଦଳଗତ ଭାବନା ଏବଂ ପାରସ୍ପରିକ ସହଯୋଗକୁ ପ୍ରୋତ୍ସାହିତ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି।

ମୁକ୍ତା ଫାଉଣ୍ଡେସନ୍ ପକ୍ଷରୁ ସାମଗ୍ରୀ ବଣ୍ଟନ



ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ମୁକ୍ତା ଫାଉଣ୍ଡେସନର ପ୍ରତିଷ୍ଠାତା ବନ୍ଦନା ପଣ୍ଡାଙ୍କ ସହଯୋଗ ଓ ପ୍ରେରଣାକ୍ରମେ ଖୋର୍ଦ୍ଧା ଜିଲ୍ଲା କୁରୁମପଡ଼ାସ୍ଥିତ ବୌଦ୍ଧିକ ଭିନ୍ନକ୍ଷମ ଶିଶୁମାନଙ୍କ ସ୍ୱତନ୍ତ୍ର ବିଦ୍ୟାଳୟରେ ଏକ ଭାବ ବିନିମୟ ଓ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସହ-ପ୍ରତିଷ୍ଠାତା ସଂଘମିତ୍ରା ପାଢ଼ୀଙ୍କ ସମେତ ସଦସ୍ୟା ଗୀତାଞ୍ଜଳି ଶତପଥୀ, ଜ୍ୟୋତି ମିଶ୍ର ଓ ଗାୟତ୍ରୀ ମୁଦୁଲି ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଖାଦ୍ୟ ସାମଗ୍ରୀ ଏବଂ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ଭୈରବୀ କ୍ଲବ୍ ?ର ସଦସ୍ୟମାନଙ୍କ ଦ୍ୱାରା ଆୟୋଜିତ ଏହି ସୁନ୍ଦର କାର୍ଯ୍ୟକ୍ରମରେ ନିକଟସ୍ଥ ବୃଦ୍ଧାଶ୍ରମର ବରିଷ୍ଠ ନାଗରିକମାନଙ୍କ ସହ ମଧ୍ୟ ଭାବ ବିନିମୟ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀ, କର୍ମଚାରୀ ଓ ସ୍ନେହାଞ୍ଜଳି ମ୍ୟାଡାମଙ୍କୁ ଧନ୍ୟବାଦ ଦିଆଯାଇଥିଲା। ପ୍ରତ୍ୟେକ ଶିଶୁଙ୍କୁ ସ୍ନେହ, ଯତ୍ନ, ସମ୍ମାନ ଓ ସମାନ ସୁଯୋଗ ପ୍ରଦାନ କରିବା ମୁକ୍ତା ଫାଉଣ୍ଡେସନର ମୁଖ୍ୟ ଲକ୍ଷ୍ୟ।

ସୁରକ୍ଷିତ ଶୈଶବ ଅଭିଯାନ ପାଇଁ ସର୍ବଭାରତୀୟ ବିଦ୍ୟାଳୟ ସଚେତନତା ଅଭିଯାନ

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶମତେ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅକ୍ଟୋବର ୨୬ରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ 'ସୁରକ୍ଷିତ ବଚପନ୍ ଅଭିଯାନ' ଆୟୋଜନ କରାଯାଇ ଜିଲ୍ଲାର ୨୦ଟି ସ୍କୁଲରେ ବ୍ୟାପକ ସଚେତନତା କରାଯାଇଛି। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସେମାନଙ୍କର ଆଇନଗତ ଅଧିକାର, ବ୍ୟକ୍ତିଗତ ସୁରକ୍ଷା, ଅନ୍‌ଲାଇନ୍ ସୁରକ୍ଷା, ଯୌନ ଅପରାଧ ସମ୍ପର୍କରେ ଶିଶୁ ସୁରକ୍ଷା, ମାଗଣା ଆଇନଗତ ସେବା, ସହାୟତା ଏବଂ ପରାମର୍ଶ ଓ ଶିଶୁ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୦୨୬ ଅକ୍ଟୋବର ୩୦ ତାରିଖରେ କ୍ୟାପିଟାଲ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱରଠାରେ ମାନ୍ୟବର ଜିଲ୍ଲା ଓ ଦୌରାଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭୁବନେଶ୍ୱର ବିରଞ୍ଚି ନାରାୟଣ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ଏହି ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ସରକାରୀ ବାଳିକା ବିଦ୍ୟାଳୟ, ୟୁନିଟ୍-୧, ଭୁବନେଶ୍ୱର, କ୍ୟାପିଟାଲ୍ ହାଇସ୍କୁଲ, ୟୁନିଟ୍-୧, ଭୁବନେଶ୍ୱର, ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୧, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯, ସରକାରୀ ଉଚ୍ଚ ବିଦ୍ୟାଳୟ, ସହିଦନଗର, ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬, ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୮, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬ରେ ଏହିଭଳି କାର୍ଯ୍ୟକ୍ରମ ଉକ୍ତ ଦିନ ଅନୁଷ୍ଠିତ କରାଯାଇଥିଲା ଓ ଏହି ଅଭିଯାନର ବିଭିନ୍ନ ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀ, ସାଇବରକ୍ରାଇମ୍ ଦମନ ଅଧିକାରୀ, ଜାତୀୟ ଅଧିକାର କର୍ମୀ, ସମାଜସେବୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇଥିବାବେଳେ ପୁନଶ୍ଚ ତା. ୩୧.୧୦.୨୦୨୬ରିଖରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୪, ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ଗଡ଼, ହରିହର ବିଦ୍ୟାପୀଠ, ଭୁବନେଶ୍ୱର, ବି.ଏମ୍. ଉଚ୍ଚ ବିଦ୍ୟାଳୟ, ଶିଶିଲୋ, ପ୍ରତାପ ଶାସନ ଉଚ୍ଚ ବିଦ୍ୟାଳୟ, ବାଳକାଟି, ମେଣ୍ଢାଶାଳ ଉଚ୍ଚ ବିଦ୍ୟାଳୟ, ମେଣ୍ଢାଶାଳ, ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ୍, ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳକାଟି, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱରରେ ମଧ୍ୟ ଉକ୍ତ ସୁରକ୍ଷିତ ଶୈଶବ ଅଭିଯାନ ଆରମ୍ଭ କରାଯାଇ ବ୍ୟାପକ ସଚେତନତା କରାଯାଇଥିଲା। ପ୍ରାଧିକରଣଙ୍କ ସଚିବ ସଲୋମି ସାହୁ ଏହି ଅଭିଯାନରେ ସାମିଲ ହୋଇ ବ୍ୟାପକ ସଚେତନତା ଅନୁଷ୍ଠିତ କରାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଇନଗତ ସାକ୍ଷରତା କ୍ଲବ୍ ଗଠନ ଓ ପୁନରୁଦ୍ଧାର, ସାମୟିକ ସଚେତନତା ଅଧିବେଶନ, ଶିଶୁ ହେଲପ୍‌ଲାଇନ୍ ଏବଂ ଆଇନଗତ ସହାୟତା ସୂଚନା ପ୍ରଦର୍ଶନ ଏବଂ ଶିକ୍ଷକ ଓ ଅଭିଭାବକଙ୍କ ସହ ନିରନ୍ତର ସମ୍ପର୍କ ସ୍ଥାପନ କରିବାର ପ୍ରଚେଷ୍ଟା କରାଯିବ ବୋଲି ସୂଚନା ଦେବା ସହ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିବା ସମସ୍ତ ବିଚାର ବିଭାଗୀୟ/ପ୍ରଶାସନିକ ଅଧିକାରୀ ଓ ଆଇନଜୀବୀ ନ୍ୟାୟ ଅଧିକାରକର୍ମୀମାନଙ୍କୁ ଧନ୍ୟବାଦ ଦେବା ସହ ପରବର୍ତ୍ତୀ ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ପାଇଁ ଆଗୁଆ ପ୍ରସ୍ତୁତ ହେବାକୁ ବିଭାଗୀୟ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ।

'ଅର୍ଣ୍ଣବ' ପ୍ରଭାବିତ ଅଞ୍ଚଳରେ ସେବାକାର୍ଯ୍ୟ ଜାରି

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ଅକ୍ଟୋବର ୨୬ ତାରିଖ ଦିନ ପ୍ରଳୟଙ୍କାରୀ ଘୂର୍ଣ୍ଣି ବାତ୍ୟା "ଅର୍ଣ୍ଣବ"ର ପ୍ରଭାବ ଏବଂ ବନ୍ୟାରେ ଅସୁବିଧାର ସମ୍ମୁଖୀନ ହୋଇଥିବା ଜିଲ୍ଲାମାନଙ୍କରେ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ୍ ସଂସ୍ଥାର ଶତାଧିକ ରୋଭର ଓ ରେଞ୍ଜର ବିଭିନ୍ନ ଜିଲ୍ଲାରେ ସେମାନଙ୍କର ସେବା କାର୍ଯ୍ୟ ଜାରି ରଖିଛନ୍ତି। ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ରୋଭର ଓ ରେଞ୍ଜରମାନେ ବାତ୍ୟା ଆଶ୍ରୟସ୍ଥଳୀରେ ଅନ୍ଧାର ଏବଂ ଅନାହାରରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରିଥିଲେ। ସେହିପରି ଗଞ୍ଜାମ ଜିଲ୍ଲାର "ଅର୍ଣ୍ଣବ" ପ୍ରଭାବରେ ବନ୍ୟାରେ ବହୁତ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମରେ ରାଜ୍ୟ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀଙ୍କ ସମେତ ଗଞ୍ଜାମ ଜିଲ୍ଲାର ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜରମାନେ ଉକ୍ତ ଅଞ୍ଚଳରେ ଘରକୁ ଘର ବୁଲି ଚୁଡା, ଗୁଡ, ଅମୂଲ, ବିସ୍କୁଟ, ମହମବତୀ ଏବଂ ଦିଆସିଲି ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଲୋକମାନଙ୍କୁ ବଣ୍ଟନ କରିଥିଲେ। ଏତଦ୍‌ବ୍ୟତୀତ ବାତ୍ୟା ପ୍ରଭାବରେ ରାସ୍ତା ଅବରୋଧ କରୁଥିବା ଭଙ୍ଗା ଗଛ ଡାଳ, ବିଦ୍ୟୁତ ଖୁଣ୍ଟ ଆଦିକୁ ଉଠାଇ ରାସ୍ତା ପରିଷ୍କାର କରିବା କାର୍ଯ୍ୟରେ ଜିଲ୍ଲା ପ୍ରଶାସନକୁ ସହାୟତା ପ୍ରଦାନ କରିଥିଲେ। ଭୁବନେଶ୍ୱରରୁ ବାହାରିଥିବା ଦଳକୁ ତ୍ରିଲୋଚନ ମାଝି, ଆଇଏଏସ ଓଏସ୍‌ଡି, ମୁଖ୍ୟମନ୍ତ୍ରୀ ଉତ୍ସାହିତ କରି ପତାକା ଦେଖାଇଥିଲେ। ଏତଦ୍‌ବ୍ୟତୀତ ବାତ୍ୟା ପ୍ରଭାବିତ ପ୍ରତ୍ୟେକ ଜିଲ୍ଲାରେ ମଧ୍ୟ ସ୍କାଉଟ ଓ ଗାଇଡ୍‌ମାନେ ନିଜ ନିଜ ଅଞ୍ଚଳରେ ଅନୁରୂପ କାର୍ଯ୍ୟରେ ନିୟୋଜିତ ହୋଇରହିଛନ୍ତି।

ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବିଦ୍ୟୁତ୍ ପୁନରୁଦ୍ଧାର ୯୯.୨୮%


୬ ଜିଲ୍ଲାରେ ଶତପ୍ରତିଶତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ

ଭୁବନେଶ୍ୱର,୨।୧୧/ଏନ୍ଏନ୍ଏସ୍: ବାତ୍ୟା 'ଅର୍ଣ୍ଣବ' ଏବଂ ଏହାର ପରବର୍ତ୍ତୀ ବନ୍ୟା ଯୋଗୁଁ ଦକ୍ଷିଣ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ଘଟିଥିବାବେଳେ, ଶକ୍ତି ବିଭାଗ ପକ୍ଷରୁ ହସ୍ତଗତ ରିପୋର୍ଟ ଅନୁଯାୟୀ ଟିପିଏସ୍‌ଓଡିଏଲ ଦ୍ୱାରା ପରିଚାଳିତ ଅଞ୍ଚଳରେ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ଆଜି ସନ୍ଧ୍ୟା ୮:୦୦ ସୁଦ୍ଧା ୯୯.୨୮% ସଫଳତା ହାସଲ କରିଛି। ସମୁଦାୟ ୧୭,୮୮,୯୪୨ ଜଣ ପ୍ରଭାବିତ ଗ୍ରାହକଙ୍କ ମଧ୍ୟରୁ ୧୭,୭୫,୯୭୫ ଜଣଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଥିବାବେଳେ ବର୍ତ୍ତମାନ ମାତ୍ର ୧୨,୯୬୭ ଜଣ ଗ୍ରାହକଙ୍କ ପାଇଁ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ମୁଖ୍ୟ ବିଦ୍ୟୁତ୍ ଭିତ୍ତିଭୂମିଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟରେ ଅସାଧାରଣ ଅଗ୍ରଗତି ପରିଲକ୍ଷିତ ହୋଇଛି। କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ୪୬ଟି ୩୩ କେ.ଭି. ଫିଡର୍, ୧୩୦ଟି ୩୩/୧୧ କେ.ଭି. ପ୍ରାଥମିକ ସବ୍?-ଷ୍ଟେସନ୍ ଏବଂ ୬୫୮ଟି ୧୧ କେ.ଭି. ଫିଡର୍ ଶତପ୍ରତିଶତ ପୁନଃସ୍ଥାପିତ ହୋଇସାରିଛି। ଏହାଛଡ଼ା, ୨୭୮ଟି ପାୱାର ଟ୍ରାନ୍ସଫର୍ମର ମଧ୍ୟରୁ ୨୭୭ଟି ଏବଂ ୫୬,୭୦୬ଟି ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର ମଧ୍ୟରୁ ୫୬,୪୪୩ଟିକୁ ସଫଳତାର ସହ କାର୍ଯ୍ୟକ୍ଷମ କରାଯାଇଛି। ଛଅଟି ଜିଲ୍ଲାରେ ଶତପ୍ରତିଶତ (୧୦୦%) ବିଦ୍ୟୁତ୍ ପୁନରୁଦ୍ଧାର ସମ୍ପୂର୍ଣ୍ଣ ହୋଇଛି, ଯେଉଁଥିରେ ବୌଦ୍ଧ, ରାୟଗଡ଼ା, ଗଜପତି, ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁର ଅନ୍ତର୍ଭୁକ୍ତ ଅଛନ୍ତି। ଏହାବ୍ୟତୀତ ଅବଶିଷ୍ଟ ଦୁଇଟି ଜିଲ୍ଲାରେ ପୁନରୁଦ୍ଧାର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି; ଯେଉଁଥିରେ କନ୍ଧମାଳରେ ୯୯.୭୮% ଏବଂ ଗଞ୍ଜାମରେ ୯୮.୪୮% ପୁନରୁଦ୍ଧାର କରାଯାଇଛି। କନ୍ଧମାଳ ଓ ଗଞ୍ଜାମରେ ଦୁର୍ଗମ ସ୍ଥାନ ଓ ବର୍ଷା ଜଳ ଜମିଥିବା କାରଣରୁ ଶତପ୍ରତିଶତ ବିଦ୍ୟୁତ ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇପାରିନାହିଁ। କ୍ଷେତ୍ରସ୍ତରରେ ଯନ୍ତ୍ରୀ ଓ ବୈଷୟିକ ଦଳମାନେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଖୁବ୍ ଶୀଘ୍ର ସମସ୍ତ ପ୍ରଭାବିତ ଅଞ୍ଚଳରେ ସମ୍ପୂର୍ଣ୍ଣ ବିଦ୍ୟୁତ୍ ସେବା ପ୍ରଦାନ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

ଆଜିର ଇତିହାସ

- ୧୬୮୮-ଆମେରର ବୀର ଓ କୂଟନୀତିଜ୍ଞ ରାଜା ସୱାଇ ଜୟସିଂହ ଜନ୍ମଗ୍ରହଣ କରିଥିଲେ।
- ୧୯୩୩-ଅର୍ଥଶାସ୍ତ୍ରୀ ଅମର୍ତ୍ତ୍ୟ ସେନଙ୍କ ଆଜି ଜନ୍ମଦିନ।
- ୧୯୪୮-ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ମିଳିତ ଜାତିସଂଘରେ ପ୍ରଥମ ଭାଷଣ ଦେଇଥିଲେ।
- ୧୯୮୪-ଦେଶରେ ହୋଇଥିବା ଶିଖ୍ ବିରୋଧୀ ଦଙ୍ଗାରେ ୩୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।
- ୨୦୦୦-ଭାରତ ସରକାରଙ୍କ ଦ୍ୱାରା ଡାଇରେକ୍ଟ ଟୁ ହୋମ୍ ପ୍ରସାରଣ ସେବା ସବୁ କାର୍ଯ୍ୟ ପାଇଁ ଖୋଲାଯାଇଥିଲା।

■ କଠୋପନିଷଦ୍ ■




ପ୍ରଥମ ଅଧ୍ୟାୟ ପ୍ରଥମ ବଲ୍ଲୀ

ଅନ୍ୟ ଚ୍ଛେୟୋନ୍ୟଦୁତୈବ ପ୍ରେୟସ୍ତେ
ଉଭେ ନାନାର୍ଥେ ପୁରୁଷଂ ସିନୀତଃ
ତୟୋଃ ଶ୍ରେୟ ଆଦଦାନସ୍ୟ ସାଧୁର୍ଭବତି
ହୀୟତେର୍ଥାଦ୍ୟ ଉ ପ୍ରେୟୋ ବୃଣୀତେ। (୧/୨/୧)

ଗୋଟିଏ କର୍ମ ମଙ୍ଗଳଦାୟକ ଅଟେ। ଗୋଟିଏ କର୍ମ ସୁଖକର ଅଟେ। ଏ ଉଭୟ ଭିନ୍ନ ଭିନ୍ନ ପ୍ରକାରେ ଜୀବକୁ ବନ୍ଧନରେ ପକାନ୍ତି। ସେମାନଙ୍କ ମଧ୍ୟରୁ ଯେ ଶ୍ରେୟ ଅର୍ଥାତ ମଙ୍ଗଳମୟ ପଥ ଅନୁସରଣ କରେ ସେ ଲକ୍ଷ୍ୟପଥରେ ସିଦ୍ଧି ପ୍ରାପ୍ତ ହୁଏ। ଯେଉଁମାନେ ପ୍ରେୟ ବା ସୁଖଲାଭର ପଥ ଅନୁସରଣ କରନ୍ତି ସେମାନେ ମୂଳ ଲକ୍ଷ୍ୟପଥରୁ ବିଚ୍ୟୁତ ହୁଅନ୍ତି।

ସାତ ଭଉଣୀଙ୍କ ଗୋଟିଏ ଭାଇ



ଭାରତ ବିବିଧତାର ଦେଶ। ଦେଶର ଅଲଗା ଅଲଗା ରାଜ୍ୟ ବିଷୟରେ ଆମେମାନେ ପଢ଼ିଛନ୍ତି। ଏଥିମଧ୍ୟରୁ ସାତଟି ରାଜ୍ୟ ଏପରି ଅଛନ୍ତି ଯେଉଁମାନଙ୍କୁ ସାତ ଭଉଣୀ ବୋଲି କହନ୍ତି। ତେବେ ଏମାନଙ୍କ ପାଖରେ ଏପରି ଏକ ରାଜ୍ୟ ରହିଛି ଯାହାକୁ କୁହାଯାଏ ସାତ ଭଉଣୀରେ ଗୋଟିଏ ଭାଇ। ଏହି ସାତଟି ରାଜ୍ୟ ହେଲେ ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ନାଗାଲ୍ୟାଣ୍ଡ, ମଣିପୁର, ମିଜୋରାମ ଓ ତ୍ରିପୁରା। ଏହି ସାତଟି ରାଜ୍ୟରେ ପରସ୍ପରର ଗଭୀର ଭୌଗୋଳିକ ଓ ସାଂସ୍କୃତିକ ସଂଯୋଗ ରହିଥିବା କାରଣରୁ ଏମାନଙ୍କୁ ସେଭେନ ସିଷ୍ଟର୍ସ ବା ସାତ ଭଉଣୀ ବୋଲି କୁହାଯାଏ। ଏମାନଙ୍କ ସହିତ ସିକ୍କିମ୍ ରାଜ୍ୟ ଏପରି ଯାହାକୁ ସାତ ଭଉଣୀରେ ଗୋଟିଏ ଭାଇ ବୋଲି ଲୋକମାନେ କହନ୍ତି। ସିକ୍କିମକୁ ଭାଇ କହିବାର କାରଣ ଏହାର ଅନୋଖା ଭୌଗୋଳିକ ସ୍ଥିତି। କିନ୍ତୁ ଏହି ସାତ ଭଉଣୀଙ୍କ ସହିତ ସିକ୍କିମ ନିଜର ସୀମାକୁ ସେୟାର୍ କରେ ନାହିଁ। ପଶ୍ଚିମବଙ୍ଗର ୨୨ କି.ମି ଓସାର ସିଲିଗୁଡ଼ି କରିଡର୍ ଯାହାକୁ ଚିକେନ୍ସ ନେକ୍ ବୋଲି କୁହାଯାଏ ଏହା ସିକ୍କିମକୁ ଅନ୍ୟ ପୂର୍ବୋତ୍ତର ରାଜ୍ୟଗୁଡ଼ିକ ଠାରୁ ଅଲଗା କରେ। ଏହା ହେଉଛି ଏପରି ଭାଇ ଯିଏ ସାତ ଭଉଣୀ ଠାରୁ ନିଜର ଦୂରତା ରକ୍ଷା କରେ। କିନ୍ତୁ ପର୍ବୋତ୍ତର ପରିବାରର ଏକ ମୁଖ୍ୟ ଅଂଶ। ତେବେ ଐତିହାସିକ ଭାବରେ ସିକ୍କିମର କାହାଣୀ ଅନ୍ୟ ପୂର୍ବୋତ୍ତର ରାଜ୍ୟ ଠାରୁ ଅଲଗା। ତେବେ ଭାରତର ସ୍ୱାଧୀନତା ସମୟରେ ଏହା ସେଭେନ୍ ସିଷ୍ଟର୍ସଙ୍କ କ୍ଷେତ୍ରରେ ଭାରତର ଅଂଶବିଶେଷ ହୋଇ ରହିଥିଲା କିନ୍ତୁ ଏହା ଥିଲା ଚୋଗ୍ୟାଲ୍ ବଂଶର ଅଧୀନରେ। ୧୯୭୫ରେ ଏକ ଐତିହାସିକ ଜନମତ ସଂଗ୍ରହ ପରେ ସିକ୍କିମ୍ ଔପଚାରିକ ଭାବରେ ଦେଶର ୨୨ତମ ରାଜ୍ୟ ହେବାର ମାନ୍ୟତା ପାଇଥିଲା। ସିକ୍କିମର ବିକାଶ ଓ ପୂର୍ବୋତ୍ତର ସହିତ ତା'ର ସ୍ୱାଭାବିକ ମେଳକୁ ଦେଖିଲେ ୨୦୦୨ରେ ଏହାକୁ ଉତ୍ତର ପୂର୍ବ ପରିଷଦର ଅଷ୍ଟମ ସଦସ୍ୟ କରାଗଲା। ଏହି ପରିଷଦରେ ସାମିଲ ହେବା ପରେ ଏହାକୁ ଆଧିକାରିକ ଭାବରେ ସାତ ଭଉଣୀର ଭାଇ ଉପାଧି ମିଳିଥିଲା।


ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣା



୧୯୧୭ର ଆଜିର ଦିନରେ କଟକର ବଖରାବାଦ ଠାରେ ଜନ୍ମଗ୍ରହଣ କରିଥିଲେ ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣା। ପିତା ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ ଚୌଧୁରୀଙ୍କ ସଂଗ୍ରାମମୟ ଜୀବନର ପ୍ରଭାବ ପଡ଼ିଥିଲା ତାଙ୍କ ଉପରେ। ସପରିବାର ଗାନ୍ଧୀ-ନୀତିକୁ ଅନୁସରଣ କରୁଥିବାରୁ ଏହି ଆଦର୍ଶରେ ସେ ଆଜୀବନ ବଞ୍ଚିଥିଲେ। ପିତା ଗୋପବନ୍ଧୁ ପିଲାମାନଙ୍କୁ ସରକାରୀ ସ୍କୁଲରେ ପାଠ ପଢ଼େଇବାକୁ ଇଚ୍ଛୁକ ନଥିବାରୁ ଅନ୍ନପୂର୍ଣ୍ଣାଙ୍କ ଶିକ୍ଷା ଘରେ ହୋଇଥିଲା। ମାତ୍ର ୧୩ ବର୍ଷ ବୟସରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ୧୫ ବର୍ଷ ବୟସରେ ବନ୍ଦୀ ହୋଇଥିଲେ। ବରୀରେ ହରିଜନ ସେବା, ନିଶା ନିବାରଣ, ମୌଳିକ ଶିକ୍ଷା, ଖଦି, ଗ୍ରାମ ସଫେଇ ଭଳି ରଚନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ହରିଜନ ସେବାକୁ ଜୀବନର ବ୍ରତ ଭାବରେ ମାନିଥିବା ଅନ୍ନପୂର୍ଣ୍ଣା ପିତାଙ୍କ ଇଚ୍ଛା ଅନୁଯାୟୀ ବିବାହ କରିଥିଲେ ଶରତ କୁମାର ମହାରଣାଙ୍କୁ। ଭାରତ ଛାଡ଼ ଆନ୍ଦୋଳନରେ ଭାଗ ନେବା ସହିତ ମା' ରମାଦେବୀ ଓ ଖୁଡ଼ୀ ମାଳତୀ ଦେବୀଙ୍କ ସହିତ ମିଶି କୁଜଙ୍ଗ ଠାରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ। ଏହି ସମୟରେ ସେ କଟକ ଓ ଯାଜପୁର ଜେଲରେ ଦୁଇ ବର୍ଷ ତିନି ମାସର ସମୟ କାଟିଥିଲେ। ସନ୍ଥ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ଯୋଗଦାନ କରିବା, ଜୟପ୍ରକାଶ ନାରାୟଣଙ୍କ ଆହ୍ୱାନରେ ତେଜିଥିବା ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିବା, ମା' ରମାଦେବୀଙ୍କ ସହାୟତାରେ 'ଗ୍ରାମସେବକ ପ୍ରେସ୍'ର ସ୍ଥାପନା କରିବା ତାଙ୍କର ଉପଲବ୍ଧି ମଧ୍ୟରେ ସାମିଲ ଅଛି। ଜୟପ୍ରକାଶଙ୍କ ନେତୃତ୍ୱରେ ଚମ୍ବଲର ଡ଼କାୟତମାନଙ୍କ ଆତ୍ମ-ସମର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ବେଶ୍ ଚର୍ଚ୍ଚିତ ହୋଇଥିବା ଏହି ନାରୀନେତ୍ରୀ ୩୧ ଡ଼ିସେମ୍ବର, ୨୦୧୨ରେ କଟକ ସ୍ଥିତ ତାଙ୍କ ବାସଭବନରେ ଇହଲୀଳା ସମ୍ବରଣ କରିଥିଲେ। 'ଚୁନୁ ଅପା' ନାମରେ ପ୍ରସିଦ୍ଧି ପାଇଥିବା ଏହି ସଂଗ୍ରାମୀଙ୍କ ମୃତ୍ୟୁ ଓଡ଼ିଶା ପାଇଁ ଥିଲା ଏକ ଅପୂରଣୀୟ କ୍ଷତି।

ଭୁଲିବା ଅଭ୍ୟାସକୁ କିପରି ଅତିକ୍ରମ କରିବେ

ଅନେକ ଥର ଛୋଟ ଛୋଟ ଜିନିଷଗୁଡ଼ିକୁ ଆମେ କେଉଁଠାରେ ରଖି ଭୁଲି ଯାଆନ୍ତି। ତେଣୁ ଏହିପରି ଭୁଲିବା ଅଭ୍ୟାସର ଅର୍ଥ ଆମର ମନ ବ୍ୟସ୍ତ, କ୍ଲାନ୍ତ ବା ପୁଣି ଚିନ୍ତା ଦ୍ୱାରା ଘେରି ରହିଥାଏ। ବେଳେବେଳେ କଥାବାର୍ତ୍ତା କରିବା ସମୟରେ ଆମେ କେଉଁଠାରେ ହଜି ଯାଆନ୍ତି। ତେଣୁ ଭୁଲିବାର ଅଭ୍ୟାସ ଆପଣଙ୍କ ଦିନଚର୍ଯ୍ୟାକୁ ପ୍ରଭାବିତ କରୁଛି କି? ଯଦି କରୁଥାଏ ତେବେ ନିମ୍ନରେ କିଛି ଟିପ୍ସ ଦିଆଗଲା ଯେଉଁଗୁଡ଼ିକୁ ଆପଣ ଫଲୋ କରିପାରିବେ।



ମନର ବୋଝକୁ କମ୍ କରନ୍ତୁ-ମନ ଏକା ସହିତ ଅନେକଗୁଡ଼ିଏ ଗତିବିଧି ଓ ଚିନ୍ତା ଦ୍ୱାରା ଘେରି ରହିଥାଏ। ଏଥିରେ ପୁରୁଣା ଦୁଃଖଦ ଅନୁଭବ, ଲୋକମାନଙ୍କର ବ୍ୟବହାର, ଅପରାଧବୋଧ, ଅପେକ୍ଷା ଓ ନିଜର ଛବିଗୁଡ଼ିକ ସହିତ ଜଡ଼ିତ ବିଚାରଗୁଡ଼ିକ ସାମିଲ ଥାଏ। ମନକୁ ପରିଷ୍କାର ଓ ବ୍ୟବସ୍ଥିତ କରିବା ବହୁତ ଜରୁରୀ ଯେପରି ଆବଶ୍ୟକ ଜିନିଷ ବା ତଥ୍ୟଗୁଡ଼ିକ ପାଇଁ ସ୍ଥାନ ତିଆରି କରିହେବ।



ସଶକ୍ତ ରୁହନ୍ତୁ-ନିଜକୁ ମଜବୁତ କରିବା ପାଇଁ ନିୟମିତ ଦିନଚର୍ଯ୍ୟା ଆପଣାବା ଅଭ୍ୟାସ କରନ୍ତୁ। ଏହା ମଧ୍ୟରେ ଧ୍ୟାନ, ଆଧ୍ୟାତ୍ମିକ ଜ୍ଞାନର ଅଧ୍ୟୟନ, ବ୍ୟାୟାମ, ସ୍ୱାସ୍ଥ୍ୟ ଓ ସଠିକ୍ ସମୟରେ ଭୋଜନ, କାମକାର୍ଯ୍ୟ, ଆରାମ ଓ ନିଦ୍ରାକୁ ସାମିଲ କରିବେ। ଏହି ଅଭ୍ୟାସଗୁଡ଼ିକ ଏକାଗ୍ରତା, ସ୍ମରଣଶକ୍ତି ଓ ସହଜ ଜ୍ଞାନ ବା ଟ୍ୟୁସନ୍‌କୁ ପ୍ରୋତ୍ସାହନ ଦିଏ।


ଦୈନିକ କାର୍ଯ୍ୟର ସୂଚୀ-ପ୍ରତିଦିନର ସୂଚୀ ତିଆରି କରନ୍ତୁ। ଏହା ସହିତ ଲୋକମାନଙ୍କ ସହିତ କଥାବାର୍ତ୍ତାକୁ ଧ୍ୟାନପୂର୍ବକ ଶୁଣିବେ। ଅନ୍ୟ ବିଚାର, ଉପକରଣ ବା ଆଖପାଖର ଜିନିଷଗୁଡ଼ିକୁ ସଠିକ୍ ସ୍ଥାନରେ ରଖିବା ଅଭ୍ୟାସ ମଧ୍ୟ କରନ୍ତୁ।

ବର୍ତ୍ତମାନରେ ଜୀବିତ ରହନ୍ତୁ-ପ୍ରତି ଘଣ୍ଟାରେ ନିଜର ବିଚାରଗୁଡ଼ିକର ଯାଞ୍ଚ କରନ୍ତୁ। ସେଗୁଡ଼ିକ କ୍ଲିନ୍ କରି ନିଜର ସଚେତନତାକୁ ବର୍ତ୍ତମାନ କ୍ଷଣକୁ ଆଣନ୍ତୁ। ପ୍ରତି ସ୍ଥିତିରେ ସଠିକ୍ ପ୍ରତିକ୍ରିୟା ଦେଇ ମନକୁ ଶାନ୍ତ ଓ ଉର୍ଜାବାନ ରଖିଲେ ସ୍ମରଣ ଶକ୍ତି ସକ୍ରିୟ ହୋଇ ରହିବ।

ସଫଳ ହେଲା ଶାହାରୁଖଙ୍କ ସ୍ୱପ୍ନ



ପ୍ରତି ବର୍ଷ ନଭେମ୍ବର ୨ ତାରିଖରେ ଶାହାରୁଖ ଖାନଙ୍କ ଘର 'ମନ୍ନତ' ସମ୍ମୁଖରେ ପ୍ରଶଂସକଙ୍କ ଭିଡ଼ ଦେଖିବାକୁ ମିଳେ। ସେମାନେ କେବଳ ବଲିଉଡ୍ କିଙ୍ଗଙ୍କ ଜନ୍ମଦିନ ପାଳନ ପାଇଁ ଏକତ୍ରିତ ହୋଇନଥାନ୍ତି ତାଙ୍କର ଅଭିନୟର ପ୍ରତିଭାକୁ ମଧ୍ୟ ସଲାମ କରୁଥାନ୍ତି। ବିଗତ ତିନି ଦଶକ ମଧ୍ୟରେ ଶାହାରୁଖ ଭାରତୀୟ ସିନେମାର ସଂଜ୍ଞାକୁ ପରିବର୍ତ୍ତନ କରେଇ ଦେଇଛନ୍ତି। ଯଦିଓ ଏ ବର୍ଷ ଫିଲ୍ମ 'କିଙ୍ଗ୍'ର ସୁଟିଂ ସିଡ୍ୟୁଲ୍ ପାଇଁ ଶାହାରୁଖ ଖାନ ବ୍ୟସ୍ତ ରହିଥିବାରୁ ପ୍ରଶଂସକମାନେ 'ମନ୍ନତ'ର ବାଲ୍‌କନିରେ ତାଙ୍କ ଝଲକକୁ ଦେଖିବାକୁ ପାଇନଥିଲେ କିନ୍ତୁ ସେମାନଙ୍କର ଉତ୍ସାହ କିଛି କମ୍ ନଥିଲା। କେବେ ଏକ ସାକ୍ଷାତକାରରେ ଶାହାରୁଖ କହିଥିଲେ ଯେ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଯେତେବେଳେ ସେ ନୂଆ ନୂଆ ଆସିଥିଲେ ସେ ସମୟରେ ତାଙ୍କର ଏକ ସ୍ୱପ୍ନ ଥିଲା ହାତରେ ଗନ୍ ନେଇ ହଲିଉଡ୍ ଷ୍ଟାଇଲ୍‌ରେ ଆକ୍ସନ୍ ହିରୋ ହେବା ପାଇଁ। ଏହାପରେ ସେ କୌଣସି ଆକ୍ସନ ସ୍କ୍ରିପ୍ଟର ଅଂଶବିଶେଷ ହେବା ପାଇଁ ଆଦିତ୍ୟ ଚୋପ୍ରାଙ୍କ ପାଖକୁ ଯାଇଥିଲେ। କିନ୍ତୁ ତାଙ୍କୁ ସେ 'ଦିଲୱାଲେ ଦୁଲ୍‌ହନିୟାଁ ଲେ ଜାଏଁଗେ'ର ପଟ୍ଟକଥା ଦେଇ କହିଲେ-'ତୁମକୁ ପୂରା ଦେଶ ଭଲପାଇବ।' ଏହାପରେ ଏପରି ସ୍ଥିତି ଆସିଲା ଶାହାରୁଖ 'କିଙ୍ଗ୍ ଅଫ୍ ରୋମାନ୍ସ'ର ଉପାଧି ପାଇଗଲେ ଯେଉଁ ସ୍ଥିତିରୁ ବାହାରକୁ ବାହାରିବା କଷ୍ଟକର ହେବା ସହିତ ଏକ ଅସମ୍ଭବ ପ୍ରକ୍ରିୟା ହୋଇପଡ଼ିଲା। ପରେ ନବେ ଦଶକର ଆରମ୍ଭରେ ସେ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ 'ଫୌଜି' ଓ 'ସର୍କସ୍' ପରି ଟିଭି ଶୋ'ଜରୁ। ଏହାପରେ ବାଜିଗର, ଡ଼ର ଓ ଅଞ୍ଜାମ ପରି ଫିଲ୍ମଗୁଡ଼ିକରେ ଆଣ୍ଟି-ହିରୋ ଭୂମିକାରେ ତାଙ୍କୁ ଦେଖିବାକୁ ମିଳିଥିଲା। ତାଙ୍କର ରୋମାଣ୍ଟିକ କ୍ୟାରିୟର୍‌ର ଶୀର୍ଷ ସ୍ଥାନରେ ଯେତେବେଳେ ପହଞ୍ଚିଥିଲା ସେତେବେଳେ ସେ ଅଶୋକ, ସ୍ୱଦେଶ ଓ ଚକ୍ ଦେ ଇଣ୍ଡିଆ ଫିଲ୍ମ କରି ନିଜ ଇମେଜକୁ ଆହ୍ୱାନ ଦେଇଥିଲେ। କବୀର ଖାନ ହୋଇ ସେ ଦେଖେଇଥିଲେ ଯେ ସେ କେବଳ ହାତ ପ୍ରସାରିତ କରି ଲୋକମାନଙ୍କୁ ନିଜର ଭଲ ପାଇବା ଦେଖାନ୍ତି ନାହିଁ ସେ ଜଣେ ସଞ୍ଜିଦା ଅଭିନେତା ମଧ୍ୟ। ଏବେ ପଠାନ, ଯୱାନ ପରେ 'କିଙ୍ଗ'ରେ ପୁଣି ଥରେ ଆକ୍ସନ୍ ଅବତାରରେ ଆସିବା ପ୍ରସ୍ତୁତିରେ ଅଛନ୍ତି ଶାହାରୁଖ।



ଘଣ୍ଟିର ସ୍ୱର

ମନ୍ଦିର ଦ୍ୱାରରେ ଭକ୍ତମାନେ ଆସିଲେ ଘଣ୍ଟି ବଜାନ୍ତି। କିଛି ଲୋକ ଥରେ ଘଣ୍ଟି ବଜଉଥିବା ବେଳେ କିଛି ଲୋକ ବାରମ୍ବାର ବଜେଇବାର ଦେଖିବାକୁ ମିଳେ। ଏହାର ସ୍ୱର ଯେପରି ପବନରେ ଅଟକି ରହିଯାଏ, ପୁଣି ଧୀରେ ଧୀରେ ଏହା ଧିମା ହୋଇଯାଏ। ଘଣ୍ଟି ବଜେଇବା ବନ୍ଦ କରିଲେ ମଧ୍ୟ ଏହାର ସ୍ୱର ଶୁଣିବାକୁ ମିଳୁଥାଏ ତେବେ ଏହାର କାରଣ କ'ଣ ହୋଇପାରେ। ଏହାର ଉତ୍ତର ହେଉଛି ମେଟାଲରେ, ଆକାରରେ ଓ ମଣିଷର କାନରେ ଏକ ଅଜବ ପ୍ରକାରର ଟ୍ରିକ୍ ଲୁଚି ରହିଛି। ଭୌତିକବାଦୀମାନେ ଏକ ଶତାବ୍ଦୀରୁ ଅଧିକ ସମୟ ହେଲାଣି ଘଣ୍ଟିଗୁଡ଼ିକୁ ଧ୍ୟାନରେ ରଖି ଶୁଣୁଛନ୍ତି ଓ ସେ ଯାହା ପାଉଛନ୍ତି ତାହା ହେଉଛି-ଏକ ସ୍ୱର କେବେ ବି ଗୋଟିଏ ଶବ୍ଦ ହୋଇନଥାଏ। ଘଣ୍ଟି ବଜେଇବା ମାତ୍ରେ ମେଟାଲ୍‌ରେ କମ୍ପନ ଜାତ ହୁଏ ଓ ସବୁକିଛି ଏହି କଥା ଉପରେ ନିର୍ଭର କରେ ଯେ ଭାଇବ୍ରେସନ୍ କେତେ ଶୀଘ୍ର ଶେଷ ହୁଏ। ବୈଜ୍ଞାନିକମାନେ ଏହାକୁ ଲସ୍ ଡ୍ୟାପିଙ୍ଗ୍ କୁହନ୍ତି। ଏହା ହେଉଛି ସେହି ଅଭ୍ୟାସ ଯାହା କୌଣସି ମ୍ୟାଟେରିଆଲ୍‌ରେ ଧୀରେ ଧୀରେ ମୋସନ୍‌କୁ ଅଳ୍ପ ଗରମରେ ବଦଳେଇଦିଏ। ପ୍ଲାଷ୍ଟିକ୍ ଓ କାଠ ତୁଳନାରେ ମେଟାଲ୍ ନିଜ ଭିତରେ ବହୁତ କମ୍ ଏନର୍ଜି ହରାଇଥାଏ। ସେଥିପାଇଁ ପ୍ଲାଷ୍ଟିକ୍‌ର କମ୍ପନ କିଛି ସମୟ ପର୍ଯ୍ୟନ୍ତ ଜାରି ରହେ ଯେଉଁ ପର୍ଯ୍ୟନ୍ତ ସମସ୍ତ ଏନର୍ଜି ଆଖପାଖର ବାୟୁରେ ବ୍ୟାପି ନଯାଇଛି। କାଠ ବକ୍ସ ଉପରେ ସ୍ପର୍ଶ କଲେ ତାହା ଖୁବ୍ ଜୋର୍‌ରେ ବାଜେ। ଘଣ୍ଟି ଉପରେ ହାତ ମାରିଲେ ସେ ମଧ୍ୟ ବାଜେ କାରଣ ଧାତୁ ନିଜର ଉର୍ଜାକୁ ରୋକିଥାଏ ଓ ତାକୁ ଧୀରେ ଧୀରେ ଧ୍ୱନି ଭାବରେ ଛାଡ଼ିଥାଏ।



ଘଣ୍ଟି କେଉଁ ଜିନିଷରେ ତିଆରି ହୁଏ-୧୯୪୮ରେ ଆମେରିକାର ଭୌତକବାଦୀ ଥମାସ୍ ରସିଂ ଘଣ୍ଟିର ସ୍ୱର ଉପରେ ଯେଉଁ ଅଧ୍ୟୟନ କରିଥିଲେ ତାହା ଅନୁସାରେ ଅଧିକାଂଶ ଘଣ୍ଟି ପାଖାପାଖି ୮୦ ପ୍ରତିଶତ କପର୍ ଓ ୨୦ ପ୍ରତିଶତ ଟିଣଅଂଶ ଥିବା କଂସାରୁ ତିଆରି ହୁଏ। ଏହି ଟିଣବାଲା କଂସାକୁ କୁହାଯାଏ ବେଲ୍ ମେଟାଲ୍ ଓ ଟିଣର ଅଧିକ ମାତ୍ରା ଏହାକୁ ଅଧିକ ମଜଭୁତ କରିଥାଏ ଓ ଏହାର ସ୍ୱର ଅଧିକ ସମୟ ପର୍ଯ୍ୟନ୍ତ ଚାଲେ। ତେବେ ଷ୍ଟିଲ୍ ଘଣ୍ଟିଗୁଡ଼ିକ ଶସ୍ତା ଓ ମଜଭୁତ ହୋଇଥାଏ କିନ୍ତୁ ଏହାର ସ୍ୱରକୁ ସାଧାରଣତଃ ଖରାପ ସଂକେତ ଭାବରେ ଗ୍ରହଣ କରାଯାଏ। ଘଣ୍ଟି ବଜେଇବାର କଳା ଆମ ଦେଶର ଏକ ପୁରୁଣା ପରମ୍ପରା।

ଜେଲିଫିସ୍ ସମ୍ପର୍କରେ କିଛି ତଥ୍ୟ



ଜେଲିଫିସ୍ ପ୍ରତି ଲୋକମାନଙ୍କୁ ସଚେତନ କରେଇବା ଓ ପରିସ୍ଥିତିକ ତନ୍ତ୍ରରେ ସେମାନଙ୍କ ମହତ୍ତ୍ୱକୁ ଉଜାଗର କରେଇବା ପାଇଁ ଆଜି ବିଶ୍ୱ ସ୍ତରରେ ପାଳନ କରାଯାଉଛି ଜେଲିଫିସ୍ ଦିବସ। ଏହି ଅଦ୍ଭୁତ ଜୀବର ବିଶେଷତା, ବିବିଧତାଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାର ଅବସର ପ୍ରଦାନ କରିଥାଏ ଜେଲିଫିସ୍ ଦିବସ। ଜେଲିଫିସ୍‌ଗୁଡ଼ିକ ନା କେବଳ ସମୁଦ୍ରୀ ଜୀବନର ମହତ୍ତ୍ୱପୂର୍ଣ୍ଣ ଅଂଶବିଶେଷ ତାହା ନୁହେଁ ସେମାନଙ୍କର ଆବଶ୍ୟକତାଗୁଡ଼ିକ ମଧ୍ୟ ଧୀରେ ଧୀରେ ବୃଦ୍ଧି ପାଉଛି। ଏହି ଦିନ ଲୋକମାନେ ଜେଲିଫିସ୍ ସମ୍ପର୍କରେ ଜାଣିବା ଓ ପର୍ଯ୍ୟାବରଣ ଉପରେ ସେମାନଙ୍କର ପ୍ରଭାବକୁ ବୁଝିବା ପାଇଁ ବିଭିନ୍ନ ଗତିବିଧିଗୁଡ଼ିକରେ ଭାଗ ନେଇଥାନ୍ତି। ତେବେ ଜେଲିଫିସ୍ ସମ୍ପର୍କରେ କିଛି ରୋଚକପୂର୍ଣ୍ଣ ତଥ୍ୟ ବିଷୟରେ ଆଜି ଜାଣିବା।

ଜେଲିଫିସ୍- ଏହାର ବୈଜ୍ଞାନିକ ନାମ ସିଣ୍ଡାରିୟା ଯାହା ଏମାନଙ୍କୁ ବର୍ଗୀକୃତ କରୁଥିବା ଏକ ଶ୍ରେଣୀରେ ରଖିଛି। ଏହି ଜୀବ କ୍ୟାଣ୍ଡିରିୟା ଶ୍ରେଣୀରେ ଆସେ ଯେଉଁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରଜାତି ସାମିଲ ଥାଆନ୍ତି। ତେବେ ଏମାନଙ୍କର ପାଖାପାଖି ୨୦୦୦ ପ୍ରଜାତି ଦେଖିବାକୁ ମିଳନ୍ତି। ଜେଲିଫିସ୍ ନନ୍-ସେଲୁଲାର ଜୀବ ଯାହାର ଅର୍ଥ ଏମାନେ ଶୈବାଳ ବିନା ପହଁରି ପାରନ୍ତି। ମୁଖ୍ୟତଃ ଏମାନେ ସମୁଦ୍ର ପାଣିରେ ପହଁରନ୍ତି ଓ ଏମାନଙ୍କ ଶରୀରର ପାଖାପାଖି ୯୦ ପ୍ରତିଶତ ଭାଗ ପାଣିରେ ଥାଏ। ଏହି ମାଛ ଛତା ପରି କିମ୍ବା ମଶରୁମ୍ ପରି ନଜର ଆସେ। ଏହାର ନା ଥାଏ ଆଖି, ନା ଥାଏ ହୃଦୟ ନା ମସ୍ତିଷ୍କ। ପ୍ରଜନନ କ୍ଷମତା ଉତ୍କୃଷ୍ଟ ଧରଣର ହୋଇଥିବାରୁ ଏହା ଦ୍ରୁତଗତିରେ ତା'ର ପିଲାଙ୍କୁ ଜନ୍ମ ଦେଇପାରେ। ଦୀର୍ଘ ଦିନ ପର୍ଯ୍ୟନ୍ତ ବଞ୍ଚି ରହୁଥିବା ଏହି ଜୀବର ଶରୀରର ନିର୍ମାଣ ଜେଲ୍ ପରି ହୋଇଥାଏ। ଜେଲିଫିସ୍‌ର କିଛି ପ୍ରଜାତିଙ୍କ ସମ୍ପର୍କରେ କୁହାଯାଏ ଯେ ସେମାନେ ଜୀବନର ବରଦାନ ନେଇ ଆସିଛନ୍ତି। କିଛି ସଂସ୍କୃତିର ଲୋକ ଆକର୍ଷଣୀୟ ରଙ୍ଗର ଜେଲିଫିସ୍‌ମାନଙ୍କୁ ଖାଆନ୍ତି। ତେବେ ୫୦୦ ମିଲିୟନ ବର୍ଷ ହେଲାଣି ପୃଥିବୀ ପୃଷ୍ଠରେ ଜେଲିଫିସ୍ ରହିଛନ୍ତି।

ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

ମେଷ: ଉତ୍ସାହ ଓ ଆତ୍ମବିଶ୍ୱାସ ଦ୍ୱାରା ଲୋକମାନଙ୍କୁ ପ୍ରଭାବିତ କରିବେ। ମିତ୍ରଙ୍କ ସହିତ ସମୟ ବିତେଇବେ। କାମକାର୍ଯ୍ୟ ସହିତ ଜଡ଼ିତ ମାମଲାଗୁଡ଼ିକରେ ସକ୍ରିୟତା ରହିବ। କଳା ଓ କୌଶଳ ଉପରେ ଧ୍ୟାନ ଦେବେ।

ବୃଷ: ପରିବାରର ପରିବେଶ ସହଜ ରହିବ। ନିଜ ସହିତ ସମୟ ବିତେଇବେ। ଭାବନାତ୍ମକ ମାମଲାରେ ସମ୍ବେଦନଶୀଳତା ରହିପାରେ। ଘର, ବାହନ ଆଦିରେ ସକାରାତ୍ମକ ପ୍ରଗତି ହୋଇପାରେ।

ମିଥୁନ: ଆତ୍ମବିଶ୍ୱାସ ମଜଭୁତ ରହିବ। କାମକାର୍ଯ୍ୟର ଯୋଜନା ଆଗକୁ ବଢ଼ିପାରେ। ପ୍ରବନ୍ଧନ ସହିତ ଜଡ଼ିତ କାମରେ ସହଯୋଗୀଙ୍କ ସାଥ୍ ପାଇବେ। ନୂଆ ସମ୍ପର୍କ କାମରେ ଆସିପାରେ। ସାମାଜିକ ସମ୍ପର୍କ ବୃଦ୍ଧି ହେବ।

କର୍କଟ: ସହଯୋଗ ଓ ସମର୍ଥନର ପରିବେଶ ରହିବ। ଜୀବନଶୈଳୀକୁ ଉତ୍କୃଷ୍ଟ କରିବେ। ପରିବାର ସଦସ୍ୟଙ୍କ ସହିତ ତାଳମେଳ ରଖିବେ। ଯାତ୍ରା ଯୋଗ ରହିଛି। ମିଶ୍ରିତ ପରିବେଶ ରହିବ।

ସିଂହ: ରଚନାତ୍ମକ ଗତିବିଧିରେ ରୁଚି ରହିବ। ନୂଆ ବିଚାର ସହିତ ପରମ୍ପରାକୁ ମହତ୍ତ୍ୱ ଦେବେ। ଆଧୁନିକ କାର୍ଯ୍ୟରେ ଆଗକୁ ବଢ଼ିବେ। ବୁଝାମଣା ଓ ବ୍ୟବହାରରେ ଲୋକମାନଙ୍କୁ ପ୍ରଭାବିତ କରିବେ।

କନ୍ୟା: ଦିନଟି ମିଶ୍ରିତ ଫଳ ଦେବ। ନ୍ୟାୟିକ ମାମଲା ସହିତ ଜଡ଼ିତ ଗତିବିଧି ସମ୍ମୁଖକୁ ଆସିପାରେ। କାମରେ ଅବହେଳା କରନ୍ତୁ ନାହିଁ। ଜରୁରୀ ଦସ୍ତାବିଜ ଓ କାଗଜ କାମ ପୂରା ରଖନ୍ତୁ।

ତୁଳା: ସାହସ ଓ ପରାକ୍ରମ ବଜାୟ ରହିବ। ଆର୍ଥିକ ଓ ବ୍ୟବସାୟିକ ମାମଲାଗୁଡ଼ିକରେ ସକାରାତ୍ମକ ପରିଣାମ ମିଳିପାରେ। ଆୟର ନୂଆ ସୋର୍ସ ତିଆରି କରିବେ। ନେତୃତ୍ୱ କ୍ଷମତା ଦେଖିବାର ଅବସର ପାଇବେ।

ବିଛା: ଅନୁଭବୀ ଲୋକଙ୍କ ସହିତ ତାଳମେଳ ରକ୍ଷା କରିବେ। ସେମାନଙ୍କର ପରାମର୍ଶ ଉପଯୋଗୀ ପ୍ରମାଣିତ ହୋଇପାରେ। ପ୍ରବନ୍ଧନ ସହିତ ଜଡ଼ିତ କାମରେ ନିଜ କ୍ଷମତା ଦେଖାଇବେ।

ଧନୁ: ଦିନଟି ସକାରାତ୍ମକ ରହିବ। ଧୈର୍ଯ୍ୟ ଓ ଅନୁଶାସନ ସହିତ କାମ ଆଗକୁ ବଢ଼ିବ। କାରବାର ଓ ପ୍ରବନ୍ଧନ ସହିତ ଜଡ଼ିତ ମାମଲାରେ ଅପେକ୍ଷିତ ଗତି ରହିବ। ପରିବାର ସଦସ୍ୟଙ୍କ ସହିତ ସହଯୋଗ ପାଇବେ।

ମକର: ସ୍ୱାସ୍ଥ୍ୟ ମାମଲାରେ ସାବଧାନ ରହିବେ। ଦିନଚର୍ଯ୍ୟା ସହିତ ଜଡ଼ିତ ଆହ୍ୱାନଗୁଡ଼ିକ ବଢ଼ିପାରେ। ଖାଦ୍ୟପେୟକୁ ନେଇ ସଜାଗ ରହିବେ। ଜରୁରୀ କାମଗୁଡ଼ିକୁ ପୂରା କରିବେ। ସନ୍ତୁଳିତ ବ୍ୟବହାର ରଖିବା ଜରୁରୀ।

କୁମ୍ଭ: ଉଦ୍ୟୋଗ ଓ ବ୍ୟାପାର ସହିତ ଜଡ଼ିତ କାମଗୁଡ଼ିକ ସଠିକ୍ ଦିଗରେ ଆଗକୁ ବଢ଼ିବେ। ଉତ୍ସାହ ବୃଦ୍ଧି ହେବ। ପେସାଗତ ଗତିବିଧିଗୁଡ଼ିକୁ ବ୍ୟବସ୍ଥିତ ରଖିବେ। ପ୍ରଗତିର ସମ୍ଭାବନା ରହିଛି।

ମୀନ: ଶୀଘ୍ରତା ନକଲେ ଭଲ। ମିଛ ପ୍ରତିଜ୍ଞା ଓ ପ୍ରଲୋଭନରୁ ଦୂରରେ ରୁହନ୍ତୁ। ନିଜ କାମ ଉପରେ ଧ୍ୟାନ ଦେବେ। ପରିଶ୍ରମ ଦମ୍‌ରେ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରନ୍ତୁ। କାମକାର୍ଯ୍ୟରେ କିଛି ବାଧା ଆସିପାରେ।

ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକି

ଶୀର୍ଷ ସ୍ଥାନ ସହ ସେମିରେ ଭାରତ

◆ **ଅନ୍ତିମ ମ୍ୟାଚ୍‌ରେ କୋରିଆକୁ ୮-୦ରେ ହରାଇଲା** ◆ **ଗ୍ରୁପ୍ ପର୍ଯ୍ୟାୟରେ ଲଗାତାର ୫ମ ବିଜୟ**

ଜଲନ୍ଧର,୨।୧୧/ଏଜେନ୍ସି: ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଟିମ୍‌ର ଚମତ୍କାର ପ୍ରଦର୍ଶନ ଜାରି ରହିଛି। ପାଞ୍ଚ ଥରର ଟାଇଟଲ୍ ବିଜେତା ଏବଂ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ସୋମବାର ନିଜର ଅନ୍ତିମ ରାଉଣ୍ଡ ରବିନ୍ ମ୍ୟାଚ୍‌ରେ ସାଉଥ୍ କୋରିଆକୁ ୮-୦ ଗୋଲ୍‌ରେ ଶୋଚନୀୟ ଭାବେ ହରାଇ ଦେଇଛି। ଏହି ବିଜୟ ସହିତ ଭାରତୀୟ ଟିମ୍ ଟୁର୍ଣ୍ଣାମେଣ୍ଟରେ ଲଗାତାର ପଞ୍ଚମ ବିଜୟ ହାସଲ କରି ନିଜର ଅଜେୟ ଅଭିଯାନ ବଜାୟ ରଖିଛି। ଭାରତ ପାଞ୍ଚ ମ୍ୟାଚ୍‌ରେ ପାଞ୍ଚ ବିଜୟ ସହିତ ସର୍ବାଧିକ ୧୫ ପଏଣ୍ଟ ହାସଲ କରି ପଏଣ୍ଟ ଟେବଲ୍ ଶୀର୍ଷ ସ୍ଥାନ ସୁନିଶ୍ଚିତ କରିବା ସହିତ ସେମିଫାଇନାଲ୍‌ରେ ପହଞ୍ଚିଛି। ଅନ୍ୟପକ୍ଷରେ ଜାପାନ ଦ୍ୱିତୀୟ, ଏସିଆନ୍ ଗେମ୍ସ ରୌପ୍ୟ ପଦକ ବିଜେତା ମାଲେସିଆ ତୃତୀୟ ଏବଂ ସାଉଥ୍ କୋରିଆ ଚତୁର୍ଥ ସ୍ଥାନରେ ରହିଛନ୍ତି। ଭାରତ ଏହା ପୂର୍ବରୁ ବାଂଲାଦେଶକୁ ୧୩-୦, ଚୀନ୍‌କୁ ୫-୨, ଜାପାନକୁ ୪-୧ ଏବଂ ମାଲେସିଆକୁ ୪-୨ ଗୋଲ୍‌ରେ ହରାଇଥିଲା। ଏବେ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଚରଣ ମୋହଲୀରେ ଖେଳାଯିବ। ବୁଧବାର ହେବାକୁ ଥିବା ସେମିଫାଇନାଲ୍‌ରେ ଭାରତର ସାମ୍ନା ପୁଣିଥରେ ସାଉଥ୍ କୋରିଆ ସହ ହେବ। ସେହିପରି ଦ୍ୱିତୀୟ ସେମିଫାଇନାଲ୍ ମାଲେସିଆ ଓ ଜାପାନ ମଧ୍ୟରେ ଖେଳାଯିବ।ସାଉଥ୍ କୋରିଆ ବିପକ୍ଷରେ



ଭାରତୀୟ ଖେଳାଳି ପ୍ରଥମରୁ ହିଁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଭାରତ ପକ୍ଷରୁ ଦିଲପ୍ରୀତ୍ ସିଂହ ଅଷ୍ଟମ ଏବଂ ୪୦ତମ ମିନିଟ୍‌ରେ ଗୋଲ୍ କରି ଡବଲ୍ ସଫଳତା ହାସଲ କରିଛନ୍ତି। ତାଙ୍କ ବ୍ୟତୀତ ଜୁଗରାଜ ସିଂହ (୧୧ଶ ମିନିଟ୍), କ୍ୟାପ୍ଟେନ୍ ହରମନ୍‌ପ୍ରୀତ୍ ସିଂହ (୧୫ଶ ମିନିଟ୍), ଶିଳାନନ୍ଦ ଲାକ୍ରା (୩୩ତମ ମିନିଟ୍), ସୁଖଜିତ ସିଂହ (୩୪ତମ ମିନିଟ୍), ସଞ୍ଜୟ (୩୮ତମ ମିନିଟ୍) ଏବଂ ଅଙ୍ଗଦବୀର ସିଂହ (୬୦ତମ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ।

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର୍‌ରେ ୩-୦ରେ ପଛୁଆ ରହିବା ପରେ ସାଉଥ୍ କୋରିଆ ଦ୍ୱିତୀୟ କ୍ୱାର୍ଟର୍‌ରେ ପ୍ରତ୍ୟାବର୍ତ୍ତନ ଉଦ୍ୟମ କରି ଲଗାତାର ପେନାଲ୍ଟି କର୍ଣ୍ଣର୍ ହାସଲ କରିଥିଲା। ମାତ୍ର ଭାରତୀୟ ଡିଫେନ୍ସକୁ ଭେଦିବାରେ ବିଫଳ ହୋଇଥିଲା। ତୃତୀୟ କ୍ୱାର୍ଟର୍‌ରେ ଭାରତୀୟ ଟିମ୍ ଆକ୍ରମଣକୁ ତୀବ୍ର କରିଥିଲା। ୩୩ତମ ମିନିଟ୍‌ରେ ଶିଳାନନ୍ଦ ଲାକ୍ରା ରିବାଉଣ୍ଡ୍‌ର ଗୋଲ୍ କରି ଭାରତର ଅଗ୍ରଣୀ ୪-୦ କରିଥିଲେ। ଏହାର ଠିକ୍ ଏକ ମିନିଟ୍ ପରେ ହରମନପ୍ରୀତ ଏବଂ ସଞ୍ଜୟଙ୍କ ସହ ଚମତ୍କାର ତାଳମେଳ ପରେ ସୁଖଜିତ ସିଂହ ଏକ ଫିଲ୍ଡ ଗୋଲ୍ ଦେଇଥିଲେ। ୩୬ତମ ମିନିଟ୍‌ରେ ସଞ୍ଜୟ ଆଉ ଏକ ଉନ୍ନତ ଫିଲ୍ଡ ଗୋଲ୍ କରି ସ୍କୋର୍ ୬-୦ରେ ପହଞ୍ଚାଇଥିଲେ।

ଏହାପରେ ୪୦ତମ ମିନିଟ୍‌ରେ ସଞ୍ଜୟଙ୍କ ଶଟ୍‌ରେ ଦିଲ୍‌ପ୍ରୀତ୍ ସିଂହ ହାଲୁକା ଡିଫ୍ଲେକ୍ସନ୍ ଦେଇ ନିଜର ଦ୍ୱିତୀୟ ଗୋଲ୍ କରିବା ସହିତ ଭାରତକୁ ୭-୦ର ମଜଭୁତ ଅଗ୍ରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ର ଅନ୍ତିମ କ୍ୱାର୍ଟର୍‌ରେ ମଧ୍ୟ ଭାରତର ଦବ୍‌ଦବା କାଏମ ରହିଥିଲା। ମାତ୍ର ମିଳିଥିବା କେତେକ ପେନାଲ୍ଟି କର୍ଣ୍ଣର୍‌ର ଟିମ୍ ପୂରା ଲାଭ ଉଠାଇପାରି ନଥିଲା। ୬୦ତମ ମିନିଟ୍‌ରେ ଅଙ୍ଗଦ ବୀର ସିଂହ ଆକର୍ଷଣୀୟ ରିଭର୍ସ ହିଟ୍ ଜରିଆରେ ଅଷ୍ଟମ ଗୋଲ୍ ଦେଇ ୮-୦ରେ ଭାରତର ବିଜୟ ସୁନିଶ୍ଚିତ କରିଥିଲେ। ମ୍ୟାଚ୍ ଶେଷ ହେବାର ଠିକ୍ ପୂର୍ବରୁ ସାଉଥ୍ କୋରିଆକୁ ଲଗାତାର ଦୁଇଟି ପେନାଲ୍ଟି କର୍ଣ୍ଣର୍ ମିଳିଥିଲେ ମଧ୍ୟ ଟିମ୍ ଗୋଟିଏ ବି ଗୋଲ୍ କରିପାରି ନଥିଲା।

ଟେଷ୍ଟ ସିରିଜ୍ ପୂର୍ବରୁ ଟିମ୍ ଇଣ୍ଡିଆକୁ ଝଟ୍‌କା

ଫିଟ୍‌ନେସ୍ ଟେଷ୍ଟରେ ପନ୍ତ୍ ବିଫଳ

ବେଙ୍ଗାଲୁରୁ,୨।୧୧/ଏଜେନ୍ସି: ଭାରତୀୟ ଟିମ୍‌ର ଷ୍ଟାର୍ ୱିକେଟ୍‌କିପର୍ ବ୍ୟାଟର୍ ଋଷଭ ପନ୍ତଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଦୁଇ ମ୍ୟାଚ୍‌ର ଟେଷ୍ଟ ସିରିଜ୍ ପୂର୍ବରୁ ବଡ଼ ଝଟ୍‌କା ଲାଗିଛି। ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ (ସିଓଇ)ରେ ହୋଇଥିବା ପ୍ରଥମ ଫିଟ୍‌ନେସ୍ ଟେଷ୍ଟରେ ପନ୍ତ୍ ନିଜ ମ୍ୟାଚ୍ ଫିଟ୍‌ନେସ୍ ସାବ୍ୟସ୍ତ କରିବାରେ ବିଫଳ ହୋଇଛନ୍ତି। ଅବଶ୍ୟ ବିସିସିଆଇ ମେଡିକାଲ୍ ଟିମ୍ ତାଙ୍କୁ ଫିଟ୍‌ନେସ୍ ସାବ୍ୟସ୍ତ ପାଇଁ ଆଉ ଏକ ସୁଯୋଗ ଦେବାକୁ ଯାଉଛି। ଋଷଭ ପନ୍ତ୍ ଅକ୍ଟୋବର ଆରମ୍ଭରେ ଖେଳାଯାଇଥିବା ଇରାନୀ କପ୍ ଅବସରରେ ସାଇଡ୍ ଷ୍ଟ୍ରେନ୍ ସମସ୍ୟାରେ ସଂଘର୍ଷ କରୁଥିଲେ। ଏହାପରେ ଅକ୍ଟୋବର ୨୩ରୁ ସେ ବେଙ୍ଗାଲୁରୁରେ ରିହାବ୍ ପ୍ରକ୍ରିୟା ଦେଇ ଗତି କରୁଛନ୍ତି। ତେବେ ଆଶ୍ୱସ୍ତିର ବିଷୟ ସେ ନେଟ୍‌ସରେ ବ୍ୟାଟିଂ ଓ ୱିକେଟ୍‌କିପିଂ ପ୍ରାକ୍ଟିସ୍ ପୁଣିଥରେ ଆରମ୍ଭ କରିଦେଇଛନ୍ତି। ଏବେ ଆଗାମୀ ଦୁଇଦିନ ମଧ୍ୟରେ ବିସିସିଆଇ ମେଡିକାଲ୍ ଟିମ୍ ତାଙ୍କର ଆଉ ଏକ ଫିଟ୍‌ନେସ୍ ଟେଷ୍ଟ ନେବ। ଯଦି ପନ୍ତ୍ ଏହି ଟେଷ୍ଟ ପାସ୍ କରନ୍ତି, ତେବେ ତାଙ୍କୁ ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ସବୁଜ ସଙ୍କେତ ମିଳିବ। କିନ୍ତୁ ଏଠାରେ ବିଫଳ ହେଲେ ସେ ଟିମ୍‌ରୁ ବାହାର ହୋଇଯିବେ। ଚୟନକର୍ତ୍ତା ପନ୍ତଙ୍କୁ



ନିଜର ଫିଟ୍‌ନେସ୍ ଟେଷ୍ଟ କ୍ଲିୟରାନ୍ସ ସର୍ତ୍ତରେ ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ୍ ଏବଂ ଇଣ୍ଡିଆ-ଏ’ ଟିମ୍‌ରେ ସ୍ଥାନ ଦେଇଥିଲେ। ଫିଟ୍‌ନେସ୍‌ରେ ବିଳମ୍ବ କାରଣରୁ ସେ ପ୍ରଥମ ଦୁଇଟି ଚାରିଦିନିଆ ମ୍ୟାଚ୍‌ରୁ ବାହାର ହୋଇଥିଲେ ଏବଂ ଧ୍ରୁବ ଜୁରେଲ୍ ତାଙ୍କ ସ୍ଥାନରେ ନେତୃତ୍ୱ ସହିତ ୱିକେଟ୍‌କିପିଂ ଦାୟିତ୍ୱ ସମ୍ଭାଳିଥିଲେ। ଯଦି ପନ୍ତ୍ ଆଗାମୀ ଫିଟ୍‌ନେସ୍ ଟେଷ୍ଟ ପାସ୍ କରନ୍ତି ତେବେ ନଭେମ୍ବର ୭ରୁ ଲିଙ୍କନ୍‌ରେ ନ୍ୟୁଜିଲାଣ୍ଡ-ଏ ବିପକ୍ଷରେ ଖେଳାଯିବାକୁ ଥିବା ଇଣ୍ଡିଆ-ଏ’ର ତୃତୀୟ ଚାରିଦିନିଆ ମ୍ୟାଚ୍‌ରେ ସେ ଅଂଶଗ୍ରହଣ କରିବେ। ନଭେମ୍ବର ୧୯ରୁ ୱେଲିଂଟନ୍‌ରେ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜ୍ ପୂର୍ବରୁ ପନ୍ତଙ୍କ ପାଇଁ ଏହି ମ୍ୟାଚ୍ ନିଜ ଲୟ ହାସଲ କରିବାର ସବୁଠୁ ଉନ୍ନତ ଜରିଆ ସାବ୍ୟସ୍ତ ହେବ।

ରଣଜୀ ଟ୍ରଫି

ପ୍ରଥମ ଦିନ ଝାଡ଼ଖଣ୍ଡ ୩୭/୩

ରାଜେଶ ମହାନ୍ତିଙ୍କୁ ୨ ୱିକେଟ୍



ଭୁବନେଶ୍ୱର,୨।୧୧/ଏନ୍‌ଏନ୍‌ଏସ୍: ଚଳିତ ରଣଜୀ ଟ୍ରଫି ସିଜନ୍‌ର ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଓଡ଼ିଶା ବିପକ୍ଷରେ ଝାଡ଼ଖଣ୍ଡ ପ୍ରଥମ ଦିନ ୩ ୱିକେଟ୍ ହରାଇ ୩୭ ରନ୍ କରିଛି। ସ୍ଥାନୀୟ କିଟ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ମ୍ୟାଚ୍ ବର୍ଷା କାରଣରୁ ବିଳମ୍ବରେ ଆରମ୍ଭ ହୋଇଥିଲା ଏବଂ ପ୍ରଥମ ଦିନ ମାତ୍ର ୨୫ ଓଭର୍ ଖେଳ ସମ୍ଭବ ହୋଇଥିଲା। ଟସ୍ ଜିତି ଓଡ଼ିଶା କ୍ୟାପ୍ଟେନ୍ ଶୁଭ୍ରାଂଶୁ ସେନାପତି ପ୍ରଥମେ ଫିଲ୍ଡିଂ ନେଇଥିଲେ। ତାଙ୍କର ଏହି ନିଷ୍ପତ୍ତିକୁ ଟିମ୍‌ର ବୋଲର୍‌ମାନେ ଠିକ୍ ପ୍ରମାଣିତ କରିଛନ୍ତି। ପ୍ରଥମରୁ ଦମ୍‌ଦାର ବୋଲିଂ କରି ଝାଡ଼ଖଣ୍ଡର ତିନିଜଣ ଶୀର୍ଷକ୍ରମ ବ୍ୟାଟର୍‌ଙ୍କୁ ମାତ୍ର ୧୫ ରନ୍ ମଧ୍ୟରେ ପ୍ୟାଭିଲିୟନ୍ ଫେରାଇଥିଲେ। ଅନୁଭବୀ ରାଜେଶ ମହାନ୍ତି ତୃତୀୟ ଓଭର୍‌ର ପ୍ରଥମ ବଲ୍‌ରେ ଓପ୍ନର୍ ଆର୍ଯ୍ୟମାନ ସେନ୍ (୧)ଙ୍କୁ ବୋଲ୍ଡ କରିଥିଲେ। ଏହାପରେ ୧୩ଶ ଓଭର୍‌ରେ ଉତ୍କର୍ଷ ସିଂହ ()ଙ୍କୁ ରାଜେଶ ଧୁପରଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଶରଣଦୀପ୍ ସିଂହ ୫ ରନ୍ କରିଥିବା ବେଳେ ଅନିଲ୍ ପରିଡ଼ାଙ୍କ ଦ୍ୱାରା ରନ୍‌ଆଉଟ୍ ହୋଇଥିଲେ। ଝାଡ଼ଖଣ୍ଡ ୧୫ ରନ୍‌ରେ ୩ ୱିକେଟ୍ ହରାଇ ବିପଦରେ ପଡ଼ିଥିବା ବେଳେ କ୍ୟାପ୍ଟେନ୍ ବିରାଟ ସିଂହ ଓ ଆଦିତ୍ୟ ଚନ୍ଦ୍ରେଶ ସିଂହ ଇନିଂସ୍ ସମ୍ଭାଳିଥିଲେ। ଦୁହେଁ ଅବିଭାଜିତ ଚତୁର୍ଥ ୱିକେଟ୍ ପାଇଁ ୨୨ ରନ୍ ଯୋଡ଼ିଛନ୍ତି। ପ୍ରଥମ ଦିନର ଷ୍ଟମ୍ପ ବେଳକୁ ବିରାଟ ୧୪ ଏବଂ ଆଦିତ୍ୟ ୧୦ ରନ୍‌ରେ ଅପରାଜିତ ରହିଥିଲେ।

୧୩୦୦୦ ରନ୍‌ର ମହାରେକର୍ଡ ଦ୍ୱାରଦେଶରେ କୋହଲି

ନୂଆଦିଲ୍ଲୀ,୨।୧୧/ଏଜେନ୍ସି: ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍‌ର ଦିନିକିଆ ସିରିଜ୍‌ରେ ସମସ୍ତଙ୍କ ନଜର ମହାନ୍ ଖେଳାଳିଙ୍କ ପ୍ରତ୍ୟାବର୍ତ୍ତନ ଉପରେ ରହିଛି। କିନ୍ତୁ ସବୁଠୁ ଅଧିକ ଚର୍ଚ୍ଚା ଭାରତୀୟ କ୍ରିକେଟ୍‌ର ମହାନ୍ ବ୍ୟାଟର୍ ବିରାଟ କୋହଲିଙ୍କୁ ନେଇ ହେଉଛି। ବିରାଟ କୋହଲି ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ହିଁ ଏକ ମହାରେକର୍ଡ ସ୍ଥାପନର ଦ୍ୱାରଦେଶରେ ଛିଡ଼ା ହୋଇଛନ୍ତି, ଯାହା

୧୨ ରନ୍ କଲେ ରଚିବେ ଇତିହାସ

ଆଜି ପର୍ଯ୍ୟନ୍ତ ଦିନିକିଆ କ୍ରିକେଟ୍ ଇତିହାସରେ ବିଶ୍ୱର କୌଣସି ବି ବ୍ୟାଟର୍ ଛୁଇଁପାରି ନାହାନ୍ତି। କୋହଲି ଯଦି ପ୍ରଥମ ମ୍ୟାଚ୍‌ରେ ୧୨ ରନ୍ ସଂଗ୍ରହ କରନ୍ତି, ତେବେ ଏହି କୀର୍ତ୍ତିମାନ ସ୍ଥାପନ କରିବେ। ଏହି ମ୍ୟାଚ୍‌ରେ ୧୨ ରନ୍ କରିବା ମାତ୍ରେ ହିଁ କୋହଲି ଦିନିକିଆ କ୍ରିକେଟ୍‌ରେ ନମ୍ବର-୩ ପୋଜିସନ୍‌ରେ ବ୍ୟାଟିଂ କରି ୧୩୦୦୦ ରନ୍ ପୂରା କରିବାରେ ବିଶ୍ୱର ପ୍ରଥମ ଏବଂ ଏକମାତ୍ର ବ୍ୟାଟର୍ ହୋଇଯିବେ। ଦିନିକିଆ କ୍ରିକେଟ୍‌ରେ ନମ୍ବର-୩ ପୋଜିସନ୍‌କୁ ବ୍ୟାଟିଂର ମେରୁଦଣ୍ଡ କୁହାଯାଏ। ବିରାଟ କୋହଲି ଏହି ପୋଜିସନ୍‌ରେ ଖେଳି ଏବେ ସୁଦ୍ଧା



୨୫୦ ଇନିଂସ୍‌ରେ ୬୧.୫୫ର ଅବିଶ୍ୱସନୀୟ ହାରାହାରି ଏବଂ ୯୫.୪ ଷ୍ଟ୍ରାଇକ୍ ରେଟ୍‌ରେ ୧୨୯୮୮ ରନ୍ କରିଛନ୍ତି। ଏଥିରେ ତାଙ୍କର ୪୮ ଦିନିକିଆ ଶତକ ଏବଂ ୬୯ ଅର୍ଦ୍ଧଶତକ ସାମିଲ। ଏହି ଲିଷ୍ଟର ଦ୍ୱିତୀୟ ସ୍ଥାନରେ ଅଷ୍ଟ୍ରେଲିଆର ପୂର୍ବତନ ମହାନ୍ କ୍ୟାପ୍ଟେନ୍ ରିକି ପଣ୍ଟିଂ (୧୨୬୬୨ ରନ୍) ରହିଛନ୍ତି। ପଟିଂଙ୍କ ବ୍ୟତୀତ ବିଶ୍ୱର ଅନ୍ୟ କୌଣସି ବ୍ୟାଟର୍ ନମ୍ବର-୩ରେ ୧୦ ହଜାର ରନ୍ ମଧ୍ୟ ପୂରା କରିପାରି ନାହାନ୍ତି। ସେହିପରି ଯଦି ଦିନିକିଆ କ୍ରିକେଟ୍ ଇତିହାସରେ କୌଣସି ଏକ ଖାସ୍ ପୋଜିସନ୍‌ରେ ସର୍ବାଧିକ ରନ୍‌ର ରେକର୍ଡ ବିଷୟ କୁହାଯାଏ, ତେବେ ମହାନ୍ ସଚିନ୍ ତେନ୍ଦୁଲକର (ଓପ୍ନିଂ କରି ୧୫୩୧୦ ରନ୍)ଙ୍କ ନାମ ଆସିଥାଏ। ଏବେ ବିରାଟ ନମ୍ବର-୩ରେ ଇତିହାସ ରଚିବା ଠାରୁ ମାତ୍ର ୧୨ ରନ୍ ଦୂରରେ ରହିଛନ୍ତି।

୩୮ ବର୍ଷ ବୟସର ହେବାକୁ ଯାଉଥିବା ବିରାଟ କୋହଲି ବର୍ତ୍ତମାନ ସମୟରେ ଉନ୍ନତ ଫର୍ମରେ ଅଛନ୍ତି। ୨୦୨୬ରେ ସେ ବର୍ତ୍ତମାନ ସୁଦ୍ଧା ଖେଳିଥିବା ୯ ଇନିଂସ୍‌ରେ ୬୯ର ଦମ୍‌ଦାର ହାରାହାରିରେ ୫୫୨ ରନ୍ କରିସାରିଛନ୍ତି। ଏହା ମଧ୍ୟରେ ଦୁଇ ଶତକ (ସର୍ବୋଚ୍ଚ ସ୍କୋର୍ ୧୩୯*) ଏବଂ ୩ ଅର୍ଦ୍ଧଶତକ ସାମିଲ।

■ **ସିନିୟର୍ ମହିଳା ଟି-୨୦ ଟ୍ରଫି**

ଓଡ଼ିଶାର ଲଗାତାର ୫ମ ପରାଜୟ

ଭୁବନେଶ୍ୱର,୨।୧୧/ଏଜେନ୍ସି: ଚଳିତ ସିନିୟର୍ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ଲଗାତାର ୫ମ ପରାଜୟ ବରଣ କରିଛି। ସୋମବାର ଏଲିଟ୍ ଗ୍ରୁପ୍-ବି’ର ୫ମ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୭ ୱିକେଟ୍‌ରେ ଓଡ଼ିଶାକୁ ହରାଇ ଦେଇଛି। ସୋମବାର ମୋହାଲୀର ଆଇଏସ୍ ବିନ୍ଦ୍ରା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ମାତ୍ର ୧୪୫ ରନ୍ କରିଥିଲା। ତନ୍ମୟୀ ବେହେରା ୨୯ ବଲ୍‌ରୁ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ସର୍ବାଧିକ ଅପରାଜିତ ୪୦ ରନ୍ କରିଥିବା ବେଳେ ଅଲିସ୍ମା ବିଶ୍ୱାଳ ୩୭ ରନ୍‌ର ଯୋଗଦାନ ଦେଇଥିଲେ। ମଧ୍ୟପ୍ରଦେଶ ପକ୍ଷରୁ ପୂଜା ବସ୍ତ୍ରାକାର ଓ ବୈଷ୍ଣବୀ ଶର୍ମା ୨-୨ ୱିକେଟ୍ ନେଇଥିଲେ। ଜବାବରେ ୧୪୬ ରନ୍‌ର ଲକ୍ଷ୍ୟକୁ ମଧ୍ୟପ୍ରଦେଶ ୧୭.୪ ଓଭର୍‌ରେ ୩ ୱିକେଟ୍ ହରାଇ ହାସଲ କରିନେଇଛି। ଟିମ୍ ପକ୍ଷରୁ ନୁଜହତ୍ ପରୱିନ୍ ସର୍ବାଧିକ ୪୬ ରନ୍ କରି ଅପରାଜିତ ରହିଥିବା ବେଳେ ଆୟୁଷୀ ଶୁକ୍ଲା ୩୩ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ସୁଶ୍ରୀ ଦିବ୍ୟଦର୍ଶିନୀ ଓ ଲକ୍ଷ୍ମୀପ୍ରିୟା ନାଏକଙ୍କୁ ୧-୧ ୱିକେଟ୍ ମିଳିଥିଲା। ଓଡ଼ିଶା ବର୍ତ୍ତମାନ ସୁଦ୍ଧା ଖେଳିଥିବା ସମସ୍ତ ପାଞ୍ଚଟି ଯାକ ମ୍ୟାଚ୍ ହାରି ପଏଣ୍ଟ ଖାତା ଖୋଲିନପାରି ୮ ଟିମ୍ ମଧ୍ୟରେ ପଏଣ୍ଟ ଟେବଲ୍ ନିମ୍ନରେ ରହିଛି।

୭ ୱିକେଟ୍‌ରେ ହରାଇଲା ମଧ୍ୟପ୍ରଦେଶ

ଆଇପିଏଲ୍ ୨୦୨୭: ରିଟେନ୍‌ସନ୍ ଡେଡ୍‌ଲାଇନ୍ ଦୁଇଦିନ ବଢ଼ିଲା

ମୁମ୍ବାଇ,୨।୧୧/ଏଜେନ୍ସି: ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୭ ମିନି ଅକ୍ସନ୍ ପୂର୍ବରୁ ଟିମ୍‌ରେ ଖେଳାଳିଙ୍କ ରିଟେନ୍‌ସନ୍ ଓ ରିଲିଜ୍ କରିବା ତାରିଖ ଦୁଇଦିନ ବୃଦ୍ଧି କରିଛି। ଏବେ ସମସ୍ତ ୧୦ ଫ୍ରାଞ୍ଚାଇଜି ନଭେମ୍ବର ୧୭ ତାରିଖ ସୁଦ୍ଧା ନିଜ ନିଜର ଖେଳାଳି ତାଲିକା ପ୍ରଦାନ କରିପାରିବେ। ପୂର୍ବରୁ ଏହାର ଅନ୍ତିମ ତାରିଖ ନଭେମ୍ବର ୧୫ ଥିଲା। ଅକ୍ସନ୍ ତାରିଖ ଓ ସ୍ଥାନରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଖେଳାଳିଙ୍କ ଅକ୍ସନ୍ ଡିସେମ୍ବର ୧୬ ତାରିଖରେ ଗୋଆରେ ଅନୁଷ୍ଠିତ ହେବ। ଏହି ନିଷ୍ପତ୍ତି ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ନଭେମ୍ବର ୧୫ରେ ଖେଳାଯିବାକୁ ଥିବା ପଞ୍ଚମ ଏବଂ ଅନ୍ତିମ ଦିନିକିଆ ମ୍ୟାଚ୍‌କୁ ଦୃଷ୍ଟିରେ ରଖି ନିଆଯାଇଛି। ଏହି ମ୍ୟାଚ୍ ନ୍ୟୁଜିଲାଣ୍ଡର ମାଉଣ୍ଟ ମାଉଙ୍ଗାନୁଇସ୍ଥିତ ବେ ଓଭାଲ୍ ଗ୍ରାଉଣ୍ଡରେ ଖେଳାଯିବ।

ମିନି ଅକ୍ସନ୍ ପାଇଁ ନଭେମ୍ବର ୨ ତାରିଖରୁ ଖେଳାଳିଙ୍କ ରେଜିଷ୍ଟ୍ରେସନ୍ ଆରମ୍ଭ ହୋଇଥିବା ବେଳେ ଏହା ନଭେମ୍ବର ୨୩ ତାରିଖରେ ବନ୍ଦ ହେବ। ନଭେମ୍ବର ୧୭ରେ ଫ୍ରାଞ୍ଚାଇଜିମାନେ ରିଟେନ୍‌ସନ୍ ଓ ରିଲିଜ୍ ଲିଷ୍ଟ ପ୍ରଦାନ କରିବେ। ଡିସେମ୍ବର ୧ ତାରିଖରେ ଟିମ୍‌ଗୁଡ଼ିକ ଅକ୍ସନ୍ ପାଇଁ ନିଜ ଅନ୍ତିମ ପସନ୍ଦର ଖେଳାଳି ଲିଷ୍ଟ ଦେବେ। ଡିସେମ୍ବର ୩ରେ ଖେଳାଳିଙ୍କ ଅନ୍ତିମ ଅକ୍ସନ୍ ଲିଷ୍ଟ ଜାରି କରାଯିବା ପରେ ଡିସେମ୍ବର ୧୬ରେ ଗୋଆରେ ମିନି ଅକ୍ସନ୍ ହେବ। ଡିସେମ୍ବର ୧୬ରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବାର ଅଛି। ଗୋଟିଏ ଦିନରେ ଦୁଇଟି ବଡ଼ କ୍ରିକେଟ୍ ଆୟୋଜନ ହେବା ସତ୍ତ୍ୱେ ବିସିସିଆଇ ଅକ୍ସନ୍ ତାରିଖରେ କୌଣସି ପରିବର୍ତ୍ତନ କରିନାହିଁ।

ରାଇଜିଂ ଷ୍ଟାର୍ ଏସିଆ କପ୍ ଟିମ୍‌ରେ ସୂର୍ଯ୍ୟବଂଶୀ

ମୁମ୍ବାଇ,୨।୧୧/ଏଜେନ୍ସି: ବିସିସିଆଇ ରାଇଜିଂ ଷ୍ଟାର୍ ଏସିଆ କପ୍ ପାଇଁ ସୋମବାର ୧୫ ଜଣିଆ ଇଣ୍ଡି-ଏ ଟିମ୍ ଘୋଷଣା କରିଛି। ତିଳକ ବର୍ମାଙ୍କୁ ଟିମ୍‌ର କ୍ୟାପ୍ଟେନ୍ ନିଯୁକ୍ତ କରାଯାଇଥିବା ବେଳେ ରଜତ ପାଟିଦାର ଭାଇସ୍ କ୍ୟାପ୍ଟେନ୍ ହୋଇଛନ୍ତି। ଟିମ୍‌ରେ ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା ଏବଂ ରିଙ୍କୁ ସିଂହଙ୍କ ପରି ଖେଳାଳି ବି ସାମିଲ ଅଛନ୍ତି। ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧୯ରୁ ୨୯ ତାରିଖ ପର୍ଯ୍ୟନ୍ତ କତାର ରାଜଧାନୀ ଦୋହାରେ ଖେଳାଯିବ। ଭାରତ ନିଜର ପ୍ରଥମ ମ୍ୟାଚ୍ ନଭେମ୍ବର ୨୦ରେ ନେପାଳ ବିପକ୍ଷରେ ଖେଳିବ। ଏହାପରେ ନଭେମ୍ବର ୨୨ରେ ପାକିସ୍ତାନ-ଏ’ ଏବଂ ୨୪ରେ ୟୁଏଇକୁ ଭେଟିବ। ଚଳିତ ଥର ଟୁର୍ଣ୍ଣାମେଣ୍ଟ ୫୦ ଓଭର୍ ଫର୍ମାଟ୍‌ରେ ଖେଳାଯିବାକୁ ଥିବାବେଳେ ଏଥିରେ ମୋଟ ୮ ଟିମ୍ ଅଂଶଗ୍ରହଣ କରିବେ। ସମସ୍ତ ୮ ଟିମ୍‌କୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ’ରେ ବାଂଲାଦେଶ-ଏ, ଶ୍ରୀଲଙ୍କା-ଏ, ଆଫଗାନିସ୍ତାନ- ଓ ହଂକଂ ସ୍ଥାନ ପାଇଥିବା ବେଳେ ଗ୍ରୁପ୍-ବି’ରେ ଭାରତ-ଏ, ପାକିସ୍ତାନ-ଏ, ନେପାଳ ଓ ୟୁଏଇ ରହିଛନ୍ତି।

ପ୍ରତ୍ୟେକ ଟିମ୍ ଗ୍ରୁପ୍‌ର ବାକି ଟିମ୍ ବିପକ୍ଷରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। ବିଜୟୀ ଟିମ୍‌କୁ ୨ ପଏଣ୍ଟ ମିଳିବ। ଗ୍ରୁପ୍‌ର ଟପ୍-୨ ଟିମ୍ ସେମିଫାଇନାଲ୍‌ରେ ପହଞ୍ଚିବେ। ସେମିଫାଇନାଲ୍ ନଭେମ୍ବର ୨୬ ଓ ୨୭ ତାରିଖରେ ଖେଳାଯିବ। ଫାଇନାଲ୍ ମ୍ୟାଚ୍ ନଭେମ୍ବର ୨୯ ତାରିଖରେ ହେବ। ତିନିଟି ଯାକ ନକ୍‌ଆଉଟ୍ ମ୍ୟାଚ୍ ୱେଷ୍ଟ ଏଣ୍ଡ ପାର୍କ ଇଣ୍ଟରନାସ୍‌ନାଲ୍ ଷ୍ଟାଡିୟମ୍‌ରେ ହେବ।

ଇଣ୍ଡିଆ-ଏ’ ଟିମ୍: ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ପ୍ରଭସିମ୍‌ରନ୍ ସିଂହ (ୱିକେଟ୍‌କିପର୍), ତିଳକ ବର୍ମା (କ୍ୟାପ୍ଟେନ୍), ରଜତ ପାଟିଦାର (ଭାଇସ୍ କ୍ୟାପ୍ଟେନ୍), ରିଙ୍କୁ ସିଂହ, କୁମାର କୁଶାଗ୍ର (ୱିକେଟ୍‌କିପର୍), ସୂର୍ଯ୍ୟାଂଶ ଶେଗଡେ, ଶାହବାଜ୍ ଅହମଦ, ବିପ୍ରଜ ନିଗମ, ହର୍ଷ ଦୁବେ, ତନୁଷ କୋଟିୟାନ୍, ହର୍ଷିତ ରାଣା, ପ୍ରିନ୍ସ ଯାଦବ, ଅରଶଦ ଖାନ୍।

ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ: ମୁକେଶଙ୍କୁ ୫, ସିରାଜ୍‌ଙ୍କୁ ୪ ୱିକେଟ୍

ନ୍ୟୁଜିଲାଣ୍ଡ-ଏ ୪୨୪ ରନ୍‌ରେ ଅଲ୍‌ଆଉଟ୍

ଲିଙ୍କନ୍,୨।୧୧/ଏଜେନ୍ସି: ଇଣ୍ଡିଆ-ଏ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟର ତୃତୀୟ ଦିନ ନ୍ୟୁଜିଲାଣ୍ଡ-ଏ ପ୍ରଥମ ଇନିଂସ୍‌ରେ ୪୨୪ ରନ୍ କରି ଅଲ୍‌ଆଉଟ୍ ହୋଇଛି। ଏହା ସହିତ ଟିମ୍ ୭୪ ରନ୍‌ର ଅଗ୍ରଣୀ ହାସଲ କରିଛି। ଟିମ୍ ପକ୍ଷରୁ ମାଥ୍ୟୁ ବଏଲ୍ ଶତକ ହାସଲ କରିଥିବା ବେଳେ ଡିନ୍ ଫକ୍ସକ୍ରାଫ୍ଟ ୯୩ ରନ୍‌ର ଇନିଂସ୍ ଖେଳିଥିଲେ। ଭାରତ ପକ୍ଷରୁ ମୁକେଶ କୁମାର ୫ ଏବଂ ମହମ୍ମଦ ସିରାଜ୍ ୪ଟି ୱିକେଟ୍ ହାସଲ କରିଛନ୍ତି। ତୃତୀୟ ଦିନ ଖେଳ ଶେଷ ବେଳକୁ ଭାରତ ଦ୍ୱିତୀୟ ଇନିଂସ୍‌ରେ କୌଣସି ୱିକେଟ୍ ନହରାଇ ୩୨ ରନ୍ କରିଛି। ସାଇ ସୁଦର୍ଶନ ୧୧ ଏବଂ ଯଶସ୍ୱୀ ଜୟସ୍ୱାଲ୍ ୨୦ ରନ୍ କରି ଅପରାଜିତ ଫେରିଛନ୍ତି।



ଭାରତ ଠାରୁ ୭୪ ରନ୍‌ରେ ଆଗୁଆ

ତୃତୀୟ ଦିନ ୨୧୮/୩ ସ୍କୋର୍‌ରୁ ଅସମାପ୍ତ ପ୍ରଥମ ଇନିଂସ୍ ଆଗକୁ ଖେଳିଥିବା ନ୍ୟୁଜିଲାଣ୍ଡ-ଏ ଆଉ ତିନି ରନ୍ ଯୋଡ଼ିବା ପରେ ମାଥ୍ୟୁ ବଏଲ୍‌ଙ୍କ ୱିକେଟ୍ ହରାଇଥିଲା। ବଏଲ୍ ୧୫୨ ବଲ୍‌ରେ ୧୪ ଚୌକା ଓ ଗୋଟିଏ ଛକା ସହାୟତାରେ ୧୧୦ ରନ୍ କରି ସିରାଜଙ୍କ ଶିକାର ହୋଇଥିଲେ। ପୂର୍ବତନ ୮୦ ରନ୍‌ରେ ଅପରାଜିତ ରହିଥିବା ଡିନ୍ ଫକ୍ସକ୍ରାଫ୍ଟ ୯୩ ରନ୍ କରି ସିରାଜଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେ ମାଥ୍ୟୁ ବଏଲ୍‌ଙ୍କ ସହ ଚତୁର୍ଥ ୱିକେଟ୍ ପାଇଁ ୨୦୮ ରନ୍‌ର ପାର୍ଟନରଶିପ୍ କରିଥିଲେ। ତାଙ୍କ ବ୍ୟତୀତ କ୍ରିଷ୍ଟିଆନ୍ କ୍ଲାର୍କ ୪୧ ଏବଂ ୱିକେଟ୍‌କିପର୍ ମିଚେଲ୍ ହେ ୩୧ ରନ୍ କରିଥିଲେ। ବ୍ରେଟ୍ ରାଣ୍ଡେଲ୍ ୫ ରନ୍ କରି ଆଉଟ୍ ହୋଇଥିଲେ। ନ୍ୟୁଜିଲାଣ୍ଡ-ଏ ୨୯୧ ରନ୍‌ରେ ୭ ୱିକେଟ୍ ହରାଇଥିବା ବେଳେ ଶେଷ ତିନିଜଣ ବ୍ୟାଟର୍ ୧୩୩ ରନ୍ ଯୋଡ଼ି ଟିମ୍‌ର ସ୍କୋର୍ ୪୨୪ ରନ୍‌ରେ ପହଞ୍ଚାଇଥିଲେ। ଫ୍ରେସର୍ ସିଟ୍ ୪୦, ଜାରୋଡ୍ ମାକେ ୩୩ ରନ୍ କରିଥିବା ବେଳେ ଜେଡନ୍ ଲେନକ୍ସ ୩୨ ରନ୍‌ରେ ଅପରାଜିତ ରହିଥିଲେ। ଇଣ୍ଡିଆ-ଏ’ ପକ୍ଷରୁ ମୁକେଶ କୁମାର ୫, ମହମ୍ମଦ ସିରାଜ୍ ୪ ୱିକେଟ୍ ଅକ୍ତିଆର କରିଥିବା ବେଳେ ୱାଶିଂଟନ୍ ସୁନ୍ଦରଙ୍କୁ ଗୋଟିଏ ସଫଳତା ମିଳିଥିଲା।

ଆଣ୍ଟୋନେଲୀ ସର୍ବକନିଷ୍ଠ ଫର୍ମୁଲା-ୱାନ୍ ବିଶ୍ୱ ଚାମ୍ପିଅନ୍

ମେକ୍ସିକୋ ସିଟି,୨।୧୧/ଏଜେନ୍ସି: ମର୍ସିଡିଜ୍ ଡ୍ରାଇଭର୍ କିମୀ ଆଣ୍ଟୋନେଲୀ ୨୦ ବର୍ଷ ବୟସରେ ଫର୍ମୁଲା-ୱାନ୍‌ର ସର୍ବକନିଷ୍ଠ ବିଶ୍ୱ ଚାମ୍ପିଅନ୍ ହୋଇଛନ୍ତି। ରବିବାର ମେକ୍ସିକୋ ସିଟି ଗ୍ରାଁ.ପ୍ରିଁରେ ସେ ତୃତୀୟ ସ୍ଥାନ ହାସଲ କରି ୧୬ ବର୍ଷ ପୁରୁଣା ରେକର୍ଡ ଭଙ୍ଗ କରିଛନ୍ତି। ଏହା ପୂର୍ବରୁ ଜର୍ମାନୀର ସେବାଷ୍ଟିଆନ୍ ଭେଟଲ୍ ୨୦୧୦ରେ ୨୩ ବର୍ଷ ଏବଂ ୧୩୩ ଦିନ ବୟସରେ ନିଜର ପ୍ରଥମ ଏଫ୍-୧ ବିଶ୍ୱ ଟାଇଟଲ୍ ଜିତିଥିଲେ। ଆଣ୍ଟୋନେଲୀ ୧୯୫୩ ପରେ ଏଫ୍-୧ ଚାମ୍ପିଅନ୍ ହେବାରେ ଇଟାଲୀର ପ୍ରଥମ ଡ୍ରାଇଭର୍ ମଧ୍ୟ ହୋଇଛନ୍ତି। ସେ ନିଜର ଦ୍ୱିତୀୟ ସିଜନ୍‌ରେ ହିଁ ଏହି ଟାଇଟଲ୍ ଜିତି ଚାରି ରେସ୍ ବାକି ଥାଇ ଚାମ୍ପିଅନ୍‌ଶିପ୍ ନିଜ ନାମରେ କରିଛନ୍ତି। ଚାମ୍ପିଅନ୍ ହେବା ପରେ ଆଣ୍ଟୋନେଲୀ ନିଜ ଭାବନାକୁ ରୋକିପାରି ନଥିଲେ। ସେ ଟିମ୍‌କୁ କହିଥିଲେ, ‘ମୁଁ କରି ଦେଖାଇଛି।’ ପୋଡିୟମ୍‌ରେ ମଧ୍ୟ ତାଙ୍କ ଆଖିରୁ ଆନନ୍ଦାଶ୍ରୁ ବୋହୁଥିଲା। ମାକ୍ସ ଭେର୍ଷ୍ଟାପେନ୍ ମେକ୍ସିକୋ ସିଟି ଗ୍ରାଁ.ପ୍ରିଁ ଜିତିଥିବା ବେଳେ ଲୁଇ ହାମିଲ୍ଟନ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଚଳିତ ସିଜନ୍‌ରେ ଆଣ୍ଟୋନେଲୀଙ୍କ ପ୍ରଦର୍ଶନ ଚମତ୍କାର ରହିଛି। ସେ ଜାପାନ ଗ୍ରାଁ.ପ୍ରିଁ ପରେ ଡ୍ରାଇଭର୍ ଚାମ୍ପିଅନ୍‌ଶିପ୍‌ରେ ଅଗ୍ରଣୀ ହାସଲ କରିଥିଲେ। ଏହାପରେ ପ୍ରଥମ ୬ରୁ ୫ ରେସ୍



ଜିତିଥିଲେ। ମେକ୍ସିକୋରେ ପହଞ୍ଚିବା ବେଳକୁ ସେ ୯ ଗ୍ରାଁ.ପ୍ରିଁ ଜିତିସାରିଥିଲେ। ଇଟାଲୀର ମୋଞ୍ଜାରେ ସେ ସିଜନ୍‌ର ସବୁଠୁ ସ୍ମରଣୀୟ ପ୍ରଦର୍ଶନ କରିଥିଲେ। ସେଠାରେ ସେ ୧୯ତମ ନମ୍ବରରୁ ଆରମ୍ଭ କରିବା ସତ୍ତ୍ୱେ ରେସ୍ ଜିତିଥିଲେ।

ଲୁଇସ୍ ହାମିଲ୍ଟନ୍ ୨୦୨୫ ସିଜନ୍ ପୂର୍ବରୁ ଫେରାରୀ ଯିବା ନିଷ୍ପତ୍ତି ନେବା ପରେ ମର୍ସିଡିଜ୍‌କୁ ନୂଆ ଡ୍ରାଇଭର୍‌ଙ୍କ ତଲାସ ଥିଲା। ଟିମ୍ ପ୍ରିନ୍ସିପାଲ୍ ଟୋଟୋ ଭୋଲ୍‌ଫ ଅନୁଭବୀ ଡ୍ରାଇଭର୍ ପରିବର୍ତ୍ତେ ଯୁବ ଆଣ୍ଟୋନେଲୀଙ୍କ ଉପରେ ଭରସା କରିଥିଲେ। ସେତେବେଳକୁ ତାଙ୍କ ବୟସ ୧୮ ବର୍ଷ ଥିଲା। ଆଣ୍ଟୋନେଲୀ ୨୦୨୫ରେ ନିଜ ଡେବ୍ୟୁ ସିଜନ୍‌ରେ ୧୫୦ ପଏଣ୍ଟ ହାସଲ କରି ଡ୍ରାଇଭର୍ ଚାମ୍ପିଅନ୍‌ଶିପ୍‌ରେ ସପ୍ତମ ସ୍ଥାନରେ ରହିଥିଲେ। ସେ ତିନିଟି ପୋଡିୟମ୍ ମଧ୍ୟ ହାସଲ କରିଥିଲେ।

କିମୀ ଆଣ୍ଟୋନେଲୀଙ୍କ ଜନ୍ମ ୨୦୦୬ ଅଗଷ୍ଟ ୨୫ ତାରିଖରେ ଇଟାଲୀର ବୋଲୋନ୍ୟାରେ ହୋଇଥିଲା। ତାଙ୍କ ପିତା ମାର୍କୋ ଆଣ୍ଟୋନେଲୀ ମଧ୍ୟ ରେସିଂ ଡ୍ରାଇଭର୍ ରହିସାରିଛନ୍ତି ଏବଂ ଏବେ ମୋଟରସ୍ପୋର୍ଟ୍ସ ଟିମ୍ ପରିଚାଳନା କରୁଛନ୍ତି। କିମୀ

ଭେଟଲ୍‌ଙ୍କ ୧୬ ବର୍ଷ ପୁରୁଣା ରେକର୍ଡ ଭଙ୍ଗ

୭୩ ବର୍ଷ ପରେ ଇଟାଲୀକୁ ମିଳିଲା ଚାମ୍ପିଅନ୍

୭ ବର୍ଷ ବୟସରେ କାର୍ଟିଂ ଆରମ୍ଭ କରିଥିଲେ। ୨୦୧୯ରେ ୧୨ ବର୍ଷ ବୟସରେ ସେ ମର୍ସିଡିଜ୍‌ର ଜୁନିୟର୍ ପ୍ରୋଗ୍ରାମ୍ ସହ ଯୋଡ଼ି ହୋଇଥିଲେ। ୨୦୨୨ରେ ସେ ଇଟାଲିଆନ୍ ଏବଂ ଜର୍ମାନ୍ ଫର୍ମୁଲା-୪ ଚାମ୍ପିଅନ୍‌ଶିପ୍ ଜିତିଥିଲେ। ଏହାପରେ ୨୦୨୩ରେ ଫର୍ମୁଲା ରିଜିଓନାଲ୍ ୟୁରୋପୀୟନ୍ ଏବଂ ମିଡିଲ୍ ଇଷ୍ଟ ଚାମ୍ପିଅନ୍‌ଶିପ୍ ନିଜ ନାମରେ କରିଥିଲେ। ୨୦୨୪ରେ ସେ ସିଧା ଫର୍ମୁଲା-୨ରେ ପହଞ୍ଚି ଦୁଇଟି ରେସ୍ ଜିତିଥିଲେ। ସେ ଫର୍ମୁଲା-୩ରେ ଭାଗନେବା ବିନା ଏଫ୍-୨ରେ ସାମିଲ ହୋଇଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra